


ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-293 ◆TUESDAY ◆21 APRIL 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୯୩ ◆ମଙ୍ଗଳବାର ◆୨୧ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ୫ ଦିନ ପର୍ଯ୍ୟନ୍ତ ମିଳିବନି ନିସ୍ତାର

■ ଭୁବନେଶ୍ୱର, ୨୦।୪ (ସମିସ): ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗ୍ରୀଷ୍ମ ଲହରୀ ସ୍ଥିତି ଜାରି ରହିଛି। ରାଜ୍ୟକୁ କ୍ରମାଗତ ଭାବେ ଗରମ ଓ ଶୁଷ୍କ ବାୟୁପ୍ରବାହ ହେତୁ ତାପମାତ୍ରା ବଢ଼ି ଚାଲିଛି। ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ଅଧିକ ରହୁଥିବା ବେଳେ ଉପକୂଳ ଓଡ଼ିଶାରେ ଆର୍ଦ୍ରତା ଅଧିକ ହେତୁ ଭୀଷଣ ଗୁଳୁଗୁଳି ଅନୁଭୂତ ହେଉଛି। ଅନ୍ୟପଟେ ଆଗକୁ ରାଜ୍ୟରେ କାଁ ଭାଁ କାଳବୈଶାଖୀର ଆଶଙ୍କା ରହୁଥିଲେ ମଧ୍ୟ ଆହୁରି ସପ୍ତାହେ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ହେବାର ସମ୍ଭାବନା କମ୍ ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସୋମବାର ରାଜ୍ୟର ୧୪ଟି ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଛି। ଟିଟିଲାଗଡ଼ରେ ତାପମାତ୍ରା ୪୨.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଏହା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ଝାରସୁଗୁଡ଼ାରେ ତାପମାତ୍ରା ୪୨.୪, ତାଳଚେରରେ ୪୨, ବଲାଙ୍ଗିରରେ ୪୧.୮, ଅନୁଗୁଳରେ ୪୧.୭ ଓ ସୁନ୍ଦରଗଡ଼ରେ ତାପମାତ୍ରା ୪୦.୮ ଡିଗ୍ରୀ ରେକର୍ଡ କରାଯାଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ବର୍ତ୍ତମାନର ପାଣିପାଗ ସ୍ଥିତି ଅନୁଯାୟୀ, ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ପ୍ରକୋପ ଜାରି ରହିବ। ପଶ୍ଚିମା ଏବଂ ଶୁଷ୍କ ବାୟୁର ପ୍ରଭାବ ଯୋଗୁଁ ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ାରୁ ବଲାଙ୍ଗିର ପର୍ଯ୍ୟନ୍ତ ସମସ୍ତ ଜିଲ୍ଲାରେ ପ୍ରବଳ ତାତି ଅନୁଭୂତ ହେବ। ଏହି ଅଞ୍ଚଳରେ ଦିନର ସର୍ବାଧିକ ତାପମାତ୍ରା ୪୪-୪୫.୫ ଡିଗ୍ରୀ ମଧ୍ୟରେ ରହିବା ସହ ଗରମ ପବନ (ଲୁ') ପ୍ରବାହିତ ହେବାର ସମ୍ଭାବନା ଅଛି। ▶ପୃଷ୍ଠା-୭

## ଆକାଶୁ ବର୍ଷୁଛି ନିଆଁ



- କଲବଲ କରିବ ତାତି ଗୁଳୁଗୁଳି
- କାଁ ଭାଁ ସ୍ଥାନରେ କାଳବୈଶାଖୀ
- ୪୦ ଡିଗ୍ରୀ ଉପରେ ୧୪ ଜିଲ୍ଲା

# ୧୫ ଜିଲ୍ଲାରେ ବିଦ୍ୟାଳୟ ଛୁଟି

■ ଭୁବନେଶ୍ୱର, ୨୦।୪ (ସମିସ): ରାଜ୍ୟରେ କ୍ରମାଗତ ଭାବେ ବଢ଼ୁଛି ଗ୍ରୀଷ୍ମ ତାପ। ଏହାକୁ ଦୃଷ୍ଟିରେ ରଖି ପ୍ରାୟ ୧୫ ଜିଲ୍ଲାରେ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ାରେ ୨୧ ତାରିଖ ଯାଏଁ ସ୍କୁଲ ଛୁଟି ଘୋଷଣା କରାଯାଇଛି। ସେହିପରି ସମ୍ବଲପୁର, ବୌଦ୍ଧ, ସୋନପୁର, ଝାରସୁଗୁଡ଼ା, ଦେବଗଡ଼, ଖୋର୍ଦ୍ଧା, ନୟାଗଡ଼, ଓ ବରଗଡ଼ରେ ୨୨ ଯାଏଁ, ମୟୂରଭଞ୍ଜରେ ୨୩ ଏବଂ ନବରଙ୍ଗପୁରରେ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି। କଟକ ଓ ବ୍ରହ୍ମପୁର ଜିଲ୍ଲାରେ ମଧ୍ୟ ଛୁଟି ଘୋଷଣା ହୋଇଥିବା ବେଳେ ଜଗତସିଂହପୁରରେ ସକାଳ ୯ ଟା ପର୍ଯ୍ୟନ୍ତ ପାଠପଢ଼ା ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନେ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତି ନେବେ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଛୁଟି ହୋଇଥିବା ଜିଲ୍ଲା ବ୍ୟତୀତ ଅନ୍ୟ ଜିଲ୍ଲାରେ ମଧ୍ୟ ଗ୍ରୀଷ୍ମ ପ୍ରବାହ ବଢ଼ୁଛି। ଏଣୁ ରାଜ୍ୟର ସମସ୍ତ ବିଦ୍ୟାଳୟ ବନ୍ଦ କରିବା ପାଇଁ ବିଭାଗ ପକ୍ଷରୁ ନୀତିଗତ ନିଷ୍ପତ୍ତି ନେବାକୁ ଅଭିଭାବକ ଓ ଶିକ୍ଷକମାନେ ଦାବି କରିଛନ୍ତି। ଅପରପକ୍ଷରେ କିଛି ଜିଲ୍ଲାରେ ଆସନ୍ତାକାଲି ଅର୍ଥାତ ମଙ୍ଗଳବାର ଛୁଟି ସରୁଥିବା ବେଳେ ପ୍ରାୟ ସମସ୍ତ ଜିଲ୍ଲାରେ ବୁଧବାର ଛୁଟି ଶେଷ ହେଉଛି। ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତ୍ୱରିତ ଛୁଟି ଘୋଷଣା କରିବାକୁ ଦାବି ହୋଇଛି।

# ରାଜ୍ୟରେ କଟିଲେ ୯.୮ ଲକ୍ଷ ଭୋଟର



- ଯାଞ୍ଚକୁ ନେଇ ରାଜ୍ୟବ୍ୟାପୀ ମାଳମାଳ ଅଭିଯୋଗ
- ବିରୋଧ ପରେ ୨ ଲକ୍ଷ ଫର୍ମ-୭ ଆବେଦନ ସ୍ଥଗିତ
- ଚୂଡ଼ାନ୍ତ ସୂଚୀ ପୂର୍ବରୁ କଡ଼ାକଡ଼ି ଯାଞ୍ଚ ଲାଗି ନିର୍ଦ୍ଦେଶ

## ଭୁଲ୍‌ରେ କଟିଥିଲେ ପୁନଃ ସାମିଲ କରାଯିବ: ସିଇଓ

■ ଭୁବନେଶ୍ୱର, ୨୦।୪ (ସମିସ): ଓଡ଼ିଶାରେ ଭୋଟର ସୂଚୀରୁ ହଟିଛନ୍ତି ୯.୮ ଲକ୍ଷ ମତଦାତା। ଚଳିତ ବର୍ଷ ଭୋଟର ମ୍ୟାପିଂ ପ୍ରକ୍ରିୟାରେ ଜାନୁଆରୀରୁ ମାର୍ଚ୍ଚ ମାସ ମଧ୍ୟରେ ଏତେ ସଂଖ୍ୟକ ଭୋଟରଙ୍କୁ ତାଲିକାରୁ ବାଦ ଦିଆଯାଇଛି। ଏସ୍‌ଆଇଆର୍ ପୂର୍ବରୁ ଭୋଟର ତାଲିକାରୁ ଏତେ ସଂଖ୍ୟକ ଭୋଟର ବାଦ୍ ପଡ଼ିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ୧୮ ତାରିଖରେ ରାଜ୍ୟର ସମସ୍ତ ଇଆରଓଙ୍କୁ ରାଜ୍ୟ ଗୃହ(ନିର୍ବାଚନ) ବିଭାଗ ପକ୍ଷରୁ ଜାରି ଚିଠିରୁ ଏପରି ଉଦ୍‌ବେଗଜନକ ସୂଚନା ଲୋକଲୋଚନକୁ ଆସିଛି। ଏତେ ସଂଖ୍ୟକ ଭୋଟରଙ୍କ ନାମ ଭୋଟର ତାଲିକାରୁ କଟିବା ସଂକ୍ରାନ୍ତରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ମାଳମାଳ ଅଭିଯୋଗକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ।

ମିଳିଥିବା ସୂଚନା ଅନୁସାରେ ଭୋଟର ତାଲିକା ଯାଞ୍ଚ କାର୍ଯ୍ୟରେ ନିୟୋଜିତ ବିଏଲ୍‌ଓମାନେ ଜୀବିତ ଥିବା ଅନେକ ଭୋଟରଙ୍କ ନାମ ଭୋଟର ତାଲିକାରୁ କାଟି ଦେଇଥିବା ଅଭିଯୋଗ ହୋଇଛି। ସେହିପରି କିଛି ସ୍ଥାନରେ ବିଏଲ୍‌ଓମାନେ ବିନା କ୍ଷେତ୍ର ପରିଦର୍ଶନରେ ଉପଯୁକ୍ତ ଯାଞ୍ଚ ନ କରି ତାଲିକାରୁ ଭୋଟରଙ୍କୁ ବାଦ୍ ଦେଇଥିବା ନେଇ ମଧ୍ୟ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଏପ୍ରିଲ ୨ ତାରିଖ ପରଠାରୁ ହସ୍ତଗତ ହୋଇଥିବା ପ୍ରାୟ ୨ ଲକ୍ଷ ଫର୍ମ-୭ ଆବେଦନକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସ୍ଥଗିତ ରଖାଯାଇଛି। ଉପରୋକ୍ତ ଦରଖାସ୍ତଗୁଡ଼ିକର ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଅର୍ଥାତ୍ ଚୂଡ଼ାନ୍ତ ଭାବେ ଭୋଟର ତାଲିକାରୁ ବାଦ୍ ଦେବାକୁ କେତେକ ନିୟମର କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ ଇଆରଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ।

କୌଣସି ବ୍ୟକ୍ତିଙ୍କ ମୃତ୍ୟୁ କ୍ଷେତ୍ରରେ ସେମାନଙ୍କ ନାମ ଭୋଟର ତାଲିକାରୁ ବାଦ ଦେବାର ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଛି। ଉପଯୁକ୍ତ ଯାଞ୍ଚ ଓ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଏହାକୁ କଟାଯିବା କଥା। ମୃତକଙ୍କ ଆତ୍ମୀୟ କିମ୍ବା ପରିବାର ସଦସ୍ୟଙ୍କ ଦ୍ୱାରା ଫର୍ମ-୭ ଦାଖଲ ହୋଇଥିବା ଉଚିତ୍। ଡିଲିସନ ପ୍ରକ୍ରିୟା ପୂର୍ବରୁ ଭୋଟରଙ୍କ ଶେଷ ଜଣାଥିବା ଠିକଣାରେ ନୋଟିସ୍ ପଠାଇବାକୁ ହେବ। ସେହିପରି ଯଦି ଜଣେ ବ୍ୟକ୍ତିଙ୍କ ନାମ ଏକାଧିକ ସ୍ଥାନରେ ଥିବା ସନ୍ଦେହ ହୁଏ, ତେବେ ତାହାକୁ ଭଲ ଭାବେ ଯାଞ୍ଚ କରିବା କଥା। କୌଣସି ପଦକ୍ଷେପ ନେବା ପୂର୍ବରୁ ଭୋଟରଙ୍କୁ ନୋଟିସ୍ ଜାରି କରାଯିବ ଏବଂ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ଯଥାଯଥ ପ୍ରକ୍ରିୟା ଅନୁସରଣ କରାଯିବ। ସେହିପରି ୨ ଏପ୍ରିଲ ୨୦୨୬ ପରେ ମିଳିଥିବା ଫର୍ମ-୭ ଆବେଦନଗୁଡ଼ିକ ମଧ୍ୟରୁ ଅନ୍ତତଃ ପକ୍ଷେ ୫୦ ପ୍ରତିଶତ ଆବେଦନର ଫିଜିକାଲ ଭେରିଫିକେସନ ଇଆର୍‌ଓ/ଏଆର୍‌ଓ କିମ୍ବା ସେମାନଙ୍କ ଅଧିକୃତ ପ୍ରତିନିଧିମାନଙ୍କ ଦ୍ୱାରା କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ରାଜ୍ୟ ମୁଖ୍ୟ ▶ପୃଷ୍ଠା-୭

## ଆମେରିକା ସହ ବୈଠକ କରିବାକୁ ମନାକଲା ଇରାନ

# ଅନିଶ୍ଚିତତାରେ ଇସ୍‌ଲାମାବାଦ ଆଲୋଚନା



- ହର୍ମୁଜରେ ଆମେରିକାର ଅବରୋଧ ସାଜିଛି ବାଧକ
- ପ୍ରତିନିଧି ଦଳ ପଠାଇବାକୁ ପ୍ରସ୍ତୁତି ଚଳାଇଛି ଆମେରିକା

■ ତେହେରାନ/ଇସଲାମାବାଦ, ୨୦।୪ (ଏଜେନ୍ସି): ପଶ୍ଚିମ ଏସିଆ ଆକାଶରେ ପୁଣି ଥରେ ଯୁଦ୍ଧର କଳାବାଦଲ ଘେରିବାରେ ଲାଗିଛି। ଆମେରିକା ସହିତ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଇରାନ୍ ସ୍ପଷ୍ଟ ଭାବେ ମନା କରିଦେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ପ୍ରତିନିଧି ଦଳକୁ ପାକିସ୍ତାନ ପଠାଇବା ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ, ଇରାନ୍ ଏଥିରେ ସାମିଲ ହେବାକୁ ମନାକରିଦେଇଛି। ଇରାନର ସରକାରୀ ଗଣମାଧ୍ୟମ 'ଇରାନା' (ଆଇଆରଏନ୍‌ଏ) ଅନୁଯାୟୀ, ଆମେରିକାର ଅହେତୁକ ଦାବି, ଅବାସ୍ତବ ଆଶା ଏବଂ ବାରମ୍ବାର ଆଭିମୁଖ୍ୟ ବଦଳାଇବା କାରଣରୁ ଆଲୋଚନାରେ କୌଣସି ପ୍ରଗତି ହୋଇପାରୁ ନାହିଁ। ଅନ୍ୟପକ୍ଷରେ ପାକିସ୍ତାନ ଏବେ ବି ଆଲୋଚନା ପାଇଁ ଆଶାବାଦୀ। ରାଜଧାନୀ ଇସଲାମାବାଦରେ ଏବେ ଠାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଗଲାଣି। ପାକିସ୍ତାନର ସେନା ଅଧକ୍ଷ ମୁନୀର ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ସହିତ ହର୍ମୁଜରୁ ଅବରୋଧ ହଟାଇବା ଲାଗି ଅନୁରୋଧ କରିଛନ୍ତି। ଟ୍ରମ୍ପ ଏହା ବିଚାରକରିବାକୁ ଆଗ୍ରହ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଯୁଦ୍ଧବିରତି ସତ୍ତ୍ୱେ ଆମେରିକା ପକ୍ଷରୁ ହର୍ମୁଜରେ ଜାରି ରହିଥିବା ସାମୁଦ୍ରିକ ଅବରକୁ ଇରାନ୍ ଗ୍ରହଣ କରିପାରୁ ନାହିଁ। ତେହେରାନ ଅଭିଯୋଗ କରିଛି ଯେ ଆମେରିକା ଏକ 'ଦୋଷାରୋପର ଖେଳ' ଖେଳୁଛି ଏବଂ ବିଶ୍ୱ ଦରବାରରେ ଇରାନ୍ ଉପରେ ଚାପ ପକାଇବାକୁ ମିଥ୍ୟା ପ୍ରଚାର କରୁଛି। ଇରାନର ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଏସମାଇଲ ବାଘାଇ କହିଛନ୍ତି ଯେ, ଆମେରିକା ପ୍ରଥମ ଦିନରୁ ହିଁ ଯୁଦ୍ଧବିରତି ଚୁକ୍ତିକୁ ଉଲ୍ଲଂଘନ କରିଆସିଛି। ପୂର୍ବ ଆଲୋଚନା ସମୟରେ ଆମେରିକା ପକ୍ଷରୁ କରାଯାଇଥିବା ▶ପୃଷ୍ଠା-୭

## ବ୍ରହ୍ମଗିରିରେ ଲଜ୍ଜା

# ୬ ବର୍ଷର ଶିଶୁକୁ ଦୁଷ୍କର୍ମ

■ ବ୍ରହ୍ମଗିରି,୨୦।୪(ସମିସ): ରାଜ୍ୟରେ ମହିଳାଙ୍କୁ ଯୌନ ନିର୍ଯାତନା ଘଟଣା ବଢ଼ିବାରେ ଲାଗିଛି। କିଛିଦିନ ପୂର୍ବରୁ ମହିଳା ବିଶେଷକରି ଛାତ୍ରୀଙ୍କ ଉପରେ ହେଉଥିବା ଏଭଳି ଖବରକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା, ଆଲୋଚନା ଜୋର୍ ଧରିଥିଲା। ଏବେ ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳରେ ପୁଣି ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଛି। ବ୍ରହ୍ମଗିରି ଥାନା ସାତପଡ଼ା ଫାଣ୍ଡି ଅଞ୍ଚଳର ଜଣେ ୬ ବର୍ଷୀୟା ଶିଶୁକନ୍ୟାକୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି।



ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଶିଶୁକନ୍ୟାକୁ ପଡ଼ିଶା ଘରର ଜଣେ ୨୧ ବର୍ଷୀୟ ଯୁବକ ତାଙ୍କ ଘରକୁ ଡାକିନେଇଥିଲା। ଶିଶୁକନ୍ୟାର ହାତ ବାନ୍ଧି ଦୁଷ୍କର୍ମ କରିଥିବା ପରିବାର ଲୋକେ ସାତପଡ଼ା ଫାଣ୍ଡିରେ ଅଭିଯୋଗ କରିଥିଲେ। ପୁଲିସ ଏହି ଘଟଣାକୁ ପ୍ରଥମେ ରଫାଦଫା କରିବା ପାଇଁ ଚେଷ୍ଟା କରିଥିଲା। ହେଲେ ପରିବାର ଲୋକେ ସମାଧାନ ପାଇଁ ରାଜି ହୋଇ ନ ଥିଲେ। ତେଣୁ ପୁଲିସ ବାଧ୍ୟ ହୋଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଏଥିସହ ଗୁରୁତର ନାବାଳିକାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଏ ସମ୍ପର୍କରେ ବ୍ରହ୍ମଗିରି ଥାନା ଅଧିକାରୀ ବାମଦେବ ସ୍ୱାଇଁଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ଫଳରେ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।

ସୂଚନାଥାଉ କି, ଗତ ମାର୍ଚ୍ଚ ୨୦ ତାରିଖରେ ବ୍ରହ୍ମଗିରି ଅଞ୍ଚଳରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ଶିକ୍ଷକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ସମ୍ପୃକ୍ତା ଛାତ୍ରୀଙ୍କୁ ବିଦ୍ୟାଳୟର ସମ୍ପୃକ୍ତ ଶିକ୍ଷକ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିଲେ। ଘଟଣା ସମ୍ପର୍କରେ ଛାତ୍ରୀ ଜଣକ ତାଙ୍କ ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ବିଦ୍ୟାଳୟ ପରିଚାଳନା କମିଟିକୁ ଜଣାଇଥିଲେ। ତେଣୁ ଏଭଳି ଏକ ▶ପୃଷ୍ଠା-୭

# କଟକରେ ଅକ୍ଷିମୁଠି ଅନୁକୂଳ କଲେ ମୁଖ୍ୟମନ୍ତ୍ରୀ

## ୪୧.୬୮ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୮୩୮ କୋଟି ସହାୟତା



■ କଟକ/ଭୁବନେଶ୍ୱର, ୨୦।୪(ସମିସ): ପବିତ୍ର ଅକ୍ଷୟ ତୃତୀୟା ଓ ରାଜ୍ୟସ୍ତରୀୟ କୃଷକ ଦିବସ ଅବସରରେ କଟକ ସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅକ୍ଷିମୁଠି ଅନୁକୂଳ କରିବା ସହ ୪୧,୬୮, ୫୮୨ ଜଣ ଚାଷୀଙ୍କୁ ସିଏମ-କିଷାନ ଯୋଜନାରେ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ଆମ ବିହନ ରଥ' ଓ 'କୃଷି ରଥ'ର ଶୁଭାରମ୍ଭ କରିଛନ୍ତି। ଏହି ଭ୍ରାମ୍ୟମାଣ ବିହନ ବିକ୍ରୟ କେନ୍ଦ୍ର ଗୁଡିକ ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲ୍ଲାର ୩୧ଟି ବ୍ଲକରେ ଚାଲୁ ହେବ। ୫ କେଜିଆ

### ରାଜ୍ୟରେ ବୁଲିବ 'ଆମ ବିହନ ରଥ' 'କୃଷି ରଥ'

ପ୍ୟାକେଟ୍ ଆକାରରେ ନୂତନ କିସମର ଧାନ ବିହନ ଗ୍ରାମ ପଞ୍ଚାୟତ ସ୍ତରରେ ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ୨୦୨୬ ଖରିଫ ଋତୁ ପାଇଁ ରାଜ୍ୟର ୪୧ ଲକ୍ଷ ୬୮ ହଜାର ୫୮୨ ଜଣ କୃଷକଙ୍କୁ ସିଏମ-କିଷାନ ଯୋଜନାରେ ପ୍ରାୟ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। କୃଷକଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ହେଉଛି ସରକାରଙ୍କ ପ୍ରାଥମିକତା ଓ ଏହି ଯୋଜନା ତାହାର ଉଦାହରଣ। ଆଜି ସହାୟତା ପାଇଥିବା ଚାଷୀମାନଙ୍କ ମଧ୍ୟରୁ ୪୧,୨୪,୨୪୧ ଜଣ ଚାଷୀ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ। ୪୧,୦୪୯ ଜଣ ହେଉଛନ୍ତି ଭୂମି ହୀନ ▶ପୃଷ୍ଠା-୭

# ଦିଲ୍ଲୀରୁ ଫେରିଲେ ନବୀନ

## ସ୍ୱାଗତ ପାଇଁ ବିମାନବନ୍ଦରରେ ପ୍ରବଳ ଭିଡ଼

■ ଭୁବନେଶ୍ୱର,୨୦।୪(ସମିସ): ସୋମବାର ଦିଲ୍ଲୀ ଗସ୍ତରୁ ଫେରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଦଳର ବହୁ ନେତା ଓ କର୍ମୀ ନବୀନଙ୍କୁ ସ୍ୱାଗତ କରିବା ସହ ନବୀନ ନିବାସ ପର୍ଯ୍ୟନ୍ତ ପାଛୋଟି ନେଇଛନ୍ତି। ଚିକିତ୍ସାଧୀନ ବଡ଼ଭାଇ ପ୍ରେମ୍ ପଟ୍ଟନାୟକଙ୍କୁ ଭେଟିବା ପାଇଁ ନବୀନ ଗତ ୧୦ ତାରିଖରେ ଦିଲ୍ଲୀ ଗସ୍ତ କରିଥିଲେ। ଏହି ସମୟରେ ନବୀନ ସଂସଦରେ ଆସିଥିବା ସମ୍ବିଧାନ ସଂଶୋଧନ ବିଲ୍‌କୁ ଦିଲ୍ଲୀରେ ବିରୋଧ କରିବା ସହ ଓଡ଼ିଶା ସ୍ୱାର୍ଥ ବିରୋଧୀ ଏହି ବିଲ୍ ବିପକ୍ଷରେ ଛିଡ଼ା ହେବାକୁ ଦଳର ସାଂସଦମାନଙ୍କୁ ନିର୍ଦ୍ଦେଶ ଦେବା ସହିତ ଓଡ଼ିଶା ସ୍ୱାର୍ଥ ବିରୋଧୀ ଏହି ବିଲ୍‌କୁ ବିରୋଧ କରିବା ପାଇଁ ରାଜ୍ୟର ସମସ୍ତ ସାଂସଦଙ୍କୁ ମଧ୍ୟ ଚିଠି ଲେଖିଥିଲେ।



## ଉଠିଲାନି ସବୁ ଖରିଫ ଧାନ

# ରାସ୍ତା ରୋକିଲେ ଚାଷୀ

■ ବଲାଙ୍ଗିର, ୨୦।୪ (ସମିସ): ପବିତ୍ର ଅକ୍ଷୟ ତୃତୀୟାରେ ରାଜ୍ୟ ସରକାରଙ୍କ ନେତାମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଜମିରେ ହଳ କରି ଅକ୍ଷିମୁଠି ଅନୁକୂଳ କରିଛନ୍ତି; ହେଲେ

- ମନ୍ତ୍ରୀଙ୍କ ପ୍ରତିଶ୍ରୁତି ଧୂଆଁ ବାଣ
- ବଲାଙ୍ଗିର ଜିଲ୍ଲାରେ ଏବେ ବି କିଣାଯାଇନି ୧୫୯ ଚାଷୀଙ୍କ ଧାନ
- ୧୫ ଦିନରେ ନ କିଣିଲେ ଜିଲ୍ଲାପାଳଙ୍କ ଅଫିସ ଘେରଉ ପାଇଁ ଚେତାବନୀ

ବଲାଙ୍ଗିରରେ ଚାଷୀ ଅକ୍ଷିମୁଠି ଅନୁକୂଳ କରିବା ବଦଳରେ ରାସ୍ତାକୁ ଓହ୍ଲାଇଥିଲେ। ମିଳିତ ଚାଷୀ ସଙ୍ଗଠନ ପକ୍ଷରୁ ସାଲେଭଟାରେ ଚାଷୀ ୨୬ ନଂ ଜାତୀୟ ରାଜପଥରେ ଏକାଠି ହୋଇଥିଲେ। ସେଠାରେ ଧାନବସ୍ତା ପକାଇ ଅବରୋଧ କରିଥିଲେ। ଜିଲ୍ଲାରେ ଏବେ ବି ଅନେକ ଚାଷୀଙ୍କ ଧାନ କିଣା ଯାଇ ନ ଥିବା ସଙ୍ଗଠନ ଅଭିଯୋଗ କରିଛି।




ବଲାଙ୍ଗିର ଜିଲ୍ଲାରେ ଚଳିତ ବର୍ଷ ଖରିଫ ଧାନକିଣା ପ୍ରକ୍ରିୟା ଶେଷ ହୋଇଛି; କିନ୍ତୁ ଏବେ ବି ଜିଲ୍ଲାରେ ପ୍ରାୟ ୭୦ ହଜାର ଟାର୍ଗେଟ ବକେୟା ପଡିଛି। ଜିଲ୍ଲାରେ ପ୍ରାୟ ୧୫୯ ଜଣ ଚାଷୀଙ୍କ ଧାନ କିଣାଯାଇନି। ୩ଟି ପର୍ଯ୍ୟାୟରେ ୪୫୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଧାନକିଣା ଟାର୍ଗେଟ ଆସିଥିଲା; କିନ୍ତୁ ଅନେକ ଚାଷୀ ଅଧିକ ଧାନ ଅମଳ କରୁଥିବା ବେଳେ ବଳକା ଧାନ ବିକ୍ରି କରିପାରି ନ ଥିବା ଅଭିଯୋଗ କରିଛନ୍ତି। ଏବେ ବି ଚାଷୀଙ୍କ ପାଖରେ ଧାନ ପଡି ରହିଛି। ସରକାର ଟୋକନ ଦେଉ ନ ଥିବାରୁ ପେକ୍ସରେ ଟାର୍ଗେଟ ଥିବା ସତ୍ତ୍ୱେ ଧାନ କିଣା ଯାଇପାରୁ ନ ଥିବା ମିଳିତ ଚାଷୀ ସଂଗଠନ ▶ପୃଷ୍ଠା-୭

# ଘୁଞ୍ଚିଘୁଞ୍ଚି ଯାଉଛି ମହାନଦୀ ଶୁଣାଣି

## ମେ ୨ ତାରିଖକୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ

■ ଭୁବନେଶ୍ୱର,୨୦।୪(ସମିସ): ମହାନଦୀ ଜଳ ବିବାଦ ମାମଲାରେ ସୋମବାର ଟ୍ରିବ୍ୟୁନାଲରେ ଶୁଣାଣି ହୋଇଥିବା ବେଳେ ଓଡ଼ିଶାକୁ ଆଉ ଏକ ତାରିଖ ମିଳିଛି। ଗତ ଶୁଣାଣିରେ ଟ୍ରିବ୍ୟୁନାଲ ମହାନଦୀରେ କେତେ ଜଳ ସଂଗୃହୀତ ହେଉଛି, ତାହାର ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଉଭୟ ରାଜ୍ୟ ଏହି ତଥ୍ୟ ପ୍ରଦାନ କରିନାହାନ୍ତି। ତେଣୁ ଉଭୟ ରାଜ୍ୟ ଏନେଇ କିଛି ସମୟ ଲୋଡ଼ିଥିବା ବେଳେ ଟ୍ରିବ୍ୟୁନାଲ ଆସନ୍ତା ୨ ତାରିଖ ଯାଏଁ ସମୟ ଦେଇଛନ୍ତି। ଏହି ସମୟ ମଧ୍ୟରେ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ର ବୈଷୟିକ ଏବଂ ଅଧିକାରୀସ୍ତରୀୟ ଟିମ୍ କଥାବାର୍ତ୍ତା ହୋଇ ମହାନଦୀରେ ଜଳ ସଂଗ୍ରହ ବାବଦ ତଥ୍ୟ ଟ୍ରିବ୍ୟୁନାଲଙ୍କୁ ପ୍ରଦାନ କରିବେ ବୋଲି ଓଡ଼ିଶାର ଆଡଭୋକେଟ ଜେନେରାଲ ସୂଚନା ଦେଇଛନ୍ତି। ଇତିମଧ୍ୟରେ ୫୨ଥର ଶୁଣାଣି ସରିଥିଲେ ବି ଟ୍ରିବ୍ୟୁନାଲ ଓଡ଼ିଶା ସପକ୍ଷରେ କୌଣସି ପଦକ୍ଷେପ ନ ନେବା ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଟ୍ରିବ୍ୟୁନାଲରେ ଶୁଣାଣି ।।ରେ ଏପରି କଚ୍ଛପ ଗତିକୁ ନେଇ ବିଶେଷଜ୍ଞମାନେ କ୍ଷୋଭ ପ୍ରକାଶ କରିବା ସହ ଓଡ଼ିଶାର ଭାଗ୍ୟ କାବେରୀ ପରି ହେବା ଆଶଙ୍କା ପ୍ରକାଶ କରିଛନ୍ତି। ରାଜ୍ୟରେ ବିଜେପି କ୍ଷମତାକୁ ▶ପୃଷ୍ଠା-୭

- ଆପୋସ ବୁଝାମଣା କେବଳ ଏକ ପ୍ରହେଳିକା: ବିଜେଡି
- ଓଡ଼ିଶା ପ୍ରତି ଅନ୍ୟାୟ କରୁଛି ଟ୍ରିପଲ ଇଞ୍ଜିନ: କଂଗ୍ରେସ
- ମହାନଦୀର ଭାଗ୍ୟ କାବେରୀ ପରି ହେବ: ବିଶେଷଜ୍ଞ



**● ଭିସା ସ୍ପେଶାଲ ଷ୍ଟିଲରେ ଅଚଳାବସ୍ଥା**

## ବକେୟା ପ୍ରାପ୍ୟ ପାଇଁ ଶ୍ରମିକଙ୍କ ଆନ୍ଦୋଳନ

ଦାନଗଦି,୨୦।୪(ସମିସ):କଳିଙ୍ଗନଗରସ୍ଥିତ ଭିସା ଷ୍ଟିଲ୍ ଲିମିଟେଡର ମୁଖ୍ୟ ଫାଟକ ନିକଟରେ ଆଜି ୩ ଦଫା ଦାବିରେ ଶ୍ରମିକ ମାନେ ସକାଳ ୬ ଟା ଠାରୁ ଆନ୍ଦୋଳନରେ ବସିଥିଲେ। ସେମାନଙ୍କ ଦାବି ହେଲା ୪ ମାସର ବକେୟା ଦରମା, ଭିସା ସ୍ପେଶାଲ ଷ୍ଟିଲର ସମସ୍ତ କର୍ମଚାରୀଙ୍କୁ ମୂଳ କମ୍ପାନୀ ଭିସାଷ୍ଟିଲକୁ ସ୍ଥାନାନ୍ତରିତ କରିବା, ୨୦୨୪ରୁ ଫାଇନାଲ ହୋଇଥିବା ଇନକ୍ରିମେଣ୍ଟ ପ୍ରଦାନ କରିବା ଆଦି ଦାବି ରଖିଥିଲେ।



ଖବର ପାଇ ଦାନଗଦି ତହସିଲଦାର ରଞ୍ଜିତ ମଲ୍ଲିକ, ଯଖପୁରା ପୁଲିସ ଏବଂ କାରଖାନା କର୍ତ୍ତୃପକ୍ଷ ଆନ୍ଦୋଳକାରୀଙ୍କ ନିକଟରେ ପହଞ୍ଚିଥିଲେ। ଶ୍ରମିକ ମାନଙ୍କ ସହ ଆଲୋଚନା କରିଥିଲେ। ଏଥିରେ ବକେୟା ୪ ମାସର ଦରମାରୁ ୨ ମାସର ଦରମା ଏବେ ପ୍ରଦାନ କରିବା ସହ ପରେ ଦୁଇମାସର ଦରମା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯାହାଫଳରେ ମଧ୍ୟାହ୍ନ ୨ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

**● ପିଏମ୍‌ଶ୍ରୀ ନବୋଦୟ ବିଦ୍ୟାଳୟ**

## କ୍ଲାସ୍ ଚାଲିଥିବାବେଳେ ୫ ଛାତ୍ରୀ ଅସୁସ୍ଥ

ଭଦ୍ରକ/ବାସୁଦେବପୁର,୨୦।୪(ସମିସ): ଲାଗି ରହିଛି ଗ୍ରୀଷ୍ମ ପ୍ରବାହ। ପ୍ରବଳ ଗୁଳୁଗୁଳି ସାଙ୍ଗକୁ ଅସହ୍ୟ ଗରମ ହେଉଛି। ଏହାରି ମଧ୍ୟରେ ଚାଲିଥିଲା କ୍ଲାସ୍‌ରେ ପାଠପଢ଼ା। ପାଠ ପଢୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ ୫ ଛାତ୍ରୀ। ତୁରନ୍ତ ସେମାନଙ୍କୁ ଅଚେତ ଅବସ୍ଥାରେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏମିତି ଘଟଣା ଘଟିଛି ଭଦ୍ରକ ଜିଲ୍ଲା ଚାନ୍ଦିମାଳ ପିଏମ୍‌ଶ୍ରୀ ନବୋଦୟ ବିଦ୍ୟାଳୟରେ। ପ୍ରକାଶ ଯେ, ବିଦ୍ୟାଳୟର ଯୁକ୍ତ ଦୁଇ ଶ୍ରେଣୀର କ୍ଲାସ୍ ଚାଲିଥିଲା। କ୍ଲାସ୍‌ରେ ଥିଲେ ପ୍ରାୟ ୭୦ ଜଣ ଛାତ୍ରଛାତ୍ରୀ। ଅସହ୍ୟ ଗରମ ଯୋଗୁଁ ଅଚେତ ହୋଇପଡ଼ିଲେ ୫ ଛାତ୍ରୀ। ସେମାନଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ଡାକ୍ତରଖାନାରେ ପହଞ୍ଚିଥିଲେ କେତେକ ଅଭିଭାବକ। ତେବେ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ଗଣମାଧ୍ୟମ ଆଗରେ କିଛି କହିବାକୁ ବାରଣ କରିଦେଇଥିଲେ। ଗରମ ଯୋଗୁଁ ଅଚେତ୍ ହୋଇ ପଡ଼ିଥିଲେ ବୋଲି ଅଭିଭାବକମାନେ ଜଣାଇଛନ୍ତି।

## ଗୋରାମାଟିରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଅକ୍ଷିମୁଠି ଅନୁକୂଳ

ଭଦ୍ରକ,୨୦।୪(ସମିସ): ଭଦ୍ରକ ଜିଲ୍ଲା କଂଗ୍ରେସ ପକ୍ଷରୁ ସମସ୍ତ ବ୍ଲକ୍‌ରେ ଅକ୍ଷିମୁଠି ବାହି କାର୍ଯ୍ୟକ୍ରମ ପାଳିତ ହୋଇଥିବାବେଳେ



ଭଦ୍ରକ ବ୍ଲକ୍ ଗୋରାମାଟିଠାରେ ପାରମ୍ପରିକ ରୀତିରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପାଳିତ ହୋଇଛି। କୃଷି ପ୍ରଧାନ ରାଜ୍ୟ ଓଡ଼ିଶାର ଏହି ପବିତ୍ର କୃଷିଭିତ୍ତିକ ପର୍ବର ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି ବହୁ ଚାଷୀଙ୍କ ଗହଣରେ ଗୋରାମାଟିଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଥମେ ହଳ ବୁଲାଇବା ପରେ ଶ୍ରୀ ମହାନ୍ତି ଅକ୍ଷିମୁଠି ବୁଣି ଚାଷ କାର୍ଯ୍ୟର ଶୁଭାରମ୍ଭ କରିବା ସହ ଚାଷୀଭାଇମାନଙ୍କ ଶୁଭ ମନାସିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପିତବାସ ଧଳ, ସମିତିସଭ୍ୟ ଗୟାଧର ସେଠୀ, ସୁଶାନ୍ତ ପଲେଇ, କୁଳମଣି ଜେନା, ଜିଲ୍ଲା କୋଷାଧ୍ୟକ୍ଷ ବିଜୟ ବାରିକ, ମହେଶ ମିଶ୍ର, ବ୍ରଜ ଖୁଣ୍ଟିଆ, ଶଶିକାନ୍ତ ବେହେରା, ଗୌରାଙ୍ଗ ମଲ୍ଲିକ, ମାର୍କଣ୍ଡ ମହାଳିକ, ଟୁକୁନା ଜେନା, ଭାଗିରଥୀ ଜେନା, ବାଙ୍କନିଧି ବାରିକଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

## କ୍ରୀଡ଼ାବିତ୍‌ଙ୍କ ପରଲୋକ



କୁନ୍ଦଳ,୨୦।୪(ସମିସ): ବଡ଼ଚଣା ବ୍ଲକ ଚାରିନଙ୍ଗଳ ପଞ୍ଚାୟତ ଅନ୍ତର୍ଗତ ଗହରନଗର ଗ୍ରାମର ବରିଷ୍ଠ ନାଗରିକ ତଥା ସଫଳ କ୍ରୀଡ଼ାବିତ୍ ପୁରୁଷୋତ୍ତମ ପରିଡ଼ା (୭୮)ଙ୍କ ସୋମବାର ସକାଳ ୭ଟା ସମୟରେ ପରଲୋକ ଘଟିଛି। ସେ ଯୁବାବସ୍ଥାରେ କଟକ ସହର ଫୁଟବଲ ଟିମରେ ସାମିଲ ହୋଇ ରାଜ୍ୟସ୍ତରୀୟ ଖେଳାଳି ଭାବେ ସୁନାମ ଅର୍ଜନ କରିଥିଲେ। ଚାରିନଙ୍ଗଳ ଭଲି ଟିମର ପରିଚାଳକ ଭାବେ ସଫଳତା ଭାବେ କାର୍ଯ୍ୟ କରିବା ସହ ଚାରିନଙ୍ଗଳ ବଜାରରେ ସର୍ବଦା ଉପସ୍ଥିତ ରହି ଲୋକଙ୍କ ପ୍ରିୟଭାଜନ ହୋଇ ପୁରିଆ ଭାଇ ନାମରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ପରଲୋଗତ ଖବର ପାଇ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ନଳୀପୁର ସରପଞ୍ଚ ସେକ୍ ଅବଦୁଲ ଗନି, ଚାରିନଙ୍ଗଳ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ତଥା ପଞ୍ଚାୟତ ବିଜେଡି ସଭାପତି ଗୋଲାମ କିବିରିଆ ଖାଁ, ଆଇନଜୀବୀ ପ୍ରତାପ ଚନ୍ଦ୍ର ନାୟକ, ପ୍ରାକ୍ତନ ସରପଞ୍ଚ ମନ୍ମଥ କେଶରୀ ସାହେବରାୟ, ବିଳାସ ଚନ୍ଦ୍ର ବାରିକ, ସେକ୍ ରିଆସତ ଅଲ୍ଲି, ପ୍ରାକ୍ତନ ସମିତି ସଭ୍ୟ ପ୍ରଫୁଲ୍ଲ କୁମାର ଦାସ, ସେକ୍ ମୋଇନ ଅହେମ୍ମଦ, ପଞ୍ଚାୟତ ବିଜେପି ସଭାପତି ପ୍ରଦ୍ୟୋତ କେଶରୀ ସାମଲ, ସମିତିସଭ୍ୟା ପ୍ରତିନିଧି ରଂଜିତ କୁମାର ସାମଲ, ଚାରିନଙ୍ଗଳ ବରିଷ୍ଠ ନାଗରିକ ସଂଘ ସଭାପତି ଅକ୍ଷୟ କୁମାର ବଳ, ସମାଜସେବୀ କାହ୍ନୁ ଚରଣ ଦାସ, ପ୍ରାକ୍ତନ ଜିଲ୍ଲା ପରିଷଦ ଗୋପିନାଥ ବେହେରା, ପ୍ରାକ୍ତନ ଜିଲ୍ଲା ବିଜେପି ସଭାପତି ଅଶୋକ ସାମଲ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ସାହୁ, ଅଖିଳ ମୋହନ ବଳ, ନଳୀପୁର ପଞ୍ଚାୟତ ବିଜେପି ସଭାପତି ଦିପକ କୁମାର ବଳ, କୃଷ୍ଣ ଚନ୍ଦ୍ର ରାଉତ, ସଂଜୟ କୁମାର ଦାସ, ପ୍ରାକ୍ତନ ଜିଲ୍ଲା ପରିଷଦ ରବୀନ୍ଦ୍ର କୁମାର ଶାନ୍ତି, ପ୍ରାକ୍ତନ ଜିଲ୍ଲା ଯୁବକଂଗ୍ରେସ ସଭାପତି ବିଶ୍ୱ ପ୍ରକାଶ ସାମଲ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ବଡ଼ପୁଅ ଜ୍ଞାନରଞ୍ଜନ ପରିଡ଼ା ମୁଖାଗ୍ନି ଦେଇଥିଲେ।

**ରାତିଅଧିଆ ଚାଲିଛି ଜଙ୍ଗଲ ଜମିରୁ ମୋରମ୍ ଲୁଟ୍**

# ବନ ବିଭାଗର ଚଢ଼ଉ; ୧ ଟ୍ରାକ୍ଟର ଜବତ

ବ୍ୟାସନଗର,୨୦।୪(ସମିସ)

ଯାଜପୁର ଜିଲ୍ଲା ବ୍ୟାସନଗର ତହସିଲ ଅଧୀନରେ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ବନ୍ଦ ହେବାର ନାଁ ଧରୁନାହିଁ। ବାଲି, ମାଟି, ମୋରମ୍ ମାଙ୍କଡ଼ା ପଥର ଆଦି ଚୋରାଚାଲାଣ କରି ମାଫିଆମାନେ ଅନେକ କୋଟି ଟଙ୍କା କମାଉଛନ୍ତି। ଯାଜପୁର ଖଣି ଉପନିର୍ଦ୍ଦେଶକଙ୍କ ଅଫିସରେ ଦାୟିତ୍ୱରେ ଥିବା କିଛି କର୍ମଚାରୀ ମଧ୍ୟ ଏଥିରେ ମାଫିଆଙ୍କୁ ସହଯୋଗ କରି ମୋଟା ଅଙ୍କର ମୁନାଫା ନେଉଥିବା ଆଲୋଚନା ହେଉଛି। ଏହି ତହସିଲ ଅଧୀନ ପଛିକୋଟ ଆର୍‌ଆଇ ସର୍କଲର ଆଖପାଖ ଅଞ୍ଚଳରେ ଜଙ୍ଗଲ ଓ



ସରକାରୀ ଜମିରୁ ରୀତିମତ ଭାବେ ମୋରମ୍ ଚୋରି ହେଉଥିବା ଅଭିଯୋଗ ହେଉଛି। ହେଲେ ଖଣି ବିଭାଗ କିମ୍ବା ବନବିଭାଗ ଏହାର କୌଣସି ଟେର୍ ପାଉନାହିଁ। ସୂଚନା ଅନୁଯାୟୀ ଏହି ଆରଆଇ ସର୍କଲ ଉପରଗଡ଼ ମୌଜାର ଏକ ଜଙ୍ଗଲ ଜମିରୁ ସ୍ଥାନୀୟ କିଛି ମାଫିଆ ରାତ୍ର ସମୟରେ ରୀତିମତ ଜେସିବି ଲଗାଇ ଟ୍ରାକ୍ଟର ଯୋଗେ ଶତାଧିକ ଟ୍ରିପ୍ ମୋରମ୍ ଚୋରା ଚାଲାଣ କରୁଛନ୍ତି। ଅନ୍ୟପକ୍ଷରେ ଖୋଳା ଯାଉଥିବା ସ୍ଥାନ ଗୁଡ଼ିକରେ ବିଶାଳ କାୟ ଗର୍ତ୍ତ ସୃଷ୍ଟି ହେଉଥିବା ବେଳେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ଘଟୁଛି ତେବେ ଖଣି ଓ ବନବିଭାଗର ଉଦାସୀନତା ମୋରମ୍ ମାଫିଆ ଓ ରାଜସ୍ୱ କର୍ମଚାରୀଙ୍କ ଚୋରା ପିରତିକୁ ପଦାରେ ପକାଉଥିବା ଚର୍ଚ୍ଚା ହେଉଛି। ତେବେ ଏନେଇ ସ୍ଥାନୀୟ ଲୋକ ବାରମ୍ବାର ଯାଜପୁର ରୋଡ଼ ବନବିଭାଗ ପାଖରେ ଅଭିଯୋଗ କରିଆସୁଥିଲେ। ଗତ ଶନିବାର ରାତ୍ର ସମୟରେ ମାଫିଆ ମାନେ ଜେସିବି ମେସିନ ସାହାଯ୍ୟରେ ବେଆଇନ ଭାବେ ମୋରମ ଖନନ କରି ଚୋରା ଚାଲାଣ କରୁଥିବାର ଖବର ପାଇ ଯାଜପୁର ରୋଡ଼ ଫରେଷ୍ଟ ରେଞ୍ଜ ଅଧିକାରୀ ଧର୍ମେନ୍ଦ୍ର ପ୍ରଧାନ ସଦଳବଳେ ଚଢ଼ାଉ କରିଥିଲେ। ଚଢ଼ଉ ବେଳେ ଜେସିବି ମେସିନ ଓ ୫ରୁ ଅଧିକ ଟ୍ରାକ୍ଟର ଜଙ୍ଗଲ ରାସ୍ତା ଦେଇ ଖସି ଯିବାରେ ସକ୍ଷମ ହୋଇଥିବା ବେଳେ ବନବିଭାଗ ଗୋଟିଏ ମୋରମ ବୋଝେଇ ଟ୍ରାକ୍ଟର ଜବତ କରିବାରେ ସକ୍ଷମ ହୋଇଛି। ଆଗକୁ ମଧ୍ୟ ଜଙ୍ଗଲ ଜମିରେ ବେଆଇନ ଖନନ ବନ୍ଦ କରିବାକୁ ଚଢ଼ଉ ଜାରି ରହିବ ବୋଲି ଯାଜପୁର ରୋଡ଼ ରେଞ୍ଜ ଅଧିକାରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ତୃତୀୟ ରାଜ୍ୟ ଲାକ୍ରୋସ ଚାମ୍ପିୟନସିପରେ ଯାଜପୁର ଚାମ୍ପିଅନ

ଦାନଗଦି, ୨୦।୪(ସମିସ): ଲାକ୍ରୋଶ ଆସୋସିଏସନ ଅଫ ଓଡିଶା ଆନୁକୂଲ୍ୟରେ ଡ୍ରିମ୍ସ ଗ୍ରାଉଣ୍ଡରେ ଦୁଇଦିନ ଧରି ଆୟୋଜିତ ତୃତୀୟ ରାଜ୍ୟସ୍ତରୀୟ ଲାକ୍ରୋଶ ଚାମ୍ପିୟନସିପରେ ସିନିୟର ପୁରୁଷ ବିଭାଗରେ ଯାଜପୁର ଜିଲ୍ଲା ଚମତ୍କାର କ୍ରୀଡା ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛି। ଟୁର୍ଣ୍ଣାମେଣ୍ଟ ସାରା ଅପରାଜିତ ଥିବା ଯାଜପୁର ସେମିଫାଇନାଲରେ ଶକ୍ତିଶାଳୀ ସୁନ୍ଦରଗଡ଼ ସହ ରୋମାଞ୍ଚକ ମୁକାବିଲାରେ ୨-୨ ରେ ଡ୍ର କରିଥିଲା। ପରେ ଗୋଲଡେନ ଗୋଲ ରାଉଣ୍ଡରେ ଯାଜପୁର ଦଳ ପ୍ରଥମ ଗୋଲ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହେଇଥିଲା। ଫାଇନାଲରେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ବୌଦ୍ଧକୁ ୬-୦ ଗୋଲରେ ପରାସ୍ତ କରି ଜୟଲାଭ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚଳଚ୍ଚିତ୍ର ଅଭିନେତା ଅରିନ୍ଦମ ରାୟ ଯୋଗଦାନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡ୍ରିମ୍ସ ୟୁନିଭରସିଟିର କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର ଏବଂ ଓଡିଶା ଲାକ୍ରୋଶ ଆସୋସିଏସନର ସମ୍ପାଦକ ମୁନୁପଟେଲ ଉପସ୍ଥିତ ଥିଲେ। ଯାଜପୁର ବିଜୟର କର୍ଣ୍ଣଧାର ଥିଲେ ଦାନଗଦି ବ୍ଲକ ଅନ୍ତର୍ଗତ ଟମକା ଅଞ୍ଚଳର କ୍ରୀଡ଼ାବିତ ରଜତ ଜେନା, ଡମ୍ବରୁଧର ମହାନ୍ତ, ଲକ୍ଷ୍ମଣ ସୋରେନ, ରଞ୍ଜନ ମହାନ୍ତ, ସତ୍ୟ ମହାନ୍ତ, ଦିଲ୍ଲୀପ ମହାନ୍ତ, ଧୀରେନ୍ଦ୍ର ମହାନ୍ତ ଏବଂ ସୁଶୀଲ କୁମାରଙ୍କ ପ୍ରଦର୍ଶନ ଉଚ୍ଚକୋଟିର ଥିଲା। ଦଳର ସଂକଳ୍ପ ମନୋଭାବ, ଯୋଜନାବଦ୍ଧ ପ୍ରୟାସ ସଫଳତାର ମୂଳକାରଣ ବୋଲି ଅଭିମତ ରଖିଛନ୍ତି ଜାତୀୟ କ୍ରୀଡ଼ାବିତ ତଥା ଯାଜପୁର କୋଚି ଲଲାଟେନ୍ଦୁ ମହାନ୍ତ। ଏହି ବିଜୟ ପାଇଁ ଉପଦେଷ୍ଟା ଦେବମୃତ ସାହୁଙ୍କ ସମେତ ବିଭିନ୍ନ ମହଲରୁ କୃତଜ୍ଞତା ଜଣାଇଛନ୍ତି।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର

ନୀଳଗିରି, ୨୦।୪ (ସମିସ): ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ମୋଟ ୪୭ ଜଣ ଅଭିଯୋଗକାରୀ ନିଜ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ଏହି ଅଭିଯୋଗ ମଧରେ ବ୍ୟକ୍ତି ଗତ ଭାବେ ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ଜଙ୍ଗଲ ଜମି ପଟ୍ଟା, ସ୍ୱାସ୍ଥ୍ୟ ଚିକିତ୍ସା ସହାୟତା ଏବଂ ସାମୂହିକ ଭାବେ ରାସ୍ତା ଘାଟ ପାନୀୟ ଜଳ ବିଦ୍ୟୁତ୍ ବିଲ ସମସ୍ୟା, ଉଦ୍ୟାନ କୃଷି, ଆଇନ୍ ଶୃଙ୍ଖଳା ସମ୍ପର୍କିତ ଥିଲା। ଏହି ମିଳିତ ଜନଶୁଣାଣୀ ଶିବିରରେ ୧୩ଟି ଅଭିଯୋଗର ତତ୍ କାଳ ସମାଧାନ କରିବା ସଙ୍ଗେ ସଙ୍ଗେ ୩ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧୦,୦୦୦ (ଦଶ ହଜାର ଟଙ୍କା) ଲେଖାଏଁ ଅର୍ଥ ସହାୟତା ରାଶି ପ୍ରଦାନ କରାଯାଇଥିଲା।



ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ପ୍ରଭାତ କୁମାର ବେହେରା, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଡ. ମଧୁସ୍ମିତା ସାମନ୍ତରାୟ, ସ୍ଥାନୀୟ ଉପ ଜିଲ୍ଲାପାଳ ଶୁଭଶ୍ରୀ ରଥ, ବି. ଡି.ଓ. ବିକ୍ରମ କେଶରୀ ପରିଡ଼ା ସମେତ ଜିଲ୍ଲା ଏବଂ ଉପଖଣ୍ଡ ସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

## ଉଜୁଡ଼ିଗଲା ଡାଲୁଅ ଧାନ; କ୍ଷତିପୂରଣ ଦାବି

ଅସୁରାଳି,୨୦।୪(ସମିସ): କାଣ୍ଡବିନ୍ଧା ପୋକ ଦାଉରୁ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିବା ରବି ଚାଷ ଓ ଡାଲୁଅ ଧାନର କ୍ଷତିପୂରଣ ଦେବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରାଯାଇଛି। ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକ୍ ଅନ୍ତର୍ଗତ ରଇପୁର ପଞ୍ଚାୟତର କାଠମୁଣ୍ଡା ପାଳ, କଣ୍ଟିକା, ମୌଦପୁର, ବାଙ୍କସାହି ଓ ରଇପୁର ଗାଁ ସମେତ ଅନ୍ୟ ଗ୍ରାମର ଚାଷୀକୂଳ ଆଜି ମୁଣ୍ଡରେ ହାତ ଦେଇ ବସିଛନ୍ତି। ରକ୍ତକୁ ନିଗାଡ଼ି ଧାର କରଜରେ ବୁଡ଼ିରହି ଡାଲୁଅ ଧାନ ଚାଷ କରିଥିଲେ। ହେଲେ କିଏ ଜାଣିଥିଲା ଛାତିଏ ଉଚ୍ଚର ହସିଲା ପୂରିଲା ଥୋଡ଼ ଧାନ ସମ୍ପୂର୍ଣ୍ଣ ଉଜୁଡ଼ି ଯିବ, କାଣ୍ଡବିନ୍ଧା ପୋକ ସବୁ ଲୁଟିନେବ। ଚାଷୀକୁଳ ଆଜି ତ୍ରାହି ତ୍ରାହି ଡାକୁଛି। ଧାନ କ୍ଷେତ ପାଖକୁ ଯିବାକୁ ଆଉ ଚାଷୀ ମନରେ ସାହସ ବାନ୍ଧିପାରୁନାହିଁ।



ତେଣୁ ଭାଙ୍ଗି ପଡ଼ିଥିବା ଚାଷୀଙ୍କ ଅଣ୍ଟାକୁ ସଳଖ କରିବା ପାଇଁ ଚାଷୀଙ୍କ କ୍ଷେତକୁ ଜିଲ୍ଲା ପ୍ରଶାସନ ତରଫରୁ ଉପଯୁକ୍ତ ତଦନ୍ତ କରି କ୍ଷତିପୂରଣ ଦେବାକୁ ଧାମନଗର ବ୍ଲକ୍ କଂଗ୍ରେସର ସଭାପତି ରମେଶ ଚନ୍ଦ୍ର ବେହେରା, ଚାଷୀ ନେତା ପୀତବାସ ମହାନ୍ତି, ଦୟାନିଧି ସାହୁ, ଭବରଞ୍ଜନ ମହାନ୍ତି, ଆଲୋକ ଦାସ, ଲକ୍ଷ୍ମୀଧର ପରିଡ଼ା, କେ.ସି. ଦାସ, ଧୀରେନ୍ଦ୍ର ପରିଡ଼ା, ସନ୍ତୋଷ ସାହୁ, ବାବାଜୀ ଚରଣ ଯେନା, ରବୀନ୍ଦ୍ର ଆରଣ, ଶଶିକାନ୍ତ ପ୍ରଧାନ, ଧୁଇରମ ଭାରତୀ, ଗୟାଧର ବେହେରା, ସଙ୍ଖାଳି ସେଠୀ ଏବଂ ଶରତ ଚନ୍ଦ୍ର ବେହେରା ପ୍ରମୁଖ ବହୁ ଚାଷୀ ଦାବି କରିଛନ୍ତି।

## ବୁଲେଟ ଧକ୍କାରେ ମହିଳା ମୃତ

ସୋର/ଔପଦା,୨୦।୪(ସମିସ) : ଔପଦା ଥାନା କମାରପାଳ ବଜାରରେ ବୁଲେଟ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣଙ୍କ ହେଲେ ଆଘିରାପଦା ଗ୍ରାମର ମଞ୍ଜୁଲତା ଜେନା (୪୬)। ମଞ୍ଜୁଲତା ଆଜି ପୂର୍ବାହ୍ଣରେ ତାଙ୍କ ୬ ବର୍ଷର ପୁଅକୁ ଅଙ୍ଗନବାଡିରେ ଛାଡି ସାଇକେଲ ଯୋଗେ ଘରକୁ ଫେରୁଥିଲେ। କମାରପାଳ ବଜାର ନିକଟରେ ଦ୍ରୁତ ଗତିରେ ଆସୁଥିବା ଏକ ବୁଲେଟ ତାଙ୍କୁ ସମ୍ନାରୁ ଧକ୍କା ଦେଇଥିଲା। ଫଳରେ ବୁଲେଟରେ ଥିବା ଦୁଇଜଣ ଯୁବକଙ୍କ ସମେତ ମଞ୍ଜୁଲତା ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ମଞ୍ଜୁଲତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଯୁବକ ଦୁଇଜଣଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଔପଦା ପୁଲିସ ଘଟଣା ସ୍ଥଳରୁ ବାଇକଟିକୁ ଜବତ କରିବା ସହିତ ସୋର ମେଡିକାଲରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ବାଲେଶ୍ୱର ସଦର,୨୦।୪ (ସମିସ): ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥର କାଟିପୋଲ - ଦଣ୍ଡିକା ମଧ୍ୟରେ ଛିଡା ହୋଇଥିବା ମିକ୍ସଚର ଗାଡିରୁ ଜଣେ ଯୁବକ ର ମୃତଦେହ ଉଦ୍ଧାର ହୋଇଛି। ଆଜି ଦିନ ଚାରିଟା ସମୟରେ ଲୋକଙ୍କ ଠାରୁ ଖବର ପାଇ ୧୦୮ ଆମ୍ବୁଲାନ୍ସ ଘଟଣା ସ୍ଥଳ କୁ ଯାଇ ଯୁବକ କୁ ଉଦ୍ଧାର କରି ବସ୍ତା ମେଡିକାଲ ନେଇଥିଲେ। ମୃତ ଯୁବଜ ଜଣକ ହେଲେ ବଂଶୀ ପ୍ରଧାନ ( ବଣ୍ଟି )(୨୦)। ତାଙ୍କ ଘର ଖୋର୍ଦ୍ଧା, କଳାପଥର ଅଞ୍ଚଳର ବୋଲି ଜଣାପଡିଛି। ସେ ଦୀର୍ଘ ଦିନ ଧରି ମିକ୍ସଚର ମେସିନର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ତେବେ ତାଙ୍କର ମୃତ୍ୟୁକୁ ନେଇ ଅନେକ କଳ୍ପନା ଜଳ୍ପନା ଜାରି ରହିଥିବା ବେଳେ ବସ୍ତା ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

**● ରାସ୍ତା ନିର୍ମାଣ ପାଇଁ ଖୋଳିଦେଲେ ଗାଁ ପଡ଼ିଆ**

## ଜେସିବି ଜବତ କଲେ ଖଣି ଅଧିକାରୀ

ଖଇରା,୨୦।୪ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନସ୍ଥ ଡୁଙ୍ଗୁରା ଆରଡି ରାସ୍ତାରୁ ଭାୟା ଜଳଙ୍ଗ ଦେଇ ବଉଳାଣିପାଟଣା ପର୍ଯ୍ୟନ୍ତ ରାସ୍ତାର ନିର୍ମାଣ ଚାଲିଥିବା ବେଳେ ଠିକାଦାର ରାସ୍ତା ପ୍ରଶସ୍ତିକରଣ ପାଇଁ ଗାଁ ପଡିଆକୁ ଖୋଳି ମାଟି ଉଠାଇନେବା ପ୍ରତିବାଦରେ ସମୁହ ଗ୍ରାମବାସୀ ପୂର୍ବତନ ସମିତିସଭ୍ୟ ପ୍ରଫୁଲ୍ଲ ଦାସଙ୍କ ନେତୃତ୍ୱରେ ସୋମବାର ଦିନ ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ କନିଷ୍ଠ କନିଷ୍ଠ ଖଣି ଅଧୀକାରି ଅଭିଷେକ ବେହେରା ଓ ସାନଜୟିପୁର ରାଜସ୍ୱନିରିକ୍ଷକ ବେବବ୍ରତ ସାହୁ ଜଳଙ୍ଗ ଗ୍ରାମରେ ପହଞ୍ଚି ମାଟି ଖୋଳୁଥିବା ଜେସିବି କୁ ଜବତ କରି ସିମୁଳିଆ ଥାନାକୁ ନେଇଛନ୍ତି। ନଷ୍ଟ କରାଯାଇଥିବା ଗୋଚର ଜମି ଗୋରୁଗାଈ ଚରିବା,ଖେଳ ପଡିଆ ତଥା ପର୍ବପର୍ବାଣି ପାଳନ ପାଇଁ ବ୍ୟବହୃତ କରାଯାଉଥିବା ବେଳେ ଠିକାଦାର ଏହାକୁ ମାଟି ଉଠାଇ ଖାଲକରିବା ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ୟକ୍ତଗତ ସ୍ୱାର୍ଥ ସାଧନ ପାଇଁ ଜଣେ ୨ଜଣ ବ୍ୟକ୍ତି ଏଭଳି ନିର୍ମାଣ କାର୍ଯ୍ୟକୁ ବିରୋଧ କରୁଥିବା ବେଳେ ବାକି ଗ୍ରାମବାସୀଙ୍କ ଏହି ରାସ୍ତା ନିର୍ମାଣ ପ୍ରତି ସମର୍ଥନ ରହିଥିବା ନେଇ ଗରସଙ୍ଗ ସରପଞ୍ଚ ରାଜେନ୍ଦ୍ର ଦାସ ପାଲଟା ଅଭିଯୋଗ କରିଛନ୍ତି।

## ମହିଳାଙ୍କୁ ଅସଦାଚରଣ ମାମଲାରେ ଯୁବକ ଗିରଫ

ଚନ୍ଦନେଶ୍ୱର, ୨୦।୪ (ସମିସ): ମହିଳାଙ୍କୁ ପ୍ରେମ ନିବେଦନ କରି ହଇରାଣ କରିବା ସହିତ ଅସଦାଚରଣ ଓ ଧମକ ଦେବା ଘଟଣାରେ ଆଜି ଭୋଗରାଇ ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଭୋଗରାଇ ବ୍ଲକ ନାଇଦୋଳୀ ଗ୍ରାମର ଅଭିଜିତ ବାରିକ (୩୪) ଜଣେ ସ୍ଥାନୀୟ ମହିଳାଙ୍କୁ ଦୀର୍ଘ ଦିନ ଧରି ପ୍ରେମ ନିବେଦନ କରୁଥିଲେ। ମହିଳା ତାଙ୍କ ପ୍ରସ୍ତାବକୁ ଅସ୍ୱୀକାର କରିଥିବା ସତ୍ତ୍ୱେ ଅଭିଜିତ ତାଙ୍କୁ ଲଗାତାର ହଇରାଣ କରୁଥିବା ଅଭିଯୋଗ ରହିଛି। ଗତକାଲି ରାତି ପ୍ରାୟ ୧୧ଟା ସମୟରେ ଅଭିଯୁକ୍ତ ଜଣକ ମହିଳାଙ୍କ ଘରକୁ ପହଞ୍ଚି ଜବରଦସ୍ତି ଶାରୀରିକ ସମ୍ପର୍କ ସ୍ଥାପନ କରିବାର ଚେଷ୍ଟା କରିଥିଲା ବେଳେ ସମ୍ପୃକ୍ତ ମହିଳା ଏହାକୁ ପ୍ରତିବାଦ କରିବାରୁ ଅଭିଜିତ ତାଙ୍କର ଅଶୋଭନୀୟ ଭିଡିଓ ଭାଇରାଲ କରିଦେବା ପାଇଁ ଧମକ ଦେଇଥିଲେ ବୋଲି ମହିଳା ଜଣକ ଅଭିଯୋଗ କରିଥିଲେ। ଘଟଣା ସମୟରେ ମହିଳାଙ୍କ ଚିତ୍କାର ଶୁଣି ପାଖପଡ଼ୋଶୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଅଟକ ରଖି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଭିଜିତ ବାରିକଙ୍କୁ ଗିରଫ କରିଥିଲା।

## ରଥ ଚକରେ ଅଖ ଲାଗିଲା

ନୀଳଗିରି, ୨୦।୪ (ସମିସ): ପବିତ୍ର ଅକ୍ଷୟ ତୃତୀୟା ତିଥି ଦିବସରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଘୋଷ ଯାତ୍ରା ଉପଲକ୍ଷେ ରଥ ନିର୍ମାଣର ପ୍ରାରମ୍ଭିକ ଶୁଭ କାର୍ଯ୍ୟ ଚକରେ ଅଖ ଲଗା ଅନୁକୂଳ ହୋଇଯାଇଛି। ଏହି ପବିତ୍ର ଦିନରେ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ପାଇଁ ପୂର୍ବାହ୍ନ ଦଶ ଘଟିକାରେ ପାରମ୍ପରିକ ଯଥା ରୀତି ନୀତି ବିଧି ବିଧାନ ଅନୁଯାୟୀ ପୁରୋହିତ ମହାପ୍ରଭୁଙ୍କ ଆଦି ସେବକ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କୁ ନେଇ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସମେତ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ତହସିଲଦାର ସୋନମ ଦାସ ପ୍ରମୁଖ ଙ୍କ ଉପସ୍ଥିତିରେ ରଥ ନିର୍ମାଣ କାର୍ଯ୍ୟ ପାଇଁ ଚକରେ ଅଖ ଲଗା ଶୁଭ ଅନୁକୂଳ ହୋଇଯାଇଛି। ରଥ ନିର୍ମାଣରେ ବ୍ୟବହୃତ ସମସ୍ତ ଉପକରଣ ଗୁଡ଼ିକୁ ମୁଖ୍ୟ କାରିଗର ମହାରଣା କାର୍ତ୍ତିକ ଚନ୍ଦ୍ର ମହାରଣା ଏବଂ ସହଯୋଗୀ ପୂଜାର୍ଚ୍ଚନା କରିବା ସହ ସମସ୍ତ ବିଧି ମୁତାବକ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହି ଭଳି ରଘୁନାଥ ଜୀଉଙ୍କ ରଥର ନିର୍ମାଣ କାର୍ଯ୍ୟ ପାଇଁ ଯଥା ବିଧି କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ପବିତ୍ର ଦିବସରେ ମହାପ୍ରଭୁଙ୍କ ଘୋଷ ଯାତ୍ରା ଉପଲକ୍ଷେ ରଥ ନିର୍ମାଣ ଅନୁକୂଳ ପର୍ବରେ ଜିଲ୍ଲାପାଳ, ଉପଜିଲ୍ଲାପାଳ,ଆଦି ସେବକ, ପଣ୍ଡା, ପୁରୋହିତ, ଘଣ୍ଟୁଆ, ଶଙ୍ଖୁଆ, ଶ୍ରଦ୍ଧାଳୁ ଭକ୍ତ, ଜଗନ୍ନାଥ ପ୍ରେମୀ ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ ଓ ଗଣ ମାଧ୍ୟମ ପ୍ରତିନିଧି ଓ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାମିଲ ହୋଇ ଥିଲେ।



# ଖବର ପ୍ରକାଶ ପରେ ପ୍ରସ୍ତୁତି ପଥେ ଗୋଷ୍ଠୀ ପରିମଳ କେନ୍ଦ୍ର

ବନ୍ତ/ଆଗରପଡ଼ା,୨୦।୪(ସମିସ)

ଗତ ମାର୍ଚ୍ଚ ୧୮ ତାରିଖରେ 'ନିର୍ମାଣକୁ ୬ବର୍ଷ ପୂରିଲାଣି; କାର୍ଯ୍ୟକ୍ଷମ ହେଉନି ଗୋଷ୍ଠୀ ପରିମଳ କେନ୍ଦ୍ର; ୭ ଲକ୍ଷ ବ୍ୟୟ ପରେ ବି ଲକ୍ଷ୍ୟ ପୂରଣ ହେଉନି' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଇତି ମଧ୍ୟରେ ଗୋଷ୍ଠୀ ପରିମଳ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଜବରଦଖଲ ଉଚ୍ଛେଦ ପରେ ପରିମଳ କେନ୍ଦ୍ରର ସମ୍ମୁଖ ଭାଗକୁ ଆବର୍ଜନା ମୁକ୍ତ କରାଯାଇ ପେଭର ବ୍ଲକ୍‌ରେ ପରିଣତ କରାଯିବା ସହ ଏକ ପ୍ରଶସ୍ତ ରାସ୍ତା ସୃଷ୍ଟି କରାଯାଇଛି। ଯଦ୍ୱାରା ଗମନାଗମନରେ ବାଧା ସୃଷ୍ଟି କରୁଥିବା ସଙ୍କୁଚିତ ଆଗରପଡ଼ା-କୁପାରୀ ପୂର୍ତ୍ତ ବିଭାଗ ରାସ୍ତା ନିମନ୍ତେ ସହାୟତା ପ୍ରଦାନ କରିବ। ତତ୍‌ସହିତ ପରିମଳ କେନ୍ଦ୍ରରେ ପଥଚାରୀଙ୍କ ନିମନ୍ତେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ପାଇଁ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି।



'ସକାଳ' ପ୍ରଭାବ

ଅପରପକ୍ଷରେ ଜନନାୟକଙ୍କ ମଧ୍ୟରେ ମତଭେଦରୁ ଉକ୍ତ ସ୍ଥାନରେ ନିର୍ମିତ ହେବାକୁ ଥିବା ଅନ୍ୟ କିଛି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରି ନ ଥିବା ଜଣାପଡ଼ିଛି। ସେହିପରି ଆଗରପଡ଼ା-କୁପାରୀ ପୂର୍ତ୍ତ ବିଭାଗ ରାସ୍ତାକୁ ଲାଗି ଥିବା ବିଦ୍ୟୁତ୍ ଖୁଣ୍ଟ ପରିମଳ କେନ୍ଦ୍ରର ସମ୍ମୁଖ ଭାଗରେ ଥିବାରୁ ଏହା କେନ୍ଦ୍ରର ମୁଖ୍ୟ ପ୍ରବେଶ ପଥରେ ବାଧା ସୃଷ୍ଟି କରୁଛି। ତେଣୁ ବିଭାଗ ପକ୍ଷରୁ ଏହାର ସ୍ଥାନାନ୍ତରଣ ଜରୁରୀ ହୋଇପଡ଼ିଛି। ଆଗରପଡ଼ା ବଜାର ଅଞ୍ଚଳରେ ଲାଗିରହିଥିବା ପରିମଳ ସମସ୍ୟାକୁ ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ବନ୍ତ ବ୍ଲକ୍ ବିଟିପୁର ପଞ୍ଚାୟତ ତରଫରୁ ଆଗରପଡ଼ା ବଜାରରେ ୨୦୨୦-୨୧ ଆର୍ଥିକ ବର୍ଷରେ ଗରିବ ରୋଜଗାର ଯୋଜନାରେ ୩ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ଗୋଷ୍ଠୀ ପରିମଳ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଉକ୍ତ ଅର୍ଥରେ ଏହା ସମ୍ପୂର୍ଣ୍ଣ ହୋଇ ନ ପାରିବାରୁ ପରବର୍ତ୍ତି ମୁହୂର୍ତ୍ତରେ ୨୦୨୧-୨୨ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ କମିଶନ ଯୋଜନାରେ ୪ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଉକ୍ତ କେନ୍ଦ୍ର ନିର୍ମାଣକୁ ଇତି ମଧ୍ୟରେ ୪ବର୍ଷ ପୂରିବା ଓ ୭ଲକ୍ଷ ଟଙ୍କା ବ୍ୟୟ ହେବା ପରେ ମଧ୍ୟ ଏହା ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଜବରଦଖଲକାରୀଙ୍କ କବ୍‌ଜାରେ ବିଟିପୁର ମୌଜାର ମୁଖ୍ୟ ପିଡବ୍ଲ୍ୟୁଡି ସଡ଼କକୁ ସଂଲଗ୍ନ କରୁଥିବା ବିଟିପୁର ମୋ÷ଜା, କିସମ-ଗ୍ରାମ୍ୟ ରାସ୍ତା ସରକାରଙ୍କ ସର୍ବସାଧାରଣ ଖାତା ନଂ୨୭୦, ପ୍ଲଟ୍ ନଂ ୭୧୩ରେ ନିର୍ମିତ ହେଉଥିବା ସୁଲଭ ଶୌ÷ଚାଳୟ ଥିବାରୁ ଏହା ସମ୍ପୂର୍ଣ୍ଣ ହେବାରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଥିଲା। ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଜବରଦଖଲକୁ ଉକ୍ତ ସ୍ଥାନରୁ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦକୁ ଇତି ମଧ୍ୟରେ ୩ ମାସ ବିତିବାକୁ ବସିଥିବାବେଳେ ପାରିପାର୍ଶ୍ୱିକ ପରିସ୍ଥିତିକୁ ଆକଳନକୁ ନେଲେ ଏହାର ପୂର୍ଣ୍ଣତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ସରକାରଙ୍କ ଯୋଜନାର ସଫଳ ରୂପାୟଣ ହୋଇପାରୁ ନ ଥିବା ଉକ୍ତ ଗୋଷ୍ଠୀ କେନ୍ଦ୍ରକୁ ଦେଖିଲେ ପ୍ରତିଫଳିତ ହୋଇଥିଲା। କାର୍ଯ୍ୟାଦେଶ ଆଣିବା ପରେ ଅର୍ଥ ବ୍ୟୟ କରି କୋ÷ଣସି ଯୋଜନାକୁ ଅଧପନ୍ତରିଆ ଅବସ୍ଥାରେ ଛାଡ଼ି ଦେବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଥିଲା। ଜିଲ୍ଲାର ଅନ୍ୟତମ ପ୍ରମୁଖ ବ୍ୟବସାୟ କେନ୍ଦ୍ର ଆଗରପଡ଼ା। ଏଠାରେ ଆଜିଯାଏ ଗୋଷ୍ଠୀ ପରିମଳ କେନ୍ଦ୍ର ନ ଥିବାରୁ ବସ୍ ଯାତ୍ରୀ, ଦୋକାନୀଙ୍କ ସମେତ ବଜାରକୁ ଆସୁଥିବା ଲୋକମାନେ ପରିମଳ ପାଇଁ ନାନାଦି ହଇରାଣ ହରକତ ହେଉଥିବାର ପରିଲକ୍ଷିତ ହେଉଥିଲା। ବିଭାଗୀୟ ଅଧିକାରୀ ସରକାରୀ ଯୋଜନାକୁ ପ୍ରହସନରେ ପରିଣତ ନ କରି ୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଅଧପନ୍ତରିଆ ଗୋଷ୍ଠୀ କେନ୍ଦ୍ର ନିର୍ମାଣକୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବା ପାଇଁ ଚେଷ୍ଟିତ ହେବାକୁ ଅଞ୍ଚଳବାସୀଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହେଉଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା।

# ଧରଣୀଧର ବିଶ୍ୱବିଦ୍ୟାଳୟ ନୂତନ କୁଳପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କେନ୍ଦୁଝର, ୨୦।୪(ସମିସ): ଓଡ଼ିଶା ଲୋକଭବନର ପ୍ରେସ ବିଜ୍ଞପ୍ତି ଅନୁଯାୟୀ ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ଭାବରେ ଆଜି ପୂର୍ବାହ୍ନରେ ପ୍ରଫେସର ସଞ୍ଜୟ କୁମାର ପାତ୍ରୋ ଯୋଗ ଦେଇଛନ୍ତି। ସେ ଆଇଆଇଟି ମୁମ୍ବାଇରୁ ପିଏଚଡି ଡ଼ିଗ୍ରୀ ହାସଲ କରିଥିବା ବେଳେ ପୂର୍ବରୁ ବୀର ସୁରେନ୍ଦ୍ର ସାଏ ୟୁନିଭରସିଟି ଅଫ ଟେକ୍ନୋଲଜି, ବୁର୍ଲା, ସମ୍ବଲପୁରରେ ସିଭିଲ ଇଞ୍ଜିନିୟରିଂ ପ୍ରଫେସର ଭାବରେ ଅଧ୍ୟାପନା କରିବା ସହିତ ବିଭାଗ ମୁଖ୍ୟ ଦାୟିତ୍ୱରେ ଥିଲେ। ଆଜି ମଧ୍ୟାହ୍ନରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକଅଧ୍ୟାପିକା ତଥା କର୍ମଚାରୀମାନେ କୁଳପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ କୁଳପତି ତାଙ୍କ ଉଦବୋଧନରେ କହିଥିଲେ, ସମସ୍ତଙ୍କର ଆନ୍ତରିକ ସହଯୋଗରେ ଏହି ନୂଆ ବିଶ୍ୱବିଦ୍ୟାଳୟ ଆଗକୁ ବଢ଼ିପାରିବ। ଉନ୍ନତ ଗବେଷଣା ତଥା ଶୈକ୍ଷିକ ବାତାବରଣକୁ ଗୁରୁତ୍ୱ ଦେଇ ସେ ବିଶ୍ୱବିଦ୍ୟାଳୟକୁ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଭାବରେ ଛିଡ଼ା କରେଇବାକୁ ଆହ୍ୱାନ ଦେଇଥିଲେ। ସମ୍ପୂର୍ଣ୍ଣ ଓଡ଼ିଆରେ ତାଙ୍କର ଅଭିଭାଷଣ ଓଡ଼ିଆ ଅସ୍ମିତାକୁ ପ୍ରଦର୍ଶିତ କରିଥିଲା। ଏଥିସହିତ ନୂତନ ଶିକ୍ଷା ନୀତିର ପ୍ରୟୋଗରେ କେନ୍ଦୁଝରର ମାନବ ସମ୍ବଳର ବିକାଶ ସାଧନ ପାଇଁ ସମସ୍ତଙ୍କୁ ଆତ୍ମୀୟତା ସହିତ କାମ କରିବାକୁ ମାର୍ଗଦର୍ଶନ କରିଥିଲେ। ତାଙ୍କର ଯୋଗଦାନରେ ବିଶ୍ୱବିଦ୍ୟାଳୟର କାଯ୍ୟ ଆହୁରି ତ୍ୱରାନ୍ୱିତ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ଖାଳିଆମେଣ୍ଟା ଆରଆଇ କାର୍ଯ୍ୟାଳୟରେ ମନମାନୀ



ଆନନ୍ଦପୁର, ୨୦।୪ (ସମିସ): ଘଷିପୁରା ତହସିଲ ଅନ୍ତର୍ଗତ ଖାଳିଆବେଣ୍ଟା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧିକାଂଶ ସମୟ ବନ୍ଦ ହେବା ଯୋଗୁଁ ଆସୁଥିବା ସାଧାରଣ ଲୋକ ହତାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି। ଅଧିକାଂଶ ଦିନ ୧୧ଟା ପର୍ଯ୍ୟନ୍ତ ଆରଆଇଙ୍କ କାର୍ଯ୍ୟାଳୟ ଖୋଲୁନି। କର୍ମଚାରୀ ଅଧିକାଂଶ ଦିନ ମନଇଚ୍ଛା ଆସୁଛନ୍ତି। ଲୋକେ ଆରଆଇ ଅଫିସ ଆସି ଦହଗଞ୍ଜ ହୋଇ ଫେରୁଛନ୍ତି। ଆରଆଇଙ୍କୁ ଅପେକ୍ଷା କରି କରି ଫେରି ଯାଉଥିବା ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଆରଆଇଙ୍କୁ ଲୋକେ ଅଭିଯୋଗ କଲେ ବି ବିଭିନ୍ନ ବାହାନା ଦେଖାଇ ଲୋକଙ୍କୁ ଭୁଆଁ ବୁଲାଉଥିବା ଜଣେ ସଚେତନ ନାଗରିକ ଅଭିଯୋଗ କରିଛନ୍ତି।

# ଦେଓଗାଁରେ ଜଳଛତ୍ର ଉଦ୍‌ଘାଟିତ




ଆନନ୍ଦପୁର,୨୦।୪(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଦେଓଗାଁ ବଜାରରେ ପଞ୍ଚାୟତ ତରଫରୁ ଅକ୍ଷୟ ତୃତୀୟା ଦିନ ଦେଓଗାଁ ସରପଞ୍ଚ ସତ୍ୟରଞ୍ଜନ ଭୁୟାଁଙ୍କ ଦ୍ୱାରା ଜଳଛତ୍ର ଉଦଘାଟିତ ହୋଇଛି। ଜଳଛତ୍ର ଦ୍ୱାରା ଦେଓଗାଁ ବଜାର ଓ ହାଟକୁ ଆସୁଥିବା ଚାଷୀ ଓ ବ୍ୟବସାୟୀ ସହ ସାଧାରଣ ଲୋକମାନେ ଉପକୃତ ହେବେ ବୋଲି ସରପଞ୍ଚ ଶ୍ରୀ ଭୂୟାଁ ପ୍ରକାଶ କରିଛନ୍ତି।

# ଟଙ୍କା ଓ ଏଟିଏମ୍ କାର୍ଡ ଚୋରି; ଅଭିଯୁକ୍ତ ଗିରଫ



ହାଟଡ଼ିହୀ,୨୦।୪(ସମିସ): ସୋସୋ ଥାନା ଅଧୀନସ୍ଥ ଜମ୍ବିରା ଗ୍ରାମର ନୀଳମଣି ଜେନାଙ୍କଠାରୁ ଟଙ୍କା ଓ ଏଟିଏମ୍ କାର୍ଡ଼ ଚୋରି ହୋଇଥିବା ନେଇ ନୀଳମଣି ସୋସୋ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ସୋସୋ ଥାନା କେସ ନଂ ୮୪/୨୬ ରେ ମାମଲା ରୁଜୁ ହୋଇଛି। ନୀଳମଣିଙ୍କ ଅନୁପସ୍ଥିତିରେ କିଛି ଅଜଣା ଯୁବକ ତାଙ୍କଠାରୁ ୧୦ହଜାର ଟଙ୍କା ଏବଂ ତାଙ୍କ ଏଟିଏମ୍ କାର୍ଡ଼ ଚୋରି କରିଥିବା ନେଇ ଅଭିଯୋଗରେ ଉଲ୍ଲେଖ ଅଛି। ପୁଲିସ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ମାମଲା ଚିହ୍ନଟ କରି ଜଣେ ସିସିଏଲ୍ ଏବଂ ଅନ୍ୟ ଜଣେ ଜମ୍ବିରା ଗ୍ରାମର ସନ୍ଦୀପ ଜେନା (୨୬)ଙ୍କୁ ପୁଲିସ ଅଟକ ରଖି ପଚରାଉଚରା ଜାରି ରଖିଛି। ତେବେ, ଉକ୍ତ ଯୁବକଙ୍କଠାରୁ ନଗଦ ୫୪ଶହ ଟଙ୍କା ଏବଂ ଚୋରି ହୋଇଥିବା ଏଟିଏମ୍ କାର୍ଡ଼ ଜବତ୍ କରାଯାଇଛି। ଏଥିସହ ଅନ୍ୟାନ୍ୟ ଏମଓ ମାମଲାରେ ଅଭିଯୁକ୍ତ ଯୁବକଙ୍କ ଅଭିଯୋଗ ତଦନ୍ତାଧୀନ ଥିବା ପୁଲିସ ପକ୍ଷରୁ କୁହାଯାଇଛି।

## ପବିତ୍ର ଅକ୍ଷୟ ତୃତୀୟା ଓ ଜିଲ୍ଲାସ୍ତରୀୟ କୃଷକ ଦିବସ

# କୃଷି ରଥ ଓ ଆମ ବିହନ ରଥର ଶୁଭାରମ୍ଭ





କେନ୍ଦୁଝର, ୨୦।୪(ସମିସ): ପବିତ୍ର ଅକ୍ଷୟ ତୃତୀୟ ଅବସରରେ ସୋମବାର କେନ୍ଦୁଝରସ୍ଥିତ କୁଡ଼ିଆ ଫାର୍ମରେ ଆୟୋଜିତ ଜିଲ୍ଲାସ୍ତରୀୟ କୃଷକ ଦିବସ ସମାରୋହରେ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଅଖିମୁଠି ଅନୁକୂଳ କରିଥିଲେ। ଏହି ଉତ୍ସବ ଉପଲକ୍ଷେ ଆୟୋଜିତ ସାଧାରଣ ସଭାରେ ମନ୍ତ୍ରୀ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ଓ ସରକାରଙ୍କ କାର୍ଯ୍ୟକ୍ରମ ବିଷୟରେ ଉଦବୋଧନ ଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ମନ୍ତ୍ରୀ ଚାଷୀ ଭାଇଭଉଣୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କାର୍ଯ୍ୟାଦେଶ ଓ ମହିଳା ଗୋଷ୍ଠୀଙ୍କୁ ମୂଳ ପାଣ୍ଠି ବଣ୍ଟନ କରିଥିଲେ। ସମାରୋହରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକଙ୍କ ସହ କୃଷକ ଭାଇଭଉଣୀ, ସମ୍ପ୍ରସାରଣ କର୍ମୀ, ବୈଜ୍ଞାନିକ, କୃଷି ଓ ଆନୁଷଙ୍ଗିକ କୃଷି ବିଭାଗର ଅଧିକାରୀ ସାମିଲ ହୋଇଥିଲେ। କଟକ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଉଦବୋଧନକୁ ସିଧାସଳଖ ପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ମନ୍ତ୍ରୀ ଜିଲ୍ଲାରେ କୃଷି ରଥ ପରିକ୍ରମା ଓ ପ୍ରାରମ୍ଭିକ ଯୋଜନା ଭାବେ କାର୍ଯ୍ୟକାରୀ ହେଉଥିବା ଆମ ବିହନ ରଥର ଶୁଭାରମ୍ଭ କରିଥିଲେ। ଆମ ବିହନ ରଥ ଯୋଜନାରେ କେନ୍ଦୁଝର ବ୍ଲକର ରାମଚନ୍ଦ୍ରପୁର ଗ୍ରାମର ଗୌତମ ମହାନ୍ତ ଓ ଭାଲିଆଡ଼ିହି ଗ୍ରାମର ବୀଣା ନାଏକଙ୍କୁ ବିହନ ବସ୍ତା ପ୍ରଦାନ କରି ମନ୍ତ୍ରୀ ବିହନ ବିକ୍ରିର ଶୁଭାରମ୍ଭ କରିଥିଲେ। ଆମ ବିହନ ରଥ ନିମନ୍ତେ ଚୟନ ହୋଇଥିବା ବିହନ ବିକ୍ରେତା ସାହାରପଡା ବ୍ଲକସ୍ଥିତ ଶ୍ରେୟାଂଶୀ ଏଣ୍ଟରପ୍ରାଇଜେସର ସତ୍ତ୍ୱାଧିକାରୀ ଦେବପ୍ରସାଦ ମହାନ୍ତ ଆମ ବିହନ ରଥ ଶୁଭାରମ୍ଭ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ସୁକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବ୍ଲକର ଶତାଧିକ କୃଷକ ଭାଇଭଉଣୀ ଭାଗ ନେଇଥିଲେ।

**ଆନନ୍ଦପୁର:** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବାଉଁଶଗଡ଼ଠାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟଅତିଥି ରୂପେ ଭୂମି ପୂଜନ କରିବା ସହିତ ହଳ କରି ଅଖିମୁଠି ଅନୁକୂଳ କରିଛନ୍ତି। ଏହି ଅବସରରେ ଶାଳବଣି ମଣ୍ଡଳ ବିଜେପି ଆନୁକୂଲ୍ୟରେ ଏକ ଚାଷୀ ସମାବେଶ କରାଯାଇଥିଲା। ଆନନ୍ଦପୁର ସବଡିଭିଜନରେ ବିଭିନ୍ନ ଚାଷରେ ସଫଳତା ହାସଲ କରିଥିବା ୧୬ ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶାଳବଣି ମଣ୍ଡଳ ବିଜେପି ସଭାପତି ତପନ କୁମାର ପାତ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ମ୍ୟୁନିସିପାଲିଟିର ପୂର୍ବତନ ନଗରପାଳ ଶାନ୍ତନୁ କୁମାର ସେଠୀ, ବିଜେପି ବରିଷ୍ଠ ନେତା ଟୁକୁନା ମହାନ୍ତ, କମଳାକାନ୍ତ ସୂର, ସନ୍ୟାସୀ ପାତ୍ର, ଶରତଚନ୍ଦ୍ର ନାଏକ, ବିଜୟ କୁମାର ଜେନା, କାଳନ୍ଦି ଚରଣ ସାହୁ, ନାରାୟଣ ବାରିକ, ପୀତବାସ ଗାହାଣ, ରାଧେଶ୍ୟାମ ଘଡେଇ, ରାଜନ ଘଡେଇ, ପ୍ରମୋଦ ଦାସ, ଅତୁଲ ଚରଣ ବେହେରା, ପ୍ରଦୀପ ଖୁଣ୍ଟିଆ, ପ୍ରଦୀପ୍ତା ସୂର, ବବିତା ସାହୁ, ମହେଶ୍ୱର ସାହୁ, ରମାକାନ୍ତ ସୂର, ପ୍ରହଲ୍ଲାଦ ନାୟକ, ବସନ୍ତ ସାହୁ, ଦୁର୍ଯ୍ୟୋଧନ ସାହୁ, ଗଙ୍ଗାଧର ସାହୁ, କାଳନ୍ଦୀ ଚରଣ ସାହୁ, ହୃଷୀକେଶ ପାତ୍ର, ହେମନ୍ତ ସାହୁ, ମନସା ସାହୁ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଶତାଧିକ ଚାଷୀ ଯୋଗ ଦେଇଥିଲେ।



# କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ସମୀକ୍ଷାଙ୍କୁ ସମ୍ବର୍ଦ୍ଧନା




କେନ୍ଦୁଝର, ୨୦।୪(ସମିସ): କେନ୍ଦୁଝର କେନ୍ଦ୍ରୀୟ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରୀ ସମୀକ୍ଷା ପ୍ରିୟଦର୍ଶିନୀ ମହାନ୍ତଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ପକ୍ଷରୁ କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ସୁଶାନ୍ତ କୁମାର ସାହୁ ତାଙ୍କୁ ମାନପତ୍ର ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିବାବେଳେ ସମୀକ୍ଷାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଛି। ସମୀକ୍ଷା ଅସ୍ମିତା ଖେଲୋ ଇଣ୍ଡିଆ ପେନଚାକ ସିଲଟ ନେସନାଲ ସବଜୁନିଅର ଲିଗରେ ଭାଗନେଇ ରେଗୁ ଇଭେଣ୍ଟ ଏବଂ ସଲୋରେ ରୌପ୍ୟ ପଦକ ଗଣ୍ଡା ଇଭେଣ୍ଟରେ ସ୍ୱର୍ଣ ପଦକ ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସେ କବିତ୍ରା ଗ୍ରାମର ଆଶିଷ ରଞ୍ଜନ ମହାନ୍ତ ଏବଂ ପୁନମ ମହାନ୍ତଙ୍କ କନ୍ୟା ଅଟନ୍ତି। ଏବେ ସ୍ପୋର୍ଟ୍ସ ପେନଚାକ ସ୍କଟ ଏକାଡେମୀ କେନ୍ଦୁଝରରେ ଶିକ୍ଷାଲାଭ କରୁଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହାଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ■ ସାତକୋଶିଆ ଘାଟିରେ କାର୍‌କୁ ଧକ୍କାଦେଲା ବସ୍

# ସ୍ୱାମୀ ମୃତ: ସ୍ତ୍ରୀ, ପୁଅ ଓ ଡ୍ରାଇଭର ଗୁରୁତର





ଆନନ୍ଦପୁର, ୨୦।୪ (ସମିସ): ଆନନ୍ଦପୁର-କରଞ୍ଜିଆ ୫୩ ନମ୍ବର ରାଜ୍ୟ ରାଜପଥର ସାତକୋଶିଆ ଘାଟିରେ ଏକ ତାମିଲନାଡୁ ଟୁରିଷ୍ଟ ବସ ଧକ୍କାରେ ଭଦ୍ରକରୁ ଠାକୁରମୁଣ୍ଡା ଯାଉଥିବା କାର ପ୍ରାୟ ୫୦ ଫୁଟ ତଳକୁ ଖସିପଡ଼ିଥିଲା। କାରରେ ଥିବା ଭଦ୍ରକର ଫଳ ବ୍ୟବସାୟୀ ଧୀରେସ ଦାସଙ୍କର ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ମମତା ଦାସ, ପୁଅ ଦୁର୍ଗାମାଧବ ଦାସ ଓ ଡ୍ରାଇଭର ଅମନ ଖାଁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ଏହି ଘାଟି ରାସ୍ତାରେ ପ୍ରତିଦିନ ଦୁର୍ଘଟଣା ହୋଇ ଧନଜୀବନ ହାନି ହେଉଥିଲେ ମଧ୍ୟ ରାଜ୍ୟ ରାଜପଥ କର୍ତ୍ତୃପକ୍ଷ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରୁ ନଥିବା ଚିନ୍ତାର କାରଣ ହୋଇଛି।

# ଶିଶୁ ସେବିକା ପଦ ନିଯୁକ୍ତିରେ ଅନିୟମିତତା ଅଭିଯୋଗ





ତେଲକୋଇ, ୨୦।୪(ସମିସ): ଶିଶୁସେବିକା ପଦ ନିଯୁକ୍ତି ପାଇଁ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ ହୋଇଛି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ତେଲକୋଇ ବ୍ଲକ ଅନ୍ତର୍ଗତ ପଡାଙ୍ଗ ଗାଁ ସରକାରୀ ନୋଡାଲ ଉଚ୍ଚବିଦ୍ୟାଳୟରେ। ପଡାଙ୍ଗ ସରକାରୀ ନୋଡାଲ ଉଚ୍ଚ୍‌ବିଦ୍ୟାଳୟରେ ଶିଶୁସେବିକା ପଦ ପାଇଁ ତେଲକୋଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ବିଜ୍ଞାପନ ଦିଆଯାଇଥିବା ବେଳେ ସ୍କୁଲ କମିଟି ଓ ପ୍ରଧାନଶିକ୍ଷକଙ୍କ ତତ୍ତ୍ୱାବଧାନରେ ସରକାରୀ ଗାଇଡଲାଇନ ଅନୁଯାୟୀ ଚୟନ କରାଯାଇ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏଠି ସରକାରୀ ଗାଇଡଲାଇନକୁ ଉଲ୍ଲଂଘନ କରାଯାଇ ଆଦିବାସୀ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆ ନଯାଇ ଜଣେ ହରିଜନ ପ୍ରାର୍ଥୀଙ୍କୁ ଚଞ୍ଚକତା କରି ନିଯୁକ୍ତି ଦିଆଯାଇଥିବା ନେଇ ତିନି ଜଣ ଆଦିବାସୀ ପ୍ରାର୍ଥନା କରିଥିଲେ। ଏନେଇ ବ୍ଲକ ଶିକ୍ଷାଧିକାରୀଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଥିଲେ ମଧ୍ୟ ଘଟଣାକୁ ଚପାଇ ଦେବାକୁ ପ୍ରଶାସନିକ ସ୍ତରରେ ଉଦ୍ୟମ କରାଯାଇଛି। ସୂଚନା ଅନୁଯାୟୀ, ଗାଁର ଆଦିବାସୀ ପ୍ରାର୍ଥୀ ଭାବେ ଚମ୍ପାବତୀ ନାୟକ, ରଶ୍ମିତା ନାୟକ ଓ ମାମି ସିଂ ଶିଶୁସେବିକା ପଦ ପାଇଁ ଆବେଦନ କରିଥିବା ବେଳେ ପ୍ରଥମେ ରଶ୍ମିତା ନାୟକଙ୍କୁ ସରକାରୀ ଗାଇଡଲାଇନ ଅନୁଯାୟୀ ଚୟନ କରାଯାଇଥିଲା। ପରେ ପୁଣି ରଶ୍ମିତା ନାୟକଙ୍କ ନାଁକୁ ପରିବର୍ତ୍ତନ କରି ଜଣେ ହରିଜନ ପ୍ରାର୍ଥିନୀଙ୍କୁ ନିଯୁକ୍ତି ଦିଆଯିବା ପାଇଁ ସ୍କୁଲ କମିଟି ଓ ପ୍ରଧାନଶିକ୍ଷକ ମନୋନୀତ କରିଥିବା ଜଣାପଡିବା ପରେ ତିନି ଜଣ ଆଦିବାସୀ ପ୍ରାର୍ଥିନୀ ଏହାକୁ ବିରୋଧ କରିଥିଲେ। ନିୟମ ଅନୁଯାୟୀ ପ୍ରଥମେ ନିଯୁକ୍ତି ପାଇଁ ଆଦିବାସୀ ପ୍ରାର୍ଥିନୀଙ୍କୁ ପ୍ରାଥମିକତା ଦିଆଯିବା ନେଇ ଗାଇଡଲାଇନରେ ଉଲ୍ଲେଖ ଥିବା ବେଳେ ତା'କୁ ଉଲ୍ଲଂଘନ କରାଯାଇ ଜଣେ ହରିଜନ ପ୍ରାର୍ଥିନୀଙ୍କୁ ନିଯୁକ୍ତି ପାଇଁ ମନୋନୀତ କରିବା ଏଠାରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅର୍ଥ କାରବାର ହୋଇଥିବା ନେଇ ପ୍ରଶ୍ନ ଉଠାଇଛନ୍ତି ତିନି ଆଦୀବାସୀ ପ୍ରାର୍ଥିନୀଙ୍କ ସହିତ ଗ୍ରାମବାସୀ। ଏନେଇ ଆଜି କିଛି ଗ୍ରାମବାସୀଙ୍କ ସହିତ ତିନି ଆଦିବାସୀ ପ୍ରାର୍ଥିନୀ ପ୍ରଧାନଶିକ୍ଷକଙ୍କୁ ଘେରଉ କରିଥିଲେ। ସରକାରୀ ଗାଇଡଲାଇନ ଅନୁଯାୟୀ ଆଦିବାସୀ ପ୍ରାର୍ଥିନୀ ନମିଳିଲେ ହରିଜନ ବିଧବା ପ୍ରାର୍ଥିନୀଙ୍କୁ ନିଯୁକ୍ତି ପାଇଁ ମନୋନୀତ କରାଯିବ ସହ ଏବଂ ଯଦି ହରିଜନ ବିଧବା ପ୍ରାର୍ଥିନୀ ନ ମିଳନ୍ତି ତାହେଲେ ସବର୍ଣ୍ଣ ବିଧବା ପ୍ରାର୍ଥିନୀଙ୍କୁ ଚୟନ କରାଯାଇପାରିବ। ହେଲେ ଏଠି ସ୍କୁଲକମିଟି ଓ ପ୍ରଧାନଶିକ୍ଷକ ନିୟମକୁ ଦଳିମକଚି ଜଣେ ହରିଜନ ପ୍ରାର୍ଥିନୀଙ୍କୁ ନିଯୁକ୍ତି ପାଇଁ ମନୋନୀତ କରିଥିବା ଅଭିଯୋଗ ହୋଇଛି। ଏନେଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ପଚାରିବାରୁ କମିଟି ଓ ପ୍ରଧାନଶିକ୍ଷକଙ୍କ ସୁପାରିସ ଅନୁସାରେ ଆମେ ନିଯୁକ୍ତି ପାଇଁ ଆପ୍ରୋଭ କରିଥାଉ ବୋଲି କହିବା ସହିତ ଯେହେତୁ ଅଭିଯୋଗ ଆସୁଛି ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ୧୪ ମାସ ବିତିଲା

# ଟଙ୍କାଟିଏ ମିଳିନି ଆନନ୍ଦପୁର ମହାବିଦ୍ୟାଳୟକୁ




ଆନନ୍ଦପୁର,୨୦।୪(ସମିସ): ଆନନ୍ଦପୁର ମହାବିଦ୍ୟାଳୟର ଛାତ୍ର ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନନ୍ଦପୁର ମହାବିଦ୍ୟାଳୟକୁ ସରକାରୀ ଓ ସ୍ୱୟଂଶାସିତ ମାନ୍ୟତା ଦେବା ସହିତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ୭ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ଇତିମଧ୍ୟରେ ପ୍ରାୟ ୧୪ ମାସ ବିତିଯାଇଛି; ହେଲେ ୧ ଟଙ୍କା ମିଳିନଥିବା ବେଳେ ଗୋଟିଏ ବି ଦାବି ପୂରଣ ହୋଇ ନଥିବାରୁ ସାଧାରଣରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀଙ୍କ ଆନନ୍ଦପୁର ମହାବିଦ୍ୟାଳୟ ଗସ୍ତ ସମୟରେ ଅଞ୍ଚଳବାସୀ ଓ ଛାତ୍ରଛାତ୍ରୀଙ୍କ ଉତ୍କଣ୍ଠା ବଢ଼ିଯାଇଥିଲା। ମୁଖ୍ୟମନ୍ତ୍ରୀ ନିଜେ ଘୋଷଣା କରିଥିବାରୁ ବୁଦ୍ଧିଜୀବୀମାନେ ଏବେ ବି ଆଶାବାଦୀ ଅଛନ୍ତି। କେନ୍ଦୁଝର ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ମହାବିଦ୍ୟାଳୟ ଓ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରୂପେ ଆନନ୍ଦପୁର ମହାବିଦ୍ୟାଳୟ ସମଗ୍ର ରାଜ୍ୟରେ ଖ୍ୟାତି ଅର୍ଜନ କରିଥିବା ବେଳେ ବିବିଧ ସମସ୍ୟା ଯୋଗୁଁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ୧୯୬୪ରେ ପ୍ରତିଷ୍ଠା ହୋଇଥିବା ଏହି ମହାବିଦ୍ୟାଳୟ ୬୧ ବର୍ଷ ଧରି ନିରନ୍ତର ଭାବେ ଗୁଣାତ୍ମକ ଶିକ୍ଷା ଦେଉଥିବାରୁ ବର୍ତ୍ତମାନ ଏହାର ଛାତ୍ରଛାତ୍ରୀ ସଂଖ୍ୟା ପ୍ରାୟ ୨୩ଶହରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଛାତ୍ରଛାତ୍ରୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଏବଂ ସର୍ବମୋଟ ଛାତ୍ରଛାତ୍ରୀଙ୍କ ସଂଖ୍ୟାର ଶତକଡ଼ା ୭୦ ପ୍ରତିଶତ ଛାତ୍ରୀ ଏହି ମହାବିଦ୍ୟାଳୟରେ ଅଧ୍ୟୟନ କରନ୍ତି। ରାଜ୍ୟର ଏକ ସର୍ବପୁରାତନ ମହାବିଦ୍ୟାଳୟ ହୋଇଥିଲେ ବି ସରକାରୀ ମାନ୍ୟତା ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ନ୍ୟତା ପାଇନାହିଁ। ଖଣିଜ ସମ୍ପଦରେ ଭରପୂର କେନ୍ଦୁଝର ଜିଲ୍ଲାର ଏହି ଦ୍ୱିତୀୟ ବୃହତ୍ତମ ମହାବିଦ୍ୟାଳୟରେ ଭୂତତ୍ତ୍ୱ ବିଜ୍ଞାନ, କମ୍ପ୍ୟୁଟର ସାଇନ୍ସ ବିଭାଗ ଖୋଲିବାକୁ ବହୁବାର ଦାବି ହୋଇଥିଲେ ମଧ୍ୟ ତାହା ବିଭାଗୀୟ ଦପ୍ତରୀରେ ଚାପି ହୋଇଯାଇଛି। ଏହାବ୍ୟତୀତ, ସମାଜ ବିଜ୍ଞାନ, ମନୋବିଜ୍ଞାନ ଓ ଶିକ୍ଷା ଭଳି ମହତ୍ତ୍ୱପୂର୍ଣ୍ଣ ବିଭାଗ ଖୋଲିବାର ଆବଶ୍ୟକତା ଥିଲେ ମଧ୍ୟ ଏଥିପ୍ରତି ଅଣଦେଖା କରାଯାଇଆସୁଛି।

# ସିଟି କିଡ୍‌ସ ସ୍କୁଲର ବାର୍ଷିକ ଉତ୍ସବ



କେନ୍ଦୁଝର, ୨୦।୪(ସମିସ): କେନ୍ଦୁଝର ସହରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସିଟିକିଡ଼ସ ସ୍କୁଲର ବାର୍ଷିକଉତ୍ସବ କାଳୀ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ୱସକା ସ୍ୱେଚ୍ଛାସେବୀ ସଂଗଠନର ସମ୍ପାଦିକା ତଥା ସମାଜସେବୀ ଧରିତ୍ରୀ ରାଉତ ଛାତ୍ରଛାତ୍ରୀମାନେ ନିଜର ବ୍ୟବହାର ଶୃଙ୍ଖଳାଜ୍ଞାନ ଏବଂ ସମୟାନୁବର୍ତ୍ତିତା ଉପରେ ଧ୍ୟାନ ଦେବା ପାଇଁ ପରାମର୍ଶ ଦେବା ସହ ସମାଜରେ ଭଲ ମଣିଷ ହେବାକୁ କହିଥିଲେ। ସିଟି କିଡ଼ସ ଶିକ୍ଷାନୁଷ୍ଠାନଟି କେନ୍ଦୁଝର ସହରରେ ଏକ ଅଗ୍ରଣୀ ଅନୁଷ୍ଠାନ ରୂପେ ତାର ପରିଚୟକୁ ସ୍ୱତନ୍ତ୍ର ଭାବରେ ସୃଷ୍ଟି କରିପାରିଥିବାରୁ ଅନୁଷ୍ଠାନର ପ୍ରତିଷ୍ଠାତା ଏବଂ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ମଳୟ ମହାପାତ୍ର ଏବଂ ସମ୍ମାନିତ ଅତିଥିଭାବେ ବୁଦ୍ଧିଜୀବୀ ତଥା ସାହିତ୍ୟିକ ଭରତଚନ୍ଦ୍ର ପାତ୍ର ନିଜ ବକ୍ତବ୍ୟରେ କହିଥିଲେ ସିଟିକିଡ଼ସ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରିବା ସହ ତାଙ୍କର ଲୁକ୍କାୟିତ ପ୍ରତିଭା କିପରି ଲୋକଲୋଚନକୁ ଆସିବ ସେଥିନିମନ୍ତେ ଧ୍ୟାନ ଦେଉଥିବାରୁ ଶିକ୍ଷାନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଅନୁଷ୍ଠାନଟି କିପରି ଆହୁରି ଆଗକୁ ଯିବ ସେଥିନିମନ୍ତେ ଅତିଥିମାନେ ବହୁ ଉପାଦେୟ କଥା ଆଲୋକପାତ କରିଥିଲେ। ସିଟିକିଡ଼ସ ସ୍କୁଲର ଅଧକ୍ଷ ସତ୍ୟନାରାୟଣ ଦାଶ ବାର୍ଷିକ ବିବରଣୀ ପଠନ କରିଥିଲେ। ପରେ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବାର୍ଷିକଉତ୍ସବରେ ବହୁ ଅଭିଭାବକ ଅଭିଭାବିକା ସହରବାସୀ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସତ୍ୟଜିତ ମିଶ୍ର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମଟିକୁ ତଫାନ କୁମାର ପାତ୍ର ସଂଯୋଜନା କରିଥିବାବେଳେ ସ୍କୁଲର ପ୍ରତିଷ୍ଠାତା ଅମରେନ୍ଦ୍ର କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମଟିକୁ ପରିଚାଳନା କରିବାରେ ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଜମଲା ଡିଗ୍ରୀ କଲେଜରେ ରକ୍ତଦାନ ଶିବିର



ପଦ୍ମପୁର,୨୦।୪(ସମିସ): ଜମଲା ଡିଗ୍ରୀ କଲେଜ ଜମଲାର ୟୁଥ୍ ରେଡକ୍ରସ୍ ଓ ଜାତୀୟ ସେବା ଯୋଜନା ଏବଂ ଜମଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜର ସଭାପତି ଶ୍ରୀଯୁକ୍ତ କଲା କହ୍ନେଇ ପଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କଲେଜର ଅଧ୍ୟକ୍ଷ ଡକ୍ଟର ସ୍ୱାଧୀନ ଚନ୍ଦ୍ର ପଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟକ୍ରମ ପରିଚାଳନା ଅଧିକାରୀ ସେଖ୍ ୱାସିମ୍ ରାଜା ଓ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଶିବପ୍ରସାଦ ବେହେରା, ସାମ୍ବାଦିକ ରତ୍ନମଣୀ ଶତପଥୀ, ସାମ୍ବାଦିକ ପ୍ରଦୀପ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସୁଦର୍ଶନ ପୁଟେଲ, ପ୍ରତ୍ୟୁଷ ପାଢୀ, ଆଲୋକ ସାହୁ, ଅନିଲ ସାହୁ, ଲୋକନାଥ ବରିହା, ଲିଲି ପଧାନ, ରୁଦ୍ରପାଲ୍ ଦରୱାନ୍ ପ୍ରମୁଖ ରକ୍ତଦାନ କରିଥିଲେ। ଜମଲା ଡିଗ୍ରୀ କଲେଜର ୟୁଥ୍ ରେଡକ୍ରସ୍ ଅଧିକାରୀ ଅଭିଳାଶ ମିଶ୍ର ଓ ଜାତୀୟ ସେବା ଯୋଜନା ଅଧିକାରୀ ମିସ୍ ସୁରେଖା ଭୁଏ ପ୍ରମୁଖ ସହଯୋଗ କରିଥିଲେ।

# ଅଗ୍ନିଶମ ବିଭାଗର ସଚେତନତା କାର୍ଯ୍ୟକ୍ରମ



ବିଜେପୁର, ୨୦।୪(ଇମିସ): ବରଗଡ଼ ଜିଲ୍ଲାର ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଜି ଅଗ୍ନିଶମ ବିଭାଗ ପକ୍ଷରୁ ଏକ ଜରୁରୀ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଶାନ୍ତ ମେହେର, ଗୋଷ୍ଠୀ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ରୁଦ୍ରଦେବ ଡନସନା, ପ୍ରଦୀପ ପାଣିଗ୍ରାହୀ, ଷ୍ଟାଫ୍‌ନର୍ସ କମଳିନୀ ସାହୁ, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା କବିତାଞ୍ଜଳି ଦାଶଙ୍କ ସମେତ ଆଶା କର୍ମୀ, ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀ ଏଥିରେ ଯୋଗ ଦେଇଥିଲେ।

# ଶୀତଳ ଷଷ୍ଠୀ ପାଇଁ ଥାଳ ଉଠିଲା



ପଦ୍ମପୁର,୨୦। ୪(ସମିସ): ଅକ୍ଷୟ ତୃତୀୟାରେ ପଦ୍ମପୁର ସାର୍ବଜନୀନ ଶୀତଳ ଷଷ୍ଠି କମିଟି ତରଫରୁ ବାବା ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଥାଳ ଉଠିଛି। କଣ୍ଟାବନ୍ଧସ୍ଥିତ ବାବା ସ୍ୱପ୍ନେଶ୍ୱରଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ବାହାରିଥିଲା। ନଗର ପରିକ୍ରମା କରିବା ସହ ଜଗତ ଜନନୀ ମାତା ପାର୍ବତୀଙ୍କ ମାତାପିତାଙ୍କ ଘରେ ସମସ୍ତେ ପହଞ୍ଚି ଥିଲେ। ଏଥର ବର ପିତାମାତା ଭାବେ ରାମ ମେହେର, ସୁମିତ୍ରା ମେହେର କନ୍ୟା ମାତାପିତା ଭାବେ ଜୟନ୍ତ ନାୟକ, ସୁଭଦ୍ରା ନାୟକ ଦାୟିତ୍ୱ ତୁଲାଇବେ।

# ମହିଳା ସମିତି ପକ୍ଷରୁ ଲସି ବଣ୍ଟନ



ବରଗଡ଼,୨୦।୪(ସମିସ): ଅକ୍ଷୟ ତୃତୀୟା ଅବସରରେ ବରଗଡ଼ ମହିଳା ସମିତି ପକ୍ଷରୁ ଦହି ସରବତ ବଣ୍ଟନ କରାଯାଇଥିଲା। ଗ୍ରୀଷ୍ମ ଋତୁରେ ଲସି ପାନ ଦ୍ୱାରା ଅତ୍ୟଧିକ ଗରମର ମୁକାବିଲା ଓ ତୁରନ୍ତ ଜଳୀୟ ଅଂଶ ପ୍ରଦାନ କରିବା ଏବଂ ପାଚନ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରୋବାୟୋଟିକ୍ସ ପ୍ରଦାନ କରିଥାଏ। ଏହା ସାଙ୍ଗକୁ ଶରୀରର ତାପମାତ୍ରାକୁ ଥଣ୍ଡା କରେ, ହିଟ ଷ୍ଟ୍ରୋକ୍ ରୋକିବା ସହ ଏକ ପ୍ରାକୃତିକ ଶକ୍ତି ବୃଦ୍ଧିକାରୀ ଭାବରେ କାର୍ଯ୍ୟ କରେ ବୋଲି ସମିତି ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ସମିତିର ସଭାନେତ୍ରୀ ମିନାକ୍ଷୀ ପତି, ସମ୍ପାଦିକା ରିନୁ ପତି, ଉପସଭାନେତ୍ରୀ ସସ୍ମିତା ପଟ୍ଟନାୟକ, ସହ ସମ୍ପାଦିକା ସୁଜାତା ପ୍ରଧାନ ଓ କୋଷାଧ୍ୟକ୍ଷା ତନିମା ଦାଶଙ୍କ ନେତୃତ୍ୱରେ ସମିତିର ୫୦ ଜଣ ସଭ୍ୟା ଅଂଶଗ୍ରହଣ କରି ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଦହି ସର୍‌ବତ ବଣ୍ଟନ କରାଯାଇଥିଲା।

# ଢାବାରେ ଚାଲିଥିଲା ଦେହବେପାର; ୫ ଗିରଫ

ବରଗଡ଼,୨୦।୪ (ସମିସ)



- ଜଣେ ମହିଳା ଉଦ୍ଧାର,
- ବିଭିନ୍ନ ବ୍ରାଣ୍ଡର ମଦ, ମୋବାଇଲ ଓ ୨୬,୨୬୦ ଟଙ୍କା ଜବତ

ବରଗଡ଼ ଜିଲ୍ଲାରେ ଅନୈତିକ ଦେହ ବ୍ୟବସାୟ ବିରୋଧରେ ପୁଲିସ ପକ୍ଷରୁ ଆଉଥରେ ଏକ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବରଗଡ଼ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଧାଙ୍ଗେର ଗାଁ ନିକଟରେ ଥିବା ଜୟଦୁର୍ଗା ଢାବା ଉପରେ ରାତିରେ ହଠାତ୍ ଚଢ଼ଉ କରି ପୁଲିସ ଅନୈତିକ ଦେହ ବ୍ୟବସାୟର ଏକ ଗୁପ୍ତଚକ୍ରକୁ ପର୍ଦାଫାସ କରିଛି। ଏହି ଅଭିଯାନରେ ଢାବା ମାଲିକ ସହ ମୋଟ ୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ମହିଳାଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ପୁଲିସ ସୂଚନା ଅନୁସାରେ, ଧାଙ୍ଗେର ଅଞ୍ଚଳରେ ଥିବା ଏହି ଢାବାରେ ଦୀର୍ଘଦିନ ଧରି ଅନୈତିକ ଦେହ ବ୍ୟବସାୟ ଚାଲୁଥିବା ସନ୍ଦେହ ହେଉଥିଲା। ଶେଷରେ କୌଣସି ବିଶ୍ୱସ୍ତସୂତ୍ରରୁ ପ୍ରମାଣ ସହ ଖବରପାଇ ପୁଲିସ ଏହି ଅଭିଯାନ ଚାଲାଇଥିଲା। ବରଗଡ଼ ଏସ୍‌ପିଙ୍କ ପ୍ରହ୍ଲାଦ ସହାୟ ମୀନା ନିର୍ଦ୍ଦେଶ ଓ ଏସ୍‌ଡିପିଓ ପଦାର ବିନ୍ଦ ତ୍ରିପାଠୀଙ୍କ ନିରୀକ୍ଷଣରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ରବିବାର ରାତିରେ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ପୁଲିସ ଢାବା ଭିତରେ ଅନୈତିକ କାର୍ଯ୍ୟ ଚାଲୁଥିବାକୁ ସ୍ପଷ୍ଟ ଭାବେ ପ୍ରମାଣିତ କରିଥିଲା। ଘଟଣାସ୍ଥଳରୁ ଢାବା ମାଲିକ ବରଗଡ଼ ଥାନା ଧାଙ୍ଗେର ଗାଁର ଅନନ୍ତ ରାମ ପଣ୍ଡା (୫୪) ଓ ଜଣେ ମହିଳାଙ୍କ ସହିତ ତିନିଜଣ ଗ୍ରାହକ ବରଗଡ଼ ସଦର ଥାନା ଆଡଗାଁର ନିମାଇ ସାହୁ (୨୯), ଆଡ଼ଗାଁର ସୁମନ୍ତ ଭୋଇ (୨୨) ଓ ଆଡଗାଁର ମଦନ ବନ୍‌ଛୋର (୨୬)ଙ୍କୁ ଗିରଫ କରାଯାଇଥିଲା। ଏହାସହ ଜଣେ ମହିଳାଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି, ଯାହାଙ୍କୁ ପରେ ସୁରକ୍ଷିତ ସ୍ଥାନକୁ ପଠାଯାଇଥିବା ବୋଲି ପୁଲିସ କହିଛି। ତଲାସି ସମୟରେ ପୁଲିସ ଢାବାରୁ ବିପୁଳ ପରିମାଣର ସାମଗ୍ରୀ ଜବତ କରିଛି। ଏଥିରେ ଅନେକ ମୋବାଇଲ ଫୋନ, ନଗଦ ୨୬,୨୬୦ ଟଙ୍କା ସହିତ ଦେଶୀ ଓ ବିଦେଶୀ ମଦ ମିଳିଛି। ପୁଲିସ ମୋଟ ୨୬୩ ଲିଟର ମଦ ଜବତ କରିଥିବା ବେଳେ ଏଥିରେ ବିଭିନ୍ନବ୍ରାଣ୍ଡର ବିୟର ଓ ରମ୍ ରହିଥିଲା। ଏହା ସହ ଦୁଇଟି ମୋଟରସାଇକେଲ ମଧ୍ୟ ଜବତ କରାଯାଇଛି। ଏହି ଘଟଣାରେ ବରଗଡ଼ ଗ୍ରାମାଞ୍ଚଳ ଥାନାରେ ମାମଲା ରୁଜୁ କରାଯାଇଛି। ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟକୁ ଚାଲାଣ କରିଛି।

# ନୃସିଂହନାଥଙ୍କୁ ଲାଗି ହେଲା ପଖାଳ



ପାଇକମାଳ,୨୦।୪(ସମିସ): ବୈଶାଖ ମାସରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ନୃସିଂହନାଥ ପୀଠରେ ପ୍ରତିବର୍ଷ ପରି ଚଳିତ ବର୍ଷ ପ୍ରଭୁ ନୃସିଂହନାଥଙ୍କ ଠାରେ ସୋମବାର ପଖାଳ ଭୋଗ ଲାଗି ହେବା ସହ ଭକ୍ତଙ୍କୁ ଅର୍ପଣ କରାଯାଉଛି। ଏହି ପ୍ରାଚୀନ ନୃସିଂହନାଥ ମନ୍ଦିରରେ ପୂଜା ପାଉଛନ୍ତି ଭଗବାନ ବିଷ୍ଣୁଙ୍କର ଅନ୍ୟତମ ସ୍ୱରୁପ ମାର୍ଜାରକେଶରୀ। ବୈଶାଖ ମାସର ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ମହାପ୍ରଭୁ ନୃସିଂହନାଥଙ୍କ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମହାପ୍ରଭୁ ନୃସିଂହନାଥଙ୍କ ମୁଣ୍ଡରେ ଓଦା କପଡ଼ା ଏବଂ ଚନ୍ଦନ ଲେପନ କରାଯାଉଥିବା ସହ ଅପରାହ୍ନରେ ପଖାଳ ଭୋଗ ଅର୍ପଣ କରାଯାଉଛି। ପ୍ରତିବର୍ଷ ଅକ୍ଷୟ ତୃତୀୟାଠାରୁ ନବମୀ ପର୍ଯ୍ୟନ୍ତ ୭ଦିନଧରି ନୃସିଂହନାଥ ପୀଠରେ ଏହି ପଖାଳ ଭୋଗ ଲାଗି ହେଉଥିବା ବେଳେ ଏଥିରେ ଦହି ଓ ଟେଭା ପତ୍ର, ଲେମ୍ବୁ ଆଦି ବିଭିନ୍ନ ପ୍ରକାର ବ୍ୟଞ୍ଜନ ମିଶାଯାଇ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତି କରାଯାଇଥାଏ। ଅପରାହ୍ନ ୪ଟାରେ ମହାପ୍ରଭୁ ନୃସିଂହନାଥଙ୍କଠାରେ ଏହି ପଖାଳ ଭୋଗକୁ ମନ୍ଦିର ସେବାୟତମାନେ ପ୍ରସ୍ତୁତ କରିବା ପରେ ମହାପ୍ରଭୁଙ୍କ ଲାଗିବା ପରେ ଭକ୍ତମାନଙ୍କୁ ଦିଆଯାଇଥାଏ। ପଖାଳଭୋଗ ପାଇଁ ମନ୍ଦିର ତରଫରୁ ମାଟି ନିର୍ମିତ ପାତ୍ରରେ ଭକ୍ତମାନଙ୍କୁ ବିନାମୂଲ୍ୟରେ ଅର୍ପଣ କରାଯାଇଥାଏ। ତେବେ ଏହି ପଖାଳ ଭୋଗ କେବଳ ନୃସିଂହନାଥ ପୀଠରେ ଲାଗୁଥିବା ବେଳେ ଶହଶ୍ରାଧିକ ଭକ୍ତମାନେ ଏଠାକୁ ଆସି ପଖାଳ ଭୋଗ ସେବନ କରିଥାନ୍ତି। ମନ୍ଦିର ସେବାୟତ ସତ୍ୟ ପୁରୋହିତ, ଆଜାଦ ମାଝି, ମଧୁସୁଦନ ତ୍ରିପାଠୀ, ଶ୍ରୀରାମ ପୁରୋହିତ, ମହେଶ୍ୱର ପାଣିଗ୍ରାହୀ, ସିର୍ଦ୍ଧାଥ ପୁରୋହିତ, ମନମିତ ପୁରୋହିତ, ଶୁଭମ ପୁଝାରୀ, ଶୋଭିତ ପଣ୍ଡା, ପ୍ରଫୁଲ ପଣ୍ଡା, ମହେଶ ପୁରୋହିତ, ପ୍ରମୁଖ ପଖାଳ ଭୋଗ ବଣ୍ଟନରେ ସହଯୋଗ କରିଥିଲେ।

# ବିଜେପୁରରେ କବି ଖଗେଶ୍ୱର ଶେଠଙ୍କ ଜୟନ୍ତୀ



ବିଜେପୁର,୨୦।୪(ସମିସ): ବରଗଡ଼ ଜିଲ୍ଲା ବିଜେପୁର ଖଗେଶ୍ୱର ସାହିତ୍ୟ କଳା ପରିଷଦ ପକ୍ଷରୁ ସାହିତ୍ୟପ୍ରାଣ କବି ଖଗେଶ୍ୱର ଶେଠ ଜୟନ୍ତୀ ଉତ୍ସବ ସମାରୋହ ପାଳିତ ହୋଇଛି। ଏଥିରେ ପ୍ରାଧ୍ୟାପକ ଡକ୍ଟର ପ୍ରଦୀପ ପ୍ରଧାନ ଯୋଗଦେଇ ଖଗେଶ୍ୱର ସାହିତ୍ୟରେ 'ପଏର୍ଛାସତୀ 'ପ୍ରତିବାଦର ସ୍ୱର ବୋଲି କହିଛନ୍ତି। କଲେଜ ଅଧ୍ୟକ୍ଷ ପ୍ରଦୀପ ସାହୁ ଓ ସଂପାଦକ ଭାସ୍କର ସାହୁ, ବରଗଡ଼ ସାଂସଦ ପ୍ରତିନିଧି ପ୍ରସନ୍ନ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ କବି ଖଗେଶ୍ୱର ଶେଠଙ୍କ ପଏର୍ଛାସତୀ କାବ୍ୟର ଇଂରାଜୀ ଅନୁବାଦ ପୁସ୍ତକ ଲୋକାର୍ପିତ ହୋଇଥିଲା। ଏହାକୁ ସୁଷମା ଦାସ ଅନୁବାଦ କରିଥିବାବେଳେ ସାହିତ୍ୟିକ ମୋହନ ସାହୁ ସଂପାଦନା କରିଛନ୍ତି। କଣ୍ଠଶିଳ୍ପୀ ସୁଷମା ଭୋଇ କବିଙ୍କ କବିତା ପରିବେଷଣ କରିଥିଲେ। କଟାପାଲି ଲଳିତା ଦେବୀ ମହିଳା ମହାବିଦ୍ୟାଳୟରେ ସଭାପତି ମୋହନ ସିଂ କହ୍ନେଇ ଅଧ୍ୟକ୍ଷତା କରିଥିବାବେଳେ ସଂପାଦକ ରାଜେଶ୍ୱର ବେହେରା ସଂଯୋଜନା କରିଥିଲେ। କ୍ରୀଡ଼ା ଶିକ୍ଷକ ବାଳକୃଷ୍ଣ ପୋଢ ସ୍ୱାଗତ ଭାଷଣ ଦେଇଥିଲେ। ସହ ସଂପାଦକ ମକରଧ୍ୱଜ ସାହୁ ଅତିଥି ପରିଚୟ ଦେଇଥିଲେ। କବି ଜଗତଜୀବନ ରାମ ଡନସନା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ହୃଷିକେଶ ପୋଢ ଧନ୍ୟବାଦ ଅର୍ପଣ କରିଥିଲେ। କବିତା ପାଠ ସମାରୋହରେ ବିମଳ ଡନସନା, ତରଣୀସେନ ପଧାନ, ତୁଳସୀରାମ ମେହେର, ମାଲଖୁଲୁ ହରିପାଲ, ହୃଷିକେଶ ପୋଢ, ପୁଟୁ ଭୁଏ, ଧନେଶ୍ୱର ବିଶି, ଯୁଗେଶ୍ୱର ତାଣ୍ଡି ପ୍ରମୁଖ ବହୁ କବି ଯୋଗଦେଇ କବିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅଧ୍ୟାପିକା ରୋଜୀଶ୍ରୀ ସାହୁ, ସୁରେନ୍ଦ୍ର ପୋଢ, ଘନଶ୍ୟାମ ଖମାରୀ ପ୍ରମୁଖ ସ୍ଥାନୀୟ ଲଳିତ ଦେବୀ ମହିଳା ବିଦ୍ୟାଳୟର କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ସିଏମ୍ ଟ୍ରଫି ଜୁନିୟର ଫୁଟବଲ

# କଦଳୀପାଲି, କନବାର୍ ବିଜୟୀ



ବରଗଡ,୨୦। ୪(ସମିସ): ଓଡିଶା ରାଜ୍ୟ ସରକାର , ଓଡ଼ିଶା କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତଥା ଫୁଟବଲ୍ ଏସୋସିଏସନ୍ ଅଫ ଓଡ଼ିଶା ଆନୁକୁଲ୍ୟରେ ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ସିଏମ ଟ୍ରଫି ଫୁଟବଲ୍ ପ୍ରତିଯୋଗିତାର ୧୧ ତମ ଦିନରେ ବାଳିକାଙ୍କ ମ୍ୟାଚରେ ପ୍ରଥମ ମ୍ୟାଚରେ କଦଳୀପାଲି ଫୁଟବଲ୍ କ୍ଲବ୍ ଓ ଦ୍ୱିତୀୟ ମ୍ୟାଚରେ କନବାର ଫୁଟବଲ୍ କ୍ଲବ୍ ଦଳ ବିଜୟୀ ହୋଇଛଛି। ସୋମବାର କଦଳୀପାଲି ଫୁଟବଲ୍ କ୍ଲବ୍ ଓ ସିମେଣ୍ଟ ନଗର ଫୁଟବଲ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ କଦଳୀ ପାଲି ଫୁଟବଲ୍ କ୍ଲବ୍ ୧-୦ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚକୁ ଅଜୟ ପ୍ରଧାନ ପରିଚାଳନା କରିଥିଲେ। ତାଙ୍କୁ ଲାଇନ୍‌ରେ ପ୍ରଶାନ୍ତ ବେହେରା ଓ ପିଙ୍କି ହଂସ ପରିଚାଳନାରେ ସହଯୋଗ କରିଥିଲେ। ସୋମବାର ଦିନ ଦ୍ୱିତୀୟ ମ୍ୟାଚ କନବାର ଫୁଟବଲ୍ କ୍ଲବ୍ ଓ ସିଆଲଖଣ୍ଡହତା ଫୁଟବଲ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ କନବାର୍ ଦଳ ୪-୦ ଗୋଲରେ ବିଜୟୀ ହୋଇଥିଲା। କାନବାର୍ ଦଳ ପକ୍ଷରୁ ଇତିଶ୍ରୀ ସେଟ୍ ହ୍ୟାଟ୍ରିକ ସହ ୩ଟି ଗୋଲ ସ୍କୋର କରିଥିଲେ। ଏହି ଖେଳକୁ ନିରଞ୍ଜନ ମହାକୁର ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ଉମାକାନ୍ତ ସାହୁ ଓ ଝସକେତନ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ। ଚତୁର୍ଥ ରିଫରି ଥିଲେ ପଞ୍ଚାନନ ପାତ୍ର। ବାଳକ ବିଭାଗର ଫାଇନାଲ ମ୍ୟାଚ ଆସନ୍ତା ୨୨ ତାରିଖ ଦିନ ୟୁନାଇଟେଡ ସ୍ପୋର୍ଟସ କ୍ଲବ ବରଗଡ ଓ ଖରମୁଣ୍ଡା ଫୁଟବଲ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ।

# ଆପ୍ରାଇଜ୍ ଗ୍ରୁପ୍ ଅଫ୍ ଇନ୍ସଟିଟ୍ୟୁସନ୍ସରେ ଅଭିପ୍ରେରଣା ତାଲିମ ଶିବିର




ବରଗଡ଼,୨୦।୪(ସମିସ): ବରଗଡ଼ର ଶିକ୍ଷାନୁଷ୍ଠାନ ଆପ୍ରାଇଜ୍ ଗ୍ରୁପ୍ ଅଫ ଇନ୍ସଟ୍ୟୁସନ୍ସରେ ଅଭିପ୍ରେରଣ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅଥିତି ଭାବେ ପ୍ରଜାପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ବରଗଡ଼ ଶାଖାର ବି.କେ ଜ୍ୟୋତ୍ସ୍ନା, ବି.କେ ଝିଲି ଏବଂ ବି.କେ. ଡ଼.ବିମଲ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଅଭିପ୍ରେରଣା ବିଷୟରେ ଅବଗତ କରିଥିଲେ। ନିଶିଥ ରଞ୍ଜନ ମହାନ୍ତି ଛାତ୍ରଛାତ୍ରମାନଙ୍କୁ ଯୁବଶକ୍ତି ବିନା ରାଷ୍ଟ୍ର ଗଠନ ଅସମ୍ଭବ ବୋଲି ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରୁପର ଉପାଧ୍ୟକ୍ଷ ଭୀଷ୍ମଦେବ ଦାଶ, ଚିତ୍ତରଞ୍ଜନ ଦାଶ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଧିକାରୀ ଡ. ମୁକୁନ୍ଦ ଦାଶ ପରିଚାଳନା କରିଥିଲେ।

# ପର୍ଶୁରାମଙ୍କ ଜନ୍ମୋତ୍ସବ ଅବସରରେ ଭବ୍ୟ ଶୋଭାଯାତ୍ରା







ବରଗଡ଼,୨୦।୪(ସମିସ)

ବରଗଡ ଜିଲ୍ଲା ବ୍ରାହ୍ମଣ ମହାସଭା ଓ ପର୍ଶୁରାମ ବାହିନୀ ପକ୍ଷରୁ ପ୍ରଭୁ ପର୍ଶୁରାମଙ୍କ ଜନ୍ମୋତ୍ସବ ଅବସରରେ ଆଜି ବରଗଡ ସହରରେ ଭବ୍ୟ ଶୋଭାଯାତ୍ରା ଆୟୋଜିତ ହୋଇଛି। ଏହି ଶୋଭାଯାତ୍ରା ସ୍ଥାନୀୟ ମା' ଶ୍ୟାମାକାଳୀ ମନ୍ଦିରରୁ ବାହାରି ଥାନା ଛକ, ଗୌରପଡ଼ା ଛକ, ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ଛକ, କଚେରି ଛକ, ଏସପି ଅଫିସ ଛକ, ମିନି ଷ୍ଟାଡିୟମ ହୋଇ ଫେରିଥିଲା। ଦୁର୍ଗା ବାହିନୀ, ଜିଲ୍ଲା କର୍ମକାଣ୍ଡ ବ୍ରାହ୍ମଣ ସଭା, ଆଦିତ୍ୟ ବାହିନୀର ସଦସ୍ୟ ସାମିଲ ହୋଇଥିଲେ। ଶ୍ୟାମାକାଳୀ ମନ୍ଦିର ମଣ୍ଡପରେ ପ୍ରଭୁ ପର୍ଶୁରାମଙ୍କ ଜନ୍ମୋତ୍ସବ ପାଳନ ଅବସରରେ ପୂଜାର୍ଚ୍ଚନା ହୋଇଥିଲା। ପର୍ଶୁରାମଙ୍କ ବେଶରେ ପଣ୍ଡିତ ନରେଶ ମିଶ୍ରଙ୍କୁ ବରଣ କରାଯାଇଥିଲା।

ବିଜେପୁର: ବରଗଡ ଜିଲ୍ଲା ବିଜେପୁର ବ୍ଲକ ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଭଗବାନଙ୍କ ଜୟନ୍ତୀ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମାଉସୀ ମାଁ ମନ୍ଦିରରେ ପର୍ଶୁରାମ ଭଗବାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତା ଭାବେ ରବିଶଙ୍କର ଗୁରୁ ଦାୟିତ୍ୱ ନିର୍ବାହ କରିଥିଲେ। ପୁରୋହିତ ସୁରେନ୍ଦ୍ର ମହାପାତ୍ର, ଚନ୍ଦନ ଶର୍ମା, ପ୍ରଦୀପ ପାଣିଗ୍ରାହୀ ପୂଜାକାର୍ଯ୍ୟ ତୁଲାଇ ଥିଲେ। ଏହାପରେ ସଂଧ୍ୟାରେ ଏକ ସୁସଜ୍ଜିତ ପଟୁଆରରେ ଶ୍ରୀ ପର୍ଶୁରାମଙ୍କ ଫଟୋ ଚିତ୍ର ବିଜେପୁର ସହର ପରିକ୍ରମା କରାଯାଇଥିଲା। ପର୍ଶୁରାମ ଭୂମିକାରେ ବିଶିଷ୍ଟ କଳାକାର ଗୋଲାପ ଚନ୍ଦ୍ର ଦାଶ ଅବତୀର୍ଣ୍ଣ ହୋଇଥିଲେ। ଦିବାକର ଗୁରୁ, ମନୋଜ ଦାଶ ଶର୍ମା, ଜନାର୍ଦ୍ଦନ ପାଣିଗ୍ରାହୀ, ଗିରିଧାରୀ ଦାଶ, ଶାନ୍ତନୁ ମିଶ୍ର, ମନୋଜ ପଣ୍ଡା, କିଶୋର ତ୍ରିପାଠୀ, ପ୍ରଶନ୍ନ ଦାଶ, ପଦ୍ମଲୋଚନ କର, ଶେଷଦେବ ମିଶ୍ର, ନରସିଂହ ପୂଜାରୀ, ଦେବାଶିଷ ଦାଶ, ମଣ୍ଟୁ ପାଣୀ, ଅମର ଦାଶ, ବିରେନ ପାଣୀ, ଅକ୍ଷୟ ଦାଶ ପ୍ରମୁକ ସହଯୋଗ କରିଥିଲେ। ବିଜେପୁର ଥାନା ଅଧିକାରୀ ସୁଶାନ୍ତମଣୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପୁଲିସ କର୍ମଚାରୀ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସହଯୋଗ କରିଥିଲେ।

ପଦ୍ମପୁର: ସ୍ଥାନୀୟ ବ୍ରାହ୍ମଣ ସମାଜ ସାଂସ୍କୃତିକ ଭବନରେ ପଦ୍ମପୁର ବ୍ରାହ୍ମଣ ସମାଜ ତରଫରୁ ପର୍ଶୁରାମଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଆକାଶ ପଣ୍ଡା ସସ୍ତ୍ରୀକ କର୍ତ୍ତା ଥିଲେ। ପଣ୍ଡିତ ଅତ୍ରାହିଭଞ୍ଜନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଛି। ସହର ପରିକ୍ରମାରେ ବ୍ରାହ୍ମଣ ସମାଜ, ପର୍ଶୁରାମ ବାହିନୀ ଓ ଗାୟତ୍ରୀ ବାହାନୀ ସାମିଲ ହୋଇଥିଲେ। ପ୍ରୋନିତ ନମନ ମିଶ୍ର ପର୍ଶୁରାମ ବେଶ ଧାରଣ କରିଥିଲେ। ବିକାଶ ପଣ୍ଡା, ଭରତ ପଣ୍ଡା, ଅମୀୟ ପୁରୋହିତ, ଦେବଦତ୍ତ ପଣ୍ଡା, ତୃପ୍ତିମୟୀ ଦାଶ, ଜ୍ୟୋତ୍ସ୍ନା କର, ସ୍ୱର୍ଣ୍ଣକାନ୍ତୀ ପତି, ମନୋରମା ମହାପାତ୍ର, ସମାଜର ସଭାପତି ଜୟନାରାୟଣ ତ୍ରିପାଠୀ, ସଂପାଦକ ସଦାନନ୍ଦ ପୁରୋହିତ, ବଳଦେବ ପାଣିଗ୍ରାହୀ, ସୁରେଶ ମିଶ୍ର, ପ୍ରକାଶ ଦାଶ, ଜିତେନ୍ଦ୍ରୀୟ ଦାଶ, ଦିବ୍ୟକିଶୋର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ପର୍ଶୁରାମ ବାହିନୀର ସଭାପତି ପାର୍ଥସାରଥୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଭଟଲି: ଭଟଲିରେ ବ୍ଲକ୍‌ସ୍ତରୀୟ ପର୍ଶୁରାମ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ୍‌ର ବ୍ରାହ୍ମଣ ଯୁବକମାନଙ୍କ ଦ୍ୱାରା ଭଟଲିର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଦଧିବାମନ ମନ୍ଦିର ପ୍ରାଙ୍ଗଣରେ ଭଗବାନ ପର୍ଶୁରାମଙ୍କୁ ପୂଜା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ରାଜେଶ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଗୌରଚନ୍ଦ୍ର ରଥ, ଦିଲ୍ଲୀପ ମିଶ୍ର, ନିଶିଥ ଦାଶ, ନିରଞ୍ଜନ ରଥ, ସୁମନ୍ତ ଶତପଥୀ, ସଞ୍ଜୀବ ଷଡ଼ଙ୍ଗୀ, ବାଙ୍କାବିହାରୀ ମିଶ୍ର, ଆୟୁଷ୍ମନ୍ତ ଷଡ଼ଙ୍ଗୀ, ଶ୍ରୀବସ୍ତ ପାଣିଗ୍ରାହୀଙ୍କ ସମେତ ଭଟଲି ପର୍ଶୁରାମ ବାହିନୀର ସଦସ୍ୟ ଯୋଗ ଦେଇଥିଲେ।

# ପଞ୍ଚମ କ୍ୟୁରୋଗୀ ଓ ତୃତୀୟ ପୁଂସି ତାଏକ୍ୱୋଣ୍ଡୋ ପ୍ରତିଯୋଗିତା

ବରଗଡ଼,୨୦।୪(ସମିସ): ବରଗଡ଼ସ୍ଥିତ ଅଗ୍ରଗାମୀ ଯୁବକ ସଂଘ ପ୍ରାଙ୍ଗଣରେ ବରଗଡ଼ ଜିଲ୍ଲାସ୍ତରୀୟ ପଞ୍ଚମ କ୍ୟୁରୋଗୀ ଓ ତୃତୀୟ ପୁଂସି ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ବିଜୟ ତାଏକ୍ୱୋଣ୍ଡୋ ଏକାଡେମୀ ଓ ବରଗଡ଼ ଜିଲ୍ଲା ତାଏକ୍ୱୋଣ୍ଡୋ ସଂଘ ଦ୍ୱାରା ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ଦୁଇଟି ଇଭେଣ୍ଟରେ ୮୦ ରୁ ଉର୍ଦ୍ଧ ବାଳକ ଓ ବାଳିକା ତାଏକ୍ୱୋଣ୍ଡୋ ମାଷ୍ଟର ମନମୋହନ ଭଞ୍ଜଙ୍କ ଉପସ୍ଥିତିରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଂଘର ସଭାପତି ନବକିଶୋର ପାଣିଗ୍ରାହୀ, ଉପ-ସଭାପତି ଆଶୁତୋଷ ରଥ ଓ କୋଷାଧ୍ୟକ୍ଷ ଶ୍ରୀୟା ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଭାପତି ନବକିଶୋର ପାଣିଗ୍ରାହୀ ଓ ଓଡିଶା ତାଏକ୍ୱୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ପ୍ରତିଯୋଗୀଙ୍କୁ




ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜାତୀୟ ରେଫରୀ ନୁପୁର ଠାକୁର ଓ ରୋହିତ ମାଝୀ ଇଭେଣ୍ଟକୁ ପରିଚାଳନା କରିଥିଲେ। ଓଡ଼ିଶା ତାଏକ୍ୱୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ତଥା ଅନ୍ତର୍ଜାତୀୟ ବ୍ଲାକ ବେଲ୍ଟ ଓ କଳର ବେଲ୍ଟ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଜିଲ୍ଲା ସଙ୍ଘର ସମ୍ପାଦକ ତଥା କୋଚ ବିଜୟ କୁମାର ଭୋଇ ସର୍ବଶେଷରେ ଉପସ୍ଥିତ ସମସ୍ତ ଅତିଥି ଓ ଖେଳାଳି ମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

# କଟକ ସିଟି



## ବେଆଇନ୍ ଭାବେ ଚାଲିଛି ସିଏନ୍‌ବିଟିରୁ ଏନ୍‌ଏଚ୍ ବ୍ରିଜ୍ ନିର୍ମାଣ

# ପ୍ରହସନ ପାଲଟିଛି 'ଶ୍ରମିକ ନିରାପତ୍ତା'

କଟକ, ୨୦।୪(ସମିସ)



ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ବିପଦସଙ୍କୁଳ ଅବସ୍ଥାରେ ନେତାଜୀ ବସ୍ ଟର୍ମିନାଲରୁ ଜାତୀୟ ରାଜପଥକୁ ସଂଯୋଗ କରାଯାଉଥିବା କାଠଯୋଡି ନଦୀରେ ବ୍ରିଜ୍ ନିର୍ମାଣ ଚାଲିଛି। ଶ୍ରମିକ ନିରାପତ୍ତା ଆଇନକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଥିବା ଏଠାରେ ଦେଖିବାକୁ ମିଳିଛି। ଗତବର୍ଷ ମେ ମାସରେ ଏହି ବ୍ରିଜ୍ ନିର୍ମାଣ ହେଉଥିବା ବେଳେ ୩ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ୨ଶ୍ରମିକ ଓ ଜଣେ ସାଇଟ୍ ଇଞ୍ଜିନିୟରଙ୍କ ମୃତ୍ୟୁ ସତ୍ତ୍ୱେ ସମ୍ପୃକ୍ତ ଠିକାଦାର ସଂସ୍ଥା ଖାମଖିଆଲ୍ ଢଙ୍ଗରେ ନିର୍ମାଣ କାର୍ଯ୍ୟ ଜୋରଦାର ଚଳାଇଛି। ଏହି ଠିକା ସଂସ୍ଥା ସେଫ୍ଟି-ବେଲ୍ଟ, ହେଲମେଟ୍ ଓ ଅନ୍ୟ ସୁରକ୍ଷା ସାମଗ୍ରୀ ଶ୍ରମିକ ଓ କର୍ମଚାରୀଙ୍କୁ ଦେଉନଥିବା ଯୋଗୁଁ ଶ୍ରମିକଙ୍କ ମଧ୍ୟରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଏବେ ଉକ୍ତ ବ୍ରିଜ୍ ନିର୍ମାଣ ପାଇଁ ପ୍ରତ୍ୟେକ ଦିନ ୪୦ରୁ ଅଧିକ ନିର୍ମାଣ ଶ୍ରମିକ କାର୍ଯ୍ୟ କରୁଛନ୍ତି। ଏମାନଙ୍କୁ ନିରାପତ୍ତା ଓ ସୁରକ୍ଷା ଦିଆଯାଉନଥିବାରୁ କୌଣସି ସମୟରେ ବି ଅଘଟଣ ଘଟିବାର ସମ୍ଭାବନା ଦେଖା ଦେଇଛି। ବ୍ରିଜ୍ ନିର୍ମାଣରେ କାର୍ଯ୍ୟ କରୁଥିବା ପଶ୍ଚିମବଙ୍ଗର ଶ୍ରମିକ ରୋହିତ୍ ବାହାଲ୍‌ଙ୍କୁ ପଚାରିବାରୁ ସେ କହିଛନ୍ତି, ପେଟପାଟଣା ପାଇଁ କାମ କରିବାକୁ ହେବ। ସୁରକ୍ଷା ପାଇଁ ଏଠାରେ ସେଫ୍ଟି-ବେଲ୍ଟ କିମ୍ବା ହେଲମେଟ୍‌କୁ ଦିଆଯାଉ ନାହିଁ। ଆମ ମଜୁରୀ ଠିକ୍ ସମୟରେ ମିଳୁଛି। ଏଠାରେ ପ୍ରଶ୍ନ ଉଠୁଛି, କମ୍ ଶିକ୍ଷାଗତ ଯୋଗ୍ୟତା ଥିବା ନିର୍ମାଣ ଶ୍ରମିକଟିଏ ପରିବାର ଚଳାଇବା ପାଇଁ କାମ କରୁଛି। ଯଦି ସିଏ ସୁରକ୍ଷା ସମ୍ପର୍କରେ ସଚେତନ ନାହିଁ, ସମ୍ପୃକ୍ତ ଠିକଦାର ସଂସ୍ଥା ବିପଦଶଙ୍କୁଳ ଭାବେ କେମିତି କାମ କରାଉଛି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଶ୍ରମିକ ନିରାପତ୍ତା ଆଇନ ଅନୁଯାୟୀ, ଏକାଧିକ ସୁରକ୍ଷା ସାମଗ୍ରୀ ତଥା ହେଲମେଟ୍, ସେଫ୍ଟି ବେଲ୍ଟ, ଗ୍ଲୋଭ୍ସ, ସେଫ୍ଟି ଜୋତା, ଆଖି ଓ କାନ ସୁରକ୍ଷା ପାଇଁ ଚଷମା ଓ ଇୟରପ୍ଲଗ୍ ଯୋଗାଇଦେବା ଜରୁରୀ। ସେଫ୍ଟି ନେଟ୍ ଓ ଗାର୍ଡ-ରେଲ୍ ବ୍ୟବହାର, ହାର୍ନେସ୍ ବାନ୍ଧି କାମ କରିବା ଏବଂ ସ୍କାଫୋଲ୍ଡିଂ ଭଲ ଭାବେ ଫିଟ୍ କରି କାର୍ଯ୍ୟ କରାଯିବା ଆବଶ୍ୟକ। ସେହିପରି ବ୍ରିଜ୍ କାର୍ଯ୍ୟରେ ନିୟୋଜିତ ଯନ୍ତ୍ରପାତି ଓ ମେସିନ୍ ସୁରକ୍ଷାକୁ ସମ୍ପୃକ୍ତ ଠିକାଦାର ସଂସ୍ଥା ପ୍ରତ୍ୟେକ ଦିନ ତଦାରଖ କରିବେ। ଶ୍ରମିକମାନଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ଦେବା ସହ ମେସିନ୍ ଅପରେଟରଙ୍କୁ ଲାଇସେନ୍ସ ତଦାରଖ କରିବା ଦରକାର। ବିଦ୍ୟୁତ ସୁରକ୍ଷାକୁ ଗୁରୁତ୍ୱ ଦେବାର ମଧ୍ୟ ଆବଶ୍ୟକତା ରହିଛି। ଖୋଲା ତାର ନ ରଖିବା, ଇନସୁଲେଟେଡ୍ ଟୁଲ୍ ବ୍ୟବହାର ଏବଂ ପାଣି ନିକଟରେ ବିଦ୍ୟୁତ କାମରେ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଶ୍ରମିକଙ୍କ ସ୍ୱାସ୍ଥ୍ୟ ଓ ପ୍ରାଥମିକ ଚିକିତ୍ସାକୁ ଦୃଷ୍ଟିରେ ରଖି ସାଇଟ୍‌ରେ ଫାର୍ଷ୍ଟଏଡ୍ ବକ୍ସ ରଖିବା, ଶ୍ରମିକଙ୍କୁ କାର୍ଯ୍ୟ ମଝିରେ ବିରାମ ଦେବା ସହିତ ସୁରକ୍ଷା ଶିକ୍ଷା ଓ ନିୟମ ବିଷୟରେ ଶିକ୍ଷା ପ୍ରଦାନ କରିବା ଠିକାଦାର ସଂସ୍ଥାର ଦାୟିତ୍ୱ। କାମ ଆରମ୍ଭ ପୂର୍ବରୁ ସେଫ୍ଟି ଟ୍ରେନିଂ ଦିଆଯିବା ସହ ବିପଦପୂର୍ଣ୍ଣ ଏରିଆରେ ସାଇନ୍ ବୋର୍ଡ ଓ ସେଫ୍ଟି ରୁଲ୍ ମାନିବା ନିୟମ ରହିଛି। ହେଲେ ସମ୍ପୃକ୍ତ ଠିକାଦାର ସଂସ୍ଥା କୌଣସି ନିରାପତ୍ତା ସୁରକ୍ଷା ନିମୟ ପାଳନ କରୁନଥିବା ଅଭିଯୋଗ ଉଠିଛି। ପ୍ରଚଣ୍ଡ ରୌଦ୍ରତାପରେ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଆଗାମୀ ୨ମାସରେ ବ୍ରିଜ୍ ନିର୍ମାଣ ଶେଷ କରିବାକୁ ଟାର୍ଗେଟ ଥିବା ବେଳେ ତରବରିଆ ଭାବେ ଗୁଣାତ୍ମକମାନ ପ୍ରତି ଦୃଷ୍ଟି ନଦେଇ ଠିକାଦାର ସଂସ୍ଥା କାର୍ଯ୍ୟ କରୁଛି।

- ୨୦୨୪ରେ ମେ' ମାସରେ ଯାଇଥିଲା ୩ ଜୀବନ
- ପ୍ରଚଣ୍ଡ ରୌଦ୍ରତାପରେ ବି ପାଳନ ହେଉନି ଶ୍ରମିକ ନିରାପତ୍ତା ଆଇନ
- ଠିକା ସଂସ୍ଥା ୨ ମାସରେ କାମ ସାରିବାକୁ ତରବର

ଏଠାରେ ସୂଚନାଯୋଗ୍ୟ, ନେତାଜୀ ବସ୍ ଟର୍ମିନାଲ୍‌ଠାରୁ ୫୦୦ମିଟିର ଆଗରେ କାଠଯୋଡି ନଦୀରେ ବ୍ରିଜ୍ ନିର୍ମାଣ ହେଉଥିଲା। ପୂର୍ବରୁ ସ୍ଲାବ୍ ଗୁଡ଼ିକ ବସ୍ ଟର୍ମିନାଲ୍ ସାମ୍ନାରେ ଥିବା ଫାଙ୍କାସ୍ଥାନରେ ନିର୍ମାଣ କରାଯାଇ, ତାହାକୁ କ୍ରେନ୍ ସାହାଯ୍ୟରେ ନିଆଯାଇ ପିଲାର୍ ଉପରେ ରଖାଯାଇ ଢ଼ଳେଇ ପଡୁଥିଲା। ତେବେ ଗୋଟିଏ ସ୍ଲାବ୍‌କୁ କ୍ରେନ୍ ମାଧ୍ୟମରେ ପିଲାର୍ ଉପରକୁ ଟେକାଯାଉଥିବା ବେଳେ ହଠାତ୍ କ୍ରେନ୍‌ଟି ଭାଙ୍ଗି ପଡ଼ିଥିଲା। ତଳେ କାର୍ଯ୍ୟରତ ୩ ଶ୍ରମିକ ଓ ଜଣେ ସାଇଟ୍ ଇଞ୍ଜିନିୟର ଚାପି ହୋଇ ରହିଯାଇଥିଲେ। ତେବେ ଘଟଣାସ୍ଥଳରେ ହିଁ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଏତେ ବଡ଼ ଦୁର୍ଘଟଣା ପରେ ମଧ୍ୟ ଠିକାଦାର ସଂସ୍ଥା ଶ୍ରମିକଙ୍କ ନିରାପତ୍ତା ଓ ସୁରକ୍ଷାକୁ ଦୃଷ୍ଟି ନଦେଇ ନିର୍ମାଣ କାର୍ଯ୍ୟ ଚଳାଇଛି। ଏହା ଉପରେ ଜିଲ୍ଲା ପ୍ରଶାସନ, ଶ୍ରମ ବିଭାଗ, ସିଏମ୍‌ସି, ସିଡିଏ କର୍ତ୍ତୃପକ୍ଷ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ଗଞ୍ଜେଇ ବେପାରୀ ଗିରଫ

**କଟକ, ୨୦।୪(ସମିସ):** ଗଞ୍ଜେଇ ବିକ୍ରି ଅଭିଯୋଗରେ ବିଡାନାସୀ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ବିଡାନାସୀ ନୂଆସାହିର ରାଜକୁମାର ଦାସ। ମହାନଦୀର ଭୁଆଶୁଣି ପଠା ପାଖରେ ଅଭିଯୁକ୍ତ ରାଜକୁମାର ଏକ ବ୍ୟାଗରେ କିଛି ନିଶାଦ୍ରବ୍ୟ ଧରି ଗ୍ରାହକ ଅପେକ୍ଷାରେ ଛିଡା ହୋଇଥିଲା। ଏହି ସୂଚନା ପାଇ ବିଡାନାସୀ ଥାନା ପୁଲିସ ଚଢଉ କରି ତାକୁ ଧରି ଯାଞ୍ଚ କଲା ପରେ ଏକ ବ୍ୟାଗରୁ ୧କିଲୋ ୨୫୦ ଗ୍ରାମର ଗଞ୍ଜେଇ ଜବତ ହୋଇଥିଲା। ଯାହାର ମୂଲ୍ୟ ପ୍ରାୟ ୧୩ ହଜାର ଟଙ୍କା ହେବ। ପୁଲିସ ଏନେଇ ଏକ ଏନଡିପିଏସ ମାମଲା ରୁଜୁ କରି ଅଭିଯୁକ୍ତ ରାଜକୁମାରକୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଅସିତ ବଳବନ୍ତରାୟ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ଜଣେ ଗୁରୁତର

**କଟକ, ୨୦।୪(ସମିସ):** କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ଶୈଳବାଳା ମହିଳା ମହାବିଦ୍ୟାଳୟ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଜଣକ ହେଉଛନ୍ତି ମଙ୍ଗଳାବାଗ ବଣିଆସାହି ଅଞ୍ଚଳର ସୁବ୍ରତ କୁମାର ସାହୁ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଚାଳକଙ୍କୁ ଉଦ୍ଧାର କରି ବଡ଼ ଡାକ୍ତରଖାନା ପଠାଇଥିଲା। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ରାତିପ୍ରାୟ ଗୋଟାଏ ସମୟରେ ଦୁଇଜଣ ବ୍ୟକ୍ତି ଶୈଳବାଳା ମହିଳା ମହାବିଦ୍ୟାଳୟ ରାସ୍ତାଦେଇ ଘରକୁ ଫେରୁଥିବା ବେଳେ ବ୍ୟକ୍ତିଜଣକ ବାଇକ ସହ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖି ତୁରନ୍ତ ପୁଲିସକୁ ଜଣାଇଥିଲେ। କୌଣସି ଏକ ଗାଡି ତାଙ୍କୁ ଧକ୍କାଦେଇ ପଳାଇଯାଇଥିବା ପୁଲିସ ସନ୍ଦେହ କରୁଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଠାବ କରିବା ପାଇଁ ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରାଯାଉଥିବା ଥାନା ଅଧିକାରୀ ମୋତିଲାଲ ମାରାଣ୍ଡି କହିଛନ୍ତି।

## କଟକ ମାରୱାଡ଼ି ସମାଜ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




**କଟକ, ୨୦।୪(ସମିସ):** ମାନବ ସେବାକୁ ସର୍ବୋପରି ରଖି କଟକ ମାରୱାଡ଼ି ସମାଜ ଓ ୱେଲ୍ ବିଙ୍ଗ ଦଳର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ମାରୱାଡ଼ି କ୍ଲବଠାରେ ଏକ ବିଶାଳ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ବିଶିଷ୍ଟ ଭେଷଜ ବିଶେଷଜ୍ଞ ଡକ୍ଟର ଜୟନ୍ତ କୁମାର ପଣ୍ଡା ଓ ଡକ୍ଟର ସଞ୍ଜୟ କୁମାର ରାମଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ କଟକର ପ୍ରାୟ ୩୫୦ରୁ ଅଧିକ ନିବାସୀ ସ୍ୱାସ୍ଥ୍ୟ ପରୀକ୍ଷା ଓ ବିଭିନ୍ନ ପ୍ୟାଥୋଲୋଜିକାଲ୍ ଟେଷ୍ଟର ସୁବିଧା ନିଃଶୁଳ୍କ ଭାବେ ପାଇଛନ୍ତି। ସମାଜର ଚେୟାରମ୍ୟାନ ଗଣେଶ ପ୍ରସାଦ କଣ୍ଡୋଇଙ୍କ ସମେତ ମୋହନଲାଲ ସିଙ୍ଘୀ, ଦେବକୀନନ୍ଦନ ଜୋଷୀ ଓ ଦୀନେଶ ଜୋଷୀଙ୍କ ଭଳି ବହୁ ବରିଷ୍ଠ ପଦାଧିକାରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଡାକ୍ତରୀ ଦଳ ଓ ସ୍ୱୟଂସେବୀମାନଙ୍କ ନିଷ୍ଠାପର ସେବା ପାଇଁ ସାଧାରଣରେ ବେଶ ପ୍ରଶଂସା କରାଯାଇଥିବା ବେଳେ, ଏକ ସୁସ୍ଥ ଓ ସଶକ୍ତ ସମାଜ ଗଠନ ପାଇଁ ମାରୱାଡ଼ି ସମାଜ ସର୍ବଦା ପ୍ରତିବଦ୍ଧ ବୋଲି କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଛନ୍ତି।

## ଅକ୍ଷୟ ତୃତୀୟାରେ ଜଳଛତ୍ର ଉଦ୍‌ଘାଟିତ

**କଟକ, ୨୦।୪(ସମିସ):** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବ୍ୟବସାୟ ଓ ସମାଜସେବାକୁ ଏକତ୍ର କରି ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି ଯୁବ ବ୍ୟବସାୟୀ ବିଶ୍ୱଜିତ ପାଣି। ଏହି ଶୁଭ ଦିନରେ ସେ ତାଙ୍କର ନୂତନ 'ଇଣ୍ଟିରିୟର ଅଫିସ୍' ଉଦ୍‌ଘାଟନ କରିବା ସହିତ ଜନସାଧାରଣଙ୍କ ସେବା ପାଇଁ ଏକ ଜଳଛତ୍ରର ଆୟୋଜନ କରିଥିଲେ। ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ତ୍ରିଶୁଳିଆ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ବିଶ୍ୱଜିତଙ୍କ ପକ୍ଷରୁ ପାନୀୟ ଜଳ ଓ ଶୀତଳ ଦହି ପାଣି ବଣ୍ଟନ କରାଯାଇଥିଲା। ତ୍ରିଶୂଳିଆ ଦେଇ ଯାଉଥିବା ଶତାଧିକ ଯାତ୍ରୀ ଏବଂ ସ୍ଥାନୀୟ ଲୋକେ ଏହି ଜଳଛତ୍ରରୁ ଦହି ପାଣି ପିଇ ତୃଷ୍ଣା ମେଣ୍ଟାଇବା ସହ ଏଭଳି ସେବା ପାଇଁ ଖୁସି ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବାସିନ୍ଦା ଓ ଯୁବ ସମାଜସେବୀ ପରେଶ କୁମାର ମୂଳିଆ ଯୋଗଦେଇ ବିଶ୍ୱଜିତଙ୍କ ଏହି ମହତ କାର୍ଯ୍ୟକୁ ଭୂରିଭୂରି ପ୍ରଶଂସା କରିଥିଲେ। ଏହି ଅବସରରେ ବିଶ୍ୱଜିତ କହିଛନ୍ତି ଯେ ବ୍ୟବସାୟିକ ସଫଳତା ସହିତ ସମାଜର ମଙ୍ଗଳ ପାଇଁ କାର୍ଯ୍ୟ କରିବା ତାଙ୍କର ମୂଳ ଲକ୍ଷ୍ୟ ଏବଂ ଆଗାମୀ ଦିନରେ ମଧ୍ୟ ସେ ଏହିପରି ସମାଜହିତକାରୀ କାର୍ଯ୍ୟ ଜାରି ରଖିବେ।




## ବାଦାମବାଡ଼ି ନ୍ୟୁ କଲୋନୀ ଆଲୁମନି ସଂଘ ପକ୍ଷରୁ ଶୋକସଭା



**କଟକ, ୨୦।୪(ସମିସ):** ବାଦାମବାଡି ନ୍ୟୁ କଲୋନୀ ହାଇସ୍କୁଲ ୧୯୮୩ ବ୍ୟାଚର ପୁରାତନ ଛାତ୍ର ସ୍ୱର୍ଗତ ଦୀପ୍ତିରଞ୍ଜନ ନାୟକଙ୍କ ଅକାଳ ବିୟୋଗରେ ଆଜି ପୁରାତନ ଛାତ୍ର ସଂସଦ ତରଫରୁ ସ୍କୁଲ ପ୍ରାଙ୍ଗଣରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସ୍କୁଲର ଅନେକ ପୁରାତନ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ସଭା ଆରମ୍ଭରୁ ସ୍ୱର୍ଗତ ଦିପ୍ତୀ ରଞ୍ଜନଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ପୁରାତନ ଛାତ୍ର ସଂସଦର ସଭାପତି ପ୍ରଭାତ କୁମାର ପଣ୍ଡା ଅଧ୍ୟକ୍ଷତା କରିବା ସହିତ ସ୍ୱର୍ଗତ ଦୀପ୍ତି ରଞ୍ଜନଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ପରେ ଗୀତୁ ପଟ୍ଟନାୟକ, ଗୀତାରାଣୀ ପରିଡ଼ା, ରଞ୍ଜନ ସାହୁ ଓ ଅରୁଣ ଦାଶ ସ୍ୱର୍ଗତ ଦୀପ୍ତି ରଞ୍ଜନଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିଜର ବକ୍ତବ୍ୟ ପ୍ରଦାନ କରିବା ସହିତ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ। ସ୍କୁଲର ପୁରାତନ ଛାତ୍ର ପ୍ରକାଶ ଚନ୍ଦ୍ର ପଣ୍ଡା, ତାପସ ବେହେରା, ବିଶ୍ୱ ପ୍ରକାଶ ଦାଶ ପ୍ରମୁଖ ସଭାଟିକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଲକ୍ଷ୍ମୀ ନାରାୟଣ ମିଶ୍ର, ସଂଗ୍ରାମ ଦାସ, ସୌମେନ୍ଦୁ ପାଣି, ସୌମେନ୍ଦ୍ର ପଲାଇ, ଦିଲ୍ଲୀପ ପରିଡ଼ା, ସୁଚେତା ମହାନ୍ତି, ପାର୍ଥ ସାରଥୀ ଦାସ, ମାନସ ମହାନ୍ତି ଓ ରୋହିତ ଛାଟୋଇ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଅଶୋକ ରଥ ଧନ୍ୟବାଦ ଦେଇଥିଲେ।

## ମଦ ବେପାରୀ ଗିରଫ

**କଟକ, ୨୦।୪(ସମିସ):** ଚୋରା ମଦ କାରବାର କରୁଥିବା ଜଣେ ଯୁବକକୁ ଲାଲବାଗ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ହେଉଛି ସତୀଚୌରା ଅଞ୍ଚଳର ବିକ୍ରମ ନାୟକ(୩୧)। ସେ ଦୀର୍ଘ ଦିନ ହେବ ସତୀଚୌରା ଓ ଆଖପାଖ ବସ୍ତିରେ ଲୁଚାଛପାରେ ମଦ ବିକ୍ରି କରୁଥିଲା। ଏନେଇ ଖବର ମିଳିବା ପରେ ପୁଲିସ ଟିମ ସତୀଚୌରା ଛକ ନିକଟ ବସ୍ତିରେ ଚଢଉ କରି ତାକୁ ଗିରଫ କରିଥିଲା। ଯାଞ୍ଚ ସମୟରେ ତା' ନିକଟରୁ ୨୦ ଲିଟର ମଦ ଜବତ ହୋଇଛି। ଗିରଫ ପରେ ତାକୁ କୋର୍ଟ ଚାଲାଣ କରାଯାଇଛି।

## ଖଣିଜ ଦ୍ରବ୍ୟ ଉତ୍ତୋଳନ ନହେବା ମାମଲାରେ ଡିମାଣ୍ଡ ନୋଟିସକୁ ଚାଲେଞ୍ଜ ପ୍ରସଙ୍ଗ

# ହସ୍ତକ୍ଷେପ ପାଇଁ ମନା କଲେ ହାଇକୋର୍ଟ

**କଟକ,୨୦।୪(ସମିସ):** ନିୟମ ଅନୁସାରେ ଖଣି ଲିଜଧାରୀମାନେ ଯେତିକି ପରିମାଣର ଖଣିଜଦ୍ରବ୍ୟ ଉତ୍ତୋଳନ ଓ ପ୍ରେରଣ କରିବା କଥା ତାହା କରୁ ନଥିବାରୁ ରାଜ୍ୟ ସରକାରଙ୍କ ତରଫରୁ ଏମସିଆର, ୨୦୧୬ର ନିୟମ ୧୨(କ) ଅନୁସାରେ ଲିଜଧାରୀଙ୍କୁ ଜାରି ଡିମାଣ୍ଡ ନୋଟିସକୁ ଚାଲେଞ୍ଜ କରି ରୁଜୁ ଆବେଦନରେ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ମନା କରିବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ କେତେକ ଖଣି ଲିଜଧାରୀଙ୍କ ତରଫରୁ ଦାୟର ଏ ସଂପର୍କିତ ମାମଲା ଗୁଡିକର ଏକତ୍ର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି। ଖଣିଜ ନିୟମାବଳୀ(ଏମସିଆର, ୨୦୧୬)ର ନିୟମ ୧୨(କ)ର ବୈଧତା ଓ ରାଜ୍ୟ ଖଣି ବିଭାଗ ତରଫରୁ କେତେକ ଖଣି ଲିଜଧାରୀଙ୍କୁ ଡିମାଣ୍ଡ ନୋଟିସ ଜାରି ହୋଇଥିଲା। ହାଇକୋର୍ଟଙ୍କ ରାୟ ପରେ ଖଣି ବିଭାଗ ତରଫରୁ ଜାରି ଡିମାଣ୍ଡ ନୋଟିସ ଅନୁସାରେ ଲିଜଧାରୀମାନେ ଅର୍ଥ ପଇଠ କରିବାକୁ ବାଧ୍ୟ ହେବେ ବୋଲି ଜଣାପଡିଛି। ମାମଲାରୁ ପ୍ରକାଶ ଯେ ନିୟମ ଅନୁସାରେ ଖଣିଜଦ୍ରବ୍ୟ ଉତ୍ତୋଳନ କରୁ ନ ଥିବାରୁ ରାଜ୍ୟ ସରକାରଙ୍କ ତରଫରୁ ଏମସିଆର, ୨୦୧୬ର ନିୟମ ୧୨(କ) ଅନୁସାରେ ଲିଜଧାରୀଙ୍କୁ ଡିମାଣ୍ଡ ନୋଟିସ ଜାରି କରାଯାଇଥିଲା। ଏପରି ନୋଟିସ ଉପରେ ଲିଜଧାରୀ ଦାଖଲ କରିଥିବା ଆପତ୍ତିକୁ ବିଚାରକୁ ନିଆଯାଇ ନଥିବା ଅଭିଯୋଗ ହୋଇଥିଲା। ନିୟମ ୧୨(କ)ର ସାମ୍ବିଧାନିକ ବୈଧତାକୁ ଚାଲେଞ୍ଜ କରି ତଥା ଡିମାଣ୍ଡ ନୋଟିସକୁ ବିରୋଧ କରି ଖଣିଲିଜଧାରୀଙ୍କ ତରଫରୁ ଏହି ସବୁ ମାମଲା ଦାୟର କରାଯାଇଥିଲା। ଖଣି ଉପନିର୍ଦ୍ଦେଶକ ଜାରି କରିଥିବା ଡିମାଣ୍ଡ ନୋଟିସ ଆଧାରରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ପୂର୍ବରୁ ଅନ୍ତରୀଣ ରୋକ ଲଗାଇଥିଲେ ହାଇକୋର୍ଟ। ସରକାରଙ୍କ ତରଫରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରିଥିବା ବେଳେ ଏଜିଏ ଦେବାଶିଷ ତ୍ରିପାଠୀ, ଶାଶ୍ୱତ ଦାସ, ଏଏସସି ଐଶ୍ୱର୍ଯ୍ୟା ଦାଶ ସହାୟତା କରୁଥିଲେ।

## ଶ୍ରୀକୁଞ୍ଜ ଆପାର୍ଟମେଣ୍ଟ ସୋସାଇଟିର ଶପଥ ଗ୍ରହଣ ଉତ୍ସବ

**କଟକ, ୨୦।୪(ସମିସ):** ଶ୍ରୀକୁଞ୍ଜ ଆପାର୍ଟମେଣ୍ଟ ସୋସାଇଟିର ନବନିର୍ବାଚିତ କର୍ମକର୍ତ୍ତାମାନଙ୍କର ଶପଥ ଗ୍ରହଣ ଉତ୍ସବ ଆପାର୍ଟମେଣ୍ଟ କମ୍ୟୁନିଟି ହଲରେ ଅନୁଷ୍ଠିତ ହୋଇଯାଇଛି। ସୋସାଇଟିର ସଭାପତି ଶ୍ରୀ କୁଞ୍ଜ ବିହାରୀ ବଡୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୪୫ ନମ୍ବର ୱାର୍ଡର କର୍ପୋରେଟର ଗୋପାଳ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସୋସାଇଟିର ଉପଦେଷ୍ଟା କାହ୍ନୁ ଚରଣ ମହାପାତ୍ର ମୁଖ୍ୟଅତିଥି ଶ୍ରୀ ବେହେରାଙ୍କୁ ସ୍ୱାଗତ କରିଥିଲେ ଏବଂ ସଭାପତି ଶ୍ରୀ ବଡୁ ତାଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହା ପରେ କର୍ପୋରେଟର ଗୋପାଳ ଚନ୍ଦ୍ର ବେହେରା ଉପସ୍ଥିତ ଥିବା ସମସ୍ତ ଉପଦେଷ୍ଟା, କର୍ମକର୍ତ୍ତା ଓ କାର୍ଯ୍ୟକାରୀ ସଦସ୍ୟମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଉପଦେଷ୍ଟା ଶ୍ରୀ ମହାପାତ୍ରଙ୍କ ପୌରୋହିତ୍ୟରେ ସମସ୍ତ ନବନିର୍ବାଚିତ କର୍ମକର୍ତ୍ତା ଓ ସଭ୍ୟମାନେ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ଶପଥ ଗ୍ରହଣ କରିଥିଲେ।



ସଭାପତି ଶ୍ରୀକୁଞ୍ଜ ବିହାରୀ ବଡୁ ଆପାର୍ଟମେଣ୍ଟରେ ରହୁଥିବା ସମସ୍ତ ଫ୍ଲାଟ୍ ମାଲିକ ଓ ଭଡ଼ାଟିଆ ପରିବାରବର୍ଗଙ୍କ ମଙ୍ଗଳ କାମନା କରିଥିଲେ। ଏହି ଉତ୍ସବରେ ଆପାର୍ଟମେଣ୍ଟର ସମସ୍ତ ପରିବାର ଯୋଗଦେଇଥିଲେ।

# ଚମକିଲାନି ଅକ୍ଷୟ ତୃତୀୟା ବ୍ୟବସାୟ

**କଟକ, ୨୦।୪(ସମିସ):** ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଲାଗିଥିବା ବେଳେ ଏହାକୁ ନେଇ ଏବେ ଅନ୍ତର୍ଜାତୀୟ ସୁନାଗହଣା ବଜାରରେ ଅସ୍ଥିରତା ଦେଖାଦେଇଛି। ବିଶେଷକରି ଦର ହ୍ରାସ ଓ ବୃଦ୍ଧି ଭଳି ସ୍ଥିତି ଦେଖିବାକୁ ମିଳିଛି। ଏହି କାରଣରୁ ବେପାର ପ୍ରଭାବିତ ହେବା ସ୍ୱାଭାବିକ ବୋଲି କୁହାଯାଉଛି। ଆଜି ପବିତ୍ର ଅକ୍ଷୟ ତୃତୀୟା ପାଳନ କରାଯାଇଥିବା ବେଳେ ଏହି ଦିନ ଘରକୁ ସୁନା ଅଳଙ୍କାର କିଣିଲେ ଶୁଭଙ୍କର ହୋଇଥାଏ ବୋଲି କୁହଯାଏ। ଗତ କିଛି ମାସ ଧରି ବେପାର ମାନ୍ଦାବସ୍ଥାରେ ଗତି କରୁଥିବା ବେଳେ ଅକ୍ଷୟ ତୃତୀୟା ପାଇଁ ସାମାନ୍ୟ ବେପାର ବୃଦ୍ଧି ଘଟିଛି। ଏପରିକି ବିବାହ ଋତୁ ଚାଲିଥିଲେ ବି ପୂର୍ବାପେକ୍ଷା ପ୍ରାୟ ୩୦ ପ୍ରତିଶତ ବ୍ୟବସାୟ ହ୍ରାସ ପାଇଛି। ଆଜି ଗ୍ରାହକଙ୍କ ଲାଗି ଆକର୍ଷଣୀୟ ଅଫର ଦେବାକୁ ପଡୁଛି। ଗଢା ମଜୁରୀରେ ରିହାତି, ଲଟେରି ଓ ଅନ୍ୟାନ୍ୟ ଉପହାର ଆକାରରେ ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ଯୋଜନା କରାଯାଇଥିଲା ବୋଲି ବ୍ୟବସାୟୀ କୁହନ୍ତି। ବ୍ୟବସାୟୀଙ୍କ କହିବାନୁଯାୟୀ ଗତ ୧ ତାରିଖ ଦିନ ଭିତରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୧ ଲକ୍ଷ ୪୩ ହଜାର ଟଙ୍କା ଥିବା ବେଳେ ୨୪ କ୍ୟାରେଟ ୧ଲକ୍ଷ ୫୬ ହଜାର ଟଙ୍କା ଥିଲା। ଗତ ବର୍ଷ ଅକ୍ଷୟ ତୃତୀୟାରେ ସୁନା ଦର ୧୦ ଗ୍ରାମ ପ୍ରତି ୭୫ ହଜାର ଟଙ୍କା ରହିଥିଲା। ଏକ ବର୍ଷ ମଧ୍ୟରେ ଏହି ଦର ଦୁଇଗୁଣା ବଢ଼ିଯାଇଛି। ଦର ବଢ଼ିବା ଫଳରେ ସାଧାରଣ ଲୋକ ଅଳଙ୍କାର କିଣିବାକୁ ପଛଘୁଞ୍ଚା ଦେଉଛନ୍ତି। କେବଳ ବିବାହ ସିଜିନ ପାଇଁ ଲୋକେ ଅଳଙ୍କାର ଯାହା କିଣୁଛନ୍ତି। କାରବାର ମାନ୍ଦା ଥିବାରୁ ସହରର ୫୦୦ ଦୋକାନ ଏଥିଲାଗି ତ ପ୍ରଭାବିତ ହୋଇଛନ୍ତି ତେବେ ଯେଉଁ କାରିଗରମାନଙ୍କୁ ଜୁଏଲାରୀ ଦୋକାନ ଗୁଡିକ ସାମଗ୍ରୀ ତିଆରି ପାଇଁ ଅର୍ଡର ଦେଇଥାନ୍ତି, ସେମାନେ ବି ଚିନ୍ତାରେ ପଡ଼ିଛନ୍ତି। ସହରରେ ପ୍ରାୟ ୧୭ ହଜାରରୁ ଅଧିକ ବଣିଆ କାରିଗର ମାନେ ବିଭିନ୍ନ ସ୍ଥାନରେ ରହି ସୁନାଗହଣା ତିଆରି କରିଥାନ୍ତି। ଜୁଏଲାରୀ ମାଲିକଙ୍କ କହିବାନୁଯାୟୀ ଲୋକେ ଅତି ଆବଶ୍ୟକ ନ ଥିଲେ ସୁନାଗହଣା କ୍ରୟ କରିବେ ନାହିଁ। ମାନସିଂହପାଟଣା, ବଣିଆସାହି, ମହମ୍ମଦିଆବଜାର, ବିଡାନାସୀ, ବିଦ୍ୟାଧରପୁର, ଶେଖବଜାର ଆଦି ବହୁ ସ୍ଥାନରେ ବଣିଆ ସମାଜ ସୁନା ରୂପା ଅଳଙ୍କାର କାରିଗରୀରେ ବେଶ ନିପୁଣ। ଅଧିକାଂଶ ପ୍ରତିଷ୍ଠାନ କଟକ ସହରର କାରିଗରଙ୍କୁ ସୁନାଗହଣା ଅଳଙ୍କାର ଲାଗି ଅର୍ଡର ଦେଇଥାନ୍ତି। ଏବେ ଜୁଏଲାରୀ ଦୋକାନରେ ଆଶାଜନକ ବେପାର ନ ଥିବାରୁ ସେମାନେ ବି ଅର୍ଡର ୪୦ ପ୍ରତିଶତ ପାଖାପାଖି କମାଇ ଦେଇଛନ୍ତି।



**ସୁନା-ରୁପା ଅସ୍ଥିର ଦର ପାଇଁ ଆଶଙ୍କାରେ ଗ୍ରାହକ ଓ ବ୍ୟବସାୟୀ**

## ପ୍ରଭାତଙ୍କ ବିରୋଧରେ ବିଜେଡିର ସଙ୍ଗୀନ ଅଭିଯୋଗ

# ଚିଟ୍‌ଫଣ୍ଡ କଳଙ୍କ ଧୋଇବାକୁ 'ଧଳା ପୋଷାକ' ରାଜନୀତି

କଟକ, ୨୦।୪(ସମିସ)

ବିଜୁ ଜନତା ଦଳରୁ ବହିଷ୍କୃତ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ନେଇ କଟକ ରାଜନୀତି ଏବେ ସରଗରମ। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହ, ପ୍ରଭାତଙ୍କ ବିରୋଧରେ ବିସ୍ଫୋରକ ଅଭିଯୋଗ ଆଣିବା ସହ ତାଙ୍କର 'ବାହାସ୍ଫୋଟ'କୁ ଶାଣିତ ଆକ୍ରମଣ କରିଛନ୍ତି। ରାଜ୍ୟସଭା ନିର୍ବାଚନରେ ନିଜ ବିଧାୟକ ପୁଅର ଭୋଟ୍‌କୁ ଟଙ୍କାରେ ବିକ୍ରି କରିବା ପାଇଁ ପ୍ରଭାତ ଚେଷ୍ଟା କରୁଥିଲେ ବୋଲି ଶ୍ରୀ ସିଂହ ଅଭିଯୋଗ କରିଛନ୍ତି।

ଜିଲ୍ଲା ସଭାପତିଙ୍କ କହିବା ଅନୁଯାୟୀ, ରାଜ୍ୟସଭା ନିର୍ବାଚନ ସମୟରେ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଦେବା ପାଇଁ ଯେତେବେଳେ ଦଳର ବିଧାୟକମାନେ ପ୍ରଭାତଙ୍କ ବାସଭବନକୁ ଯାଇଥିଲେ, ସେତେବେଳେ ସେ ନିଜର ୧୬ କୋଟି ଟଙ୍କାର ଋଣ ସୁଝିବା ପାଇଁ ୮ କୋଟି ଟଙ୍କା ଦାବି କରିଥିଲେ। ଏହି ସମ୍ପର୍କରେ ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ ପୂର୍ବରୁ ସୂଚନା ଦେଇଥିଲେ ହେଁ, ପ୍ରଭାତ ଏହାର କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ମିଡିଆ ସମ୍ମୁଖରେ ମନଗଢ଼ା କାହାଣୀ ବଖାଣୁଛନ୍ତି। ନିଜ ପୁତ୍ରର ରାଜନୈତିକ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦଳ ସହ ବିଶ୍ୱାସଘାତକତା କରିଥିବା ପ୍ରଭାତଙ୍କୁ ଜନସାଧାରଣ କ୍ଷମା ଦେବେ ନାହିଁ ବୋଲି ସେ କହିଛନ୍ତି। ପ୍ରଭାତ ବିଶ୍ୱାଳଙ୍କୁ ଦଳୀୟ ଅଣଦେଖା ଅଭିଯୋଗକୁ ଖଣ୍ଡନ କରି ବିଜେଡି କହିଛି ଯେ, ନବୀନ ପଟ୍ଟନାୟକ ତାଙ୍କୁ ଓ ତାଙ୍କ ପୁଅକୁ ଦୁଇ ଦୁଇ ଥର ଟିକେଟ୍ ଦେବା ସହ ନିର୍ବାଚନ ଖର୍ଚ୍ଚ ମଧ୍ୟ ଦଳ ପକ୍ଷରୁ ଭରଣା କରାଯାଇଥିଲା। ଏପରିକି ତାଙ୍କ ପତ୍ନୀଙ୍କୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ଦିଆଯାଇଥିଲା। ମାତ୍ର ଚିଟଫଣ୍ଡ ଦୁର୍ନୀତିର କଳଙ୍କିତ ଇତିହାସ ଓ ଜେଲ୍ ଫେରନ୍ତା ଚେହେରାକୁ ଲୁଚାଇବା ପାଇଁ ସେ ଏବେ 'ଖଇରିଆ' ଡ୍ରେସ ଛାଡ଼ି 'ଧଳା' ପୋଷାକ ପିନ୍ଧିଛନ୍ତି। ଏହା ବିଜେପିର 'ୱାଶିଂ ମେସିନ' ଆଡ଼କୁ ଯିବାର ଏକ ସଂକେତ ବୋଲି ବିଜେଡି କଟାକ୍ଷ କରିଛି। ପ୍ରଭାତ ଯଦି ନିଜକୁ ଏତେ ଲୋକପ୍ରିୟ ନେତା ବୋଲି ଭାବୁଛନ୍ତି, ତେବେ ଦଳୀୟ ଟିକେଟରେ ଜିତିଥିବା ତାଙ୍କ ପୁଅ ସୌଭିକ ବିଶ୍ୱାଳ ତୁରନ୍ତ ବିଧାୟକ ପଦରୁ ଇସ୍ତଫା ଦେଇ ଯେକୌଣସି ଦଳୀୟ ଚିହ୍ନରେ ନିର୍ବାଚନ ଲଢ଼ନ୍ତୁ ବୋଲି ପ୍ରଫୁଲ୍ଲ ସିଂହ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଚୌଦ୍ୱାର-କଟକବାସୀ ଏହି ବିଶ୍ୱାସଘାତକତାର ଉଚିତ ଜବାବ ଦେବେ ବୋଲି ସେ ଚେତାବନୀ ଦେଇଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ ଏବଂ ଜିଲ୍ଲା ସାଧାରଣ ସମ୍ପାଦକ ତାପସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

- 'ପୁଅର ଭୋଟ୍‌କୁ ୮ କୋଟିରେ ବିକ୍ରି ପାଇଁ କରିଥିଲେ ଦାବି'
- ଦମ୍ ଅଛି ଯଦି ସୌଭିକ ବିଧାୟକ ପଦରୁ ଇସ୍ତଫା ଦେଇ ନିର୍ବାଚନ ଲଢ଼ନ୍ତୁ: ପ୍ରଫୁଲ୍ଲ ସିଂହ



## ଯାଜପୁରରେ ଜିଲ୍ଲାସ୍ତରୀୟ କୃଷକ ଦିବସ

# ଅକ୍ଷିମୁଠି ଅନୁକୂଳ ସହ ଚାଷ କାର୍ଯ୍ୟର ଶୁଭାରମ୍ଭ



**ଯାଜପୁର, ୨୦।୪(ସମିସ)**

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ କୃଷକ ଦିବସ ଆୟୋଜିତ ହୋଇଛି। ଯାଜପୁର ବ୍ଲକର ମହେଶ୍ୱରପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜୟପୁର ଗ୍ରାମରେ କୃଷକ ଦିବସ ଏବଂ ଅକ୍ଷିମୁଠି କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର ଯୋଗ ଦେଇ ଭୂମି ପୂଜନ କରିଥିଲେ। ଏହାପରେ ଜିଲ୍ଲାପାଳ ଚାଷ ଜମିରେ ଅକ୍ଷିମୁଠି ବିହନ ବୁଣିଥିଲେ। ଏହାସହ ପାରମ୍ପରିକ ପଦ୍ଧତିରେ ବଳଦ ଲଙ୍ଗଳ ସାହାଯ୍ୟରେ ହଳ କରାଯାଇଥିଲା। ସଭାରେ ଯୋଗ ଦେଇ ଜିଲ୍ଲାପାଳ କହିଥିଲେ ଯେ ଚାଷୀ ଓ ଚାଷ ହିଁ ଆମ ସମାଜର ମୂଳଦୁଆ ଏବଂ ଆଜି ତାହାର ଶୁଭାରମ୍ଭ ହୋଇଛି। ଜଳବାୟୁ ପରିବର୍ତ୍ତନ ସହ ଚାଷ ପ୍ରଣାଳୀରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ତଥାପି ଅକ୍ଷୟ ତୃତୀୟାରେ ମାଟି ମାଆର ପୂଜାର୍ଚ୍ଚନା କରି ଅକ୍ଷିମୁଠି ଅନୁକୂଳ କରି ଚାଷ କାମ ଆରମ୍ଭ ହୁଏ। ଏହା ଓଡ଼ିଆ ଜାତିର ଏକ ପ୍ରଧାନ ପର୍ବ ଏବଂ ପରମ୍ପରା ବୋଲି ଜିଲ୍ଲାପାଳ କହିଥିଲେ। କୃଷକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ରାଜ୍ୟର କୃଷକ ହିତାଧିକାରୀମାନଙ୍କୁ ସିଏମ୍ କିଷାନ୍ ଯୋଜନା ଅନ୍ତର୍ଗତ ଖରିଫ ୨୦୨୬ ନିମନ୍ତେ ଆର୍ଥିକ ସହାୟତା ରାଶି ବଣ୍ଟନ କରିଥିଲେ। ସେହିକ୍ରମରେ ଆଜି ଯାଜପୁର ଜିଲ୍ଲାର ୧, ୯ ୯, ୨୧୪ ଜଣ ଚାଷୀ ସିଏମ କିଷାନ୍ ଯୋଜନାରେ ସହାୟତା ରାଶି ପାଇଛନ୍ତି। କୃଷକ ଦିବସ ସମାରୋହରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ, କୃଷି ଜିଲ୍ଲା ଅଧିକାରୀ ଭବାନୀ ଶଙ୍କର ମିଶ୍ର, ଜିଲ୍ଲା ମତ୍ସ୍ୟସମ୍ପଦ ଅଧିକାରୀ ରଞ୍ଜିତା ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ରାଧେଶ୍ୟାମ ବେହେରା, ଏଡିଏସସି ଋତୁପର୍ଣ୍ଣା ଜେନା ଏବଂ ମହେଶ୍ୱରପୁର ସରପଞ୍ଚ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଏବଂ ଅତିଥିମାନେ ବୃକ୍ଷରୋପଣ କରିବା ସହ ପତାକା ଦେଖାଇ କୃଷି ସଚେତନତା ରଥର ଉଦଘାଟନ କରିଥିଲେ। କୃଷି ଜିଲ୍ଲା ଅଧିକାରୀ ପୀୟୂଷ ପଲ୍ଲବ ପରିଡ଼ା ମଞ୍ଚ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ସହକାରୀ କୃଷି ଅଧିକାରୀ, ବ୍ଲକ କୃଷି ଅଧିକାରୀ, ସହକାରୀ ନିର୍ଦ୍ଦେଶକ, କର୍ମଚାରୀ ଏବଂ ୧୦୦ରୁ ଉର୍ଦ୍ଧ୍ୱ ଚାଷୀ ଭାଇଭଉଣୀମାନେ ଉପସ୍ଥିତ ଥିଲେ।



**ଧର୍ମଶାଳା:** ଧର୍ମଶାଳା ବ୍ଲକ ଚୋରାମୁଁହା ପଞ୍ଚାୟତ ନରସିଂହପୁର ଠାରେ ନବନିର୍ମାଣ କୃଷକ ସଂଗଠନ ଜିଲ୍ଲା ଶାଖା ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟ ଦିବସରେ ଅକ୍ଷିମୁଠି ଶୁଭାରମ୍ଭ ହୋଇଛି। ଜିଲ୍ଲା ସଂଯୋଜକ ତଥା କୃଷକ ନେତା ବସନ୍ତ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଅକ୍ଷିମୁଠି କାର୍ଯ୍ୟକ୍ରମରେ ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଲରେ ଅକ୍ଷିମୁଠି ବୁଣିବା ସହ ଚାଷୀମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ କରିବାକୁ ଦାବି କରିଥିଲେ। ସମାଜସେବୀ କାହ୍ନୁଚରଣ ଦାଶ, ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ଯୁବଛାତ୍ର ସଂଯୋଜକ ଏମ୍‌ଡି ମନୱର ଅଲି, ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ଭାରତ ଚନ୍ଦ୍ର ରାଉତ, ମନୋଜ ମହାନ୍ତି, କୃଷକ ନେତା ଲୋକନାଥ ପଲେଇ, ରମେଶ ଚନ୍ଦ୍ର ରାଉତ, ନରୋତମ ନାୟକ, ଭୀମସେନ ସାମଲ, କେଶବ ଚନ୍ଦ୍ର ସାମଲ, ସୁରେନ୍ଦ୍ର ରାଉତ, ପୁରୁଷୋତ୍ତମ ସାମଲ, ସାଗର ରାୟ ପ୍ରମୁଖ ଯୋଗଦେଇ ଅକ୍ଷିମୁଠି ବୁଣିଥିଲେ।

**ସୁକିନ୍ଦା:** ଅକ୍ଷିମୁଠି ଅନୁକୂଳ କରିଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ। ଆଜି ସୁକିନ୍ଦା ବ୍ଲକ ଅନ୍ତର୍ଗତ ଅତା ପଞ୍ଚାୟତର ରାଜଗୋଲା ଠାରେ ପାରମ୍ପରିକ ଭାବେ ପୂଜାର୍ଚ୍ଚନା ସହ ଧାନ ବୁଣି ଓ ହଳ କରି ଅକ୍ଷିମୁଠିର ଅନୁକୂଳ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧ୍ୟକ୍ଷ ଭାଗ୍ୟ ଲକ୍ଷ୍ମୀ ରାଉତ, ବ୍ଲକ ବିଜେଡି ସଭାପତି ବିବେକାନନ୍ଦ ବୋଷ, ସମିତିସଭ୍ୟା ସୋନାଲି ପରିଡ଼ା, ମୀନାରାଣୀ ବାରିକ, ରଞ୍ଜନ ସାହୁ, ଜୟନ୍ତ ରାଉତ, ଲକ୍ଷ୍ମୀଧର ବେହୁରା, ସୁକିନ୍ଦା ଗଡ଼ ସରପଞ୍ଚ ସ୍ୱାଧୀନ ଦାସଙ୍କ ସମେତ ଅନେକ ନେତୃ ସ୍ଥାନୀୟ ବ୍ୟକ୍ତି ଓ ଜନସାଧାରଣ ଯୋଗ ଦେଇଥିଲେ।



## ସିମିଳିଆରେ ବବିଙ୍କ ଅକ୍ଷିମୁଠି ଅନୁକୂଳ



**ଯାଜପୁର, ୨୦।୪(ସମିସ):** ପୁରା ଆକ୍ରମଣାତ୍ମକ ଭଙ୍ଗୀରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓରଫ ବବି। ଗତ କିଛି ଦିନ ଧରି ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଶାଣିତ ଆକ୍ରମଣ କରୁଛନ୍ତି। ଆଜି ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅକ୍ଷିମୁଠି ଅନୁକୂଳ କରିବାକୁ ଯାଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଚାଷୀ ଟୋକନ ନ ପାଇ ଧାନ ବିକ୍ରି କରି ପାରୁନି, ଯିଏ ବିକୁଛି ତା' ଧାନକୁ କାଟି ଦିଆଯାଇଛି। ଯାହାର ଜବାବ ଆଗାମୀ ଦିନରେ ଚାଷୀ ମାନେ ଦେବେ। ଆଗକୁ ପଞ୍ଚାୟତ ନିର୍ବାଚନ ଓ ପରେ ସାଧାରଣ ନିର୍ବାଚନ ଅଛି ସେତେବେଳେ ଚାଷୀ ସରକାରଙ୍କୁ ଜବାବ ଦେବାକୁ ପ୍ରସ୍ତୁତ ହୋଇଯାଅ କହି ଚେତେଇ ଦେଇଥିଲେ। ଯାଜପୁର ବ୍ଲକ ସିମିଳିଆ ଠାରେ ଆୟୋଜିତ ଏହି ଅକ୍ଷିମୁଠି ଅନୁକୂଳ କାର୍ଯକ୍ରମରେ ବବିଙ୍କ ଏଭଳି ମନ୍ତବ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ଆଜି ଅପରାହ୍ନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ଶତାଧିକ ଦଳୀୟ କର୍ମୀ ବବିଙ୍କୁ ପାଛୋଟି ନେଇଥିଲେ। ପାରମ୍ପରିକ ଧୋତି ଓ ପଞ୍ଜାବି ବେଶରେ ଥିବା ବବି ବିଲରେ ଅକ୍ଷିମୁଠି ବୁଣିବା ପରେ ଚାଷୀଙ୍କୁ ଏକଜୁଟ ହେବାକୁ ଆହ୍ୱାନ ଦେବା ସହିତ ଆଗାମୀ ଦିନରେ ଚାଷୀ ମାନେ ସେମାନଙ୍କ ସମସ୍ୟାର ଜବାବ ଦେବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଲୋକପ୍ରତିନିଧି ଓ ପଞ୍ଚାୟତ ସ୍ତରୀୟ ନେତା ମାନେ ଉପସ୍ଥିତ ଥିଲେ।

**ଧର୍ମଶାଳା:** ଧର୍ମଶାଳା ବ୍ଲକ ଅନ୍ତର୍ଗତ କଣ୍ଟିଗଡ଼ିଆ ପଞ୍ଚାୟତରେ ବିଜେପି ପକ୍ଷରୁ ଅକ୍ଷିମୁଠି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆରୁହା ଜୋନର ବିଜେପି ସଭାପତି ଜିତେନ୍ଦ୍ର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଯଥାବିଧି ପୂଜାର୍ଚ୍ଚନା କରି ବିଲରେ ଅକ୍ଷିମୁଠି ଅନୁକୁଳ କରିବା ସହିତ ହଳ କରିଥିଲେ। ଅନ୍ୟମାନଙ୍କ ଅତିଥି ମାନଙ୍କ ମଧ୍ୟରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷା ସୂଚିସ୍ମିତା ଦାସ, କଣ୍ଟିଗଡ଼ିଆ ପଞ୍ଚାୟତର ସରପଞ୍ଚ ପ୍ରଶାନ୍ତ ରାଉତ, ସମିତିସଭ୍ୟ ଅରୁପାନନ୍ଦ ଜେନା ପ୍ରମୁଖ ଯୋଗଦେଇ ଅକ୍ଷିମୁଠି ବୁଣିବାରେ ସହାୟତା କରିଥିଲେ।

**ବରୀ:** ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ବାଲିବିଲ ପଞ୍ଚାୟତ ସ୍ଥିତ ଗାନ୍ଧୀ ଛକ ନିକଟରେ ଅକ୍ଷିମୁଠି ଅନୁକୂଳ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବରୀ ବ୍ଲକ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ବ୍ଲକ ବିଜେଡି ସଭାପତି କେଦାର ସାମଲ, ଜିଲ୍ଲାପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ ସାମଲ, ଦିଲ୍ଲୀପ ମହାନ୍ତି, ପ୍ରସନ୍ନ ସାମଲ, ହରିହର ପଣ୍ଡାଙ୍କ ସମେତ ବରୀ ଅଞ୍ଚଳର ବହୁ ସଂଖ୍ୟକ ପୁରୁଷ, ମହିଳା ଓ ଯୁବ ଚାଷୀମାନେ ଉପସ୍ଥିତ ଥିଲେ। ସେହିପରି ବରୀ ବ୍ଲକ ଅନ୍ତର୍ଗତ ଗୋଳକୁଣ୍ଡ ପଞ୍ଚାୟତ ହରିପୁରଠାରେ ଯୁବ ଭାରତ କୃଷକ ସଂଘ ଆନୁକୂଲ୍ୟରେ ଅକ୍ଷୟ ତୃତୀୟା ପାଳନ ହୋଇଯାଇଛ। ବରୀ ବ୍ଲକ ଯୁବ ଭାରତ କୃଷକ ସଂଘ ସଭାପତି ବିଜୟ କିଶୋର ସାହାଣୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜିଲ୍ଲା ସଙ୍ଘ ଉପଦେଷ୍ଟା ନକୁଳ ଚରଣ ରାଉତ, ମୁଖ୍ୟବକ୍ତା ରାଜ୍ୟ କମିଟି ସଦସ୍ୟ ସୁପ୍ରଭା ଦାସ, ଜିଲ୍ଲା ସଭାପତି ରାଜ କିଶୋର ସାମଲ, ସମ୍ମାନିତ ଅତିଥି ଭାବେ ରସୁଲପୁର ବ୍ଲକ ସଭାପତି ବଟକୃଷ୍ଣ ସାହୁ, ଆଇନଜୀବ ବାବାଜି ଚରଣ ଜେନା, ମଧୁସୂଦନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ରବୀନ୍ଦ୍ର କୁମାର ଜେନା ଅକ୍ଷିମୁଠି ଅନୁକୂଳ କରିଥିଲେ।



**ଦଶରଥପୁର:** ଦଶରଥପୁର ବ୍ଲକରେ ଚଳିତ ବର୍ଷ ସରକାରୀ ଧାନ ବିହନ ଆସି ନ ଥିବାରୁ ସରକାରୀ ଭାବରେ ଅକ୍ଷିମୁଠି ଧାନ ବିହନ ଅନୁକୂଳ ହୋଇନଥିବାର ଚାଷୀଙ୍କ ପକ୍ଷରୁ ଜଣାଯାଇଛି। ଏନେଇ ବ୍ଲକ ଅଞ୍ଚଳର ଚାଷି ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ ମୋଟ ୩୫ଟି ପଞ୍ଚାୟତ ଥିବାବେଳେ ୧୩ ହଜାର ୫୬୦ହେକ୍ଟର ଜମିରେ ଧାନ ଚାଷ ହୋଇଥାଏ। ବ୍ଲକରେ ୧୫ଟି ପ୍ରାଥମିକ ସେବାସମବାୟ ସମିତି (ପ୍ୟାକ୍ସ) ଓ ୧୬ଟି ଘରୋଇ ଖୁଚୁରା ବିକ୍ରୟ କେନ୍ଦ୍ର (ସରକାରୀ ଅନୁମୋଦିତ) ଥିବାବେଳେ କୌଣସି ବିକ୍ରୟ କେନ୍ଦ୍ରକୁ ସରକାରୀ ଧାନ ବିହନ ଆସିନାହିଁ। ଯାହାଫଳରେ ପ୍ରତେକ ଚାଷୀ ନିଜର ଧାନ ବିଲରେ କେବଳ ପୂଜା ପାଠ କରିବା ସହ ଅକ୍ଷିମୁଠି ଅନୁକୂଳ କରିପାରିନଥିଲେ। ମାତ୍ର ଅଳ୍ପ କେତଜଣ ଚାଷୀ ରଖିଥିବା ଘରୋଇ ଧାନ ବିହନକୁ ବିଲରେ ହଳ କରି ବୁଣିବା ସହ ଅନୁକୂଳ କରିଥିବାର ଦେଖାଯାଇଛି। ଅନ୍ୟ ପକ୍ଷରେ ଗତ ୨ବର୍ଷ ହେବ ବ୍ଲକ କୃଷି ବିଭାଗ ପକ୍ଷରୁ ସରକାରୀ ଭାବରେ ବ୍ଲକ ସ୍ତରୀୟ ଅକ୍ଷି ମୁଠି ପାଳନ ଉତ୍ସବ ବନ୍ଦ ହେବାଯୋଗୁଁ ଚାଷି ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# ଶିଶୁ ମନ୍ଦିରରେ ବିଜେପିର ପ୍ରଶିକ୍ଷଣ ଶିବିରକୁ ନେଇ ବିବାଦ

**ବରୁଆଁ, ୨୦।୪(ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତ ଅଧୀନରେ ଥିବା କବିରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଜି ବିଜେପିର ଏକ ଦଳୀୟ ପ୍ରଶିକ୍ଷଣ ଶିବିର ଆୟୋଜନକୁ ନେଇ ବିବାଦ ଦେଖାଯାଇଛି। ବିଦ୍ୟାଳୟର ମୁଖ୍ୟ ଫାଟକରେ ଓ ବିଦ୍ୟାଳୟ ଭିତରେ ବିଜେପି ଦଳର ବିଭିନ୍ନ ପତାକା ମରାଯାଇଥିବା ବେଳେ ବିଦ୍ୟାଳୟରେ ଆଜି ପାଠ ସମ୍ପୂର୍ଣ୍ଣ ବନ୍ଦ ରହିଛି। କୌଣସି ଶିକ୍ଷାନୁଷ୍ଠାନରେ କୌଣସି ରାଜନୈତିକ କାର୍ଯ୍ୟକ୍ରମ ବାରଣ ଥିବା ବେଳେ ଏହି ଶିଶୁ ମନ୍ଦୀରରେ ଏଭଳି ଏକ ରାଜନୈତିକ କାର୍ଯ୍ୟକ୍ରମ କିଭଳି ଆୟୋଜନ କରାଗଲା ତାକୁ ନେଇ ଅଭିଭାବକ ମାନେ ପ୍ରଶ୍ନ ଉଠାଇଛନ୍ତି। ସୂଚନା ମୁତାବକ ଏଠାରେ ବରୁଆଁ ମଣ୍ଡଳ ଅଧୀନ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ ଆୟୋଜନ କରାଯାଇଥିବା ବେଳେ ଏଥିରେ ବିଜେପି ଜିଲ୍ଲା ସଭାପତି ଦେବଜାନି ପ୍ରଧାନ, ପୂର୍ବତନ ସଭାପତି ଗୌତମ ରାୟଙ୍କ ସମେତ ଅନେକ ଜିଲ୍ଲାସ୍ତରୀୟ ଭାରତୀୟ ଜନତା ପାର୍ଟିର ନେତା ମାନେ ଏଥିରେ ଯୋଗ ଦେଇଥିଲେ। କିଛି କର୍ମୀ ଏହି କାର୍ଯ୍ୟକ୍ରମ ଶିଶୁ ମନ୍ଦିରରେ ହୋଇପାରିବ ବୋଲି କହିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ମିଶ୍ରଙ୍କୁ ପଚାରିବାରେ ଏ ବିଷୟରେ ମୁଁ କହିପାରିବି ନାହିଁ। ପରିଚାଳନା କମିଟିର ସୁପାରିସରେ ଏହି କାର୍ଯ୍ୟକ୍ରମ ହୋଇଛି। ଏଭଳି ଏକ ରାଜନୈତିକ କାର୍ଯ୍ୟକ୍ରମ ଆୟୋଜନ ଫଳରେ ପ୍ରଥମେ ଏହା ସରକାରୀ ନିୟମର ଉଲ୍ଲଙ୍ଘନ ହୋଇଥିବା ବେଳେ ଛାତ୍ରଛାତ୍ରୀ ପାଠ ପଢ଼ାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।



# ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

**ଧର୍ମଶାଳା, ୨୦।୪(ସମିସ):** ଧର୍ମଶାଳା ଷ୍ଟାଡିଅମ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ। ମିଳିଥିବା ଅଭିଯୋଗ ଗୁଡ଼ିକୁ ଜିଲ୍ଲାପାଳଙ୍କ ପକ୍ଷରୁ ସମ୍ପୃକ୍ତ ବିଭାଗକୁ ସମାଦାନ ଲାଗି ହସ୍ତାନ୍ତର କରାଯାଇଥିଲା ଆଜିର ଏହି ଜନଶୁଣାଣୀରେ ମୋଟ ୬୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୫ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୩୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୩୪ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଉପ ଆରକ୍ଷୀ ଅଧିକ୍ଷକ, ଯାଜପୁର ରୋଡ୍ ଶରତ ଚନ୍ଦ୍ର ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ମିଶ୍ର, ଧର୍ମଶାଳା ବ୍ଲକ ବିଡିଓ ଜ୍ୟୋତିର୍ମୟ କର, ଧର୍ମଶାଳା ତହସିଲଦାର ସମୀର ରଞ୍ଜନ ଦାସ ସମେତ ଜିଲ୍ଲାସ୍ତରୀୟଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗର ଶୁଣାଣି କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଧର୍ମଶାଳା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



## ହରଚଣ୍ଡିଙ୍କ ନବ ନିର୍ମିତ ମନ୍ଦିର ପ୍ରବେଶ

**ସିଂହପୁର, ୨୦।୪(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ନାଉବାଙ୍କ ଗ୍ରାମ ସମେତ ଆଖ ପାଖ ଅଞ୍ଚଳର ଅଧିଷ୍ଠାତ୍ରୀ ବିଶ୍ୱଜନନୀ ମା' ହରଚଣ୍ଡିଙ୍କ ନବନିର୍ମିତ ମନ୍ଦିର ପ୍ରବେଶ ଓ ସିଂହାସନ ଆରୋହଣ ଉତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ତିନି ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଧୁମଧାମରେ ଚାଲିଥିଲା। ଉଦଯାପନୀ ତଥା ପୂର୍ଣ୍ଣାହୁତି ସନ୍ଧ୍ୟାରେ ସହସ୍ରାଧିକ ଶ୍ରଦ୍ଧାଳୁ ଉପସ୍ଥିତ ପୀଠ ଉତ୍ସବ ମୁଖର କରିଥିଲା। ହରିବୋଲ ଓ ହୁଳହୁଳି ଧ୍ୱନିରେ ମା'ଙ୍କ ପୀଠ ପ୍ରକମ୍ପିତ ହୋଇଥଲା। ଗ୍ରାମରେ ଧାର୍ମିକ ପରିବେଶ ସୃଷ୍ଟି ହୋଇଥଲା। ବିଶିଷ୍ଟ ପଣ୍ଡିତ ମାନେ ପୁଜା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ନାଉବାଙ୍କ ଗ୍ରାମର ମା' ହରଚଣ୍ଡି ଭକ୍ତ ମଣ୍ଡଳୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।



## ଜଗନ୍ନାଥ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

**ଯାଜପୁର, ୨୦।୪(ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଇଚ୍ଛାପୁର ଗ୍ରାମରେ ପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୧୮ ତାରିଖରୁ ଆରମ୍ଭ ହୋଇ ୨୧ ତାରିଖରେ ଶେଷ ହେବ। ଇଚ୍ଛାପୁର ଗ୍ରାମର ଶିଖର ସାହାଣୀ ଓ ତାଙ୍କ ସହଧର୍ମିଣୀ ସରସ୍ୱତୀ ସାହାଣୀ କର୍ତ୍ତାକର୍ତ୍ତୀ ହୋଇ ସଂକଳ୍ପ କରୁଥିବା ବେଳେ ମୁଖ୍ୟ ପୂଜକ ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ନେତୃତ୍ୱରେ ଶଶିକାନ୍ତ ପାଣି, ଚନ୍ଦ୍ରଶେଖର ଦାସ, ରାଜେନ୍ଦ୍ର ତ୍ରିପାଠୀ, ହରେଶ କୁମାର ସାଏନ୍ତ, ସନାତନ ପଣ୍ଡା ପ୍ରମୁଖ ପୂଜାକାର୍ଯ୍ୟ କରୁଛନ୍ତି। ଆସନ୍ତାକାଲି ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ ବୋଲି ମୁଖ୍ୟ ପୂଜକ କହିଛନ୍ତି।

# ଜମି ଅଧିଗ୍ରହଣ ପୂର୍ବରୁ ରାସ୍ତା ପ୍ରଶସ୍ତୀକରଣକୁ ନେଇ ଧାରଣା

**ବରୀ, ୨୦।୪(ସମିସ):** ବରୀ- କୁଅଖିଆ ରାସ୍ତାର ଚୂଡ଼ାକଳ ଛକରୁ ଚଟୁମାରୀ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟକୁ ନେଇ ସ୍ଥାନୀୟ ଜମି ମାଲିକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜମି ଅଧିଗ୍ରହଣ ପ୍ରକ୍ରିୟା ପୂର୍ବରୁ କୌଣସି ପୂର୍ବ ସୂଚନା ନଦେଇ କାମ ଆରମ୍ଭ କରାଯାଇଥିବା ଓ ପ୍ରଭାବିତ ଜମି ମାଲିକମାନଙ୍କୁ ଅବଗତ କରାଯାଇ ନଥିବା ଅଭିଯୋଗରେ ପ୍ରତିବାଦ ଜୋରଦାର ହୋଇଛି। ସୂଚନାଥାଉ କି ୨୦୦୪ ମସିହାରେ ଏହି ରାସ୍ତା ନିର୍ମାଣ ସମୟରେ ଜମି ହରାଇଥିବା ଜମିମାଲିକ ଏପର୍ଯ୍ୟନ୍ତ କ୍ଷତିପୂରଣ ପାଇନଥିବା ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସତ୍ୟରଞ୍ଜନ କରଙ୍କ ନେତୃତ୍ୱରେ କୁଳମଣି ଶୁକ୍ଳ, ସାବିତ୍ରୀ ଦାଶ, ସୀତାରାଣୀ ଦେଓ, ପ୍ରଶାନ୍ତ ପରିହାରୀ, ବିରଞ୍ଚି ନାରାୟଣ ସାହୁ, ଶଶିକାନ୍ତ ବେହେରା, ପ୍ରଭାତୀ ପରିଡ଼ା, ରୁକ୍ମଣୀ ମହାନ୍ତି, ଶରତ ସାହୁ, ସୁଦର୍ଶନ ସାହୁ, ବିଦ୍ୟାଧର ତ୍ରିପାଠୀ, ସନ୍ତୋଷ ପାଢ଼ୀ, ନିର୍ମଳ ମଲିକ, ଧରଣୀ ଧରମଲିକ, ଭାଗିରଥି ମଲିକ ଓ ନାରାୟଣ ମଲିକଙ୍କ ସମେତ ଅନେକ ଜମିମାଲିକ ବରୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣାରେ ବସିଥିଲେ। ପ୍ରତିବାଦକାରୀ ମାନେ ଜମି ଅଧିଗ୍ରହଣ ଆଇନ ଅନୁସାରେ ପୂର୍ବ ସୂଚନା, ଯଥାର୍ଥ ମୂଲ୍ୟାୟନ ଓ ଯଥୋଚିତ କ୍ଷତିପୂରଣ ପ୍ରଦାନପରେ ରାସ୍ତା ପ୍ରଶସ୍ତୀକରଣ କାମ ଆରମ୍ଭ କରିବାକୁ ଦାବି କରିଥିଲେ। ସେମାନେ ଜିଲ୍ଲା ପ୍ରଶାସନ, ପୂର୍ତ୍ତ ବିଭାଗ ଓ ବରୀ ତହସିଲ ପ୍ରଶାସନଙ୍କ କାର୍ଯ୍ୟ ଅବହେଳାକୁ କଡ଼ା ଭାବେ ନିନ୍ଦା କରି ତୁରନ୍ତ କାମ ବନ୍ଦ କରି ସଠିକ୍ ପ୍ରକ୍ରିୟା ଅନୁସରଣ ପାଇଁ ଦାବି ଉଠାଇଥିଲେ। ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସଚେତନ କରାଯାଇଥିଲା। ପରେ ପୂର୍ତ୍ତ ବିଭାଗର ଯନ୍ତ୍ରୀ ନାରାୟଣ ଟୁଡୁ ଧାରଣା ସ୍ଥଳରେ ପହଞ୍ଚି ଜମିମାଲିକମାନଙ୍କୁ କ୍ଷତିପୂରଣ ଦେଇନଥିବା ପର୍ଯ୍ୟନ୍ତ କାମ ବନ୍ଦ ରଖିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।




# ଗଚ୍ଛିତ ବାଲି ଉପରେ ନାଲି ପତାକା ଲଗାଇଲା ଖଣି ବିଭାଗ

**ପାଣିକୋଇଲି, ୨୦।୪(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ବୈତରଣୀ ନଦୀ ପଠାରେ ବାଲି ଗଚ୍ଛିତ ରଖାଯାଇ ହାଇୱାରେ ଲୋଡ କରି ବିକ୍ରି କରାଯାଉଥିଲା। କିଛି ମୁଷ୍ଟିମେୟ ବ୍ୟକ୍ତି ଏହି ବ୍ୟବସାୟ ଦୀର୍ଘ ଦିନ ଧରି ଚଳାଇ ଆସୁଥିବା ବେଳେ ଏନେଇ ଖଣି ବିଭାଗ ନିକଟରେ କିଛି ଗ୍ରାମବାସୀ ଅଭିଯୋଗ କରିଥିଲେ। ଆଜି ପାଣିକୋଇଲି ପୁଲିସ ସହାୟତାରେ ଖଣି ବିଭାଗ ଘଟଣାସ୍ଥଳେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଗଚ୍ଛିତ ବାଲି ଦେଖି ଖଣି ବିଭାଗ ଏହା ଉପରେ ନାଲିପତାକା ଲଗାଇଛି। ଫଳରେ ବାଲି ଗଚ୍ଛିତ କରିବା ଓ ସେଠାରୁ ବିକ୍ରି କରିବା ଉପରେ ରୋକ ଲଗାଯାଇଛି। ଖଣି ବିଭାଗ ସମସ୍ତ ଗଚ୍ଛିତ ବାଲିକୁ ସିଜ କରିବା ଘୋଷଣା କରିଛି ଓ ଏହି ବାଲିକୁ ନିଲାମ କରାଯିବ। ଜୁନିଅର ଖଣି ଅଧିକାରୀ ବିଶ୍ୱଜିତ ସ୍ୱାଇଁ ଓ ପାଣିକୋଇଲି ପୁଲିସ ଏହି ଚଢାଉରେ ସାମିଲ ହୋଇଥିଲେ।



**ଅକ୍ଷୟ ତୃତୀୟା**

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ରଥ ଅଖରେ ଲାଗିଲା ଚକ

ବାରିପଦା, ୨୦।୪(ସମିସ)



ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ମନ୍ଦିରରେ ରଥ ଅଖରେ ଚକ ଲାଗି ହୋଇଛି। ଶ୍ରୀଗୁଣ୍ଡିଚା ଯାତ୍ରା ନିମନ୍ତେ ସୋମବାର ସନ୍ଧ୍ୟାରେ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥର ଅଖରେ ଚକଲାଗି କାର୍ଯ୍ୟ ସମ୍ପନ୍ନ ହୋଇଛି। ଶଙ୍ଖ, ସଂକୀର୍ତ୍ତନ ଓ ହୁଳହୁଳିରେ ରଥଖଳାରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ବହୁ ସଂଖ୍ୟକ ଶ୍ରଦ୍ଧାଳୁ ପ୍ରଭୁଙ୍କ ଦର୍ଶନ କରି ଅପାର କୃପା ଲାଭ କରିଛନ୍ତି।

ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଅକ୍ଷୟ ତୃତୀୟା ହେଉଛି ଶୁଭ ତିଥି। ଏହି ଦିନ କୌଣସି କାର୍ଯ୍ୟ ଆରମ୍ଭ କଲେ ତାହା କ୍ଷୟ ନ ହୋଇ ଅକ୍ଷୁର୍ଣ୍ଣ ରହିଥାଏ। ଏହି ପବିତ୍ର ଦିନରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଘୋଷଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଅକ୍ଷୟ ତୃତୀୟା ତିଥିରେ ଅକ୍ଷି ପୂଜା ହେବା ପରେ ବିଶ୍ୱକର୍ମା ଓ ତାଙ୍କର ସହଯୋଗୀଗଣ ରଥ ନିର୍ମାଣରେ ପ୍ରବୃତ୍ତ ହୋଇଥା'ନ୍ତି। ଏ ଅବସରରେ ପାରମ୍ପରିକ ରୀତି ଅନୁଯାୟୀ ମନ୍ଦିରରେ ଠାକୁରମାନଙ୍କ ଦୈନନ୍ଦିନ ନୀତି ସମ୍ପନ୍ନ ହେବା ସହ ଅପରାହ୍ନରେ ଦହି ପଖାଳ ଭୋଗ ଲାଗି ହୋଇଥିଲା। ସନ୍ଧ୍ୟା ଆଳତୀ ପରେ ମନ୍ଦିର ପରିଚ୍ଛା ଦୁର୍ଗାଚରଣ ଜିତ୍‌ବାବୁ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ଗ୍ରହଣ କରିବା ପରେ ଚନ୍ଦନ ଓ ସୁବାସିତ ଜଳ ସିଞ୍ଚନ କରିଥିଲେ। ଏହାପରେ ମନ୍ଦିରର ସେବାୟତଙ୍କ ଦ୍ୱାରା ମହାପ୍ରଭୁ ମଦନମୋହନ ଓ ବାସୁଦେବ (ବିଶ୍ୱକର୍ମା) ସହ ମାପଦଣ୍ଡକୁ ପହଣ୍ଡି ବିଜେରେ ବାହାରିଥିଲେ। ପ୍ରଥମେ ମହାପ୍ରଭୁ ମଦନମୋହନ ମନ୍ଦିର ମେଘନାଦ ପାଚେରିରେ ଥିବା ଚାହାଣି ମଣ୍ଡପ ସିଂହାସନରେ ବସି ରଥ ଖଳାକୁ ଦେଖିବା ପରେ ଠାକୁର ବିଶ୍ୱକର୍ମା ସହ ମାପଦଣ୍ଡ ରଥଖଳା ବିଜେ କରିଥିଲେ। ମନ୍ଦିରର ମୁଖ୍ୟ ସେବାୟତ ଅରୁଣ କୁମାର ମିଶ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଅଖରେ ଚକ ଲାଗି କାର୍ଯ୍ୟ ପ୍ରଚଳିତ ରୀତିନୀତି ଓ ବିଧି ପରମ୍ପରା ଅନୁସାରେ ସମ୍ପାଦନ କରାଇବା ପରେ ମହାପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ଅଖରେ ଚକଲାଗି କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ପରେ ରଥ ଖଳାରୁ ଠାକୁର ଓ ମାପଦଣ୍ଡ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତିନି ଠାକୁରଙ୍କ ସେବାୟତ କଂସା ଥାଳିଆରେ ଚନ୍ଦନ ଓ ଗାମୁଛା ନେଇ ବେଢ଼ା ପରିକ୍ରମା କରିଥିଲେ। ତିନି ରଥ ନିମନ୍ତେ ପ୍ରସ୍ତୁତ ହୋଇଥିବା ଅଖକୁ ମନ୍ଦିରର ଦକ୍ଷିଣ ଦ୍ୱାର ଦେଇ ମନ୍ଦିର ଭିତରକୁ ନିଆଯାଇଥିଲା। ବଳଭଦ୍ରଙ୍କ ରଥ, ସୁଭଦ୍ରାଙ୍କ ରଥ ଓ ଜଗନ୍ନାଥଙ୍କ ରଥ ପାଇଁ ଆଜ୍ଞାମାଳା ଆଣି ପୂଜାର୍ଚ୍ଚନା କରିଥିଲେ। ଏହି ସମୟରେ ଜିଲ୍ଲା ପ୍ରଶାସନ ଓ ଦେବତ୍ତୋର ଅଧିକାରୀ ଉପସ୍ଥିତ ଥିଲେ।

**ଅକ୍ଷୟ ତୃତୀୟାରେ ମନ୍ଦିର ଚଳଚଞ୍ଚଳ**

## ରଥ ଚକରେ ଲାଗିଲା ଅଖ



**ମୋରଡ଼ା, ୨୦।୪(ସମିସ):** ପବିତ୍ର ଅକ୍ଷୟ ତୃତୀୟାରେ ମୋରଡ଼ା ବ୍ଲକର ବିଭିନ୍ନ ମନ୍ଦିର ଚଳଚଞ୍ଚଳ ହୋଇପଡ଼ିଥିଲା। ସକାଳୁ ସକାଳୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ତେବେ ମୋରଡା ନିର୍ବାଚନମଣ୍ଡଳୀର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ଚିତ୍ରଡାରେ ଥିବା ପ୍ରସିଦ୍ଧ ଧର୍ମକ୍ଷେତ୍ରରେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ଆଜି ଭୋରରୁ ଦ୍ୱାରଫିଟା ନୀତି, ମହାପ୍ରଭୁଙ୍କ ମଙ୍ଗଳ ଆରତୀ ସହିତ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଥିଲା। ପରମ୍ପରା ଅନୁଯାୟୀ, ଆଜିଠାରୁ ମହାପ୍ରଭୁଙ୍କ ଚନ୍ଦନ ସେବା ଆରମ୍ଭ କରାଯାଇଛି। ମନ୍ଦିର କଡ଼ରେ ଥିବା ୬୧ନଂ ରାଜ୍ୟ ରାଜପଥରେ ରଥ ଚକ ଓ ଅଖ ପୂଜା ହେବା ସହିତ ରଥର ଶୁଭ ଅନୁକୂଳ କରାଯାଇଛି। ରଥଯାତ୍ରା ଉପଲକ୍ଷେ ରଥ ଅଖରେ ଚକ ଲଗାଯାଇଛି। ଉକ୍ତ କାର୍ଯ୍ୟକ୍ରରେ ପୂଜାରୀଙ୍କ ଉପସ୍ଥିତିରେ ମନ୍ଦିର ସେବକ ଅଖ ସହିତ ଚକ ସଂଯୋଗ କରିଛନ୍ତି। ଛେରା ପହଁରା କରୁଥିବା ଜୟପ୍ରକାଶ ରାଉଳଙ୍କ ସହିତ ମନ୍ଦିର ସେବକ, ଦଇତାପତି, ମନ୍ଦିର କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ମୋରଡ଼ା ବ୍ଲକ୍‌ରେ ଜଳସେଚନ ବ୍ୟବସ୍ଥା ବିପର୍ଯ୍ୟସ୍ତ




**ମୋରଡା, ୨୦।୪(ସମିସ):** ଦିନ କେଇଟାରେ ଏପ୍ରିଲ୍ ମାସ ସରିଯିବ। ଏବେଠୁ ଆରମ୍ଭ ହୋଇଗଲାଣି ପ୍ରଚଣ୍ଡ ଖରା। ଜଳସେଚନ ବ୍ୟବସ୍ଥା ନ ଥିବାରୁ ଜମି ଫାଟି ଆଁ କରିଛି। କେନାଲ, ନାଳ ଶୁଖିଲା ପଡ଼ିଛି। ଆଜି ଅକ୍ଷୟ ତୃତୀୟାରେ ଟାଂଗରା ଶୁଖିଲା ମାଟିରେ ଚାଷୀ ଅକ୍ଷିମୁଠି ଅନୁକୂଳ ହଳ ଚଳାଇଛନ୍ତି। ବଡ଼ ବଡ଼ ଜଳସେଚନ ପ୍ରକଳ୍ପ ଦ୍ୱାରା ସବୁ ଜମି ବର୍ଷ ତମାମ ଜଳସେଚିତ ହେବ ବୋଲି ସରକାର ଘୋଷଣା କରିଥିଲେ ମଧ୍ୟ ଆଜି ବି ଚାଷୀ ନିଜ ଜମିକୁ ବର୍ଷର ସବୁ ସମୟରେ ଜଳସେଚନ ସୁବିଧା ପାଉନାହାନ୍ତି। ତେବେ ମୋରଡା ବ୍ଲକରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜ ଜଳସେଚନ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଆଦି ଥିଲେ ମଧ୍ୟ ଚାଷଜମି ବର୍ଷା ଜଳ ଉପରେ ନିର୍ଭର କରୁଛି। ଯେତେ ଚେଷ୍ଟା କଲେ ବି ସବୁ ଜମିରେ ଜଳସେଚନ ହୋଇପାରୁନାହିଁ। ନଦୀ କୂଳରେ ଥିବା ଚାଷଜମି ଛଡା ରବି ଋତୁରେ ପାଣି ମିଳୁନି। ଫଳରେ ବ୍ଲକ ଅଞ୍ଚଳର ଅଧିକାଂଶ ଜମି ପଡ଼ିଆ ପଡ଼ିଛି। ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଦ୍ୱାରା ସମସ୍ତ ଜମି କୁ ପାଣି ଯୋଗାଇବା ପାଇଁ କୋଟି କୋଟି ଟଙ୍କାର ଅର୍ଥ ଖର୍ଚ୍ଚ ହୋଇଥିଲେ ମଧ୍ୟ ଶୁଖିଲା ପଡ଼ିଥିବା ଜମି ଏହାର ଲାଭକ୍ଷତିର ହିସାବ ଦେଉଛି। ଜଳସେଚନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ମୋରଡା ବ୍ଲକର ଚାଷୀ ଅନୁରୋଧ କରିଛନ୍ତି।

## ପିଆରଏମ୍ ନୂତନ ଶିକ୍ଷାଦାନ ହସ୍ପିଟାଲରେ ଆନ୍ତଃବିଭାଗ ଚିକିତ୍ସା ଦାବି

**ବାରିପଦା, ୨୦।୪(ସମିସ):** ସ୍ଥାନୀୟ ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟ ଓ ହସ୍‌ପିଟାଲକୁ ରଙ୍ଗାମାଟିଆସ୍ଥ ନୂତନ ଶିକ୍ଷାଦାନ ହସ୍ପିଟାଲକୁ ସୁଗମ ସ୍ଥାନାନ୍ତର ଓ ସେଠାରେ କାର୍ଯ୍ୟକ୍ଷମତାକୁ ଦୃଷ୍ଟିରେ ରଖି ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ (ମାରିସା)ର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ସୋମବାର ଦୃଢ଼ ଦାବି କରାଯାଇଛି। ମୟୂରଭଞ୍ଜ ଜିଲ୍ଲାପାଳ, ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଉଦ୍ଦେଶ୍ୟରେ ମଧ୍ୟ ଏକ ଦାବିପତ୍ର ପ୍ରଦାନ କାରାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ୫୬ ପ୍ରତିଶତରୁ ଅଧିକ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରୁଥିବାବେଳେ ଏମାନଙ୍କ ମଧ୍ୟରୁ ୯୦ ପ୍ରତିଶତ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ଏମାନଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସରକାରୀ ଚିକିତ୍ସା ଉପରେ ପ୍ରାୟ ନିର୍ଭର କରନ୍ତି। ୨୦୧୭ରେ ବାରିପଦାସ୍ଥ ରଙ୍ଗାମାଟିଆଠାରେ ପଣ୍ଡିତ ରଘୁନାଥ ମୁର୍ମୁ ସରକାରୀ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲ, ୨୦୧୭ରେ ବାଲେଶ୍ୱରଠାରେ ଫକୀରମୋହନ ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲ, ୨୦୧୮ ରେ ବଲାଙ୍ଗୀରଠାରେ ଭୀମଭୋଇ ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲ ଓ ୨୦୨୨ରେ କେନ୍ଦୁଝରଠାରେ ଧରଣୀଧର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନିର୍ମାଣ କରାଯାଇଥିଲା। କିନ୍ତୁ ଏସବୁ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଆନ୍ତଃବିଭାଗ ଓ ବର୍ହିବିଭାଗ ଚିକିତ୍ସା ବ୍ୟବସ୍ଥା କାର୍ଯ୍ୟକ୍ଷମ କରାଯାଇଥିବାବେଳେ ବାରିପଦାସ୍ଥ ରଙ୍ଗାମାଟିଆ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ସମସ୍ତ ଆନୁସଙ୍ଗିକ ଭିତ୍ତିଭୂମି ଥିବା ସତ୍ତ୍ୱେ ଅନ୍ତଃବିଭାଗ ଓ ବର୍ହିବିଭାଗ ଚିକିତ୍ସା ବ୍ୟବସ୍ଥା କାର୍ଯ୍ୟକ୍ଷମ କରାଯାଇନାହିଁ। ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟଓ ଚିକିତ୍ସାଳୟକୁ ସ୍ଥାନାନ୍ତର ପାଇଁ ବାରମ୍ବାର ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ କାର୍ଯ୍ୟକ୍ଷମ କରାଯାଇନାହିଁ। ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ମଧ୍ୟ ବହୁ ଅବ୍ୟବସ୍ଥା ଯୋଗୁଁ ଲୋକେ ଠିକ୍ ଭାବେ ସ୍ୱାସ୍ଥ୍ୟ ସେବା ପାଇପାରୁ ନ ଥିବାବେଳେ ପ୍ରାୟ ରୋଗୀଙ୍କୁ କଟକ ପଠାଯାଉଛି।




ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଥିବାରୁ ସେମାନେ ଗୁଣିଗାରେଡି, ଝଡାଫୁଙ୍କା ଆଦି ଅନ୍ଧବିଶ୍ୱାସକୁ ଆପଣେଇ ନେବାକୁ ବାଧ ହେଉଛନ୍ତି। ଫଳରେ ପ୍ରତ୍ୟେକ ବର୍ଷ ଶହ ଶହ ଲୋକଙ୍କ ଜୀବନ ଯାଉଛି। ରଙ୍ଗାମାଟିଆସ୍ଥ ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲରେ ଜେନେରାଲ ମେଡିସିନ୍ ବିଭାଗ, ଚର୍ମ ଓ ଭିଡି ବିଭାଗ, ମାନସିକ ରୋଗ ବିଭାଗ, ଚକ୍ଷୁ, କାନ, ନାକ ବିଭାଗର ଆନ୍ତଃବିଭାଗ ଓ ବର୍ହିବିଭାଗ କାର୍ଯ୍ୟକ୍ଷମ କରିବା ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗ କାର୍ଯ୍ୟକ୍ଷମ ପାଇଁ ମାରିସା ପକ୍ଷରୁ ଦୃଢ ଦାବି କରାଯାଇଛି। ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପଦକ୍ଷେପକୁ ମାରିସା ଅପେକ୍ଷା କରିଛି। ନିରାଶ ହେଲେ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ସମେତ ସୁନ୍ଦର ମୋହନ କିସ୍କୁ, ଲାଲୁ ମୁର୍ମୁ, ବ୍ରଜଗୋପାଳ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ପଟିସାରୀରେ ଉଡ଼ା ଯାତ୍ରା

**କୁଆମରା, ୨୦।୪(ସମିସ):** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବଡ଼ସାହି ବ୍ଲକ ପଟିସାରୀରେ ମା' ବାସୁଳୀଙ୍କ ପୀଠରେ ଉଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ପାଗ ଅନୁକୂଳ ଥିବାରୁ ବହୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ୧୩ ଜଣ ଦାସୀ ଉଡ଼ିବାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଦାସୀ ଭାବେ ରଘୁନାଥ ବେହେରା, ସୁରେନ୍ଦ୍ର ବେହେରା, ନନ୍ଦ ଦେହୁରୀ, ବଜରଙ୍ଗୀ ଦେହୁରୀ, ଗୋପିନାଥ ଦେହୁରୀ ପ୍ରମୁଖ କାର୍ଯ୍ୟ ତୁଲାଇଥିଲେ। ଏହାର ତିନି ଦିନ ପୂର୍ବରୁ ପ୍ରତି ସନ୍ଧ୍ୟାରେ ପୃଥକ ଭାବେ ଭକ୍ତାଙ୍କ ଦ୍ୱାରା କଣ୍ଟାପାଟ, ଝୁଲାପାଟ ଓ ନିଆଁପାଟ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଆଜି ଭୋରରୁ ଗ୍ରାମ ପୋଖରୀରୁ ଏକ ଘଟ ଶୋଭାଯାତ୍ରା ଗ୍ରାମ ପରିକ୍ରମା ପରେ ମା' ବାସୁଳୀଙ୍କ ପୀଠରେ ପହଞ୍ଚି ଥିଲା। ପ୍ରଶାନ୍ତ ମାଝୀ, ପ୍ରଫୁଲ୍ଲ ପାତ୍ର, ସର୍ବେଶ୍ୱର ଦେହୁରୀ, ସୋମନାଥ ମାଝୀ, ଅଶୋକ ବେହେରା ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ।

## ଅକ୍ଷୟ ତୃତୀୟା ଓ ଚନ୍ଦନ ଯାତ୍ରା

କୁଆମରା, ୨୦।୪(ସମିସ): ଗୋପବନ୍ଧୁନଗର ବ୍ଲକ ଆରପଟା ପଞ୍ଚାୟତସ୍ଥ ଖିରିପଦା ହରିବଳଦେବଜୀଉ ମନ୍ଦିର ପରିସରରେ ରାଧାକୃଷ୍ଣଙ୍କ ଚନ୍ଦନ ଯାତ୍ରା ପାଳିତ ହୋଇଯାଇଛି। ମନ୍ଦିରରୁ ରାଧାକୃଷ୍ଣଙ୍କ ମେଢ ସହ ଏକ ବିରାଟ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଭକ୍ତମାନେ ଠାକୁରଙ୍କୁ ବନ୍ଦାପନା କରିବା ସହ ପୂଜାର୍ଚ୍ଚନା ଓ ଭୋଗ ଲାଗି କରିଥିଲେ। ଗ୍ରାମ ପରିକ୍ରମା ପରେ ଠାକୁର ମନ୍ଦିର ପରିସରରେ ଥିବା ପୋଖରୀରେ ନାବ ଖେଳିଥିଲେ। ସମସ୍ତ ରୀତିନୀତି ଅନୁଯାୟୀ ଠାକୁରଙ୍କ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏ ଅବସରରେ ପରମ୍ପରା ଅନୁଯାୟୀ ଜଗନ୍ନାଥ ମହାପ୍ରଭୁଙ୍କ ରଥ କାଠ ଓ ଚକ ଅକ୍ଷୟ ତୃତୀୟାରେ ଶୁଭାରମ୍ଭ ହୋଇଥିଲା। ମନ୍ଦିର ପୂଜକ ପ୍ରମୋଦ ମିଶ୍ରଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ କେଶବ ଚନ୍ଦ୍ର ଦାଶ ଓ ଦିବାକର ଦାସ ଚକରେ କାଠ ଲଗା କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

ସେହିପରି କୁଆମରାଠାରେ ମଧ୍ୟ ପାରମ୍ପରିକ ରଥ ଅଖ ଲଗା କାର୍ଯ୍ୟର ଶୁଭାରମ୍ଭ ହୋଇଛି। ରାଜେଶ ମିଶ୍ରଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ରଥଯାତ୍ରା କମିଟି ସଭାପତି ପ୍ରଶାନ୍ତ କୁମାର ପରିଡ଼ା, ସମ୍ପାଦକ କୁଳମଣି ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପୁରୁଣା ବାରିପଦାଠାରେ ରଥ କମିଟିର ତତ୍ତ୍ୱାବଧାନରେ ଚକ ଲଗା କାର୍ଯ୍ୟ ସମ୍ପନ୍ନ ହୋଇଛି। କର୍ତ୍ତା ଭାବେ ସୁରେନ୍ଦ୍ର ସାହୁ କାର୍ଯ୍ୟ ତୁଲାଇଥିଲେ। ରଶ୍ମିରଞ୍ଜନ ହୋତା ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଜୟପୁର, ସାଇଁକୁଳା, ସାନବେଲାକୁଟୀ ପ୍ରଭୃତି ଜଗନ୍ନାଥ ମନ୍ଦିରରେ ମଧ୍ୟ କାଠ ଲଗା କାର୍ଯ୍ୟର ଶୁଭାରମ୍ଭ ହୋଇଛି।

## ୧୭ ମାସ ପରେ ନିଖୋଜ ନାବାଳିକା ଉଦ୍ଧାର

**କୁଆମରା, ୨୦।୪(ସମିସ):** ୨୦୨୪ ଡିସେମ୍ବର ମାସରେ ଖୁଣ୍ଟା ଥାନା ଅଞ୍ଚଳର ଜଣେ ନାବାଳିକା ନିଖୋଜ ହୋଇଥିବାବେଳେ ଗତକାଲି ରାତିରେ ସ୍ଥାନୀୟ କୁଆମରା ଫାଣ୍ଡି ଅଞ୍ଚଳରୁ ପୁଲିସ ଉଦ୍ଧାର କରିଛି। ନିଖୋଜ ହୋଇଥିବା ୧୪ ବର୍ଷୀୟା ନାବାଳିକା ଜଣକ ଏକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ତେବେ ପରିବାରରେ ଅଶାନ୍ତି ଯୋଗୁଁ ରାଗରେ ସେ ତାମିଲନାଡୁ ପଳାଇ ଯାଇଥିଲେ ବୋଲି ମାଜିଷ୍ଟ୍ରେଟଙ୍କ ଆଗରେ ବୟାନ ରଖିଛନ୍ତି। ପରିବାରର ଅଭିଯୋଗକ୍ରମେ ପୁଲିସ ୩୮୭/୨୪ରେ ମାମଲା ରୁଜୁ କରିଥିଲା। ନାବାଳିକା ଜଣକୁ ଏବେ ୧୬ ବର୍ଷ ବୟସ ହୋଇଥିବା କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି କହିଛନ୍ତି। ଆଜି ନାବାଳିକାଙ୍କ ଡାକ୍ତରୀ ମାଇନା ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

## ଯୁଗଳ ପଞ୍ଚାୟତରେ ମିନି ଷ୍ଟାଡିୟମ ନିର୍ମାଣକୁ ନେଇ ବିବାଦ





**ବେତନଟୀ, ୨୦।୪(ସମିସ):** ବେତନଟୀ ବ୍ଲକ ଅଧୀନ ଯୁଗଳ ପଞ୍ଚାୟତରେ ଦୁଇଟି ମିନି ଷ୍ଟାଡିୟମ ନିର୍ମାଣକୁ ନେଇ ଚର୍ଚ୍ଚା ଓ ବିବାଦ ଜୋର ଧରିଛି। ଶାଳବଣି ଓ ଉଦିପୁରା ଗାଁରେ ୫ ଲକ୍ଷ ଟଙ୍କା କରି ମୋଟ ୧୦ ଲକ୍ଷ ଟଙ୍କା ବ୍ୟୟରେ ଦୁଇଟି ଖେଳ ପଡ଼ିଆ ଉନ୍ନତିକରଣ କରାଯାଇଛି। କିନ୍ତୁ ଦୁଇଟି ପଡ଼ିଆ ମଧ୍ୟରେ କେବଳ ପ୍ରାୟ ୧୦୦ ଫୁଟ୍ ବ୍ୟବଧାନ ଥିବା ସତ୍ତ୍ୱେ ଅଲଗା ଅଲଗା ପ୍ରକଳ୍ପ ରୂପେ କାମ କରାଯାଇଥିବାରୁ ପ୍ରକଳ୍ପର ଆବଶ୍ୟକତା ଓ ଯୁକ୍ତିସଂଗତା ଉପରେ ପ୍ରଶ୍ନ ଉଠିଛି। ସ୍ଥାନୀୟ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗାଁର ପ୍ରାୟ ୭୦ ପ୍ରତିଶତ ଯୁବକ କାମ ନ ଥିବାରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି। ଏପରି ପରିସ୍ଥିତିରେ ଖେଳ ପଡ଼ିଆର ଆବଶ୍ୟକତା ନେଇ ସନ୍ଦେହ ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ ଏକ ପଡ଼ିଆରେ କେବଳ ଗୋଲପୋଷ୍ଟ ଓ ପେଣ୍ଡାଲ ରହିଥିବାବେଳେ ଅନ୍ୟଟିରେ ଗୋଲପୋଷ୍ଟ ସହ କିଛି ସିମେଣ୍ଟ ବେଞ୍ଚ ରହିଛି। କିନ୍ତୁ କୌଣସି ଆବଶ୍ୟକ କ୍ରୀଡା ସାମଗ୍ରୀ ଯୋଗାଇ ଦିଆଯାଇନାହିଁ। ଏଥିସହିତ ଅଧା କାମ କରି ସମ୍ପୂର୍ଣ୍ଣ ବିଲ ଉଠାଯାଇଥିବା ଓ ଉନ୍ନତି ନାମରେ ଟଙ୍କା ହରିଲୁଟ ହୋଇଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଏହି ନେଇ ସମ୍ପୃକ୍ତ ବ୍ଲକ ଅଧିକାରୀଙ୍କୁ ପଚାରିବାରୁ ସେମାନେ କହିଛନ୍ତି, ପ୍ରକଳ୍ପ ନିୟମ ଅନୁସାରେ ମଞ୍ଜୁରି ପାଇଥିଲା ଓ କାମ ଚାଲିଥିଲା କୌଣସି ଅନିୟମିତତା ହୋଇଥିଲେ ତଦନ୍ତ କରାଯିବ। ତେବେ ସମ୍ପୂର୍ଣ୍ଣ ତଥ୍ୟ ଓ ଖର୍ଚ୍ଚ ବିବରଣୀ ସାର୍ବଜନୀନ କରାଯାଇ ନ ଥିବାରୁ ପାରଦର୍ଶିତା ଉପରେ ପ୍ରଶ୍ନ ଉଠୁଛି। ଏ ନେଇ ଅଞ୍ଚଳରେ ଅସନ୍ତୋଷ ବଢ଼ୁଛି ଓ ଗ୍ରାମବାସୀ ନିରପେକ୍ଷ ତଦନ୍ତ ଦାବି କରୁଛନ୍ତି।

**ପ୍ରଶାସନିକ ଉଦାସୀନତା**

# ଅସ୍ତିତ୍ୱ ହରାଇବାକୁ ବସିଲାଣି ଖିଚିଂର ପୁରାତନ ପଥର ସୋସାଇଟି

ଖିଚିଂ, ୨୦।୪(ସମିସ)

ଖିଚିଂସ୍ଥ ମା' କିଚକେଶ୍ୱରୀ ମନ୍ଦିର ଫାଟକ ସନ୍ନିକଟରେ ଅବସ୍ଥିତ ପଥର କାରିଗର ସମବାୟ ସମିତି ଲିଃ. ରାଜ୍ୟର ଅନ୍ୟତମ ପ୍ରାଚୀନ ଶିଳ୍ପାନୁଷ୍ଠାନ ଭାବେ ସୁଖ୍ୟାତି ଅର୍ଜନ କରିଥିଲେ ସୁଦ୍ଧା ସମ୍ପ୍ରତି ନିଜର ଅସ୍ତିତ୍ୱ ହରାଇବାକୁ ବସିଲାଣି। ପ୍ରଶାସନିକ ଅବହେଳା କାରଣରୁ ପଥର କାରିଗର ସମିତି ଏଭଳି ସ୍ଥିତିରେ ପହଞ୍ଚିଥିବା ଅଭିଯୋଗ ହେଉଛି।

ବହୁ ଶତାବ୍ଦୀ ପୂର୍ବରୁ ଭଞ୍ଜ ରାଜବଂଶ ଶାସନ କାଳରେ ରାଜ୍ୟରେ କଳା ସ୍ଥାପତ୍ୟର ବିକାଶ ପାଇଁ ଖିଚିଂରେ ଏକ ପ୍ରସିଦ୍ଧ କଳାକେନ୍ଦ୍ର ସ୍ଥାପିତ ହୋଇଥିଲା। ସ୍ଥାନୀୟ ଶିଳ୍ପୀଙ୍କ ନିହାଣ ମୁନରେ ନିର୍ମିତ ଅନେକ ପ୍ରାଚୀନ ମନ୍ଦିର, ବିଭିନ୍ନ ଧର୍ମର ଦେବଦେବୀ ମୂର୍ତ୍ତି, ଉନ୍ନତ ଧରଣର କଳାକୃତି, ଖିଚିଂର ଭୂଖନନ ଫଳରେ ଆବିଷ୍କୃତ ସ୍ଥାପତ୍ୟ ସ୍ଥାନୀୟ ସଂଗ୍ରହାଳୟରେ ସଂରକ୍ଷିତ ହୋଇଛି। ତତ୍କାଳୀନ ମୟୂରଭଞ୍ଜ ରାଜ୍ୟର ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ରାଜତ୍ୱ କାଳରେ ଖିଚିଂଠାରେ ଭଗ୍ନାବସ୍ଥାରେ ଥିବା କୁଟାଇତୁଣ୍ଡି, ଚନ୍ଦ୍ରଶେଖର ଓ ମା' କିଚକେଶ୍ୱରୀ ମନ୍ଦିରର ପୁନରୁଦ୍ଧାର ନିମିତ୍ତ ସ୍ଥାନୀୟ ସଂଗ୍ରହାଳୟର ପ୍ରମୁଖ ଅଧିକାରୀ ଶୈଳେନ୍ଦ୍ର ପ୍ରସାଦ ବସୁଙ୍କ ନିରବଚ୍ଛିନ୍ନ ସାଧନା ବଳରେ ସ୍ଥାନୀୟ ଲୋକଙ୍କୁ ତାଲିମ ଦେଇ ମନ୍ଦିର ନିର୍ମାଣର କଳା ଓ ପ୍ରସ୍ତର ଉପରେ ସୂକ୍ଷ୍ମ କାରୁକାର୍ଯ୍ୟର କୌଶଳ ଶିଖାଇଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଓ ସ୍ଥାନୀୟ କାରିଗରଙ୍କ ପ୍ରଚେଷ୍ଟାରେ ଖିଚିଂର କେନ୍ଦ୍ର ସ୍ଥଳରେ ସ୍ଥାପିତ ହୋଇଥିଲା ପଥର କାରିଗର ସମବାୟ ସମିତି। ମୁଖ୍ୟତଃ ଖିଚିଂ ନିକଟସ୍ଥ କେଶନା ଗ୍ରାମର ଦୁଇଶହ କାରିଗର ସେମାନଙ୍କର ସମସ୍ତ ଉତ୍ପାଦ ଏହି ସୋସାଇଟି ଜରିଆରେ ବିକ୍ରୟ କରି ସେଥିରୁ ଲବ୍ଧ ଅର୍ଥରେ ପରିବାର ପ୍ରତିପୋଷଣ କରିଆସୁଥିଲେ। ସମୟକ୍ରମେ ପରିଚାଳନାଗତ ତ୍ରୁଟି, ପ୍ରଶାସନିକ ଉଦାସୀନତା ସମେତ ସରକାରୀ ପ୍ରୋତ୍ସାହନ ଅଭାବରୁ ଏହା କ୍ରମଶଃ ରୁଗ୍‌ଣ ହେବାକୁ ଲାଗିଲା। ବିଗତ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଏହାର ସ୍ଥିତି କେବଳ କାଗଜକଲମରେ ସୀମିତ ହୋଇରହିଛି। ଅନ୍ୟପକ୍ଷରେ ସ୍ଥାନୀୟ ଶିଳ୍ପୀଗ୍ରାମ କେଶନା ଓ ପାର୍ଶ୍ୱବର୍ତ୍ତୀ ଗ୍ରାମର ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ କାରିଗର ପଥର ଖୋଦେଇକୁ ନିଜର ପେଶା ଭାବେ ଗ୍ରହଣ କରିଥିଲେ ସୁଦ୍ଧା ଏହି ସୋସାଇଟି ସହିତ ସେମାନଙ୍କର କୌଣସି ସମ୍ପର୍କ ନାହିଁ କହିଲେ ଚଳେ। ଏଥିସହ ଦୀର୍ଘଦିନ ଧରି ସୋସାଇଟିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେଉ ନ ଥିବାରୁ ସୋସାଇଟିର ଉନ୍ନତିମୂଳକ କର୍ଯ୍ୟରେ ଘୋର ବ୍ୟାଘାତ ସୃଷ୍ଟି ହେବା ସହିତ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇପାରୁନାହିଁ।






ଏପରିକି ସୋସାଇଟିର ପୁରାତନ କାର୍ଯ୍ୟାଳୟ ଓ ବିକ୍ରୟ କେନ୍ଦ୍ର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାକୁ ଅତିକ୍ରମ କରି ମାଟିରେ ମିଶିବାକୁ ବସିଛି। ଏ ସମ୍ପର୍କରେ କମିଟିର ସଭାପତି ରତିକାନ୍ତ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଦୀର୍ଘଦିନ ଧରି ଏହା ଅତ୍ୟନ୍ତ ପରିତ୍ୟକ୍ତ ଅବସ୍ଥାରେ ଥିବାରୁ ବିଷଧର ସାପଙ୍କ ଆବାସ ସ୍ଥଳ ହୋଇଥିବା ଆଶଙ୍କା ସୃଷ୍ଟି ହୋଇଛି। ଏଣୁ ରାଜ୍ୟର ଏହି ପୁରାତନ ଅନୁଷ୍ଠାନକୁ କାର୍ଯ୍ୟକ୍ଷମ କରିବା ସହିତ ଏହାର ପୂର୍ବ ଗୌରବ ଫେରାଇ ଆଣିବାପାଇଁ ସମ୍ପୃକ୍ତ ବିଭାଗୀୟ ପଦାଧିକାରୀ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

**ବେତନଟୀ ତହସିଲ ପ୍ରଶାସନ ନିରବଦ୍ରଷ୍ଟା**

## ବଢ଼ିଚାଲିଛି ବେଆଇନ ମୋରମ ଖନନ



**ବୈଶିଙ୍ଗା, ୨୦।୪(ସମିସ):** ବେତନଟୀ ତହସିଲ ଅଧୀନ ବିଭିନ୍ନ ଅଞ୍ଚଳରେ ଲଘୁ ଖଣିଜ ସମ୍ପଦର ବ୍ୟାପକ ଚୋରା ଚାଲାଣ ହେଉଛି। ଜଙ୍ଗଲ ହେଉ କି ଗୋଚର ଜମିରୁ ମୋରମ ଖନନ ହେଉଛି। ଏମିତିକି ଘରୋଇ ଜମିକୁ ମଧ୍ୟ ଛାଡୁନାହାନ୍ତି ମୋରମ ମାଫିଆ। ଫଳରେ ସରକାର ରାଜସ୍ୱ ହରାଉଛନ୍ତି। ପ୍ରଶାସନର ଜାଣତରେ ଏଭଳି କାରବାର ହେଉଥିବା ଅଭିଯୋଗ ହେଉଛି। ଖୁଲମଖୁଲା ଦିନରାତି ୨୪ ଘଣ୍ଟା ଚାଲୁଛି ଲୁଟ୍। ବଡ଼ ବଡ଼ ଜେସିବି ଲଗାଇ ମୋରମ ଖୋଳା ଚାଲିଥିବାବେଳେ ପ୍ରଶାସନ ସାଜିଛି ନିରବଦ୍ରଷ୍ଟା। ବୈଶିଙ୍ଗା, କେନ୍ଦୁଆ, ଆମ୍ବଗଡ଼ିଆ, ରଘୁପୁର, ସନ୍ତରା, ଗଡ଼ଦେଉଳିଆ ଆଦି ବିଭିନ୍ନ ପଞ୍ଚାୟତ ଅଞ୍ଚଳରୁ ମେସିନ ଲଗାଇ ଏହି ମୋରମ ଓ ମାଟି ଖନନ ଚାଲିଛି। ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବିନା ଅନୁମତି ଓ ବେଆଇନ ଭାବେ ସରକାରୀ ଜମିକୁ ଖୋଳି ଚାଲିଛନ୍ତି ମାଫିଆ। ବିନା କାଗଜପତ୍ରରେ ରାଜସ୍ୱ ବିଭାଗ, ବନ ବିଭାଗ ଓ ପୁଲିସର ନାକ ତଳେ ଶହ ଶହ ଟ୍ରାକ୍ଟର ଓ ହାଇୱା ଯୋଗେ ଏହି ଚାଲାଣ ହେଉଛି। ଦୀର୍ଘଦିନ ହେଲା ବେନିୟମ ଭାବେ ମୋରମ ଉତ୍ତୋଳନ ଯୋଗୁଁ ଗୋଟିଏ ପଟେ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ କ୍ଷତି ଘଟୁଛି, ଅନ୍ୟପଟେ ଜଙ୍ଗଲ ଧ୍ୱଂସ ପାଉଛି। କାହା ସାହସରେ ଏଭଳି ବେନିୟମ କାର୍ଯ୍ୟ ଚାଲିଛି, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



## ୧୩ତମ ଅନୁଗୋଳ ମହୋତ୍ସବ ଉଦଯାପିତ

# ଧୁମ୍ ମଚାଇଲେ ବଲିଉଡ୍ ଗାୟିକା ସୁନିଧି ଚୌହାନ









ଅନୁଗୋଳ,୨୦।୪(ସମିସ): ଜିଲ୍ଲା ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଅନୁଗୋଳ ଷ୍ଟାଡିୟମରେ ବର୍ଣ୍ଣାଢ୍ୟ ପରିବେଶରେ ଚାରିଦିନ ଧରି ଅନୁଷ୍ଠିତ ୧୩ତମ ଅନୁଗୋଳ ମହୋତ୍ସବ-୨୦୨୬ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ସୋମବାର ଉଦଯାପିତ ହୋଇଛି। ଉଦଯାପନୀ ସନ୍ଧ୍ୟାର ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ କହିଲେ, ରାଜ୍ୟର ଅନ୍ୟ ଜିଲ୍ଲା ଭଳି ଅନୁଗୋଳ ଜିଲ୍ଲାର ବିକାଶ ଧାରାରେ ସାମିଲ ହୋଇଛି। ଶିଳ୍ପସମୃଦ୍ଧ ଅନୁଗୋଳ ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ର ବି କିଛି କମ ନୁହେଁ। ଲୋପ ପାଇବାକୁ ବସିଥିବା କଳାସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବା, ପଞ୍ଚାୟତରୁ, ବ୍ଲକ ଏବଂ ଜିଲ୍ଲା ସ୍ତର ଯାଏ କଳାକାରଙ୍କୁ ଉପଯୁକ୍ତ ସମ୍ମାନ ଓ ଚିହ୍ନଟ କରି ସେମାନଙ୍କୁ ଉତ୍ସାହିତ କରିବା ମହୋତ୍ସବ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ହିନ୍ଦୋଳ ବିଧାୟିକା ସୀମାରଣୀ ନାଏକ, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଢେଙ୍କାନାଳ ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଅନୁଗୋଳ ପୌର ଉପାଧ୍ୟକ୍ଷା ଅନୁପମା ସାହୁ, ଆଠମଲ୍ଲିକ ଏନ୍ଏସି ଅଧ୍ୟକ୍ଷା ଆଶାରାଣୀ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ ଯୋଗଦେଇଥିଲେ। ଅତିରିକ୍ତ ଉଦୟନାଥ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଅନୁଗୋଳ ମାଟିର ଐତିହ୍ୟକୁ ଦୋହରାଇଥିଲେ। ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଆଇନ, ପୂର୍ତ୍ତ, ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେବା କାର୍ଯ୍ୟକ୍ରମ ଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ବାତିଲ ହୋଇଥିଲା। ତେବେ ସେ ଭିଡିଓ ବାର୍ତ୍ତାରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

ମହୋତ୍ସବର ତୃତୀୟ ସନ୍ଧ୍ୟାର ଦର୍ଶକଙ୍କ ଉତ୍କଣ୍ଠା ଶେଷଦିନ ସନ୍ଧ୍ୟାରେ ପୂରଣ ହୋଇଛି। ବଲିଉଡ୍ କଣ୍ଠଶିଳ୍ପୀ ସୁନିଧି ଚୌହାନ ଶେଷ ସନ୍ଧ୍ୟାରେ ମଞ୍ଚରେ ଧୁମ ମଚାଇଥିଲେ। ତାଙ୍କ ସଙ୍ଗୀତର ତାଳେ ତାଳେ ଯୁବଗୋଷ୍ଠୀ ନାଚି ଉଠିଥିଲେ। ଛୁଆଠୁ ବୁଢ଼ା ପର୍ଯ୍ୟନ୍ତ ସୁନିଧିଙ୍କ ରୋମାଣ୍ଟିକ ସଙ୍ଗୀତର ଭରପୂର ଆନନ୍ଦ ଉଠାଇଥିଲେ। ଆନନ୍ଦ ଉଲ୍ଲାସର ମହୋତ୍ସବ ଶେଷ ହୋଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଉପଜିଲ୍ଲାପାଳ ମାୟାଧର ବେହେରା, ଡେପୁଟି କଲେକ୍ଟର ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ ଧଳ, ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକ, ଜିଲ୍ଲା ସଂସ୍କୃତି ପରିଷଦ ସଭ୍ୟ ବରିଷ୍ଠ ସାମ୍ବାଦିକ ସଂଗ୍ରାମ ରଞ୍ଜନ ଦାସ, ବରିଷ୍ଠ ଆଇନଜୀବୀ ଭବାନୀ ପ୍ରସାଦ ମିଶ୍ର, ପଦ୍ମଚରଣ ପ୍ରଧାନ, ଭୁପେଶ ପ୍ରଧାନ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ଧରଣୀଧର ନାଥ, ହେମନ୍ତ ଦାସ, ରଞ୍ଜନ ବେହେରାଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

କଣିହାଁ,୨୦।୪(ସମିସ): କଣିହାଁ ବ୍ଲକ ସମଲ ଥାନା ଗୌଣିଘଷା ଗ୍ରାମରେ ଥିବା ଜାଉଁଳି ବନ୍ଧରୁ ସୋମବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ସେହି ଗ୍ରାମର ଜହର ନାଏକ (୬୦)। ସକାଳେ ଲୋକମାନେ ମୃତଦେହ ଭାସୁଥିବା ଦେଖି ସମଲ ଥାନାକୁ ଜଣାଇଥିଲେ। ପୁଲିସ ମୃତଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ପରିବାର ଲୋକଙ୍କ ସୂଚନା ଅନୁଯାୟୀ ରବିବାର ଜହର ଶୌଚ ପାଇଁ ପୋଖରୀକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

## ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

କିଶୋରନଗର,୨୦।୪(ସମିସ): ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ ଥାନା ହତାଶିମିଳି ଶିବ ମନ୍ଦିରରୁ ୧୮ ତାରିଖ ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ୧୯ ତାରିଖ ସକାଳେ ପୂଜକ ମନ୍ଦିର ଖୋଲିବାକୁ ଆସିଲା ବେଳକୁ କବାଟ ଖୋଲାଥିବା ଦେଖିଥିଲେ। ମନ୍ଦିରରେ ଥିବା ମା' ପାର୍ବତୀଙ୍କ ୧୦ ଗ୍ରାମ ଓଜନର ସୁନା ଚେନ, ଦୁଇଟି ସୁନା ଟିକିଲି, ଦୁଇଟି ପିତଳ ଢାଲ, ଦୁଇଟି ପିତଳ ଥାଳି, ଗୋଟିଏ ପିତଳ ବାଲଟି, ୩୦ଟି ନାଗ, ଦୁଇଟି ତ୍ରିଶୂଳ ଚୋରି ହୋଇଥିବା ସମ୍ପାଦକ ପ୍ରବୀଣ ବିଶ୍ୱାଳ ପ୍ରକାଶ କରିଛନ୍ତି। ଏ ନେଇ ସେ ଠାକୁରଗଡ଼ ଥାନାରେ ଅଭିଯୋଗ କରିବା ପରେ ଆଇଆଇସି ଶଶିଭୂଷଣ ବେହେରାଙ୍କ ନେତୃତ୍ୱରେ ଏସଆଇ ମନୋଜ ବେହେରା ଓ ପୁଲିସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ମଦପିଇ ବାକି ରଖିଥିବା ଟଙ୍କା ନ ଦେବାରୁ ମାଡ଼; ଜଣେ ମୃତ

କଣିହାଁ,୨୦।୪(ସମିସ): କଣିହାଁ ଥାନା ଘଣ୍ଟିଆନାଳି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମଦ ପିଇ ବାକି ରଖିଥିବା ଟଙ୍କା ନ ଦେବାରୁ ବଟ ପ୍ରଧାନ (୫୩)ଙ୍କୁ ମାଡ଼ମାରି ହତ୍ୟା କରାଯାଇଥିବା ତାଙ୍କ ପୁଅ ବରୁଣ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ତାଳଚେର ମଣ୍ଡାପାଳ ମେଡିକାଲ ପଠାଇବା ସହ ତଦନ୍ତ ଜାରି ରଖିଛି।

ବଟ ପ୍ରଧାନଙ୍କ ଘର ଛେଣ୍ଡିପଦା ଥାନା କମ୍ପସଲା ନିକଟ ହରିବେରେଣୀ ଗ୍ରାମରେ। ଅଭିଯୋଗ ଅନୁଯାୟୀ ରବିବାର ସକାଳ ୮ ଟାରେ ବଟ ପ୍ରଧାନ ଓ ପରିଖ ବେହେରା କାଠ ପାଇଁ ନିକଟସ୍ଥ ଘଣ୍ଟିଆନାଳି ଗ୍ରାମକୁ ଆସି ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନ ଥିଲେ। ଫଳରେ ବଟଙ୍କ ପୁଅ ବରୁଣ ସନ୍ଧ୍ୟାରେ ଘଣ୍ଟିଆନାଳି ଗ୍ରାମକୁ ଆସି ଖୋଜା ଖୋଜି କରିଥିଲେ। ତେବେ ବଟଙ୍କୁ ହତ୍ୟା କରି ଫିଙ୍ଗି ଦିଆଯାଇଛି ବୋଲି ସେଠାରେ ଶୁଣିବାକୁ ପାଇଥିଲେ। ପରେ ଖୋଜାଖୋଜି କରିଥିଲେ ହେଁ ବଟଙ୍କୁ ପାଇ ନ ଥିଲେ। ସୋମବାର ସକାଳେ ଘଣ୍ଟିଆନାଳୀ ମନ୍ଦିର ନିକଟ ତାଳଗଛ ପାଖରେ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ବଟଙ୍କ ହାତ ଓ ପିଠିରେ ଗଭୀର କ୍ଷତ ରହିଛି। ଏ ନେଇ ବରୁଣ କହିଛନ୍ତି ଯେ ବଟ ରବିବାର ସନ୍ଧ୍ୟାରେ ଘଣ୍ଟିଆନାଳି ଗ୍ରାମର ସଞ୍ଜୟ ବେହେରାଙ୍କ ଘରକୁ ମଦ ପିଇବାକୁ ଯାଇଥିଲେ। ସେଠାରେ ସଞ୍ଜୟ ପୂର୍ବରୁ ବାକିଥିବା ଟଙ୍କା ବଟଙ୍କୁ ମାଗିଥିଲେ। ଟଙ୍କା ନ ଦେବାରୁ ତାକୁ ମାଡ଼ ମାରିଥିଲେ। ଏଥିରେ ବଟ ଅଚେତ ହୋଇପଡ଼ିବାରୁ ତାଙ୍କୁ ବାହାରେ ଫିଙ୍ଗିଦେଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଅଭିଯୁକ୍ତ ସଞ୍ଜୟ ଓ ବଟଙ୍କ ସହ ଆସିଥିବା ପରିଖ ଫେରାର ଅଛନ୍ତି। ପୁଲିସ ତଦନ୍ତ ଜାରି ରଖିଛି।

# ମେଗା ପ୍ରକଳ୍ପରେ ୬ ଗ୍ରାମକୁ ସାମିଲ ପାଇଁ ଦାବି

## ପୂରଣ ନ ହେଲେ ୩୦ରେ ୧୨ ଘଣ୍ଟିଆ ରାଜପଥ ଅବରୋଧ, ଆମରଣ ଅନଶନ

କଣିହାଁ,୨୦।୪(ସମିସ): କଣିହାଁ ବ୍ଲକ ବଜ୍ରକୋଟ ପଞ୍ଚାୟତ ସହ ଦେନାଳି ଗ୍ରାମକୁ ମେଗା ଜଳସେଚନ ପ୍ରକଳ୍ପରେ ପୁନଃ ସାମିଲ ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଅନ୍ୟଥା ଚଳିତ ମାସ ୩୦ ତାରିଖ ୧୨ ଘଣ୍ଟିଆ ୫୩ନଂ ଜାତୀୟ ରାଜପଥ ଅବରୋଧ ସହ ଆମରଣ ଅନଶନ କରିବାକୁ ଚେତାବନୀ ଦିଆଯାଇଛି। ବଜ୍ରକୋଟ ପଞ୍ଚାୟତ ଚାଷୀଙ୍କ ଅଭିଯୋଗ ଅନୁଯାୟୀ ରାଜ୍ୟ ସରକାର ୨୦୨୨ରେ ୩ଟି ମେଗା ଜଳ ପ୍ରକଳ୍ପ ବଜ୍ରକୋଟ, ଦେନାଳି ଓ ରଞ୍ଜନା ନାମରେ କାର୍ଯ୍ୟକାରୀ କରିଥିଲେ। ଏହି ମେଗା ଜଳସେଚନ ପ୍ରକଳ୍ପରେ ବଜ୍ରକୋଟ ପଞ୍ଚାୟତର ବଜ୍ରକୋଟ, ଡମଯୋଡ଼ି, ପାଣନାଳି, କେନ୍ଦୁବେରେଣି, ଖାଳପାଳ ଓ ରେଙ୍ଗାଳି ପଞ୍ଚାୟତର ଦେନାଳି ଗ୍ରାମର ଚାଷଜମି ଜଳସେଚନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ବଜ୍ରକୋଟ ପଞ୍ଚାୟତର ଗ୍ରାମଗୁଡ଼ିକ ସହ ଦେନାଳି ଗ୍ରାମ ପୂର୍ବରୁ ମେଗା ଜଳସେଚନ ପ୍ରକଳ୍ପର ଅଂଶ ଥିଲା। ପରେ ଏହି ଗ୍ରାମଗୁଡ଼ିକୁ ଚିଲାଣ୍ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ସାମିଲ କରାଯାଇଛି। ଏହି କ୍ଷୁଦ୍ର ଜଳ ପ୍ରକଳ୍ପ ଦ୍ୱାରା କେବଳ ବର୍ଷା ଋତୁରେ ହିଁ ଜମିରେ ଜଳସେଚନ ସମ୍ଭବ ହେବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ବଜ୍ରକୋଟ ଗ୍ରାମରେ ବ୍ରାହ୍ମଣୀ ନଦୀରେ ମେଗା ଜଳ ପ୍ରକଳ୍ପ ନିର୍ମାଣ ହେଉଥିବା ବେଳେ ଏହି ପଞ୍ଚାୟତର ଗ୍ରାମଗୁଡ଼ିକୁ ଉକ୍ତ ପ୍ରକଳ୍ପରୁ ବାଦ ଦେବାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ବିରୋଧ କରି ୬ ଗ୍ରାମର ପ୍ରଜା ଜିଲ୍ଲାପାଳଙ୍କୁ ପୁନଃ ମେଗା ଜଳସେଚନ ପ୍ରକଳ୍ପରେ ସାମିଲ ପାଇଁ ଦାବିପତ୍ର ପ୍ରଦାନ କରିବା ସହ ଦାବି ପୂରଣ ନ ହେଲେ ଆସନ୍ତା ୩୦ ତାରିଖ ଦେନାଳି ଓ ବଜ୍ରକୋଟ ଠାରେ ୧୨ ଘଣ୍ଟିଆ ୫୩ନଂ ଜାତୀୟ ରାଜପଥ ଅବରୋଧ କରି ଯାତାୟାତ ସମ୍ପୂର୍ଣ୍ଣ ଠପ୍ କରିଦେବା ସହ ଆମରଣ ଅନଶନ ଚେତାବନୀ ଦେଇଛନ୍ତି।

# ଜିଲ୍ଲାସ୍ତରୀୟ କବି ଜୟଦେବ ଜୟନ୍ତୀ

ଅନୁଗୋଳ,୨୦।୪(ସମିସ): ସ୍ଥାନୀୟ ଜିଲ୍ଲା ପାଠାଗାରରେ ସୋମବାର ଜିଲ୍ଲାସ୍ତରୀୟ ଜୟଦେବ ଜୟନ୍ତୀ ପାଳିତ ହୋଇଛି। ଶିକ୍ଷାବିତ୍ ଡ. ଧରଣୀଧର ନାଥ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ



ଉଦଘାଟନ କରିଥିଲେ। ପ୍ରଭୁ ଜଗନ୍ନାଥ ଏବଂ ଜୟଦେବଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଜୟଦେବଙ୍କ ଗୀତଗୋବିନ୍ଦରେ ଥିବା ଅନେକ କଥା ଆଲୋଚନା କରିଥିଲେ। ବିଶେଷକରି ଗୀତଗୋବିନ୍ଦର ନାଟକୀୟତା ଏବଂ ପ୍ରେମ ବିଷୟରେ ଅବତାରଣା କରିଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟ ସଂସଦ ସମ୍ପାଦକ ରାଧାକାନ୍ତ ମହାନ୍ତି ଯୋଗଦେଇ ଜୟଦେବଙ୍କ ଗୀତଗୋବିନ୍ଦରେ ଥିବା ବୈଜ୍ଞାନିକ ଦୃଷ୍ଟିକୋଣର ଅବତାରଣା କରିଥିଲେ। ଅନ୍ୟତମ ଅତିଥି ଡ. କୁଳମଣି ନାୟକ ଜୟଦେବଙ୍କ ସୃଷ୍ଟିରେ ଦଶ ଅବତାର ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ. ସଦାନନ୍ଦ ପରିଡ଼ା ଯୋଗଦେଇ ଗୀତଗୋବିନ୍ଦର ସାଙ୍ଗୀତିକତା ଉପରେ ନିଜର ମତବ୍ୟକ୍ତ କରିଥିଲେ। ବୈରାଗୀ ମଲ୍ଲିକ ଉତ୍ସବ ସଂଯୋଜନା କରିଥିବାବେଳେ ସଂସ୍କୃତି ଅଧିକାରୀ ଦୁଃଶାସନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କବୟିତ୍ରୀ ଡ. ଇନ୍ଦିରା ଦାଶ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଅଖିମୁଠି ଅନୁକୂଳ କଲେ ଅନୁଗୋଳ ବିଧାୟକ



ବଅଁରପାଳ,୨୦।୪(ସମିସ): ଅକ୍ଷୟ ତୃତୀୟା ଅବସରରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ସୋମବାର ବଅଁରପାଳ ବ୍ଲକ ତୁଳସୀପାଳ ପଞ୍ଚାୟତ କଙ୍କିନାଳୀ ଗ୍ରାମରେ ଅଖିମୁଠି ଅନୁକୂଳ କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଭୂମି ଏବଂ ହଳଲଙ୍ଗଳ ପୂଜନ କରାଯାଇ ହଳ ଧରାଯାଇଥିଲା। ଏଥିରେ ଜିଲ୍ଲାପରିଷଦ ସଭ୍ୟ ମୀରା ଗଡ଼ନାୟକ, ଗୋପାଳ ନାଏକ, ବଅଁରପାଳ ମଣ୍ଡଳ ସଭାପତି ସୁବ୍ରତ ସାହୁ, ସାଧାରଣ ସମ୍ପାଦକ ପ୍ରଦୀପ ସାମଲ, ଅନିଲ ଗଡ଼ନାୟକ, ବସନ୍ତ ବିଶ୍ୱାଳ, ମନୋଜ ସାହୁ, ମାଧୁରୀ ବିଶୋଇ, ଲିଜା ଦାସ, ଲୋକନାଥ ସାହୁ, ଦୁର୍ଯ୍ୟ ପରିଡ଼ା, ଲିକୁ ଦାସ, ମଧୁ ସାହୁ, କାହ୍ନା ଦାସ, ପ୍ରଦ୍ୟୁମ୍ନ ସାହୁ, ଲକ୍ଷ୍ମଣ ଦେହୁରୀ, ଛବି ସେଠୀ, ନିର୍ମଳ ସାହୁ, ଶିବରାମ ଦେହୁରୀଙ୍କ ସହ ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ। ବିଧାୟକ ଅଖିମୁଠି ଅନୁକୂଳ କରିବା ପରେ ଏକ ବୈଠକରେ ଯୋଗଦେଇ ଗ୍ରାମବାସୀଙ୍କ ଭତ୍ତା, ଆବାସ, ପାନୀୟଜଳ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

# ତାଳଚେରରେ ଅକ୍ଷୟ ତୃତୀୟା ପାଳିତ

ତାଳଚେର,୨୦।୪(ସମିସ): ଅକ୍ଷୟ ତୃତୀୟା ହେଉଛି ଆଶା, ସମୃଦ୍ଧି ଏବଂ ନୂତନ ଆରମ୍ଭର ପ୍ରତୀକ। ଦିନକୁ ସମୃଦ୍ଧ ଓ ଅକ୍ଷୟ କରିବାକୁ ଦାମୀ ଜିନିଷ କିଣି ଏହକୁ



ପାଳନ କରାଯାଏ। ଏହି ପବିତ୍ର ଦିନରେ ଘର ଶୁଭଦେବା, ଜାଗା ଓ ଅନ୍ୟ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୁଏ। ଚାଷୀମାନେ ଅଖିମୁଠି ଅନୁକୂଳ କରି ଚାଷକାର୍ଯ୍ୟ ଆରମ୍ଭ କରନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ତାଳଚେର ବ୍ଲକ ଗୁରୁଜାଙ୍ଗୁଲି ପଞ୍ଚାୟତ ଖଲୁଆ ଗ୍ରାମରେ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ଅଖିମୁଠି ଅନୁକୂଳ କରି ଅଞ୍ଚଳର ଚାଷୀମାନଙ୍କ ସୁଖସମୃଦ୍ଧି କାମନା କରିଥିଲେ। ଅପରପକ୍ଷେ ଚାଷୀମାନଙ୍କ ଘରେ ପିଠାପଣାର ଆସର ଜମିଥିଲା। ମାତ୍ର ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଓ ପରିବେଶ ପ୍ରଦୂଷଣ ଯୋଗୁଁ ଏହି ଅଞ୍ଚଳରେ ଚାଷକାର୍ଯ୍ୟ ପ୍ରାୟତଃ କମିଗଲାଣି। ଆଜି ତାଳଚେର ଅଞ୍ଚଳରେ ତାପମାତ୍ରା ଏତେ ଅଧିକ ଥିଲା ଯେ ସକାଳ ୯ ଟାରୁ ଘରୁ ପଦାକୁ ବାହାରିବା କଷ୍ଟକର ହୋଇପଡ଼ିଥିଲା। ଆଜକୁ ୪୦ବର୍ଷ ପୂର୍ବରୁ ଅକ୍ଷୟତୃତୀୟା ପୂର୍ବରୁ ମାଘୁଆଣୀ ବର୍ଷା ଚାଷୀମାନଙ୍କୁ ବେଶ୍ ସୁହାଉଥିଲା। ତେଣୁ ଚାଷୀମାନେ ଜମିରେ ସାମାନ୍ୟ ବର୍ଷା ଜନିତ ପାଗରେ ଧାନ ବୁଣିଲେ ତାହା ଅଙ୍କୁରିତ ହେବାରେ ସହାୟକ ହେଉଥିଲା। କିନ୍ତୁ ତାହା ଏବେ ଆଉ ସମ୍ଭବ ହେଉନାହିଁ। ସମ୍ପ୍ରତି ତାଳଚେର ଅଞ୍ଚଳରେ ଖଣିଖାଦାନ, ଶିଳ୍ପାୟନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଚାଷକାର୍ଯ୍ୟ ଧୀରେ ଧୀରେ ଲୋପ ପାଇବା ସହ ଚାଷୀମାନେ ଏଥିରୁ ମୁହଁ ଫେରାଉଥିବା ଦେଖିବାକୁ ମିଳୁଛି।

## ହାତିଆଦଣ୍ଡାରେ ଅଖିମୁଠି ଅନୁକୂଳ



କଣିହାଁ,୨୦।୪(ସମିସ): କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ସାଇଟ ହାତିଆଦଣ୍ଡା ଗ୍ରାମରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ତାଳଚେର କେନ୍ଦ୍ରୀୟ ଚଷା ସମାଜ ପକ୍ଷରୁ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପାରମ୍ପରିକ ରୀତିନୀତି ଅନୁସାରେ ଚାଷୀମାନେ ନୂତନ କୃଷି ବର୍ଷର ଶୁଭାରମ୍ଭ କରି ଅଖିମୁଠି ଅନୁକୂଳ ମାଧ୍ୟମରେ ମାଟିପୂଜା କରି ଭଲ ଫସଲ ପାଇଁ ପ୍ରାର୍ଥନା କରିଥିଲେ। ଏହି ଅବସରରେ ବିଧାୟକ ମହାନ୍ତି ଚାଷୀମାନଙ୍କ ସହ ଆଲୋଚନା କରି ତାଙ୍କ ସମସ୍ୟା ଓ ଆବଶ୍ୟକତା ବିଷୟରେ ଅବଗତ ହୋଇଥିଲେ। ସେ କହିଥିଲେ ଯେ ରାଜ୍ୟ ସରକାର ଚାଷୀଙ୍କ ଉନ୍ନତି ପାଇଁ ଜଳସେଚନ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ୭୪ ହଜାର କୋଟି ଟଙ୍କା ବଜେଟରେ ବ୍ୟବସ୍ଥା କରିଛନ୍ତି। ପାଲଲହଡ଼ା ଅଞ୍ଚଳରେ ଚିଲାଣ୍ଟି ଓ ଚକଧର ଜଳ ପ୍ରକଳ୍ପ ସହ ବିଭିନ୍ନ ଯୋଜନାର କାମ ଚାଲିଥିବା ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରଶ୍ମିତା ସେଠୀ, ସମିତି ସଭ୍ୟ ଦିବ୍ୟରଞ୍ଜନ ମହାନ୍ତି, ବିଜେପି ଜିଲ୍ଲା ଉପସଭାପତି ନୃସିଂହ ବରାଳ, ହରେକୃଷ୍ଣ ପ୍ରଧାନ, ବରିଷ୍ଠ କାର୍ଯ୍ୟକର୍ତ୍ତା ତ୍ରିପୁରାରୀ ପ୍ରଧାନ, ଧ୍ରୁବଚରଣ ଧୀର, ସୁମନ୍ତ କୁମାର ପ୍ରଧାନ, ବିନୟ କୁମାର ପ୍ରଧାନ, ସମାଜସେବୀ କ୍ଷୀରୋଦ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, କୃଷକ ଓ ଯୁବକମାନେ ଉପସ୍ଥିତ ଥିଲେ।

## ଅନୁଗୋଳ ମହୋତ୍ସବରେ ତାଳଚେର କଳାକାରଙ୍କୁ ଉପେକ୍ଷା

ତାଳଚେର,୨୦।୪(ସମିସ): ଅନୁଗୋଳ ଜିଲ୍ଲା ମହୋତ୍ସବ ମହା ସମାରୋହରେ ପାଳିତ ହେଉଛି। ୧୭ ତାରିଖ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏହାକୁ ଉଦଘାଟନ କରିଥିଲେ। ଏହି ମହୋତ୍ସବରେ ଜିଲ୍ଲା ବାହାରୁ ବଛାବଛା କଳାକାରମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥବା ବେଳେ ତାଳଚେର ଅଞ୍ଚଳରେ ରହିଥିବା ବହୁ କଳାକାରଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପେକ୍ଷା କରାଯାଇଥିବାରୁ ସେମାନେ ତାଙ୍କ କଳା ପ୍ରଦର୍ଶନ କରିବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ତାଳଚେର କଳାକାରଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତାଳଚେର ଅଞ୍ଚଳରେ ବହୁ ପ୍ରତିଷ୍ଠିତ ଓ ନାମୀଦାମୀ କଳାକାର ବାହାର ଜିଲ୍ଲାକୁ ଯାଇ ସେମାନଙ୍କ କଳାପ୍ରଦର୍ଶନ କରି ବେଶ୍ ସୁନାମ ଅର୍ଜନ କରିଥିବା ବେଳେ ନିଜ ଜିଲ୍ଲାରେ ଏମାନଙ୍କୁ କାହିଁକି ଉପେକ୍ଷା କରାଗଲା ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଜିଲ୍ଲାପାଳ ଏହାକୁ ବିଚରାକରି ଆଗାମୀ ଦିନରେ ତାଳଚେର କଳାକାରଙ୍କୁ କଳା ପ୍ରଦର୍ଶନର ସୁଯୋଗ ପ୍ରଦାନ କରିବାକୁ ଦାବି ହେଉଛି।

# ଜିଲ୍ଲାସ୍ତରୀୟ କୃଷକ ଦିବସ ଓ ଅକ୍ଷୟ ତୃତୀୟା ପାଳିତ

ଅନୁଗୋଳ,୨୦।୪(ସମିସ):

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅନୁଗୋଳ ଜିଲ୍ଲାରେ କୃଷିକାର୍ଯ୍ୟର ଶୁଭାରମ୍ଭ ହୋଇଛି। ପଞ୍ଚମହଲାସ୍ଥିତ କୃଷିବିଜ୍ଞାନ କେନ୍ଦ୍ର ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଚୌଧୁରୀ ପ୍ରଧାନ, କୃଷି ସ୍ଥାୟୀ କମିଟି ଅଧ୍ୟକ୍ଷା ମୀରା ଗଡ଼ନାୟକ, ଜିଲ୍ଲା ପରିଷଦ ସଦସ୍ୟ ଗୋପାଳ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚାଷୀକୁଳର ସମ୍ମାନ ତଥା ଚାଷ ଓ ଚାଷୀର ଉନ୍ନତି କାମନା କରି କୃଷି ବିଭାଗ ତରଫରୁ ପୂଜାର୍ଚ୍ଚନା ସହ ମୁଖ୍ୟଅତିଥିଙ୍କ ଦ୍ୱାରା ଅଖିମୁଠି ଅନୁକୂଳ କରାଯାଇଥିଲା। ଏହି ଅବସରରେ



କୃଷି ବିଭାଗ ତରଫରୁ ଏକ କୃଷିରଥ ଉଦଘାଟନ କରାଯାଇଥିଲା। ଏହି କୃଷି ରଥ ଆଜିଠାରୁ ୧୦ ଦିନ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକ୍ ପରିକ୍ରମା କରି ଖରିଫ-୨୦୨୬ ଉପରେ ସଚେତନତା ବାର୍ତ୍ତା ପ୍ରଚାର କରିବ। ଏହି ଅବସରରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଖରିଫ ଚାଷର ସହାୟତା ତଥା ଚାଷୀଙ୍କୁ ସମ୍ମାନ ପାଇଁ ସରକାରଙ୍କ ତରଫରୁ ସିଏମ୍ କିଷାନ ଯୋଜନାରେ କିସ୍ତି ପ୍ରଦାନ କରାଯାଇଥିଲା। ଜିଲ୍ଲାର ମୋଟ ୧ ଲକ୍ଷ ୪୮ ହଜାର ୯୩୧ ଚାଷୀଙ୍କୁ ୨୯ କୋଟି ୭୮ ଲକ୍ଷ ୬୨ ହଜାର ଟଙ୍କା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗର ଅଧିକାରୀ, ଚାଷୀ ତଥା ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିନୋଦ କୁମାର ଦଲାଇ ଧନ୍ୟବାଦ ଅର୍ପଣ କରିଥିଲେ।



ଅପରାଧ ଷଡ଼ଯନ୍ତ୍ରରେ ସାଜୁଛି ଅଭିଯୋଗକାରୀ

# ନିଜ ଏତଲାରେ ଫସୁଛନ୍ତି ଅଭିଯୁକ୍ତ

ଭୁବନେଶ୍ୱର, ୨୦।୪(ସମିସ): ରାଜଧାନୀରେ ପ୍ରତ୍ୟେକଦିନ ବଡ଼ ବଡ଼ ଅପରାଧ ସଂଗଠିତ ହେଉଛି। ଏଥିରେ ଚୋରି, ଡକାୟତି, ହତ୍ୟା, ବୋମାମାଡ଼, ଅପହରଣ ମାମଲା ରାଜଧାନୀବାସୀଙ୍କୁ ନିୟମିତ ଆତଙ୍କିତ କରୁଛି। ବିଗତ କିଛିଦିନ ମଧ୍ୟରେ ରାଜଧାନୀ ଅପରାଧର ନୂଆ ଏକ ଟ୍ରେଣ୍ଡ ଦେଖିବାକୁ ମିଳୁଛି। ଯେଉଁଥିରେ ଅଭିଯୋଗକାରୀ ହିଁ ନିଜେ ଅପରାଧ ଷଡ଼ଯନ୍ତ୍ରକାରୀ। କୌଣସି ସ୍ୱାର୍ଥ ହାସଲ ପାଇଁ ଅଭିଯୋଗକାରୀ ଏଭଳି କରୁଛନ୍ତି। ଅପରାଧ ଘଟାଇ ଥାନାରେ ପିଡ଼ିତ ବୋଲି ଲିଖିତ ରିପୋର୍ଟ ଦେଉଛନ୍ତି। ଅଭିଯୋଗକାରୀଙ୍କ ରିପୋର୍ଟ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରୁଛି ଅପରାଧୀଙ୍କୁ ଧରିବାକୁ ହେଲେ ପରବର୍ତ୍ତି ସମୟରେ ଖୋଦ୍ ଅଭିଯୋଗକାରୀଙ୍କୁ ନିଜ ରିପୋର୍ଟ ଆଧାରରେ ହୋଇଥିବା ତଦନ୍ତରେ ଅପରାଧୀ ଭାବେ ଘୋଷଣା କରି ଜେଲ୍ ପଠାଉଛି। ଏଭଳି ନୂତନ ଧରଣର ଅପରାଧ ଦିନକୁ ଦିନ ବଢ଼ିବାରେ ଲାଗିଛି।

## ବନ୍ଧୁକ ଲାଇସେନ୍ସ ହାତେଇବାକୁ ନିଜ ଘର ଉପରେ ବୋମାମାଡ଼

ଗତବର୍ଷ ୫ ନଭେମ୍ବର ବୋମାମାଡ଼ ଏବଂ ଗୁଳିମାଡ଼ ଘଟଣାରେ କମିସନରେଟ୍ ପୁଲିସ ଜଣେ ମହିଳାଙ୍କୁ ଗିରଫ କରିଥିଲା। ମହିଳା ଜଣଙ୍କ ତାଙ୍କ ଘର ଉପରେ ବୋମମାଡ଼ ଏବଂ ଗୁଳି ମାଡ଼ କରାଯାଇଥିବା ନେଇ ୧୧ ସେପ୍ଟେମ୍ବର ଏବଂ ୫ ନଭେମ୍ବର ମାସରେ ଦୁଇ ଥର ଭରତପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତରେ ଜାଣିବାକୁ ପାଇଥିବା ଉଦ୍ୟୋଗୀ ମହିଳା ଘୁଙ୍ଗୁର ମିଶ୍ର ବନ୍ଧୁକ ଲାଇସେନ୍ସ ହାତେଇବାକୁ ନିଜେ ହିଁ ନିଜ ଘର ଉପରେ ବୋମାମାଡ଼ ଏବଂ ଫାଇରିଂ କରିଥିଲେ। ଫଳରେ ବାହାରେ ଦୃଶ୍ୟମାନ ହେବ ଯେ ତାଙ୍କ ଜୀବନପ୍ରତି ବିପଦ ରହିଛି ଏହି ଆଧାରରେ ତାଙ୍କୁ ବନ୍ଧୁକ ଲାଇସେନ୍ସ ମିଳିଯିବ। ସ୍ୱାର୍ଥ ହାସଲ ପାଇଁ ନିଜ ଘର ଉପରେ କରାଯାଇଥିବା ଷଡ଼ଯନ୍ତ୍ର ତାଙ୍କୁ ମହଙ୍ଗା ପଡ଼ିଲା। ପରବର୍ତ୍ତୀ ସମୟରେ ପୁଲିସ ଘୁଙ୍ଗୁରଙ୍କ ସମେତ ତାଙ୍କ ସହଯୋଗୀଙ୍କୁ ଗିରଫ କରିଥିଲା।

## ବୀମା ଟଙ୍କା ପାଇଁ ନିଜ ଦୋକାନରୁ ଡକାୟତି ଉଦ୍ୟମ

ଗତବର୍ଷ ୩୦ ଅକ୍ଟୋବରରେ ବୀମା ଟଙ୍କା ପାଇବାକୁ ହୋଇଥିବା ଡାକାୟତି ନାଟକର ପର୍ଦ୍ଦା ହୋଇଥିଲା। ଯାହାକୁ ତମାଣ୍ଡୋ ଥାନା ପୁଲିସ ପର୍ଦ୍ଦାଫାସ କରିଥିଲା। ଡକାୟତି ଉଦ୍ୟମ ଅଭିଯୋଗରେ ଦୋକାନ ମାଲିକ ସନ୍ତୋଷ କୁମାର ମହାରଣାଙ୍କ ସମେତ ୧୩ ଜଣଙ୍କୁ ଗିରଫ କରାଯାଇଥିଲା। ସନ୍ତୋଷ ତମାଣ୍ଡୋର ଅବିନାଶ ପଟ୍ଟନାୟକଙ୍କ ଘରକୁ ଭଡ଼ାରେ ନେଇ ଆଦ୍ୟାଶା ଟ୍ରେଡର୍ସ ନାମକ ଏକ ପ୍ଲାଏ ଦୋକାନ କରିଥିଲା। ବ୍ୟବସାୟ ମାନ୍ଦାବସ୍ଥା ଯୋଗୁଁ ଦେଢ଼ବର୍ଷ ହେବ ଘରର ଭଡ଼ା ଦେଇ ନ ଥିବା ବେଳେ ଅସୁବିଧାରୁ ମୁକାଳିବାକୁ ଲାଗି ନୂଆ ଉପାୟ ଆପଣାଇ ଥିଲା। ନିଜ ଦୋକାନରୁ ଚୋରି କରି ଇନ୍ସ୍ୟୁରାନ୍ସ କ୍ଲେମ୍ କରିବାକୁ ଯୋଜନା କରିଥିଲା। ଏଥିଲାଗି ସେ ଇଣ୍ଟେରିୟର ଠିକାଦାର ମନୋଜକୁ ପୂରା ଯୋଜନା ବିଷୟରେ କହିଥିଲା। ସନ୍ତୋଷ ଠାରୁ ସବୁକଥା ଶୁଣିବା ପରେ ମନୋଜ ଏବଂ ତାର ସହଯୋଗୀ ପୂର୍ବ ଯୋଜନା ମୁତାବକ ବାଲେଶ୍ୱରରୁ ଦୁଇଟି ଓ ମୟୂରଭଞ୍ଜରୁ ଗୋଟିଏ ଗାଡ଼ିରେ କଟର ମେସିନ, ମାସ୍କ, ଗ୍ଲୋଭ, ପ୍ଲାସ୍ ଆଦି ସରଞ୍ଜାମ ଧରି ତମାଣ୍ଡୋ ଅଭିମୁଖେ ଆସିଥିଲେ। ତମାଣ୍ଡୋ ବଜାର ପୂର୍ବରୁ ଥିବା ଏକ ଢାବାରେ ଖାଇ ସାରି ପରେ ଚୋରି କରିବାକୁ ସନ୍ତୋଷର ଦୋକାନକୁ ଯାଇଥିଲେ। ସେଠାରେ ଚୋରି ଉଦ୍ୟମ କରୁଥିବା ବେଳେ ତମାଣ୍ଡୋ ଥାନା ପୁଲିସ ମାଡ଼ି ବସିଥିଲା।

## ଦୁଇ ପତ୍ନୀଙ୍କୁ ହତ୍ୟା କଲେ କନ୍‌ଷ୍ଟେବଲ

ଗତ ସେପ୍ଟେମ୍ବର ୧୮ ତାରିଖରେ ବୀମା ଟଙ୍କା ପାଇଁ କମିସନରେଟ୍ ପୁଲିସର ଜଣେ କନ୍‌ଷ୍ଟେବଲ ଦୀପକ କୁମାର ରାଉତ୍ ନିଜର ଦୁଇ ପତ୍ନୀଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଗିରଫ ହୋଇଥିଲା। ପ୍ରଥମ ପତ୍ନୀକୁ ହତ୍ୟା କରିବାକୁ ଦୁର୍ଘଟଣାର ଷଡ଼ଯନ୍ତ୍ର ରଚିଥିଲା କନ୍‌ଷ୍ଟେବଲ। ଥାନାରେ ଦୁର୍ଘଟଣାଜନିତ ମୃତ୍ୟୁର ଅଭିଯୋଗ କରି ବୀମା ଟଙ୍କା ହାତେଇ ନେଇଥିଲା। ଦ୍ୱିତୀୟ ପତ୍ନୀଙ୍କୁ ଅପହରଣ କରାଯାଇଛି ବୋଲି ଥାନାରେ ଏତଲା ଦେଇଥିଲା। ହେଲେ ଭାଗ୍ୟ ସାଥ୍ ଦେଲାନି। ମହିଳା ଟ୍ରାଫିକ୍ କର୍ମଚାରୀଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହେଲେ ଅପହରଣର ଅଭିଯୋଗ କରିଥିବା କନ୍‌ଷ୍ଟେବଲ ସ୍ୱାମୀ ଦୀପକ।

## ୧୩ ଲକ୍ଷ ଟଙ୍କା ପାଇଁ ପୁଅ ରଚିଲା ଅପହରଣ ନାଟକ

ଟଙ୍କା ଲୋଭରେ ନିଜକୁ ଅପହରଣ କରିବାକୁ ବି ପଛାଇ ନାହାନ୍ତି ଜଣେ ବିଟେକ୍ ଛାତ୍ର। ନିଜ ଖର୍ଚ୍ଚ ମେଣ୍ଟେଇବାକୁ ବାପା ମା'ଙ୍କୁ ଠକିବାକୁ ଅପହରଣ ନାଟକ ରଚିଥିଲେ। ହେଲେ ତାଙ୍କର ଏହି ଯୋଜନାକୁ ପୁଲିସ ବିଫଳ କରିଛି। ରାଜଧାନୀ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଘଟିଥିବା ଏହି ଘଟଣାରେ କମିସନରେଟ୍ ପୁଲିସ ଆଜି ଗୁରୁବାର ରହସ୍ୟ ଉନ୍ମୋଚନ କରିଛି। ଛାତ୍ର ଜଣକ ହେଲେ ଏକ ଘରୋଇ ଶିକ୍ଷାନୁଷ୍ଠାନର ୪ର୍ଥ ବର୍ଷର ବିଟେକ୍ ଛାତ୍ର ତୁଷାର ମହନ (୨୨)। ତାଙ୍କୁ ପୁଲିସ ଟିମ୍ ଠାବ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଏହି ଘଟଣାରେ ସହଯୋଗ କରିଥିବା ତୁଷାରଙ୍କ ୪ ଜଣ ସାଙ୍ଗଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରିଥିଲା। ଏଭଳି ଅପରାଧ ରାଜଧାନୀରେ ବଢ଼ିବାରେ ଲାଗିଛି। ଯାହା ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ଏଭଳି ଅପରାଧରେ ପୁଲିସକୁ ବହୁ ତଦନ୍ତ କରିବାକୁ ପଡୁଛି। ତଦନ୍ତରେ ତଦନ୍ତକାରୀ ଅଧିକାରୀ କୌଣସି ଗୋଟିଏ ଦିଗ ପ୍ରତି ନଜରଅନ୍ଦାଜ କଲେ ଅଭିଯୁକ୍ତ ଗିରଫ ହେବା ମୁସ୍କିଲ ହୋଇଯିବ ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି।

# ଟାୟାର ବଦଳାଉଥିଲେ ପିଟିଲା କଣ୍ଟେନର୍

ଭୁବନେଶ୍ୱର, ୨୦।୪ (ସମିସ): ଷୋହଳ ନମ୍ବର ଜାତୀୟ ରାଜପଥର ତମାଣ୍ଡୋ ଓଭରବ୍ରିଜ୍ ଉପରେ ଦୁର୍ଘଟଣା ଘଟିଛି। ଟାୟାର ବଦଳାଉଥିବା ବେଳେ କଣ୍ଟେନର ଧକ୍କାରେ ଶ୍ରମିକ ପ୍ରାଣ ହରାଇଛନ୍ତି। ମୃତକ ହେଉଛନ୍ତି ବରଗଡ଼ ଜିଲ୍ଲାର ମନୋଜ ସିଦାର (୩୩)।

ମିଳିଥିବା ସୂଚନାନୁଯାୟୀ, ମନୋଜ ସାମନ୍ତରାପୁରସ୍ଥିତ ଏକ ଟାଇଲ୍ ଦୋକାନରେ ଶ୍ରମିକ ଭାବେ କାମ କରୁଥିଲେ। ସୋମବାର ଅପରାହ୍ଣରେ ମନୋଜ ଓ ଅନ୍ୟ ଦୁଇ ଜଣ ଟାଇଲ୍ ଓ ପେଭର୍ ବ୍ଲକ ବୋଝେଇ ମିନିଟ୍ରକରେ ଖୋର୍ଦ୍ଧା ଯାଉଥିଲେ। ତମାଣ୍ଡୋ ଓଭରବ୍ରିଜ୍ ନିକଟରେ ପାଇଥିବା ବେଳେ ମିନିଟ୍ରକର ପଛପଟ ବାମ ଚକା ଫାଟି ଯାଇଥିଲା। ଫଳରେ ଗାଡ଼ି ଆଉ ଆଗକୁ ଗଡ଼ି ନଥିଲା। ମନୋଜ ଓ ଅନ୍ୟ ଦୁଇ ଜଣ ଗାଡ଼ିରୁ ଓହ୍ଲାଇ ଟାୟାର ବଦଳାଉଥିଲେ। ସେହି ସମୟରେ ତାମିଲନାଡୁ ଯାଉଥିବା ଏକ କଣ୍ଟେନର ଗାଡ଼ି ମନୋଜଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବରପାଇ ତମାଣ୍ଡୋ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମନୋଜଙ୍କୁ ଏମ୍ସ ଡାକ୍ତରଖାନାକୁ ନେଇଥିଲା। ତାଙ୍କ ମୃତଦେହ ଏବେ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଆସନ୍ତାକାଲି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ସେପଟେ ଦୁର୍ଘଟଣା ପରେ କଣ୍ଟେନର ଛାଡ଼ି ଚାଳକ ଫେରାର ହୋଇଯାଇଛି। ପୁଲିସ କଣ୍ଟେନର ଓ ମିନିଟ୍ରକ ଜବତ କରି ଘଟଣାର ତଦନ୍ତ କରୁଛି।

**ଶ୍ରମିକ ମୃତ; ଦୁଇ ଗାଡ଼ି ଜବତ**

# ଆସ୍କାରୁ ପଶ୍ଚିମବଙ୍ଗକୁ ଗଞ୍ଜେଇ ଚାଲାଣ; ଜଣେ ଗିରଫ

ଭୁବନେଶ୍ୱର, ୨୦।୪(ସମିସ): ଟ୍ରେନ୍ ଯୋଗେ ଗଞ୍ଜେଇ ଚୋରା ଚାଲାଣ ବେଳେ ଗିରଫ ହେଲେ ପଶ୍ଚିମବଙ୍ଗର ଭୂବନାଚନ୍ଦ୍ର ପ୍ରଧାନ। ତାଙ୍କ ଠାରୁ ୮କେଜି ଗଞ୍ଜେଇ ଜବତ କରାଯାଇଛି। ଆସ୍କା ଅଞ୍ଚଳରୁ ଗଞ୍ଜେଇ ଆଣିଥିଲେ। ପଶ୍ଚିମବଙ୍ଗ ଗଞ୍ଜେଇ ନେଇ ଯାଇଥାନ୍ତେ। ଭୁବନେଶ୍ୱରରୁ ଫାଲକନାମା ଏକ୍ସପ୍ରେସ୍‌ରେ ପଶ୍ଚିମବଙ୍ଗ ଯାଉଥିଲା ବେଳେ ଭୁବନେଶ୍ୱର ରେଳ ଷ୍ଟେସନ ନିକଟରେ ଧରାପଡ଼ିଥିଲେ। ଷ୍ଟେସନରେ ଲାଗିଥିବା ଲଗେଜ୍ ସ୍କାନରେ ତାଙ୍କ ଗଞ୍ଜେଇ ଜଣାପଡ଼ିଯାଇଥିଲା। ଆରପିଏଫ୍ ଏବଂ ଜିଆରପି ମିଳିତ ସହଯୋଗରେ ତାଙ୍କୁ ଗିରଫ କରାଯାଇଛି ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

୧୩ ବର୍ଷ ପରେ ଆସିଲା ରାୟ

# ନ୍ୟାୟ ପାଇବା ପୂର୍ବରୁ ଚାଲିଗଲେ ଅଭିଯୋଗକାରୀ

ଭୁବନେଶ୍ୱର, ୨୦।୪ (ସମିସ): ଡୁମୁଡୁମା ଅଞ୍ଚଳରେ ଘଟିଥିବା ଏକ ଯୌତୁକ ନିର୍ଯାତନା ଓ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ତୃତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ବିଚାରପତି ହିମାଂଶୁ ଶେଖର ମଲ୍ଲିକ ଘଟଣାର ବିଚାରକରି ଶଶୁର ନିରଞ୍ଜନ ମଣ୍ଡଳ ଓ ଶାଶୂ ସବିତା ମଣ୍ଡଳଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

- **ଯୌତୁକ ନିର୍ଯାତନା ମାମଲାରେ ଶାଶୂଶଶୁର ଦୋଷୀ ସାବ୍ୟସ୍ତ**
- **ଏବେ ବି ଫେରାର ମୁଖ୍ୟ ଅଭିଯୁକ୍ତ ସ୍ୱାମୀ**

ପୁଲିସ ସୂଚନା ଅନୁସାରେ, ଡୁମୁଡୁମାର ବିମଳ ପ୍ରସାଦ ମହାନ୍ତିଙ୍କ ଝିଅ ସ୍ନିଗ୍ଧା ମହାନ୍ତି ଯୁକ୍ତ ୨ରେ ପଢୁଥିବା ସମୟରେ ମହାଦେବ ମଣ୍ଡଳ ତାଙ୍କୁ ବିବାହ କରିବାକୁ ବାଧ କରିଥିଲେ ଓ ମନା କଲେ ତାଙ୍କ ପିତାମାତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ଏପରି ପରିସ୍ଥିତିରେ ବିମଳ ସମ୍ମତି ଦେବା ସହ ଭୁଆସୁଣୀ ମନ୍ଦିରରେ ସ୍ନିଗ୍ଧା ଓ ମହାଦେବଙ୍କ ବିବାହ ସମ୍ପନ୍ନ ହୋଇଥିଲା। ବିବାହ ପରେ ସ୍ନିଗ୍ଧା ତାଙ୍କ ଶ୍ୱଶୁର ଘରେ ରହୁଥିବା ବେଳେ ଅତିରିକ୍ତ ଯୌତୁକ ଦାବିକୁ ନେଇ ନିରନ୍ତର ଶାରୀରିକ ଓ ମାନସିକ ନିର୍ଯାତନାର ସମ୍ମୁଖୀନ ହେଉଥିଲେ। ବିମଳ ଏହି ଦାବି ପୂରଣ କରିପାରି ନଥିବାରୁ ସ୍ନିଗ୍ଧାଙ୍କୁ ପିତାମାତାଙ୍କ ଘରକୁ ଫେରାଇ ଦିଆଯାଇଥିଲା ଓ ପରେ ଉଭୟ ପରିବାର ମଧ୍ୟରେ ପାରସ୍ପରିକ ଚୁକ୍ତିନାମା କାର୍ଯ୍ୟକାରୀ ହୋଇଥିଲା। ପରବର୍ତ୍ତୀ ସମୟରେ ଶଶୁର ଘର ଲୋକେ ଫୋନ୍ ମାଧ୍ୟମରେ ସ୍ନିଗ୍ଧାଙ୍କୁ ଧମକ ଦେଇ ଚାଲିଥିଲେ। ୨୦୧୩ ମସିହା ଫେବୃଆରୀ ୧୭ ତାରିଖ ଦିନ ପିତାମାତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ସ୍ନିଗ୍ଧା ଓଢ଼ଣି ଲଗାଇ ଫ୍ୟାନରେ ଝୁଲି ପଡ଼ିଥିଲେ। ଘଟଣାସ୍ଥଳରୁ ଏକ ସୁଇସାଇଡ୍ ନୋଟ୍ ମଧ୍ୟ ଜବତ କରାଯାଇଥିଲା। ବିମଳ ଏନେଇ ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ କେସ୍ ନଂ - ୩୯/୧୩ ରେ ମାମଲା ରୁଜୁ କରିଥିଲା। ସବ୍-ଇନ୍ସପେକ୍ଟର ତଥା ବର୍ତ୍ତମାନ ସୋନପୁର ଏସଡିପିଓ କଲ୍ୟାଣୀ ବେହେରା ଘଟଣାର ତଦନ୍ତ କରି ଶଶୁର ନିରଞ୍ଜନ ମଣ୍ଡଳ, ଶାଶୁ ସବିତା ମଣ୍ଡଳ, ସ୍ନିଗ୍ଧାଙ୍କ ଦିଅର ଓ ଦେଢ଼ଶୁରଙ୍କୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୧୭ ଜଣ ସାକ୍ଷୀ ଓ ୧୪ଟି ଦସ୍ତାବିଜ ଆଧାରରେ ମାମଲାର ବିଚାର ପ୍ରକ୍ରିୟା ସାରିଛନ୍ତି। ଶାଶୂ ଓ ଶଶୁରଙ୍କୁ ଆଇପିସି ଦଫା ୪୯୮-ଏ/୩୪ ଅନୁଯାୟୀ ୩ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୨୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୬ ମାସର କାରାଦଣ୍ଡ ଆଦେଶ ଦେଇଛନ୍ତି। ଏହା ସହିତ ଯୌତୁକ ନିଷିଦ୍ଧ ଆଇନର ଧାରା - ୪ ଅନୁଯାୟୀ ୧ ବର୍ଷର କାରାଦଣ୍ଡ ମଧ୍ୟ ଆଦେଶ ହୋଇଛି। ସମସ୍ତ ଦଣ୍ଡବିଧାନ ସମବର୍ତ୍ତୀ ଭାବେ ଲାଗୁ କରିବାକୁ ଉଲ୍ଲେଖ କରିଛନ୍ତି। ଏଥିସହିତ ଅଦାଲତ ଦିଅର ଓ ଦେଢ଼ଶୁରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ଶୁଭଶ୍ରୀ ଜେନା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ। ସ୍ୱାମୀ ତଥା ମୁଖ୍ୟ ଅଭିଯୁକ୍ତ ମହାଦେବ ମଣ୍ଡଳ ଏବେବି ଫେରାର ଥିବାରୁ ତାଙ୍କ ବିରୋଧରେ ମାମଲା ବିଚାର ହୋଇ ପାରିନାହିଁ। ସେପଟେ ସ୍ନିଗ୍ଧାଙ୍କ ପରେ ପରେ ମାଆବାପା ମଧ୍ୟ ମୃତ୍ୟୁବରଣ କରି ସାରିଛନ୍ତି। ରାୟ ପ୍ରକାଶ ପାଇବା ବେଳକୁ ପରିବାରର କେହି ମଧ୍ୟ ଜୀବିତ ନାହାନ୍ତି।



ଅକ୍ଷୟ ତୃତୀୟା ଅବସରରେ ବିନ୍ଦୁ ସାଗରରେ ଶ୍ରୀ ଲିଙ୍ଗରାଜଙ୍କ ଚାପଖେଳ

# ୨୨ରେ ପାଦଚିହ୍ନର ଗଳ୍ପନାଟକ 'ପ୍ରାପ୍ତି'

ଭୁବନେଶ୍ୱର, ୨୦।୪(ସମିସ): ନାଟ୍ୟାନୁଷ୍ଠାନ 'ପାଦଚିହ୍ନ' ପକ୍ଷରୁ ଚଳିତ ମାସ ୨୨ ତାରିଖରେ ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହେବ ତାଙ୍କର ଗଳ୍ପ ନାଟକ 'ପ୍ରାପ୍ତି'। ବରିଷ୍ଠ ନାଟ୍ୟକାର ଲଲାଟେନ୍ଦୁ ରଥଙ୍କ ରଚିତ ନାଟକର ନିର୍ଦ୍ଦେଶନା ଦେଇଛନ୍ତି ଅସୀମ ବେହେରା। ନାଟକର କାହାଣୀ ଅନୁସାରେ, ଗାଁ ଗହଳିର ଅତି ସରଳ ଯୁବକ ସହଦେବ। ଭଲ ପାଠ ପଢ଼େ। କବିତା ଲେଖେ। ଭବିଷ୍ୟତ ଚାକିରି ନେଇ ତା' ସାଙ୍ଗସାଥୀମାନେ ନାନା ଚିନ୍ତାରେ ଥିଲେ ମଧ୍ୟ ସେ ନିଶ୍ଚିନ୍ତ ଥାଏ, ପାସ୍ କଲାପରେ ସେ ସିଧା ଚାଲିଯିବ ତା' ମାମୁ ପାଖକୁ ଦିଲ୍ଲୀ। ମାମୁଁ ଭାରତ ସରକାରଙ୍କ ପେଟ୍ରୋକେମିକାଲ୍ ମିନିଷ୍ଟ୍ରିର ଅଣ୍ଡର ସେକ୍ରେଟାରୀ। ଭାରି ଇନ୍‌ଫ୍ଲୁଏନ୍‌ସିଆଲ୍। ଡିପ୍ଲୋମା ପାସ୍ କଲାପରେ ସହଦେବ ମାମୁଁଙ୍କ ପାଖରେ ଦିଲ୍ଲୀରେ ଭଣଜାର ଦାବିପତ୍ର ନେଇ ପହଞ୍ଚେ। ତାପରେ ସେଠାକାର ପରିବାର ପରିସରରେ ନାନା ଘଟଣାବଳୀ ଭିତରେ ତା'ର ଯାହା ଅନୁଭୂତି ହୋଇଛି, ସେ ସବୁ ତାକୁ ଜୀବନର ବାସ୍ତବତା ପାଖରେ ଆଣି ଛିଡ଼ା କରେଇ ଦେଇଛି। ସହଦେବର ସେହି ମୂଲ୍ୟବାନ ଉପଲବ୍ଧିକୁ ନେଇ ନାଟକ ପରିବେଷଣ ହେବ ବୋଲି ଏକ ପ୍ରେସ୍ ବିବୃତ୍ତିରେ ପାଦଚିହ୍ନ ନାଟ୍ୟସଂସ୍ଥାର ସଭାପତି ଅସୀମ କୁମାର ବେହେରା।

# 'ଦେଶାତ୍ମବୋଧ ସଙ୍ଗୀତ ସନ୍ଧ୍ୟା'

ଭୁବନେଶ୍ୱର, ୨୦।୪(ସମିସ): ଦ ବ୍ଲିଙ୍କର ଚତୁର୍ଥ ବାର୍ଷିକ ଉତ୍ସବ ଅବସରରେ 'ୟେ ସାମ ସହୀଦୋଁକେ ନାମ' ଦେଶାତ୍ମକ ସଙ୍ଗୀତ ସନ୍ଧ୍ୟା ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଏହି ସନ୍ଧ୍ୟାରେ ଅତିଥି ଭାବେ ପିସିସି ସଭାପତି ଭକ୍ତ ଦାସ, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ବିଜେପି ଉପସଭାପତି ଗୋଲଖ ମହାପାତ୍ର, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ବିଧାୟକ ସାରଦା ଜେନା, କଟକ ମେୟର ସୁବାସ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ସୁନାମଧନ୍ୟ କଣ୍ଠଶିଳ୍ପୀ ବିଶ୍ୱଜିତ, ସ୍ୱଦେଶ ମହାନ୍ତି, ଅର୍ପିତା ରିତ୍ୱିକ, ଉର୍ମି ଡାନିଆଲ ବିଭିନ୍ନ ଦେଶାତ୍ମବୋଧକ ଗୀତ ତଥା ଦିଲ ଦିୟା ହେ, ଜାନ ଭି ଦେଙ୍ଗେ, ୟେ ୱତନ ତେରେ ଲିୟେ, ହର କରମ କରେଙ୍ଗେ, ସନ୍ଦେଶେ ଆତେ ହେଁ ଆଦି ପରିବେଷଣ କରିଥିଲେ। ତିନ ଜଣ ସହିଦ ପରିବାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶନୀ, ସୂର୍ଯ୍ୟମୟୀ, ଅଭିନେତା ଶ୍ରୀତମ ଦାସ, ସୁବାଶିଷ ଶର୍ମା ଆଦି କଳାକାରମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ମନୋଜ ମହାପାତ୍ର ଏବଂ ଦୁର୍ଗାଶଙ୍କର ମହାପାତ୍ର। ଶେଷରେ ଧନ୍ୟବାଦ ଦେଇଥିଲେ ଭବାନୀ ମହାପାତ୍ର।

■ ସୁଦର୍ଶନ ଦାରୁପୀଠ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ନେଇ ପୂଜାନୀତି

# କଳସ ଶୋଭାଯାତ୍ରାରେ ୪୮୦ ଶ୍ରଦ୍ଧାଳୁ



ବାଲିଅନ୍ତା, ୨୦।୪(ସମିସ): ବାଲିଅନ୍ତା ବ୍ଲକ ଅଧୀନ ଗଡ଼କଣ୍ଟୁଣିଆ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ନେଇ ମନ୍ଦିର ପରିସର ଉତ୍ସବମୁଖର ହୋଇଉଠିଛି। ଏନେଇ ସ୍ୱତନ୍ତ୍ର ପୂଜାନୀତି ହୋମ ଯଜ୍ଞ ଏବଂ ଷୋଡଶ ଉପଚାର ପୂଜା ଚାଲିଛି। ଆସନ୍ତା ୨୪ ତାରିଖରେ ପୂର୍ଣ୍ଣାହୁତି ନୀତିକାନ୍ତି ଏବଂ ଶ୍ରୀ ଜୀଉମାନେ ମନ୍ଦିର ସିଂହାସନରେ ବିରାଜମାନ ହେବେ। ଏନେଇ ଆଜି କଳସ ଶୋଭାଯାତ୍ରା ନେଇ ଭକ୍ତମାନଙ୍କ ମଧ୍ୟରେ ବେଶ ଉତ୍ସାହ ଓ ଉତ୍କଣ୍ଠା ଦେଖାଦେଇଥିଲା। ପୂର୍ବରୁ ଯିଏ କଳସ ଘଟ ଅନୁକୂଳରେ ଭାଗ ନେବେ ସେମାନେ ମନ୍ଦିର କାର୍ଯ୍ୟାଳୟରେ ୬୦୦ ଟଙ୍କା ଲେଖାଏଁ ରିସିଦ କାଟିଥିଲେ। ମୋଟ ୪୮୦ ଜଣ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଆଜି ପୂର୍ବାହ୍ନରେ ମହିଳା ଓ ପୁରୁଷ ମାନେ ସଂକଳ୍ପ ରଖି ପାଣି ଉଠାଇଥିଲେ। ବାଲିଅନ୍ତା ସମେତ ବାଲିପାଟଣା, ରାଜଧାନର ଟଙ୍କପାଣି ରୋଡ, ବ୍ରହ୍ମେଶ୍ୱର, ବଡଗଡ଼, ନୂଆଗାଁ ତଥା ବିଭିନ୍ନ ସ୍ଥାନରୁ ମୋଟ ୪୮୦ ଜଣ ପୁରୁଷ ଓ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କୁଆଖାଇ ନଦୀରୁ ଦାରୁପୀଠ ଯାଏ କଳସ ଶୋଭାଯାତ୍ରା ଲମ୍ବିଥିଲା।

ଶ୍ୟାମପୁର ୬୮ ଏକର ଜମି ଜବରଦଖଲ

# ୧୫ କୋଟିରେ ଜମି ବିକିଛନ୍ତି ମାଫିଆ

ଭୁବନେଶ୍ୱର, ୨୦।୪(ସମିସ): ଭରତପୁର ଥାନା ଅଧୀନସ୍ଥ ଶ୍ୟାମପୁର ମୌଜାରେ ବିଡ଼ିଏ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସରକାରୀ ଜମିରୁ ଘର ଉଚ୍ଛେଦ କରାଯାଇଥିବା ଶତାଧିକ ପରିବାର ଏବେ ଖୋଲା ଆକାଶ ତଳେ ଓ ଗଛ ତଳେ ରହିବାକୁ ବାଧ ହୋଇଛନ୍ତି। କିନ୍ତୁ ଯେଉଁ ଜମି ମାଫିଆ ଓ ଦଲାଲମାନେ ଏହି ସରକାରୀ ଜମିର ପ୍ଲଟ ବିକ୍ରି କରି ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ କରିଥିଲେ। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ ନିଆଯିବ, ସେନେଇ ପ୍ରଶ୍ନ ଉଠିଛି।

ଅଭିଯୋଗ ଅନୁଯାୟୀ, ଜମି ମାଫିଆ ଓ ଦଲାଲମାନେ ଶ୍ୟାମପୁରର ବିଡ଼ିଏ ଜମିକୁ ନିଜର ପୂର୍ବପୁରୁଷର ସମ୍ପତ୍ତି ବୋଲି ମିଥ୍ୟା ଦାବି କରି ପ୍ଲଟ ଖଣ୍ଡ ଖଣ୍ଡ କରି ବିକ୍ରି କରିଥିଲେ। ପ୍ରାୟ ୧୦୦୦ ଜଣ ସାଧାରଣ ଲୋକ ଘର ରାଜଧାନୀରେ ତିଆରି କରିବା ଆଶାରେ ପ୍ରତି ପ୍ଲଟ୍ ପାଇଁ ସର୍ବନିମ୍ନ ୨ ଲକ୍ଷ ଟଙ୍କା ଲେଖାଏଁ ଦେଇଥିଲେ। ଏଥିରେ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ହୋଇଥିବା ସାମ୍ନାକୁ ଆସିଛି। ଏପରିକି ବିଡିଏ ୯୦୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଛି। ଲୋକେ ବିଶ୍ୱାସ କରି ଘର ବନାଇଥିଲେ, କିନ୍ତୁ ଉଚ୍ଛେଦରେ ସେହି ଘର ଭଙ୍ଗାଦେଇଛି। ଏବେ ଲୋକେ ରାସ୍ତା କଡରେ ଓ ଗଛ ତଳେ ଜୀବନ ବିତାଉଥିବାବେଳେ ନ୍ୟାୟ ଦାବି କରିଛନ୍ତି। ଉଚ୍ଛେଦ ପରେ ପ୍ରଭାବିତ ଲୋକେ ଅସନ୍ତୋଷବ୍ୟକ୍ତ କରି କହିଛନ୍ତି। ଜମି ମାଫିଆ ଓ ଦଲାଲମାନେ ଆମକୁ ଠକାଇ ଲକ୍ଷ ଲକ୍ଷ ଟଙ୍କା ନେଇ ଫେରାର ହୋଇଗଲେ। ଆମେ ଗରିବ ଲୋକ ଘର ବନାଇଥିଲୁ। ଏବେ ସେହି ଘର ଭାଙ୍ଗି ଦିଆଗଲା। ମାଫିଆଙ୍କୁ ଧରିବା ବଦଳରେ କେବଳ ଆମକୁ ହଇରାଣ କରାଯାଉଛି। କେତେକ ମହିଳା ଉଚ୍ଛେଦ ସ୍ଥଳରେ ସର୍ଭେ ପରେ ମଧ୍ୟ ଘର ଭଙ୍ଗା ହୋଇଥିବା ଅଭିଯୋଗ କରିଛନ୍ତି। ଏହି ଠକେଇ ମାମଲାରେ ବିଡିଏ ଇକୋନମିକ୍ ଅଫେନ୍ସେସ୍ ୱିଙ୍ଗ୍ (ଇଓଡ଼ବ୍ଲ୍ୟୁ) ରେ ଏତଲା କରିଥିଲା। କିନ୍ତୁ ଥରେ ସେମାନଙ୍କ ନାମରେ ଏତଲା ଦେବାକୁ ଦାବି ଜୋର ଧରିଛି।

ଏଯାଏଁ ଥାନାରେ ଏତଲା ନେଇ କୌଣସି ନିଷ୍ପତ୍ତି ହୋଇ ନ ଥିବାବେଳେ ଦଲାଲଙ୍କ ବିରୋଧରେ ବିଡିଏ କି କାର୍ଯ୍ୟାନୁଷ୍ଠାନ ନେବ ସେନେଇ ଉପାଧ୍ୟକ୍ଷ ଚଞ୍ଚଳ ରାଣା ଓ ବିଡିଏ ସମ୍ପାଦକ ମାନସ ପାଢ଼ୀ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଏନେଇ ଜନସାଧାରଣ ଓ ପ୍ରଭାବିତ ଲୋକେ ଇଓଡ଼ବ୍ଲ୍ୟୁ ଏତଲା ପରେ ଥାନାରେ ଏତଲା କେବେ ହେବ ସେନେଇ ପ୍ରଶ୍ନ ଉଠାଇଛନ୍ତି। ଖାଲି ନୀରିହ ଲୋକଙ୍କ ଘର ଭାଙ୍ଗିବ ନା ଜମି ବିକିଥିବା ଦଲାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଘର ଭାଙ୍ଗିଥିବା ଲୋକେ ବିଡିଏକୁ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱର ଉପକଣ୍ଠ ଭରତପୁର ଶ୍ୟାମପୁର ମୌଜାରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ବଡ଼ ଜବରଦଖଲ ଉଚ୍ଛେଦ କରିଛି। ପ୍ରାୟ ୬୮ ଏକର ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଥଲବାବେଳେ ୨ ଦିନରେ ୬୧ ଏକର ଜମି ଜବରଦଖଲମୁକ୍ତ ହୋଇଛି।



- **ଦଲାଲଙ୍କ ବିରୋଧରେ ଏତଲା କେବେ**
- **ଶସ୍ତାରେ ଜମି କିଣି ଗଛ ତଳେ ଜୀବନ**





# ପରିତ୍ୟକ୍ତ ଅବସ୍ଥାରେ ରସୁଲଗଡ଼ ଶ୍ମଶାନ

■ ରକ୍ଷଣାବେକ୍ଷଣ ଅଭାବରୁ ପାଲଟିଲାଣି ଜଙ୍ଗଲ
■ ସନ୍ଧ୍ୟା ହେଲେ ଜମୁଛି ନିଶାଡ଼ିଙ୍କ ଆଡ୍ଡା

ଭୁବନେଶ୍ୱର, ୨୦।୪(ସମିସ): ମଶାଣି ପାଲଟିଛି ଜଙ୍ଗଲ। ରକ୍ଷଣାବେକ୍ଷଣ ଅଭାବରୁ ମଶାଣି ପରିସରରେ ଭର୍ତ୍ତି ହେଲାଣି ଅନାବନା ଗଛ। ସନ୍ଧ୍ୟା ହେଲେ ବିଭିନ୍ନ ନିଶାଦ୍ରବ୍ୟ ସାଙ୍ଗରେ ଧରି ମେଳି ବାନ୍ଧି ଚାଲିଆସୁଛନ୍ତି ଅସାମାଜିକ ବ୍ୟକ୍ତି। ନାଁ ଅଛି ପୁଲିସ୍ ଭୟ ନାଁ ଅଛି ସ୍ଥାନୀୟ ଲୋକଙ୍କୁ ଡର। ତା ସାଙ୍ଗକୁ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ରସୁଲଗଡ଼ ସ୍ଥିତ ୱାର୍ଡ ନମ୍ବର ୧୮ ଅଧିନରେ ରହିଥିବା ରସୁଲଗଡ଼ ଶ୍ମଶାନରେ। ଜନବସତି ମଧ୍ୟରେ ରହିଥିବା ଏହି ମଶାଣି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ବେଳେ ଏହାର ପୁନରୁଦ୍ଧାର କାର୍ଯ୍ୟ ପାଇଁ ବହୁବାର ଅଭିଯୋଗ ପରେ ବି ଏପର୍ଯ୍ୟନ୍ତ ହୋଇପାରି ନାହିଁ।

ପ୍ରାୟ ୪୦ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ହେବ ରସୁଲଗଡ଼ରେ ଏହି ମଶାଣି ନିର୍ମାଣ କରାଯାଇଥିଲା। ସେତେବେଳେ ଲୋକସଂଖ୍ୟା କମ୍ ଥିବାବେଳେ ବର୍ତ୍ତମାନ ଏଠାରେ ହୁ ହୁ ହୋଇ ଜନସଂଖ୍ୟା ବୃଦ୍ଧି ପାଉଛି। ପାଣ୍ଡରା, ଜଗନ୍ନାଥ ବିହାର, ରସୁଲଗଡ଼ ଗାଁ ଆଦି ଅଞ୍ଚଳରେ ବାସ କରୁଥିବା ପ୍ରାୟ ୧୫ରୁ ୨୦ ହଜାର ଲୋକ ଏହି ଶ୍ମଶାନକୁ ନିର୍ଭର କରିଥାନ୍ତି। ସହର ମଧ୍ୟରେ ଶବଦାହ କରିବାକୁ ଜାଗାଟିଏ ପାଇବା ବଡ଼ କଷ୍ଟ ହୋଇଥିବା ବେଳେ ଏଠାରେ ପ୍ରାୟ ଦେଢ଼ ଏକର ପରିମିତ ଜାଗାରେ ରହିଥିବା ବହୁ ପୁରୁଣା ଶ୍ମଶାନ ଏବେବି ପରିଚୟ ଭାବେ ଛିଡ଼ା ହୋଇଛି। ହେଲେ ଏହାର ରକ୍ଷଣାବେକ୍ଷଣ କରାଯାଉ ନଥିବାରୁ ତାହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଶ୍ମଶାନ ପରିସରରେ ଗଛଲତା ମାଡ଼ି ଯାଇଥିବା ବେଳେ ଅପରିଷ୍କାର ପାଣି ଜମି ରହି ଦୁର୍ଗନ୍ଧ ସୃଷ୍ଟି ହେଉଛି। ଅନେକ ସମୟରେ ସ୍ଥାନୀୟ ଲୋକେ ମଧ୍ୟ ବିଭିନ୍ନ ଆବର୍ଜନା ଗଦା କରୁଛନ୍ତି। ଫଳରେ ବୁଲା କୁକୁରମାନେ ଆବର୍ଜନା ଗୁଡ଼ିକ ଚାରିଆଡ଼େ ଖେଳାଇ ଏଣେତେଣେ ପକାଉଥିବା ବେଳେ ଘର ବାହାରକୁ ଆସିଲେ ଦୁର୍ଗନ୍ଧ ହେଉଥିବା ଆଖପାଖରେ ବାସ କରୁଥିବା ଲୋକେ କହିଛନ୍ତି। ସବୁଠୁ ବଡ଼କଥା ହେଉଛି ଏହି ଶ୍ମଶାନର ମୁଖ୍ୟ ଫାଟକ ଦିନରାତି ଖୋଲା ରହୁଥିବାରୁ ପ୍ରବେଶରେ କୌଣସି କଟକଣା ନାହିଁ। କେବଳ ସେତିକି ନୁହେଁ ଏଠାରେ ସୁରକ୍ଷାକର୍ମୀ ନଥିବାରୁ ଦିନକୁ ଦିନ ଅସାମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ଅସହ୍ୟ ହେଉଥିବା ଅଞ୍ଚଳବାସୀ କହିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ୧୦ ବର୍ଷ ପୂର୍ବରୁ ଶ୍ମଶାନରେ ପାଚେରୀ ନିର୍ମାଣ କରାଯିବା ସହ ପିଏଚ୍‌ଡି ପାଣି ସଂଯୋଗ କରାଯାଇଥିଲା। ହେଲେ ଏବେ ପାଚେରୀ ନଷ୍ଟ ହେବା ସହ ପରିସର ଜଙ୍ଗଲ ପାଲଟିଛି। ଅଭିଯୋଗ ପରେ ସ୍ଥାନୀୟ କର୍ପୋରେଟରଙ୍କ ଉଦ୍ୟମରେ ଜଙ୍ଗଲ ସଫା କରାଯାଇଥିଲା। ହେଲେ ବର୍ତ୍ତମାନ ସେହି ଅବସ୍ଥା ହୋଇଛି। ଶ୍ମଶାନର ଚାରିପାଖରେ ଜନବସତି ରହିଥିବାରୁ ଶ୍ମଶାନରେ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯିବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ୱାର୍ଡ କର୍ପୋଟର ବିପ୍ଳବ ବେହେରା କହିଛନ୍ତି ଯେ, ପ୍ରାୟ ଦେଢ଼ବର୍ଷ ପୂର୍ବରୁ ଶ୍ମଶାନର ପୁନରୁଦ୍ଧାର କାର୍ଯ୍ୟ ପାଇଁ ବିଏମ୍‌ସି କମିସନର ପରିଦର୍ଶନ କରିଥିଲେ। ଏଠାରେ ଏକ ଇଲେକ୍ଟ୍ରିକ୍ ଚୂଲା, ସୁରକ୍ଷାକର୍ମୀଙ୍କ ପାଇଁ ଘର ନିର୍ମାଣ ସହ ପାଚେରୀ ରଙ୍ଗ, ଏବଂ ସୌନ୍ଦର୍ଯ୍ୟୀକରଣ କରାଯିବା ଆଦି ଯୋଜନା ରହିଥିଲା। ଏଥିପାଇଁ ଡିପିଆର ପ୍ରସ୍ତୁତି ସହ ବେଜଟ୍ ଏଷ୍ଟିମେଟ୍ କରାଯାଇଥିଲା। କିନ୍ତୁ ବିଏମ୍‌ସି ପକ୍ଷରୁ ଟେଣ୍ଡର ପାସ୍ କରାଯାଉ ନଥିବାରୁ କାମ ଆରମ୍ଭ ହୋଇପାରୁ ନାହିଁ।



## ବିଜେଡି ପକ୍ଷରୁ ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୨୦।୪(ସମିସ): ରାଜଧାନୀରେ ଅବସ୍ଥିତ ଐତିହାସିକ କେଦାରନାଥ ମହାପାତ୍ର ଓ ଚାରଣ କବି ତଥା ସ୍ୱାଧୀନତା ସଂଗ୍ରାମୀ କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ପ୍ରଥମେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଶିକ୍ଷାବିତ୍ କାମଦେବ ମହାପାତ୍ର ବରପୁତ୍ରମାନଙ୍କ ଜୀବନୀ ଉପରେ ଆଧାରିତ କବିତା ଆବୃତ୍ତି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ରମେଶ ପାଣି, କେଦାରନାଥଙ୍କ ନାତି ଉମେଶ ମହାପାତ୍ର, ଜ୍ୟୋତିଭୂଷଣ ଗରାବଡୁ, ଭୁବନେଶ୍ୱର ଗୌରବ ଗିରିଜା ଶଙ୍କର ମହାପାତ୍ର, ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସୁଶାନ୍ତ ମୁଦୁଲି, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ବରପୁତ୍ରମାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅମିତ୍ ପାତାଳ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆଦିଲ୍ଲୀ ତ୍ୟାଗରାଜ ନଗର ଜଗନ୍ନାଥ ମନ୍ଦିର ରଥ ନିର୍ମାଣ ଆରମ୍ଭ



ଭୁବନେଶ୍ୱର, ୨୦।୪ (ସମିସ): ଶ୍ରୀଜଗନ୍ନାଥ ମନ୍ଦିର, ତ୍ୟାଗରାଜ ନଗର, ନୂଆଦିଲ୍ଲୀରେ ଅକ୍ଷୟ ତୃତୀୟା ଅବସରରେ ମହାପ୍ରଭୁଙ୍କ ତିନୋଟି ରଥ ନିର୍ମାଣ ଆରମ୍ଭ ହୋଇଛି। ଓଡ଼ିଶା ବାହାରେ ପ୍ରଥମଥର ପାଇଁ ତିନୋଟି ବିଗ୍ରହ ପାଇଁ ତିନୋଟି ଅଲଗା ରଥ ପ୍ରସ୍ତୁତ କରାଯିବ ବୋଲି ଘୋଷଣା କରିଛନ୍ତି। ଏହି ରଥଗୁଡ଼ିକୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ୧୬ ଜୁଲାଇ ୨୦୨୬ ତାରିଖରେ ଶ୍ରୀ ଜଗନ୍ନାଥ ମାର୍ଗରେ ଟଣାଯିବ। ଏହି ନୂତନ ପ୍ରୟାସର ଘୋଷଣା ପରେ ଦିଲ୍ଲୀ-ଏନସିଆରର ଭକ୍ତମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ଓ ଆଗ୍ରହ ଦେଖାଯାଇଛି। ଏହା ପୂର୍ବରୁ ଓଡ଼ିଶାରେ ଭକ୍ତମାନଙ୍କ ଦ୍ୱାରା ବିଶେଷ ଆୟୋଜନ ମାଧ୍ୟମରେ ପବିତ୍ର କାଠ ସଂଗ୍ରହ କରି ଦିଲ୍ଲୀକୁ ଆଣାଯାଇଥିଲା। ଏହି ଅବସରରେ ରାଜ୍ୟସଭା ସାଂସଦ ଓ ଓଡ଼ିଶା ଭାରତୀୟ ଜନତା ପାର୍ଟିର ରାଜ୍ୟ ଅଧ୍ୟକ୍ଷ ମନମୋହନ ସାମଲ, ବିଭୁ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିବା ବେଳେ ଅବନୀକାନ୍ତ ସାହୁ କର୍ତ୍ତା ଭାବେ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ୟାଗରାଜ ନଗରର ବିଧାୟକ ନୀରଜ ବଶୋୟା, ନୂଆଦିଲ୍ଲୀର ସାଂସଦ ବାଂସୁରୀ ସ୍ୱରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁରୁଶ୍ରୀ ଜଗନ୍ନାଥ ଦାସଙ୍କ ଜନ୍ମବାର୍ଷିକ



ଭୁବନେଶ୍ୱର, ୨୦।୪(ସମିସ): ପତିତପାବନ କଳକୀ ସେବାଶ୍ରମରେ ଗୁରୁଶ୍ରୀ ଜଗନ୍ନାଥ ଦାସଙ୍କ ଜନ୍ମବାର୍ଷିକ ପାଳିତ ହୋଇଛି। ଏହି ଅବସରରେ ନାମ ସଂକୀର୍ତ୍ତନ ଆୟୋଜିତ ହୋଇଥିଲା। ଏଥିରେ ହାରାହାରି ହଜାରେରୁ ଅଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପଟଶିଷ୍ୟ ମଳୟ ପଟ୍ଟନାୟକ, ଗୁରୁଜୀ ସୁବାସ ମାର୍ଥା ଓ ସନାତନ ପ୍ରଧାନ, ଗୋପବନ୍ଧୁ ଦୀକ୍ଷିତ, ଆଲୋକ ବାବା, କେନ୍ଦ୍ରାପଡ଼ାର ଯୁବ ସମାଜସେବୀ ଶୁକାନ୍ତ ପ୍ରଧାନ, ସଞ୍ଜୟ କୁମାର ସ୍ୱାଇଁ, ରାଗୁନାଥ ଗୌଡ଼, ଗୋପାଳ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଦାର, ତପନ ସାହୁ, ଜଳନ୍ଧର ନାୟକ ଆଦି ଯୋଗ ଦେଇଥିଲେ।

## ତୃଣମୂଳ କଂଗ୍ରେସ ପ୍ରଚାରରେ ଓଡ଼ିଆ ନେତା



ଭୁବନେଶ୍ୱର, ୨୦।୪(ସମିସ): ପଶ୍ଚିମବଙ୍ଗ ନିର୍ବାଚନ ପରିପ୍ରେକ୍ଷୀରେ ଓଡ଼ିଶାର ବିଜେପି ନେତା ଓ ମନ୍ତ୍ରୀ ପଡୋଶୀ ରାଜ୍ୟରେ ଡେରା ପକାଇଥିବାବେଳେ ତୃଣମୂଳ କଂଗ୍ରେସ ପାଇଁ ଅଣ୍ଟା ଭିଡ଼ିଛନ୍ତି ଓଡ଼ିଆ ନେତା। ଫାୟାରବ୍ରାଣ୍ଡ ବକ୍ତା ତଥା ସଂଗଠକ ଦେବୀପ୍ରସାଦ ପୃଷ୍ଟି ଗତ ଏକ ସପ୍ତାହ ଧରି ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ ସପକ୍ଷରେ ମାରାଥନ ପ୍ରଚାର ଜାରି ରଖିଛନ୍ତି। ପୃଷ୍ଟି ସିଉଡ଼ି ଏବଂ ବାରାକପୁର ଲୋକସଭା ଆସନ ଅନ୍ତର୍ଗତ ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଚାର କରିଛନ୍ତି। ଯେଉଁଦିନ ଟିଏମସି ସୁପ୍ରିମୋ ତଥା ବେଙ୍ଗଲ ମୁଖ୍ୟମନ୍ତ୍ରୀ ସିଉଡ଼ିରେ ଏକ ବିଶାଳ ଜନସଭାକୁ ସମ୍ବୋଧିତ କରିଥିଲେ।

୨୦୨୬ ବେଙ୍ଗଲ ବିଧାନସଭା ନିର୍ବାଚନରେ ଟିଏମସିର ବିଜୟ ୨୦୨୯ରେ ଦିଲ୍ଲୀରେ କ୍ଷମତା ପରିବର୍ତ୍ତନ ପାଇଁ ପଥ ପରିଷ୍କାର କରିବ ବୋଲି ପୃଷ୍ଟି ପ୍ରକାଶ କରିଛନ୍ତି। ସେ ପ୍ରଶ୍ନ କରିଥିଲେ ଯେ, ଯେତେବେଳେ ଓଡ଼ିଶାରେ ବିଜେପି ସରକାର ମହିଳା ଓ ଝିଅମାନଙ୍କୁ ମାତ୍ର ୧୦ ହଜାର ଟଙ୍କା ଦେଉଛନ୍ତି, ସେତେବେଳେ ପଶ୍ଚିମବଙ୍ଗରେ 'ଦିଦି' ୧୮ ହଜାର ଟଙ୍କା ଦେଉଛନ୍ତି; ଓଡ଼ିଶାର ବେକାର ଯୁବକମାନଙ୍କ ପାଇଁ ବିଜେପି କିଛି ଦେଉ ନ ଥିବା ବେଳେ ଦିଦି ମାସିକ ୧୫୦୦ ଟଙ୍କା ଦେଉଛନ୍ତି। ଏଭଳି ସ୍ଥିତିରେ ବିଜେପି କିପରି ମାସିକ ୩୦୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଉଛନ୍ତି? ଓଡ଼ିଶାରେ ବିଜେପି ସରକାର ସମୟରେ ଆଦିବାସୀମାନେ ସବୁଠାରୁ ଅଧିକ ନିର୍ଯାତିତ ହେଉଥିବା ବେଳେ ସେମାନଙ୍କ ନେତାମାନେ ବେଙ୍ଗଲର ଆଦିବାସୀଙ୍କ ପାଇଁ ବଡ଼ ବଡ଼ କଥା କହିବା ଏକ ମୂର୍ଖାମୀ ବୋଲି ସେ କହିଥିଲେ।

## ଯାଁଳାରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

ଯାଁଳା, ୨୦।୪(ସମିସ): ଜଟଣୀ ବ୍ଲକ ଯାଁଳା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅନୁପସ୍ଥିତ ଯୋଗୁଁ ଉପଜିଲ୍ଲାପାଳ ଡ଼ଃ ମନୋରଞ୍ଜନ ସାହୁ ଅଧ୍ୟକ୍ଷତାରେ ଆୟୋଜିତ ଏହି ମିଳିତ ଜନଶୁଣାଣିରେ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ, ଜଟଣୀ ବିଧାୟକ ଓ ସ୍ଥାନୀୟ ଜନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଆଜି ଜନଅଭିଯୋଗ ଶୁଣାଣିରେ ମୋଟ ୩୬ଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ୨୯ ଟି ଅଭିଯୋଗ ବ୍ୟକ୍ତିଗତ ହୋଇଥିବା ବେଳେ ୭ଟି ଅଭିଯୋଗ ସାମୂହିକ ଅଭିଯୋଗ ଥିଲା।୩ ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା।

ଆଜିର ଅଭିଯୋଗ ଗୁଡିକ ଭିତରେ ଗ୍ରାମ୍ୟ ରାସ୍ତା ଜବରଦଖଲ ମୁକ୍ତ, ସ୍ଥାନୀୟ ବିଦ୍ୟାଳୟର ସମସ୍ୟା, ବାର୍ଦ୍ଧକ୍ୟ ଓ ବିଧବା ଭତା ଓ ସ୍ଥାନୀୟ ଡାକ୍ତରଖାନା ସମସ୍ୟା, ପ୍ରଧାନମନ୍ତ୍ରୀ ଆଭାସ ଯୋଜନା ଉପରେ ଅଭିଯୋଗ ଆଣିଥିଲେ। ଯାଁଳା ପଞ୍ଚାୟତ ମୁଣ୍ଡମୁହାଣ ଗ୍ରାମରେ ବିଭିନ୍ନ ରାସ୍ତା ମରାମତି ଓ କଂକ୍ରିଟ କରଣ ହେଉଥିଲେ ମଧ୍ୟ କିଛି ସ୍ଥାନରେ ଜବରଦଖଲ ଯୋଗୁଁ ରାସ୍ତା କାମ ତ୍ୱରାନ୍ୱିତ ହୋଇପାରୁ ନଥିବା ଅଭିଯୋଗ ହୋଇଥିଲା। ତେଣୁ ଉକ୍ତ ରାସ୍ତା ଗୁଡିକ ଉପରୁ ଜବରଦଖଲମୁକ୍ତ କରି ରାସ୍ତା କାମ ତ୍ୱରାନ୍ୱିତ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଥିଲେ। ସେହିଭଳି ଅକ୍ଷୟ ତୃତୀୟା ଅବସରରେ ପଞ୍ଚାୟତ ପରିସରରେ ଥିବା ମୋଟ ୩୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସୁବିଧା କେନ୍ଦ୍ର ଗୃହ, କଲ୍ୟାଣ ମଣ୍ଡପ ସେଡ, ମହିଳା ମହାସଂଘ ଗୃହକୁ ଉଦ୍ଘାଟନ କରାଯାଇଥିଲା। ଆଜିର ଏହି ଜନଅଭିଯୋଗ ଶୁଣାଣିରେ ଖୋର୍ଦ୍ଧା ଜିଲା ସିଡିଏମଓ ଡ଼ଃ ସଞ୍ଜୟ ରାୟ, ଜଟଣୀ ବ୍ଲକ ବିଡିଓ ବଶନ୍ତ କୁମାର ହାତୀ, ଯାଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ସହ ରାଜସ୍ୱ ବିଭାଗ, ସାମାଜିକ ସୁରକ୍ଷା, ସଶକ୍ତୀକରଣ ଓ ଶିଶୁ କଲ୍ୟାଣ, କୃଷି, ଶିଳ୍ପ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଆରଡବ୍ଲ୍ୟୁଏସ୍‌ଏସ୍, ପାନୀୟ ଜଳ ଖାଦ୍ୟ ଯୋଗାଣ ବିଭାଗର ବରିଷ୍ଠ ଅଧିକାରୀ, ଅଙ୍ଗନବାଡି, ଆଶା କର୍ମୀ ଓ ମହିଳା ସ୍ୱୟଂ ସଂଘଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ଦି ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ ପକ୍ଷରୁ ବୈଷୟିକ ଅଧିବେଶନ

ଭୁବନେଶ୍ୱର, ୨୦।୪(ସମିସ): ଦି ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ ଓଡ଼ିଶା ଶାଖା ଦ୍ୱାରା ୬୫ ତମ ବାର୍ଷିକ ବୈଷୟିକ ଅଧିବେଶନ ପାଳିତ ହୋଇଛି। ଓଡ଼ିଶା ଶାଖାର ଅଧ୍ୟକ୍ଷ ଇଂ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନର ସମ୍ପାଦକ ଇଂ ମନୋଜ କୁମାର ଦାଶ କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଷ୍ଟ୍ର ନିର୍ମାଣରେ ଇଞ୍ଜିନିୟରମାନଙ୍କ ଭୂମିକା ଓ ଅବଦାନକୁ ମନେ ପକାଇବାରେ ଆଜିର କାର୍ଯ୍ୟକ୍ରମ ଏକ ଉପଯୁକ୍ତ ଅବସର ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସର୍ବଭାରତୀୟ ସଭାପତି ଇଂ ମନୀଷ ମହେନ୍ଦ୍ର କୋଠାରୀ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଏବଂ ଅନ୍ୟତମ ଅତିଥି ଭାବେ ଆଇଏମ୍‌ଏମ୍‌ଟିର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ଡ. ସୁବ୍ରତ କୁମାର ଖୁଣ୍ଟିଆ ଉପସ୍ଥିତ ଥିଲେ। ଉଦଯାପନୀ ଅଧିବେଶନରେ ସିଭିରମଣ ଗ୍ଲୋବାଲ ୟୁନିଭେର୍ସିଟିର କୁଳପତି ପ୍ରଫେସର ଡ. ବଂଶୀଧର ମାଝୀ ଯୋଗ ଦେଇଥିଲେ। ଅଧିବେଶନରେ ୩୦ରୁ ଅଧିକ ଗବେଷଣାମୂଳକ ନିବନ୍ଧ ଉପସ୍ଥାପିତ କରାଯାଇ ପୁରସ୍କୃତ କରାଯାଇଥିଲା।




## ମେ ୯ରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭୁବନେଶ୍ୱର, ୨୦।୪(ସମିସ): ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ମେ ମାସ ୯ ତାରିଖରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସଲୋମୀ ସାହୁ ପ୍ରକାଶ କରିଛନ୍ତି। ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମାମଲା ଯଥା ରଫାଯୋଗ୍ୟ ଫୌଜଦାରୀ ମାମଲା, ପ୍ଲି ବାରଗେନିଙ୍ଗ, ଚେକ୍ ବାଉନ୍ସ, ଋଣ ଆଦାୟ, ଦୁର୍ଘଟଣାଜନିତ ମାମଲା, ରଫାଯୋଗ୍ୟ ଟ୍ରାଫିକ୍ ଚାଲାଣ, ଶ୍ରମ ବିବାଦ, ଜନଉପଯୋଗୀ ମାମଲା, ବିଦ୍ୟୁତ, ଜଳ, ବୈବାହିକ ବିବାଦ, ପାରିବାରିକ ବିବାଦ, ଜମି ଅଧିଗ୍ରହଣ, ଚାକିରି ଓ ଅବସର ସମ୍ପର୍କିତ ପେନ୍‌ସନ୍ ମାମଲା, ରାଜସ୍ୱ ସହିତ ଫୌଜଦାରୀ ମାମଲାଗୁଡିକ ବିଭିନ୍ନ ଜିଲ୍ଲା ଓ ଉପଖଣ୍ଡ କୋର୍ଟମାନଙ୍କରେ ଆଗତ କରାଯାଇ ଆପୋଷ ବୁଝାମଣା ଜରିଆରେ ମାମଲାର ସମାଧାନ କରାଯାଇପାରିବ।

## ଅଭିନେତ୍ରୀଙ୍କ ଦ୍ୱାରା 'ଦ ମିଷ୍ଟ' ଉଦ୍‌ଘାଟିତ




ଭୁବନେଶ୍ୱର, ୨୦।୪(ସମିସ): 'ଦ ମିଷ୍ଟ- ହୋୟୋର ଏଲିଗାନ୍ସ ଲିଙ୍ଗସ' ନୂତନ ଲକ୍‌ଜୁ୍ୟରୀ ପର୍ଫ୍ୟୁମ୍ ବ୍ରାଣ୍ଡ ଓଲିଉଡ୍ ଅଭିନେତ୍ରୀ ଭୂମିକା ଦାସଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଏହି ବ୍ରାଣ୍ଡର ବିଶେଷତା ହେଉଛି ଏଥିରେ ସ୍ୱିସ୍ ଉତ୍ପତ୍ତିର ଉଚ୍ଚ ଗୁଣସ୍ତରୀୟ ତେଲ ବ୍ୟବହୃତ ହେବା ସହ ଡିପିଜି ଆଲକୋହଲ୍ ବ୍ୟବହାର କରାଯାଇଛି, ଯାହା ଚର୍ମ ପାଇଁ ସୁରକ୍ଷିତ। କୀର୍ତ୍ତି ଚୌରାସିଆ, ଅଭିଶେକ ଚୌରାସିଆ ଓ ବବିତା ଚୌରାସିଆଙ୍କ ମିଳିତ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ପର୍ଫ୍ୟୁମ୍ ବ୍ରାଣ୍ଡ ଆଗାମୀ ଦିନରେ ଦେଶ ବିଦେଶରେ ଲଞ୍ଚ କରିବା ଲକ୍ଷ୍ୟ ରହିଛି। ଏହି ପର୍ଫ୍ୟୁମରେ ୩୦% ଅଏଲ୍ କନସେନଷ୍ଟ୍ରେସନ୍ ରହିଥିବାରୁ ଏହା ଅଧିକ ବାସ୍ନାଯୁକ୍ତ ଶ୍ରେଣୀରେ ଅନ୍ତର୍ଭୁକ୍ତ।

## ଐତିହାସିକ କେଦାରନାଥ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ




ଭୁବନେଶ୍ୱର, ୨୦।୪(ସମିସ): ପ୍ରତ୍ନତତ୍ତ୍ୱବିତ୍, କୃତବିଦ୍ୟ ଐତିହାସିକ କେଦାରନାଥ ମହାପାତ୍ରଙ୍କ ୪୫ ତମ ଶ୍ରାଦ୍ଧୋତ୍ସବ କେଦାରନାଥ ଗବେଷଣା ପ୍ରତିଷ୍ଠାନ ପରିସରରେ ପାଳିତ ହୋଇଛି। ପ୍ରତିଷ୍ଠାନର ସଭାପତି ଅବସରପ୍ରାପ୍ତ ଆଇଏଏସ୍ ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପୂଜ୍ୟପୂଜା ସମାରୋହରେ ମୁଖ୍ୟଅତିଥି ଭାବେ ନ୍ୟାୟମୂର୍ତ୍ତି ପ୍ରମଥ ପଟ୍ଟନାୟକ, ବିଶିଷ୍ଟ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଓ ପ୍ରଫେସର ସୋମା ଚାନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ ପାଇଁ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମିଶ୍ର, ପ୍ରଫେସର ସୁବ୍ରତ କୁମାର ଆଚାର୍ଯ୍ୟ ଓ ପ୍ରଫେସର ସୂର୍ଯ୍ୟମଣି ରଥଙ୍କୁ 'ଏକାମ୍ର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ମାନପତ୍ର ପାଠ କରିଥିଲେ ଡ. ଅରୁଣ କୁମାର ନାୟକ ଓ ଜେନାମଣି ସଞ୍ଜୀବ କୁମାର। ପ୍ରାରମ୍ଭରେ ଅରୋଶିଷ ପାଣି ଓ ଗାୟିତ୍ରୀ ଦାସ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ପାଦକ ଡକ୍ଟର ରମେଶ ଚନ୍ଦ୍ର ପାଣି ସ୍ୱାଗତ ସୂଚନା ଓ ଯୁଗ୍ମ ସମ୍ପାଦକ ଡକ୍ଟର ଦେବାଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦିକା ତନୟା ଦାସ ଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କେଦାରନାଥଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱ ସହ କେଦାରନାଥ ଗବେଷଣା ପ୍ରତିଷ୍ଠାନ ସୂଚନା ସମ୍ପର୍କିତ ଏକ କ୍ଷୁଦ୍ର ଇଂରାଜୀ ପୁସ୍ତିକା ଲୋକାର୍ପିତ ହୋଇଥିଲା।

ଆମ ରାଜଧାନୀ ଆମ ଐତିହ୍ୟ

# ଗଙ୍ଗବଂଶ ସମୟରେ ନିର୍ମିତ ମକରେଶ୍ୱର ମନ୍ଦିର



ଭୁବନେଶ୍ୱର, ୨୦।୪(ସମିସ): ରାଜଧାନୀରେ ଗଚ୍ଛିତ ହୋଇ ରହିଛି ଓଡ଼ିଶାର ପ୍ରମୁଖ ଐତିହ୍ୟସ୍ଥଳୀ। ଏଠି ପ୍ରତି ଛକ, ପ୍ରତି ଗଳିରେ ରହିଛି ଶହ ଶହ ବର୍ଷର ପୁରାତନ ମନ୍ଦିର ଥିବାରୁ ସହରକୁ ମନ୍ଦିରମାଳିନୀ ବୋଲି ପରିଚୟ ମିଳିଛି। ଏଠାରେ ରହିଥିବା ବହୁ ପୁରାତନ ମଠ, ମନ୍ଦିର ହେଉ କି ଦୁର୍ଗ ସବୁଠି ଦେଖିବାକୁ ମିଳିଥାଏ ଉତ୍କଳୀୟ ଐତିହ୍ୟ ଛାପ। ସେହି ପୁରାତନ ମନ୍ଦିର ମଧ୍ୟରୁ ଚତୁର୍ଦ୍ଦଶ ଶତାବ୍ଦୀର ମକରେଶ୍ୱର ମନ୍ଦିର ଅନ୍ୟତମ। ଯାହା ଗଙ୍ଗବଂଶ ସମୟରେ ନିର୍ମିତ ହୋଇଛି।

ଏହି ମକରେଶ୍ୱର ମନ୍ଦିରଟି ରଥ ରୋଡରେ ତଥା ପାପନାଶିନୀ ମନ୍ଦିର ସାମ୍ନାରେ ରହିଛି। ମନ୍ଦିରର ଗଠନ ଶୈଳୀ ନିକଟବର୍ତ୍ତୀ ବକ୍ରେଶ୍ୱର ମନ୍ଦିର ସହ ସମାନ ଥିବା ଦେଖିବାକୁ ମିଳେ। ଏଠାରେ ଶିବଙ୍କୁ ପୂଜା କରାଯାଇଥାଏ। ଏହାର ନିର୍ମାଣ ଶୈଳୀ ଓ କାରୁକାର୍ଯ୍ୟରୁ ଅନୁମାନ କରାଯାଏ ମନ୍ଦିରଟି ଗଙ୍ଗ ବଂଶ ସମୟର ନିର୍ମାଣ ହୋଇଛି। ଏଠାରେ ପାର୍ଶ୍ୱ ଦେବତା ଭାବେ ଗଣେଶ, କାର୍ତ୍ତିକ ଏବଂ ପାର୍ବତୀଙ୍କୁ ପୂଜା କରାଯାଇଥାଏ। ମନ୍ଦିରର ଏକ ଦେଉଳ ଏବଂ ଜଗମୋହନ ରହିଛି। ଦେଉଳର ଗଠନ ବାଡ଼ାକୁ ନେଇ ମନ୍ଦିରଟି ପଞ୍ଚରଥ ଶୈଳୀରେ ନିର୍ମିତ।

ମକରେଶ୍ୱର ମନ୍ଦିର ପରିସରରେ ଆଉ ଏକ ଛୋଟ ଶିବ ମନ୍ଦିରଟିଏ ରହିଛି, ଯାହା ଦ୍ୱାଦଶ ଶତାବ୍ଦୀର ବୋଲି କୁହାଯାଏ। ଏଠାରେ ଶିବଙ୍କୁ ପୂଜା କରାଯାଉଥିବାରୁ ସଂକ୍ରାନ୍ତି, ଶିବରାତ୍ରି ଭଳି ପର୍ବପର୍ବାଣି ପାଳନ କରାଯାଇଥାଏ। ପରିସର ମଧ୍ୟରେ ଏକ ପୁରାତନ କୂଅ ଏବଂ ଛୋଟ ପୂଜା ମଣ୍ଡପଟିଏ ରହିଛି।

### ଏବେ କେମିତି ରହିଛି



ମନ୍ଦିରଟି ବର୍ତ୍ତମାନ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଛି। ହେଲେ ତାର ବର୍ତ୍ତମାନ ସ୍ଥିତି ଦେଖିଲେ ଲାଗୁଛି ଏହା ଅନେକ ଦିନରୁ ଅବହେଳିତ ହୋଇ ପଡ଼ି ରହିଛି। ମନ୍ଦିରରେ ପୂଜା ହେଉଥିଲେ ମଧ୍ୟ ତାର ପାରିପାର୍ଶ୍ୱିକ ସ୍ଥିତି କିଛି ଓଲଟା ଦୃଶ୍ୟମାନ ହେଉଛି। ମନ୍ଦିରର ପାଚେରି ଅଧା ଅଂଶ ଭାଙ୍ଗିଯାଇଛି। ସେହିପରି ମନ୍ଦିରର କାରୁକାର୍ଯ୍ୟ କଥା କହିଲେ ତାହା ଏବେ କ୍ଷୟ ହେବାରେ ଲାଗିଲାଣି। ରଙ୍ଗ ବଦଳିବା ସହ କାରୁକାର୍ଯ୍ୟର ଭଗ୍ନାଂଶ ହିଁ ଏବେ ପରିଲକ୍ଷିତ ହେଉଛି। ସବୁଠୁ ବଡ କଥା ହେଲା ଲିଙ୍ଗରାଜ ମନ୍ଦିର ନିକଟବର୍ତ୍ତୀ ହୋଇଥିବାରୁ ପର୍ଯ୍ୟଟକଙ୍କ ନିୟମିତ ଏଠାକୁ ଆସିଥାନ୍ତି। ହେଲେ ମନ୍ଦିରର କୌଣସି ନାମ ଏବଂ ତଥ୍ୟ ନଥିବା ଯୋଗୁଁ ସେମାନେ ମନ୍ଦିର ବିଷୟରେ ନ ଜାଣିପାରି ନିରାଶ ହୋଇ ଫେରୁଛନ୍ତି। ପରିସର ମଧ୍ୟରେ ତଥା



# ଜୟଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ




ଭୁବନେଶ୍ୱର, ୨୦।୪(ସମିସ):ଓଡ଼ିଶା ସାହିତ୍ୟ ଏକାଡେମୀ, ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜୟଦେବ ଫାଉଣ୍ଡେସନ୍ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଜୟଦେବଭବନ ଠାରେ କବି ଶ୍ରୀ ଜୟଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୀତଗୋବିନ୍ଦ ବିଷାରଦ ତଥା ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ବିଶିଷ୍ଟ ଗବେଷକ ପ୍ରଫେସର ରଘୁନାଥ ପଣ୍ଡା, ବିଶିଷ୍ଟ ସ୍ତମ୍ଭକାର ପ୍ରଦ୍ୟୁମ୍ନ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା ପରିଚାଳନା କରିଥିଲେ।

## ୧୫ ଜଣ ଚାଷୀଙ୍କୁ ଜୟଦେବ କୃଷକ ସମ୍ମାନ ପ୍ରଦାନ

ବାଲିଅନ୍ତା, ୨୦।୪(ସମିସ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଗ୍ରୀନ୍ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଓ 'ଶାନ୍ତିସ୍ତୁପ' ମିଳିତ ଆନୁକୂଲ୍ୟରେ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇ ବ୍ରହ୍ମପୁର ଗ୍ରାମ ପଞ୍ଚାୟତର ମା ଉପଳେଇ ଠାକୁରାଣୀ ପୀଠରେ ୧୫ଜଣ ସ୍ଥାନୀୟ ଚାଷୀଙ୍କୁ ଜୟଦେବ କୃଷକ ସମ୍ମାନ ପ୍ରଦାନ କରାଯାଇଛି। ସମାଜସେବୀ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବିଧୁ ଭୂଷଣ ପଟ୍ଟନାୟକ, ବାଳକାଟି ମଣ୍ଡଳ ବିଜେପିର ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ, ଯୁବ ସମାଜସେବୀ ପ୍ରଦୀପ୍ତ କୁମାର ମହାନ୍ତି, ସରପଞ୍ଚ ରମାଲତା ନାୟକ, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

● ଜାତୀୟ ପୁଲିସ ୱାଟର ସ୍ପୋର୍ଟସ ଚାମ୍ପିଅନସିପ

# ଓଡ଼ିଶା ପୁଲିସକୁ ୨ଟି ରୌପ୍ୟ ଓ ୭ଟି କାଂସ୍ୟ



କଟକ,୨୦।୪(ସମିସ): ଉତ୍ତରାଖଣ୍ଡର ତେହେରିଠାରେ ଅନୁଷ୍ଠିତ ୨୫ତମ ସର୍ବଭାରତୀୟ ପୁଲିସ ୱାଟର ସ୍ପୋର୍ଟସ (ଜଳକ୍ରୀଡ଼ା) କ୍ଲଷ୍ଟର (କାୟାକିଙ୍ଗ, କାନୋଇଂ ଏବଂ ରୋଇଂ) ଚାମ୍ପିଅନସିପରେ ଓଡ଼ିଶା ପୁଲିସର କ୍ରୀଡ଼ାବିତ ଲ୍ଲେଖନୀୟ ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସଫଳ କ୍ରୀଡ଼ାବିତମାନେ ଆଜି ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଡିଜିପି ଶ୍ରୀ ଖୁରାନିଆ ସମସ୍ତ ପଦକ ବିଜେତାଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ କ୍ରୀଡ଼ା ନୈପୁଣ୍ୟକୁ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଗତ ଏପ୍ରିଲ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପୁଲିସ ଦଳ ସମୁଦାୟ ୨ଟି ରୌପ୍ୟ ଏବଂ ୭ଟି ବ୍ରୋଞ୍ଜ ପଦକ ହାସଲ କରିଛି। ରୋଇଂ ଏବଂ କାନୋଇଂ ଭଳି ପ୍ରତିଯୋଗିତାରେ ଓଡ଼ିଶାର ମହିଳା କ୍ରୀଡ଼ାବିତମାନେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ରିତୁ କାଉଡି (ସୁନ୍ଦରଗଡ଼) ରୋଇଂ ୫୦୦ ମିଟରରେ ରୌପ୍ୟ ଏବଂ ୨୦୦୦ ମିଟରରେ ବ୍ରୋଞ୍ଜ ପଦକ ହସ୍ତଗତ କରିଥିବା ବେଳେ ସୋନାଲିକା ଦାସ (ୟୁପିଡି କଟକ)ଙ୍କୁ ରୋଇଂ ୫୦୦ ମିଟରରେ ରୌପ୍ୟ ଏବଂ ୨୦୦୦ ମିଟରରେ ବ୍ରୋଞ୍ଜ ପଦକ ମିଳିଛି। ସଚିମା କେର୍କେଟା (ସୁନ୍ଦରଗଡ଼)କାନୋଇଂ (୨୦୦ ମିଟର)ରେ ବ୍ରୋଞ୍ଜ ପଦକ ପାଇଥିବା ବେଳେ ସଞ୍ଜୁକ୍ତା ଡୁଙ୍ଗଡୁଙ୍ଗ (କଟକ), ରେଶମା ଲାକ୍ରା (ସୁନ୍ଦରଗଡ଼), ରିତେଲ ଲାକ୍ରା (ସୁନ୍ଦରଗଡ଼) ଏବଂ ସୁମିତ୍ରା ମଲ୍ଲିକ (କଟକ) ପ୍ରମୁଖ ରୋଇଙ୍ଗ (୫୦୦ ମିଟର) ବର୍ଗରେ ମିଳିତ ଭାବେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

**ଡିଜିପିଙ୍କୁ ଭେଟିଲେ କୃତୀ ପ୍ରତିଯୋଗୀ**

## ସୋଆ 'ଜାଗୋ' ପକ୍ଷରୁ ଜଳସେବା




ଭୁବନେଶ୍ୱର, ୨୦।୪(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଅନ୍ତର୍ଗତ 'ଜାଗୋ' କ୍ଲବ ପକ୍ଷରୁ ସୋମବାର ଜଳ ସେବା ଶିବିର ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ହୋଇଯାଇଛି। ଏହି ମହତ୍ କାର୍ଯ୍ୟ ଅବସରରେ ସୋଆର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର, କଣ୍ଟ୍ରୋଲର ଅଫ୍ ଏଗ୍‌ଜାମିନେସନ ପ୍ରଫେସର ମଞ୍ଜୁଳା ଦାସ, ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଡିନ୍ ପ୍ରଫେସର ପି.କେ ସାହୁ ଓ 'ଜାଗୋ' କ୍ଲବର ଆବାହକ ପ୍ରଫେସର ଅନୀତା ପଣ୍ଡା ଉପସ୍ଥିତ ରହି ପଥଚାରୀଙ୍କୁ ପାନୀୟ ଜଳ ଓ ପଣା ବଣ୍ଟନ କରିଥିଲେ। ଏହି ଅବସରରେ ଆସୋସିଏଟ୍ ପ୍ରଫେସର ତନ୍ମୟ ପରିଡ଼ା, ଆସିଷ୍ଟାଣ୍ଟ ପ୍ରଫେସର ଅଭିଜିତ ଚୌଧୁରୀ, ଷ୍ଟୁଡେଣ୍ଟ କୋଅର୍ଡିନେଟର ଶିବାନୀ ଶଙ୍କର ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ହର୍ଷିତାଙ୍କୁ ମନୀଷ ସ୍ମାରକୀ 'ନିର୍ଭୟ' ଯୁବ ପୁରସ୍କାର




ଭୁବନେଶ୍ୱର, ୨୦।୪(ସମିସ): ହୋଟେଲ ମେ' ଫେୟାର କନଭେନସନ ହଲ୍‌ଠାରେ ମନୀଷ ସ୍ମାରକୀ 'ନିର୍ଭୟ' ଯୁବ ପୁରସ୍କାର ୨୦୨୬ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀର ଉପସଭାପତି ପ୍ରଫେସର କୁମୁଦ ଶର୍ମା ଯୋଗ ଦେଇ ଦୈନିକ 'ନିର୍ଭୟ' ପକ୍ଷରୁ ଯୁବ ପୁରସ୍କାର ପ୍ରଦାନର ଧାରା ଆରମ୍ଭ କରାଯାଇଥିବାରୁ ଏହାକୁ ପ୍ରଶଂସା କରି କରିଥିଲେ।

ଏଥିରେ ୱିଙ୍ଗ କମାଣ୍ଡର ଦେବୀଦତ୍ତ ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। 'ନିର୍ଭୟ' ମନୀଷ ସ୍ମାରକୀ ଦ୍ୱିତୀୟ ଯୁବ ପୁରସ୍କାର ଜୟପୁରର ଦଶମ ଶ୍ରେଣୀ ଛାତ୍ରୀ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା। ଯିଏ ଦେଶୀଆ ବିହନର ପ୍ରସାର ଦିଗରେ ଗତ ତିନିବର୍ଷ ହେଲା କାର୍ଯ୍ୟ କରି କୋରାପୁଟ ଜିଲାରେ ଏକ ବଡ଼ ବିପ୍ଳବ ଆଣି ଦେଇପାରିଛନ୍ତି। ବିଶେଷ ଟ୍ରଫି, ଉତ୍ତରୀୟ, ଅଭିନନ୍ଦନ ପତ୍ର ସହ ନଗଦ ୨୫ ହଜାର ଟଙ୍କା ହର୍ଷିତାଙ୍କୁ ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। 'ନିର୍ଭୟ' ସମ୍ପାଦକ ନବୀନ ଦାସଙ୍କ ସଭାପତିତ୍ୱରେ ତଥା ସହଯୋଗୀ ସମ୍ପାଦକ ସମ୍ବିତ ମହାପାତ୍ରଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି ସମାରୋହରେ ସାନ୍ତାଳୀ ଭାଷାବିତ୍ ଫାଗୁ ବାସ୍‌କେ ସମ୍ମାନିତ ଅତିଥି ଭାବରେ ମଧ୍ୟ ସାମିଲ ହୋଇଥିଲେ। ପ୍ରଥମ ଅଧିବେଶନରେ ଏଆଇ, ପରମ୍ପରା ଓ ଓଡ଼ିଶାର ଯୁବଗୋଷ୍ଠୀ ଶୀର୍ଷକରେ ଏକ ବିଶେଷ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ଯେଉଁଥିରେ କଥାଶିଳ୍ପୀ ତଥା ବରିଷ୍ଠ ପ୍ରଶାସକ ଦେବପ୍ରସାଦ ଦାଶ, ପ୍ରଫେସର ଆଦ୍ୟାଶା ଦାସ ଏବଂ ପରିବେଶବିତ୍ ସୌମ୍ୟରଞ୍ଜନ ବିଶ୍ୱାଳ ଅଂଶଗ୍ରହଣ କରି ନିଜ ନିଜ ଭାବନା ବ୍ୟକ୍ତ କରିଥିଲେ।

## ସବ୍ କା ସାଥ୍ ସବ କା ବିକାଶ ଫାଉଣ୍ଡେସନର ଉଦ୍‌ଘାଟନ



ଭୁବନେଶ୍ୱର, ୨୦।୪(ସମିସ): ସବ୍ କା ସାଥ ସବ କା ବିକାଶ ଫାଉଣ୍ଡେସନର ଉଦଘାଟନ ଭୁବନେଶ୍ୱର ରସୁଲଗଡ଼ର ଆନନ୍ଦଭବନ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ବାର ଆସୋସିଏସନର ସିନିଅର କ୍ରିମିନାଲ ଆଡ଼ଭୋକେଟ ନିରଞ୍ଜନ କାନୁନଗୋ ଯୋଗ ଦେଇ ଫିତା କାଟି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଅନୁଷ୍ଠାନର ଯୁଗ୍ମ ପ୍ରତିଷ୍ଠାତା ଅବନୀ କୁମାର ପାତ୍ର, ହାଇକୋର୍ଟ ଆଡ଼ଭୋକେଟ, ଓଡ଼ିଶା ଏବଂ ଚାଟାର୍ଡ ଆକାଉଣ୍ଟାଣ୍ଟ ରଞ୍ଜନ କୁମାର ସାମଲ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## 'ରମାଦେବୀ'ରେ ଗୋପୀନାଥ ମହାନ୍ତି ସ୍ମାରକୀ ବକ୍ତୃତା

ଭୁବନେଶ୍ୱର, ୨୦।୪(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରମାଦେବୀ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍‌ରେ ୩୫ତମ ଗୋପୀନାଥ ମହାନ୍ତି ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଛି। ଏହି ଅବସରରେ ରାଜ୍ୟର ବହୁ ସାହିତ୍ୟିକ, ଶିକ୍ଷାବିତ୍, ଗବେଷକ, ଛାତ୍ରଛାତ୍ରୀ ଓ ସାହିତ୍ୟପ୍ରେମୀମାନଙ୍କ ଉପସ୍ଥିତ ଥିଲେ। ଏହି ବକ୍ତୃତାରେ ସାହିତ୍ୟିକା, ଜୟପୁର ସାହିତ୍ୟ ଉତ୍ସବର ସହ-ସଂସ୍ଥାପିକା ନମିତା ଗୋଖଲେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଭାଷା ଓ ସାହିତ୍ୟ କେବଳ ଅଭିବ୍ୟକ୍ତିର ମାଧ୍ୟମ ନୁହେଁ, ବରଂ ଏହା ମନୁଷ୍ୟଙ୍କୁ ମନୁଷ୍ୟଙ୍କ ସହ ଯୋଡ଼ିବାର ଏକ ସେତୁ। ଭାରତର ବହୁଭାଷୀ ସଂସ୍କୃତି ହେଉଛି ତାହାର ସବୁଠାରୁ ବଡ଼ ଶକ୍ତି, ଯାହା ସାହିତ୍ୟ ମାଧ୍ୟମରେ ଆହୁରି ସୁଦୃଢ଼ ହୋଇଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଡ. ଓମକାରନାଥ ମହାନ୍ତି, ଡ. ଅମୃତନାଥ ମହାନ୍ତି, ସାହିତ୍ୟିକା ଡ. ପ୍ରତିଭା ରାୟ, ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କେ.ବି. ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତ ଅତିଥି ଗୋପୀନାଥ ମହାନ୍ତିଙ୍କ ଅବଦାନ ଓ ଭାରତୀୟ ସାହିତ୍ୟ ଜଗତରେ ତାଙ୍କର ଅମର ସ୍ଥାନକୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସାହିତ୍ୟିକା ଡ. ପ୍ରତିଭା ରାୟ ତାଙ୍କ ଉଦ୍‌ବୋଧନରେ ଗୋପୀନାଥ ମହାନ୍ତିଙ୍କ ସାହିତ୍ୟ ଆଜି ମଧ୍ୟ ସମାଜକୁ ନୂତନ ଦିଗ ଦେଖାଉଛି। ସେହିପରି କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କେ.ବି. ରାଉତ ଏପରି ସାହିତ୍ୟିକ ଆୟୋଜନ ଶିକ୍ଷାର୍ଥୀମାନଙ୍କ ମନରେ ସୃଜନଶୀଳତା ଓ ସାହିତ୍ୟ ପ୍ରତି ଆଗ୍ରହ ବୃଦ୍ଧି କରେ ବୋଲି ମତ ପ୍ରକାଶ କରିଥିଲେ।

## ରାଜ୍ୟପାଳଙ୍କ ଦ୍ୱାରା 'କହୁଛି ଓଡ଼ିଶା' ଉନ୍ମୋଚିତ




ଭୁବନେଶ୍ୱର, ୨୦।୪(ସମିସ): ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ସୂଚନା ଓ ସଚେତନତା ଟ୍ରଷ୍ଟ ଆନୁକୂଲ୍ୟରେ 'କହୁଛି ଓଡ଼ିଶା' ପତ୍ରିକା ଓ ଏହାର ୱେବ୍ ପୋର୍ଟାଲ୍ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଦ୍ୱାରା ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଦ୍ମବିଭୂଷଣ ପ୍ରସିଦ୍ଧ ଶିଳ୍ପୀ ସୁଦର୍ଶନ ସାହୁ, ପଦ୍ମଶ୍ରୀ ବିଜେତା ଅଦ୍ୱୈତ ଗଡ଼ନାୟକ, ଦମୟନ୍ତୀ ବେଶରା, ସାମ୍ବାଦିକ ଡ. ରାଜାରାମ ଶତପଥୀ ଉପସ୍ଥିତ ଥିଲେ। ଟ୍ରଷ୍ଟର ସଭାପତି ଅଶୋକ ଭଗତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଅଜିତ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦିବାସୀ ପଲ୍ଲୀ କନ୍ଦଳେଇର ଶକୁନ୍ତଳାଙ୍କୁ 'ଭଗୀରଥ ସମ୍ମାନ'



ଭୁବନେଶ୍ୱର, ୨୦।୪(ସମିସ): ଯେଉଁଠି ପାଣିପାଇଁ ପୃଥିବୀ ହାହାକାର, ସେଠି ଅଗମ୍ୟ ଆଦିବାସୀ ପଲ୍ଲୀ କନ୍ଦଳେଇର ଶକୁନ୍ତଳା ଚାତାର ନିଜ ଜିଦରେ ଏକ ନୂଆ ଇତିହାସ ଲେଖୁଛନ୍ତି। ସରକାରୀ ସହାୟତାକୁ ଅପେକ୍ଷା ନକରି ସେ ମାତ୍ର ୬୦ ଦିନର କଠିନ ପରିଶ୍ରମରେ ଖୋଳି ଦେଇଛନ୍ତି ୪୦ଫୁଟ ଗଭୀରର ଏକ କୂଅ। ଏହି କୂଅ କେବଳ ଜଳର ଉତ୍ସ ନୁହେଁ; ବରଂ ପରିବେଶ ସୁରକ୍ଷା ପାଇଁ ଏକ ଜ୍ୱଳନ୍ତ ମଶାଲ। ତାଙ୍କର ଏହି ନିସ୍ୱାର୍ଥପର ସେବା ପାଇଁ ଛତାବର ଆଦର୍ଶ ଗ୍ରାମପଞ୍ଚାୟତ ପକ୍ଷରୁ ସରପଞ୍ଚ ବିଷ୍ଣୁ ପ୍ରସାଦ ଡେଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶକୁନ୍ତଳାଙ୍କୁ ସମ୍ମାନଜନକ 'ଭଗୀରଥ ସମ୍ମାନ'ରେ ସମ୍ମାନିତ କରିଛନ୍ତି। ସଭାରେ ଏନ୍‌ଆଇସିର ପୂର୍ବତନ ଡେପୁଟୀ ଡାଇରେକ୍ଟର ଜେନେରାଲ୍ ସୁଶାନ୍ତ କୁମାର ମହାପାତ୍ର, ସାମାଜିକ କର୍ମୀ ସୁଶାନ୍ତ ସାହୁ, ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ସାମଲ, ପ୍ରାଧ୍ୟାପିକା ଡ. ମୃଣ୍ମୟୀ ରଥ, କୁଳମଣି ମଲ୍ଲିକ, ମନୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶକୁନ୍ତଳାଙ୍କୁ ଆଧୁନିକ ଯୁଗର 'ଜଳଯୋଦ୍ଧା' ଭାବେ ଅଭିହିତ କରିଥିଲେ। ଅର୍ଥାଭାବ ଯୋଗୁଁ କୂଅଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବା ଶୁଣି ସରପଞ୍ଚ ଡେଙ୍ଗ ପଞ୍ଚାୟତ ପକ୍ଷରୁ ଶକୁନ୍ତଳାଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।

## କବି ଶ୍ରୀ ଜୟଦେବ ଓ ଗୋପୀନାଥ ମହାନ୍ତି ଜୟନ୍ତୀ ସମାରୋହ

ଭୁବନେଶ୍ୱର, ୨୦।୪(ସମିସ):ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ କବି ଶ୍ରୀ ଜୟଦେବ ଓ କଥାଶିଳ୍ପୀ ଗୋପୀନାଥ ମହାନ୍ତିଙ୍କ ଜୟନ୍ତୀ ତଥା ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଅଦ୍ୱୈତ ଚରଣ ଧଳ, ମୁଖ୍ୟବକ୍ତା ଭାବେ ସାରଳା ଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଯୋଗ ଦେଇଥିଲେ। ସଭାମୁଖ୍ୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଓଡ଼ିଶୀ କଣ୍ଠସଙ୍ଗୀତ ବିଭାଗର ସହଯୋଗୀ ପ୍ରଫେସର ଡ. ଧୀରଜ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ଜୟଦେବଙ୍କ ଦଶାବତାର ସଙ୍ଗୀତ ପରିବେଷଣ କରିଥିଲେ।

## ଅଷ୍ଟମ ତୁଷାରଶ୍ରୀ ଜିଲ୍ଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା



ଭୁବନେଶ୍ୱର, ୨୦।୪(ସମିସ): ଭୁବନେଶ୍ୱରସ୍ଥିତ ଆଚାର୍ଯ୍ୟ ବିହାରରେ ଥିବା ଆଚାର୍ଯ୍ୟ ହରିହର ପାର୍କରେ ଅଷ୍ଟମ ତୁଷାରଶ୍ରୀ ଜିଲ୍ଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଏବଂ ରାମଚନ୍ଦ୍ର ମେମୋରିଆଲ ଟ୍ରଫି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହାକୁ ଆୟୋଜନ କରିଥିଲେ ତୁଷାର ଚାରିଟେବୁଲ ଟ୍ରଷ୍ଟ, ମା' ସୁନାଦେଇ ୱାକର୍ସ କ୍ଲବ ଏବଂ ଆଚାର୍ଯ୍ୟ ବିହାର ପରିଷଦ। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଜଗନ୍ନାଥ ପ୍ରଧାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିକାଶ ପଟ୍ଟନାୟକ, ନବ କିଶୋର ବେହେରା, ପଦ୍ମଜା ଜେନା, ଦେବବ୍ରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଚିତ୍ରଶିଳ୍ପୀ ସୁବାରାମ ସିଂହ, ଭଜମନ ମହାନ୍ତି, ଶିଶିର ମହାପାତ୍ର, ଅମ୍ଳେଶ ଦାସ, ତୁଷାର ଚାରିଟେବୁଲ ଟ୍ରଷ୍ଟର ସଭାପତି ଜିତେନ୍ଦ୍ର କୁମାର ଜେନା, କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସମ୍ପାଦକ ବିବେକାନନ୍ଦ ବାରିକ।

## 'ତତେ ଭଲ ପାଉଛି ବୋଲି' ଓ 'ଏ ପବିତ୍ର ବନ୍ଧନ ଶହେ ଜନ୍ମର' ରିଲିଜ୍



ଭୁବନେଶ୍ୱର, ୨୦।୪(ସମିସ): ବାବୁ ବାବୁଙ୍କ ନିର୍ଦ୍ଦେଶନାରେ ପପୁ ଓ ଝୁନିଙ୍କ ଅଭିନୀତ ଦୁଇଟି ମ୍ୟୁଜିକ୍ ଭିଡିଓ 'ତତେ ଭଲ ପାଉଛି ବୋଲି' ଓ 'ଏ ପବିତ୍ର ବନ୍ଧନ ଶହେ ଜନ୍ମର' ସ୍ଥାନୀୟ ଏକ ହୋଟେଲରେ ମୁକ୍ତିଲାଭ କରିଛି। କାର୍ଯ୍ୟକ୍ରମରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, କଟକ ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ, ନିର୍ଦ୍ଦେଶକ ବାବୁ ବାବୁ, ଅଭିନେତା ପପୁ ଓ ଅଭିନେତ୍ରୀ ଝୁନି, ମିଡ଼ିଆ ପ୍ଲାନର ପ୍ରଣୟ ଜେଠୀ ପ୍ରମୁଖ ଯୋଗଦେଇ ଗୀତ ଦୁଇଟିର ସିଡି ଉନ୍ମୋଚନ କରିଥିଲେ। ପାତ୍ର ଏଣ୍ଟରଟେନମେଣ୍ଟ ଦ୍ୱାରା ପ୍ରସ୍ତୁତ 'ତତେ ଭଲ ପାଉଛି ବୋଲି ଗୀତ ଟିକୁ ସମ୍ବିତ କୁମାର ମହାନ୍ତି ଗୀତ ରଚନା ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ସ୍ୱୟଂ ପାଢ଼ୀ ଏବଂ ଅନ୍ତରା ଚକ୍ରବର୍ତ୍ତୀ କଣ୍ଠଦାନ କରିଛନ୍ତି। ସେହିପରି 'ଏ ପବିତ୍ର ବନ୍ଧନ ଶହେ ଜନ୍ମର' ଗୀତ ନିରଞ୍ଜନ ପଣ୍ଡା ରଚନା କରିଥିବା ବେଳେ ଚିନ୍ମୟ ଓ ବିଭୁନ୍ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। କଣ୍ଠଦାନ କରିଛନ୍ତି ସ୍ୱର୍ଗତ ହ୍ୟୁମାନ ସାଗର ଓ ଲୋପାମୁଦ୍ରା ଦାଶ।

# ରାଜଧାନୀରେ ଅକ୍ଷୟତୃତୀୟା ଓ ଅଖିମୁଠି ଅନୁକୂଳ

### ଅନନ୍ୟ ଶ୍ରୀ ଜଗନ୍ନାଥ ସଂସ୍ଥାନ

ଭୁବନେଶ୍ୱର, ୨୦।୪(ସମିସ): ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ବୁଦ୍ଧ ମନ୍ଦିର ପରିସରରେ ଅକ୍ଷୟ ତୃତୀୟା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପଦ୍ମଶ୍ରୀ ଦେବୀ ପସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ସଭାପତି ପଦ୍ମଶ୍ରୀ ଡ଼ଃ ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିଶେଷ ଅବଦାନ ନିମନ୍ତେ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷ ସୁଭଦ୍ରା ସମ୍ମାନରେ ସମ୍ମାନିତ ହେଲେ ପଦ୍ମଭୂଷଣ ପ୍ରତିଭା ରାୟ, ଶ୍ରୀଜଗନ୍ନାଥ ସମ୍ମାନ ପ୍ରଫେସର ଡ଼ଃ ହରେକୃଷ୍ଣ ଶତପଥୀ, ଶ୍ରୀବଳଭଦ୍ର ସମ୍ମାନ ଡ଼ଃ ହରପ୍ରସାଦ ମିଶ୍ର, ଶ୍ରୀ ସୁଦର୍ଶନ ସମ୍ମାନ ଶଙ୍କର୍ଷଣ ମଙ୍ଗରାଜ ଓ ନନ୍ଦିଘୋଷ ସମ୍ମାନ ଫ୍ରେଣ୍ଡ୍‌ସ ପବ୍ଲିସରକୁ ପ୍ରଦାନ କରାଯାଇଥିଲା। ଏହି ସଭାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଇଁ ଚାରୋଟି ଲେଖା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମଞ୍ଚରେ ଅତିଥିମାନଙ୍କ ଦ୍ୱାରା ସମର୍ପଣ କରାଯାଇଥିଲା। ପୁସ୍ତକ 'ଅଚିନ୍ତ୍ୟ ଶ୍ରୀ ଜଗନ୍ନାଥ' ପାଇଁ ବିଶିଷ୍ଟ ଚିତ୍ରଶିଳ୍ପୀ ବଳଦେବ ମହାରଥା ଆଙ୍କିଥିବା ପ୍ରଚ୍ଛଦପଟ୍ଟକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଭାରେ ମୁଖ୍ୟ ଅତିଥି ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ନିତିଦିନର ସମ୍ପାଦକ ମନୋଜ କୁମାର ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନୀତ ବକ୍ତା କଣ୍ଠଶିଳ୍ପୀ ଡ଼ଃ ସଙ୍ଗୀତା ଗୋସାଇଁ ଶ୍ରୀଜଗନ୍ନାଥ ସଂସ୍କୃତିରେ ନୃତ୍ୟ ଓ ସଂଗୀତର କିପରି ବିକାଶ ହୋଇଛି ତାହାର ଉଦାହରଣ ଦେଇଥିଲେ। ଏହି ସଭାରେ ଡ଼ଃ ଭାସ୍କର ମିଶ୍ରଙ୍କ ୯୭ତମ ପୁସ୍ତକ 'ମହାପ୍ରଭୁଙ୍କ ଅନନ୍ୟ ରଥଯାତ୍ରା' ଉନ୍ମୋଚିତ ହୋଇଥିଲା। ସଭାରେ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ପାଇଁ ମାନପତ୍ର ପାଠ କରିଥିଲେ ବିଶିଷ୍ଟ ସାହିତ୍ୟିକା ଡ଼ଃ ପ୍ରବୀଣା ମହାନ୍ତି, ଡ଼ଃ ସୁଷମା ମିଶ୍ର, ଛନ୍ଦା ମିଶ୍ର, କୁସୁମ ପଟେଲ ଓ ତନ୍ଦ୍ରାଳସା ଦାସ। ପ୍ରାରମ୍ଭରୁ ସ୍ୱାଗତ ଭାଷଣ ସଭା ପରିଚାଳନା କରିଥିଲେ ସମ୍ପାଦକ ପୀତବାସ ରାଉତରାୟ ଓ ଧନ୍ୟବାଦ ଜ୍ଞାପନ କରିଥିଲେ ଆବାହକ ରମାକାନ୍ତ ମିଶ୍ର। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଇଂ ବାବାଜୀ ଚରଣ ମିଶ୍ର, ଡ଼ଃ ଅଭୟ କୁମାର ନାୟକ, ବିଶ୍ୱଜିତ ନନ୍ଦ, ରାମନାରାୟଣ ମିଶ୍ର, ପ୍ରତାପ ଚନ୍ଦ୍ର ମିଶ୍ର, ତପସ୍ୱିନୀ କର ଓ ମୀନାକ୍ଷୀ ରାଉତରାୟ।

### ସୋଆ କୃଷି ମହାବିଦ୍ୟାଳୟ



ଭୁବନେଶ୍ୱର, ୨୦।୪(ସମିସ): ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ଓଡ଼ିଶାର କୃଷିଭିତ୍ତିକ ପର୍ବ ପବିତ୍ର 'ଅକ୍ଷୟ ତୃତୀୟା' ପାଳିତ ହୋଇଯାଇଛି। ନୂଆଗାଁ ସ୍ଥିତ ସୋଆ ଅନ୍ତର୍ଗତ ଆଇଏନ୍ଏସ୍ ଫାର୍ମ ଓ ବିଂଝଗିରିସ୍ଥିତ ଏଆରଏସ ଫାର୍ମରେ ପର୍ଯ୍ୟାୟ କ୍ରମେ ଅକ୍ଷୟ ତୃତୀୟା ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ସୋଆ ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର, କୃଷି ବିଜ୍ଞାନ ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଏଗ୍ରିକଲଚର ରିସର୍ଚ୍ଚ କୋଅର୍ଡିନେଟର ପ୍ରଫେସର ଜେ.ଏମ.ଏଲ ଗୁଲାଟି, କ୍ଷେତ୍ର ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ବାସୁଦେବ ବେହେରା, ପରୀକ୍ଷା ସଂଯୋଜକ ପ୍ରଫେସର ରବୀନ୍ଦ୍ର ପାଇକରାୟ ପ୍ରମୁଖ ଯୋଗଦେଇ ପାରମ୍ପରିକ ରୀତିନୀତି ଅନୁସାରେ ଅକ୍ଷି ମୁଠି ଅନୁକୂଳ କରିଥିଲେ। ଉତ୍ସବରେ କୃଷି ମହାବିଦ୍ୟାଳୟର ସମସ୍ତ ରିସର୍ଚ୍ଚ ସ୍କଲାର, ଫାର୍ମ କର୍ମଚାରୀ ଓ ବିଂଝଗିରିର ସ୍ଥାନୀୟ କୃଷକମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଫାର୍ମ ନିର୍ଦ୍ଦେଶକ ପ୍ରଫେସର ସରୋଜ କୁମାର ମହାନ୍ତି ଓ ପ୍ରଫେସର ମଧୁସୂଦନ ବେହେରା ପରିଚାଳନା କରିଥିଲେ।

### ପାଞ୍ଚପଞ୍ଚାୟତରେ ଅଖିମୁଠି ଅନୁକୂଳ

ନନ୍ଦନକାନନ, ୨୦।୪(ସମିସ): ଅକ୍ଷୟ ତୃତୀୟା ଅବସରରେ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାଞ୍ଚପଞ୍ଚାୟତରେ ଚାଷୀଭାଇ ମାନେ ଅଖିମୁଠି ଅନୁକୂଳ କରିଛନ୍ତି। ଏହି ଅବସରରେ ପାଞ୍ଚପଞ୍ଚାୟତରେ ବିଜେଡି ଓ ବିଜେପି ତରଫରୁ ମଧ୍ୟ ବହୁ ଆଡ଼ମ୍ବରରେ ପୂଜାପାଠ କରାଯାଇ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ କରାଯାଇଛି। ବିଜେଡି ତରଫରୁ କଲ୍ୟାଣପୁର ପଞ୍ଚାୟତ କଲ୍ୟାଣପୁର ସୋମନାଥ ମଠ ନିକଟରେ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗ ଦେଇ ଅଖିମୁଠି ଅନୁକୂଳ କରିଥିଲେ। ସେହିଭଳି ବିଜେପି ପକ୍ଷରୁ ଦାଢ଼ା ଗ୍ରାମ ପଞ୍ଚାୟତର ଝିଙ୍କରଡିହ ଗ୍ରାମରେ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃଷିପର୍ବ 'ଅଖିମୁଠି'ର ଶୁଭ ଅନୁକୂଳ କରିଥିଲେ।

### ରୁଙ୍ଗଟା କାରଖାନା ସମ୍ପ୍ରସାରଣ ପାଇଁ ଜନଶୁଣାଣି

# ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜମିହରାଙ୍କୁ ମିଳିଲାନି ନ୍ୟାୟ

ହିନ୍ଦୋଳ,୨୦।୪(ସମିସ):




ରୁଙ୍ଗଟା କାରଖାନା ସମ୍ପ୍ରସାରଣ ନିମନ୍ତେ ଗାଲପଡ଼ା ଗ୍ରାମର ଜମିହରା ପ୍ରଜାଙ୍କୁ ନେଇ ସୋମବାର ଜନଶୁଣାଣି ହିନ୍ଦୋଳ ତହସିଲ କାର୍ଯ୍ୟାଳୟରେ ହେବ ବୋଲି ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ସୂଚନା ଦିଆଯାଇଥିଲା। ନିର୍ଦ୍ଧାରିତ ସମୟରେ ଗ୍ରାମବାସୀ ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତେବେ ଗ୍ରାମବାସୀ ନିଜ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପୂର୍ବରୁ ରୁଙ୍ଗଟା କମ୍ପାନୀ ଲୋକଙ୍କୁ ବିଭିନ୍ନ ମିଛ ପ୍ରତିଶ୍ରୁତି ଦେଇ ଶାଗମାଛ ଦରରେ ଜମି ହାତେଇଛି। ଜମି ଅଧିଗ୍ରହଣ ସମୟରେ ଜମିହରା ପ୍ରଜାଙ୍କୁ କାରଖାନାରେ ନିଯୁକ୍ତି ଓ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ କରିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଦୀର୍ଘଦିନ ହେବ କମ୍ପାନୀ ଚାଲୁଥିବା ବେଳେ ଏ ପର୍ଯ୍ୟନ୍ତ ଜମିହରା ପ୍ରଜାଙ୍କୁ ସଠିକ ଭାବେ ନିଯୁକ୍ତି ଦିଆଯାଇନାହିଁ। ଅଞ୍ଚଳର ହାତଗଣତି ଯୁବକଙ୍କୁ କାରଖାନାରେ ନିଯୁକ୍ତି ଦେଇ ବାହାର ରାଜ୍ୟର ଯୁବକଙ୍କୁ ନିଯୁକ୍ତି ଦେଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଏପରିକି ଅଞ୍ଚଳର ଯେଉଁ ଯୁବକଙ୍କୁ ନିଯୁକ୍ତି ଦିଆଯାଇଛି, ସେମାନଙ୍କ ଯୋଗ୍ୟତା ଥିଲେ ମଧ୍ୟ ଶ୍ରମିକ ଶ୍ରେଣୀର ପାରିଶ୍ରମିକ ଦେଉଛି। କମ୍ପାନୀକୁ ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସେମାନଙ୍କ କଥାକୁ କର୍ଣ୍ଣପାତ କରାଯାଉନାହିଁ। ଜମିହରା ପ୍ରଜାଙ୍କୁ ଉଚିତ କ୍ଷତିପୂରଣ, ତ୍ରିପାକ୍ଷିକ ଆଲୋଚନା କରାଯାଇ ଅଧିକ କ୍ଷତିପୂରଣ ପାଇଁ ଧାର୍ଯ୍ୟ କରିବା, ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟଗୁଡ଼ିକୁ ଗ୍ରାମ କମିଟି ମାଧ୍ୟମରେ କରିବା ପାଇଁ ପୂର୍ବରୁ କମ୍ପାନୀ ପ୍ରତିଶ୍ରୁତି ଦେଇଥିବା ବେଳେ କୌଣସି ଗୋଟିଏ ବି ପ୍ରତିଶ୍ରୁତି ଏଯାଏ କମ୍ପାନୀ କର୍ତ୍ତୃପକ୍ଷ ପୂରଣ କରି ନ ଥିବାବେଳେ ପୁନର୍ବାର କାରଖାନା ସମ୍ପ୍ରସାରଣ ନାମରେ ଜମି ଅଧିଗ୍ରହଣକୁ ଗ୍ରାମବାସୀ ଦୃଢ଼ ବିରୋଧ କରିଥିଲେ। ଗ୍ରାମର ସମସ୍ତ ଜମିହରା ପ୍ରଜାଙ୍କ ପରିବାରକୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଦେବା ସହ ଉଚିତ ମୂଲ୍ୟ ଦେଇ ଅଧିଗ୍ରହଣ କରାଯାଉ ନଚେତ ଆଗାମୀ ଦିନରେ ଅଞ୍ଚଳବାସୀଙ୍କ କମ୍ପାନୀ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ।

## ଗେଙ୍ଗୁଟିଆ କେନ୍ଦ୍ରରୁ ଉପାସରେ ଫେରୁଛନ୍ତି ଶିଶୁ

ପରଜଙ୍ଗ,୨୦।୪(ସମିସ): ପରଜଙ୍ଗ ବ୍ଲକର କେତେକ ଅଙ୍ଗନବାଡ଼ି କେନ୍ଦ୍ରରେ ଅଣ୍ଡା ବଣ୍ଟନ ସଠିକ୍ ଭାବେ ହେଉନାହିଁ ତ କେଉଁଠି ଭୋକ ଉପାସରେ ଶିଶୁମାନେ ଫେରୁଛନ୍ତି। ଏଭଳି ଏକ ଅଭିଯୋଗ ଆସିଛି ପରଜଙ୍ଗ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନ ଗେଙ୍ଗୁଟିଆ



ଅଙ୍ଗନବାଡ଼ି କେନ୍ଦ୍ରରୁ। ଗତ ୧ ତାରିଖରୁ କୋମଳମତି ଶିଶୁମାନଙ୍କୁ କେନ୍ଦ୍ରରେ ଖାଇବାକୁ ଗଣ୍ଡେ ମିଳୁନାହିଁ। ଫଳରେ ପାଠପଢ଼ି ଭୋକ ଉପାସରେ ଘରକୁ ଫେରୁଛନ୍ତି ଶିଶୁ। କିଶୋରୀ ବାଳିକାଙ୍କ ପାଇଁ ମାସିକ ୧୬ଟି ଅଣ୍ଡା ଦେବା ନିୟମ ରହିଛି। କିଛି କେନ୍ଦ୍ରରେ ଏବେ ବି କମ୍ ଅଣ୍ଡା ଦିଆଯାଉଛି। ପରଜଙ୍ଗ ୨ନଂ କେନ୍ଦ୍ରରେ କିଶୋରୀ ବାଳିକା ଏବଂ ଗର୍ଭବତୀ, ପ୍ରସୂତି ମାନଙ୍କୁ କମ୍ ଅଣ୍ଡା ଦିଆଯାଉଥିବା ଅଭିଯୋଗ ହେଉଛି। ସେପଟେ ଗେଙ୍ଗୁଟିଆ କେନ୍ଦ୍ରର କର୍ମୀ ସୀତା ସାହୁ କୁହନ୍ତି ମୋ କେନ୍ଦ୍ରରେ ଚାଉଳ ନାହିଁ। ମୋର ଅଫିସରୁ ଟଙ୍କା ପାଇବାକୁ ବାକି ଅଛି। ତେଣୁ ମୁଁ ରୋଷେଇ ବନ୍ଦ କରିଛି। ଚାଉଳ ମିଳିଲେ ପିଲାଙ୍କୁ ଚାଉଳ ଦେଇଦେବି ବୋଲି ସେ କହିଛନ୍ତି। ପ୍ରତ୍ୟେକ ମାସରେ ସଠିକ ଭାବେ ଅଣ୍ଡା ବଣ୍ଟନ ହେଉ ନ ଥିବା ବେଳେ ବିଲ୍ କିନ୍ତୁ ପ୍ରତ୍ୟେକ ମାସରେ ଅଫିସରେ ପ୍ରଦାନ କରାଯାଉଛି। ଏ ବିଷୟରେ ସିଡିପିଓଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସିଡିପିଓ ସ୍ୱର୍ଣ୍ଣଲତା ମହାପାତ୍ରଙ୍କୁ ପଚାରିବାରୁ କୁହନ୍ତି, କେନ୍ଦ୍ରରେ ରୋଷେଇ ହେଉ ନ ଥିବା ମୋ ପାଖରେ ଖବର ନାହିଁ। ସୁପରଭାଇଜରଙ୍କୁ ପଚାରି ବୁଝିବେ ବୋଲି କହିଛନ୍ତି। ନିୟମ ମୁତାବକ ଅଣ୍ଡା ଦେବାକୁ କର୍ମୀମାନଙ୍କୁ କହିଥିବା ସୂଚନା ଦେଇଛନ୍ତି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ହିତାଧିକାରୀମାନେ ଦାବି କରିଛନ୍ତି।

## ନବାହ୍ନ ପାରାୟଣ ପାଇଁ କଳସ ଯାତ୍ରା

ଗଁଦିଆ,୨୦।୪(ସମିସ): ଗଁଦିଆ ବ୍ଲକ ଦେଓଗାଁ ପଞ୍ଚାୟତ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ପ୍ରାଙ୍ଗଣରେ ୨୬ତମ ବାର୍ଷିକ ଶ୍ରୀରାମଚରିତ ମାନସ ଓ ନବାହ୍ନ ପାରାୟଣ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ଶ୍ରଦ୍ଧାଳୁମାନେ ସ୍ଥାନୀୟ ପୁଷ୍କରିଣୀରୁ ଜଳ କଳସ ନେଇ ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ୯ ଦିନ ଧରି ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବ୍ୟାସରୂପେ ସନ୍ଥ ସୀତାରାମ ଦାସଜୀ, ପ୍ରବଚକ ସନ୍ଥ ମନୋହର ଦାସଜୀ, ଅଯୋଧ୍ୟା ଦାସଜୀ, ବ୍ରହ୍ମଚାରୀ ସତ୍ୟଚୈତନ୍ୟ ଦାସଜୀ, ନାରାୟଣ ପଣ୍ଡା ପ୍ରମୁଖ ଠାକୁରଙ୍କ ଲୀଳା ଉପରେ ପ୍ରବଚନ ଦେବା କାର୍ଯ୍ୟକ୍ରମ ରହିଛି। ପଣ୍ଡିତ ଗୋପୀନାଥ ପାଣି, ଆର୍ତ୍ତତ୍ରାଣ ଦାସ ପ୍ରତିଦିନ ଶ୍ରୀରାମ ଚରିତ ମାନସ ପାଠ କରିବେ। ଅନୁଷ୍ଠାନର କର୍ତ୍ତା ସତ୍ୟାନନ୍ଦ ପତି, ରାମଦୟା ପାରିଷଦର ବରିଷ୍ଠ ସଭ୍ୟ ବିଜୟ କୁମାର ମହାପାତ୍ର, ଗୌରହରି ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବେଳେ ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି। ଆସନ୍ତା ୨୮ ତାରିଖ ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି।

## ଭୁବନରେ ରଥ ନିର୍ମାଣ ଅନୁକୂଳ

ଭୁବନ,୨୦।୪(ସମିସ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଭୁବନ ତୃତୀୟାଜୀଉ ଜଗନ୍ନାଥଙ୍କ ରଥ ନିର୍ମାଣ ଅନୁକୂଳ କରାଯାଇଛି। ମନ୍ଦିର ମୁଖ୍ୟ ପୂଜକ ତୁଷାରକାନ୍ତ ମିଶ୍ର ପୂଜାର୍ଚ୍ଚନା କରି ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ କରିଥିଲେ। ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସଭାପତି ଶୁଭେନ୍ଦୁ କୁମାର ସାହୁ, ଆଦ୍ୟ ସେବକ ରାମଚନ୍ଦ୍ର ରାଉତ, ଟ୍ରଷ୍ଟ ସଭ୍ୟ ନିରଞ୍ଜନ ଗୁରୁ, କାଳନ୍ଦି ସାହୁଙ୍କ ସମେତ ରଥ ନିର୍ମାତା ମହାରଣା ଓ ବହୁ ଭକ୍ତ ଉପସ୍ଥିତ ଥିଲେ।



## କାମାକ୍ଷାନଗରରେ ଅକ୍ଷୟ ତୃତୀୟା ପାଳିତ

କାମାକ୍ଷାନଗର,୨୦।୪(ସମିସ): କାମାକ୍ଷାନଗର ବ୍ଲକର ବିଭିନ୍ନ ସ୍ଥାନରେ ଅକ୍ଷୟତୃତୀୟା ପାଳିତ ହୋଇଛି। ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି ସଂସ୍ଥା, ଓଡ଼ିଶା ସରକାରଙ୍କ ଉଦ୍ୟାନ ବିଭାଗ ଓ ଓଏଲଏମ ସହଯୋଗରେ ଏହି କୃଷିଭିତ୍ତିକ ପର୍ବ ପାଳିତ ହୋଇଛି। ଏହି ଅବସରରେ ଆଲୁଅଝରଣ ଗ୍ରାମରେ ମହିଳା ଚାଷୀଙ୍କ



ଉନ୍ନତି ଓ ଜୀବଜନ୍ତୁଙ୍କ ପାନୀୟ ଜଳ ସୁବିଧା ନିମନ୍ତେ ନୂତନ ପୋଖରୀ ଖନନ କାର୍ଯ୍ୟ ଶୁଭାରମ୍ଭ କରାଯାଇଛି। ଗାଲୁକାଟେଣୀ ଗ୍ରାମରେ ପ୍ରାକୃତିକ ଉପାୟରେ ଧାନଚାଷ କରିବା ସହ ରାସାୟନିକ ସାର ବ୍ୟବହାର ନ କରିବା ପାଇଁ ଚାଷୀଙ୍କୁ ସଚେତନ କରାଯାଇଛି। ଏହି ଉପଲକ୍ଷେ 'ବିଷ ଖାଇବା ନାହିଁ କିମ୍ବା ଖୁଆଇବା ନାହିଁ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବ୍ଲକର ଏକତାଳି, ଅଁଳାବେରେଣୀ, ବାରୁଆଁ, ଉଦୟଗିରି, ଡୁମୁସିଙ୍ଗା ଆଦି ଗ୍ରାମରେ ମଧ୍ୟ ଅକ୍ଷୟତୃତୀୟା ପାଳନ କରାଯାଇଛି।

## ପରଜଙ୍ଗରେ ମିଳିତ ଜନଶୁଣାଣି ଶିବିର



ପରଜଙ୍ଗ,୨୦।୪(ସମିସ): ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା, ଏସ୍‌ପି ଅଭିନବ ସୋନକର ଯୋଗଦେଇଥିଲେ। ଜିଲ୍ଲା ପ୍ରକଳ୍ପ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଞ୍ଜୟ ମହାପାତ୍ର, ଉପଜିଲ୍ଲାପାଳ ଦୀନମଣି ନାୟକ, ଏସଡିପିଓ ରଜନୀକାନ୍ତ ସାମଲ, ତହସିଲଦାର ସୁଦେବ କୁମାର ପୃଷ୍ଟି, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ବିଡିଓ ସୌଭାଗ୍ୟ ବେହେରା, ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସ୍ମୃତିରଞ୍ଜନ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଥାନାଧିକାରୀ ସୁବ୍ରତ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନଙ୍କ ସମେତ ବ୍ଲକ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ମୋଟ ୪୭ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୪୧ଟି, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଗୋଟିଏ ଏବଂ ରେଡକ୍ରସ୍ ପାଣ୍ଠିରୁ ସହାୟତା ପାଇଁ ୨ଟି ଆବେଦନ ହୋଇଥିଲା।

## ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ, ଡ୍ରାଇଭର ଆହତ

ଢେଙ୍କାନାଳ,୨୦।୪(ସମିସ): ସୋମବାର ଭୋର ସମୟରେ ୫୫ନଂ ଜାତୀୟ ରାଜପଥର ସହର ନିକଟ କୋରିଆଁ ଛକ ବ୍ରାହ୍ମଣୀ ଦେବୀ ମନ୍ଦିରଠାରେ ଏକ ତୀର୍ଥଯାତ୍ରୀ ବସ୍ ସହ ଟ୍ରକ ଧକ୍କା ହେବା ଫଳରେ ଡ୍ରାଇଭର ଆହତ ହୋଇଛନ୍ତି। ତେବେ ବସରେ ଯାତ୍ରା କରୁଥିବା ସମସ୍ତ ୪୮ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପୁରୀରୁ ତୀର୍ଥ ସାରି ମହାରାଷ୍ଟ୍ର ନାସିକ ଫେରୁଥିବା




ଏହି ବସ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ ମଧ୍ୟ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ବଡ଼ ଅଘଟଣକୁ ଏଡ଼ାଇ ଦିଆଯାଇ ପାରିଛି। ଜାତୀୟ ରାଜପଥର ବ୍ରାହ୍ମଣୀ ଦେବୀ ମନ୍ଦିର ନିକଟରେ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଏକ ଟ୍ରକକୁ ଧକ୍କା ଦେବାରୁ ବର୍ତ୍ତିବା ପାଇଁ ଚାଳକ ଏକ ବାଲି ଗଦା ଉପରେ ବସ୍‌କୁ ଚଢ଼ାଇ ଦେବା ଫଳରେ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଏନଏଚ ପାଟ୍ରୋଲିଂ ଗାଡ଼ି ପହଞ୍ଚି ଯାତ୍ରୀମାନଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ। ଆହତ ଚାଳକଙ୍କୁ ଜିଲ୍ଲା ମୁଖ୍ୟ

**ପୁରୀରୁ ଦର୍ଶନ ସାରି ମହାରାଷ୍ଟ୍ର ନାସିକ ଫେରୁଥିଲେ**

ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ ହେଲେ ନାସିକ ଅଞ୍ଚଳର ମନୋଜ ଭାଲେରାଓ। ତୀର୍ଥଯାତ୍ରୀମାନେ ସମସ୍ତେ ନାସିକ ଜିଲ୍ଲା ଚାନ୍ଦଗଡ଼ ଗ୍ରାମର ବୋଲି ଜଣାପଡ଼ିଛି। ଗତ ୬ ତାରିଖ ନାସିକରୁ ବାହାରି ଓଡ଼ିଶାର ପୁରୀ ସମେତ ବିଭିନ୍ନ ସ୍ଥାନ ବୁଲି ନାସିକ ଫେରୁଥିବା ବେଳେ ଏହି ଅଘଟଣ ଘଟିଛି।

## ଅଖିମୁଠି ଅନୁକୂଳ କଲେ ସମାଜସେବୀ



କାମାକ୍ଷାନଗର,୨୦।୪(ସମିସ): ପବିତ୍ର ଅକ୍ଷୟ ତୃତୀୟାରେ ସୋମବାର କାମାକ୍ଷାନଗର ଏନଏସି ଇନ୍ଦୁପୁର ଗ୍ରାମସ୍ଥିତ ମଠ ନିକଟରେ ସମାଜସେବୀ ସରୋଜକାନ୍ତ ବେହେରା ଅଖିମୁଠି ଅନୁକୂଳ କରିଛନ୍ତି। ସକାଳେ ନୂତନ ବସ୍ତ୍ର ପରିଧାନ କରି ହାତରେ ପୂଜା ସାମଗ୍ରୀ ଓ ଧାନ ବିହନ ଧରି ବିଲରେ ପହଞ୍ଚିବା ପରେ ଅଖିମୁଠି ଅନୁକୂଳ ହୋଇଥିଲା। ଏହି ଅବସରରେ ସେ ଚାଷୀମାନଙ୍କ ସୁଖସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ।

## ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନତା

ଗଁଦିଆ,୨୦।୪(ସମିସ): ଗଁଦିଆ ଥାନା ସନ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗଁଦିଆ ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ବେହେରାଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଁଦିଆ ଅଗ୍ନିଶମ ବିଭାଗ ଅଧିକାରୀ ଦିଲୀପ କୁମାର ଦାସ, ରାଜକିଶୋର ସାହୁ, ରମାକାନ୍ତ ସାହୁ, ପବିତ୍ର ବେହେରା, ଶ୍ରୀକାନ୍ତ ପରିଡ଼ା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ କିପରି ନିଜକୁ ନିଆଁରୁ ରକ୍ଷା କରିବା ସହ ପ୍ରାକୃତିକ ବିପର୍ଯ୍ୟୟ



ମୁକାବିଲା କରିବେ ସେ ନେଇ ସଚେତନ କରିଥିଲେ। ଏଥିସହ ଗ୍ୟାସ ଦୁର୍ଘଟଣାକୁ କିପରି ସହଜରେ ମୁକାବିଲା କରିବେ ସେ ନେଇ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ଶିକ୍ଷକ ମନୋଜ କୁମାର ମହାନ୍ତି, ମନୋଜ କୁମାର ବଳିଆରସିଂହ, ସଞ୍ଜୟ କୁମାର ଜେନା, ମିନତି ସାହୁ, ବର୍ଷା ସେଠୀ, କନିଷ୍ଠ ସହାୟିକା ରାଜଲକ୍ଷ୍ମୀ ଭୋଇ, ଡମ୍ବରୁଧର ସ୍ୱାଇଁ ଓ ହେମନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅକ୍ଷୟ ତୃତୀୟାକୁ ସଂସ୍କାର ଦିବସ ଭାବେ ପାଳନ

ଢେଙ୍କାନାଳ,୨୦।୪(ସମିସ): ଢେଙ୍କାନାଳ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସହଯୋଗରେ ସିଦ୍ଧଶ୍ରୀକ୍ଷେତ୍ର ଢେଙ୍କାନାଳ ପରିକ୍ରମା ତରଫରୁ ବହୁମୁଖୀ ପ୍ରେକ୍ଷାଳୟରେ ଅକ୍ଷୟ ତୃତୀୟାକୁ ସଂସ୍କାର ଦିବସ ଭାବେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ପ୍ରଶାସକ ତଥା ଗବେଷକ ତପନ କୁମାର ଶତପଥୀ ଉଦଘାଟନ କରି ଆମ ଜୀବନରେ ସଂସ୍କାରର ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଶଙ୍କର୍ଷଣ ଶତପଥୀ, ନିର୍ମଳା ମିଶ୍ର, ସମାଜସେବୀ ରାମଚନ୍ଦ୍ରପାତ୍ର, ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ, ଅଟଳବିହାରୀ ଦାଶ, ଦୁର୍ଗାମାଧବ ପୃଷ୍ଟି, ଶିଳ୍ପୀ ପରେଶ ପଟ୍ଟନାୟକ, ଡଃ ସମୀର ସାହୁ, ଆର୍ଯ୍ୟରତ୍ନ ଚକ୍ରଧର, ରମା ସିଂ, ରାଜ କିଶୋର ବେହେରା, ସମାଜସେବୀ ଶେଷଦେବ ରାଉତ ପ୍ରମୁଖ ଯୋଗଦେଇ ସଂସ୍କାର ଉପରେ ନିଜର ମତ ଉପସ୍ଥାପନ କରିଥିଲେ। ସିଦ୍ଧ ଶ୍ରୀକ୍ଷେତ୍ରର ସଂଯୋଜକ ତଥା ରାଜ୍ୟକଳା ସଂସ୍କୃତି ସଙ୍ଘର ରାଜ୍ୟ ଉପସଭାପତି ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କବି ଅଥୟ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟାପିକା ସ୍ୱାଗତିକା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକ ଅମରେନ୍ଦ୍ର ଦାସ, କବି ରାଧାନାଥ ରଥ, ଇଂ କିଶୋର ମିଶ୍ର, ବିବେକାନନ୍ଦ ଷଡଙ୍ଗୀ, ସର୍ବେଶ୍ୱର ବ୍ରହ୍ମଙ୍କ ସହିତ ବହୁ କାର୍ଯକର୍ତ୍ତା ଉପସ୍ଥିତ ରହିଥିଲେ।

## ଜବରଦଖଲ ଉଚ୍ଛେଦ ନିମନ୍ତେ ଏଡିଏମ୍‌ଙ୍କ ନିର୍ଦ୍ଦେଶ

ପରଜଙ୍ଗ,୨୦।୪(ସମିସ): ବ୍ୟସ୍ତବହୁଳ ପରଜଙ୍ଗ ବଜାର ମଧ୍ୟରେ ପୂର୍ତ୍ତ ବିଭାଗ ରାସ୍ତା ଯାଇଛି। ରାସ୍ତାରେ ପ୍ରତ୍ୟେକ ଦିନ ବାଲି ବୋଝେଇ ଗାଡ଼ିଠାରୁ ଆରମ୍ଭ କରି ବସ୍ ଓ ଅନ୍ୟାନ୍ୟ ଛୋଟବଡ଼ ଗାଡ଼ି ଯାତାୟାତ କରିଥାଏ। ତହସିଲ, ଥାନା, ପଞ୍ଚାୟତ କାର୍ଯ୍ୟାଳୟ, ସ୍କୁଲ, କଲେଜ ଯିବାପାଇଁ ଲୋକେ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଫଳରେ ଗୁରୁତର ଟ୍ରାଫିକ ସମସ୍ୟା ପୁଜିଥାଏ। ଅନ୍ୟପଟେ ନର୍ଦ୍ଦମା ନ ଥିବାରୁ ବର୍ଷାଜଳ ନିଷ୍କାସନ ହୋଇପାରୁ ନ ଥିଲା। କିଛିଦିନ ତଳେ ରାସ୍ତା ଉପରକୁ ମାଡ଼ି ଆସିଥିବା ଦୋକାନ ଗୃହଗୁଡ଼ିକୁ ତହସିଲଦାର ଉଚ୍ଛେଦ କରିଥିଲେ ଏବଂ ନର୍ଦ୍ଦମା ଓ ରାସ୍ତା ନିର୍ମାଣ ହୋଇଥିଲା। ନର୍ଦ୍ଦମା ଉପରକୁ କୌଣସି ବ୍ୟବସାୟୀ ଦୋକାନ ବଢ଼ାଇବେ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ବର୍ତ୍ତମାନ ଧୀରେ ଧୀରେ କିଛି ଦୋକାନୀ ଡ୍ରେନ ପାର ହୋଇ ରାସ୍ତା ଉପରେ ଦୋକାନ କରିଛନ୍ତି। ଫଳରେ ଦୋକାନକୁ ଆସୁଥିବା ଗ୍ରାହକମାନେ ଗାଡ଼ିଗୁଡ଼ିକୁ ରାସ୍ତା ମଝିରେ ରଖୁଛନ୍ତି। ଏ ନେଇ ବାରମ୍ବାର ଦୁର୍ଘଟଣା ଘଟୁଛି। ଏଥିସହ ଗାଡ଼ିଗୁଡ଼ିକ ଯାତାୟାତରେ ଅସୁବିଧା ହେଉଥିବାରୁ ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲ୍ଲାପାଳଙ୍କୁ କିଛି ବ୍ୟକ୍ତି ଲିଖିତ ଅଭିଯୋଗ କରିଥିଲେ। ନର୍ଦ୍ଦମା ଉପରେ ହୋଇଥିବା ଦୋକାନଗୁଡ଼ିକୁ ତୁରନ୍ତ ଉଚ୍ଛେଦ କରିବା ପାଇଁ ପରଜଙ୍ଗ ତହସିଲଦାର ସୁଦେବ କୁମାର ପୃଷ୍ଟିଙ୍କୁ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା ନିର୍ଦ୍ଦେଶ ଦେଇଛନ୍ତି।

## ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ

ଢେଙ୍କାନାଳ,୨୦।୪(ସମିସ): ଗଁଦିଆସ୍ଥିତ ସରକାରୀ କୃଷି ଫାର୍ମରେ ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ପୂଜାର୍ଚ୍ଚନା କରିବା ପରେ ପାରମ୍ପାରିକ ହଳ କରି ଅଖିମୁଠି ଅନୁକୂଳ କରିଥିଲେ। କୃଷି ଓ କୃଷକଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ସିଏମ କିଷାନ ଯୋଜନାରେ ଜିଲ୍ଲାର ୧ ଲକ୍ଷ



୩୨ ହଜାର ୩୯୫ ଚାଷୀ ୨ ହଜାର ଟଙ୍କା ଲେଖାଏଁ ପାଇଥିବା ସେ କହିଛନ୍ତି। ଜିଲ୍ଲାର ସମସ୍ତ ଚାଷୀଙ୍କଠାରୁ ୧ ଲକ୍ଷ ୬୩ ହଜାର ମେଟ୍ରିକ ଟନ ଧାନ କିଣାଯାଇଛି। କୃଷିକୁ ପ୍ରୋତ୍ସାହିତ କରାଯାଉଥିବାରୁ ରାଜ୍ୟରେ ରେକର୍ଡ ପରିମାଣର ଧାନ ଉତ୍ପାଦିତ ହୋଇପାରିଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ଏକ କୃଷି ସଚେତନତା ରଥକୁ ମନ୍ତ୍ରୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ବିମଳେନ୍ଦୁ ମହାନ୍ତି, କୃଷି ଅଧିକାରୀଗଣ, ଚାଷୀ ଯୋଗଦେଇଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱନାଥ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଶନିଶ୍ଚରଦେବଙ୍କ ଜନ୍ମୋତ୍ସବ ଉପଲକ୍ଷେ କଳସଯାତ୍ରା

ଢେଙ୍କାନାଳ,୨୦।୪(ସମିସ): ସ୍ଥାନୀୟ ଦୋଳମଣ୍ଡପ ସାହି ରାଧାକୃଷ୍ଣ ବଜାରରେ ଥିବା ଶ୍ରୀ ଶ୍ରୀ ଶନିଶ୍ଚର ଦେବଙ୍କ ମନ୍ଦିରର ୮ମ ବାର୍ଷିକ ଉତ୍ସବ ଉପଲକ୍ଷେ କଳସଯାତ୍ରା ଅନୁଷ୍ଠିତ ହୋଇଛି। ପବିତ୍ର ଅକ୍ଷୟ ତୃତୀୟାରେ ସ୍ଥାନୀୟ ବଡ଼ଜୋରାଠାରୁ ପୂଜାର୍ଚ୍ଚନା କରାଯାଇ ପବିତ୍ର ଜଳ କଳସ ମନ୍ଦିରରେ ସ୍ଥାପନ କରିଥିଲେ। ପରେ ଅଧିବାସ ପୂଜା, ମଣ୍ଡଳାଦି ପୂଜା ଓ ଅଗ୍ନି ସଂସ୍କାର ହୋଇଥିଲା। ଦ୍ୱିତୀୟ ଦିବସରେ ମଙ୍ଗଳ ଆଳତି, ଗୁରୁପୂଜା, ଗୋପୂଜା, ସୂର୍ଯ୍ୟପୂଜା, ମଣ୍ଡଳାଦି ପୂଜା,



ହୋମ ଆଳତି ହେବ। ତୃତୀୟ ଦିବସରେ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ମଧ୍ୟାହ୍ନରେ ଭକ୍ତଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା ରହିଛି। ଯଜ୍ଞ ପୂଜକ ପଣ୍ଡିତ ରୁଦ୍ରନାରାୟଣ କବିଶତପଥୀ, ମନ୍ଦିର ପୂଜକ ବିଭୂତି ଭାଇନା, କର୍ତ୍ତା ଶେଷଦେବ ରାଉତ ଓ ପ୍ରମିଳା ରାଉତ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। ସଭାପତି ବିନୋଦ କୁମାର ବେହେରା, ହିମାଳିନୀ ରାଉତ, ଚିତ୍ରରେଖା ରାଉତ, ଜୟନ୍ତୀ ଓଝା, ସରସ୍ୱତୀ ପାତ୍ର, ସ୍ମୃତିରଞ୍ଜନ ରାଉତ ପ୍ରମୁଖଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି।

## ଦେଓଗାଁରେ ରଥ ନିର୍ମାଣର ଶୁଭାରମ୍ଭ

ଗଁଦିଆ,୨୦।୪(ସମିସ): ଦେଓଗାଁ ବଳଦେବଜୀଉ ମନ୍ଦିର ନିକଟରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ରଥ ନିର୍ମାଣ ଶୁଭାରମ୍ଭ ହୋଇଛି। ଜଙ୍ଗଲରୁ କାଠ ଅଣାଯିବା ପରେ ପୂର୍ବାହ୍ନ ୧୦ଟାରେ



ମନ୍ଦିରରୁ ଶ୍ରୀଜୀଉମାନଙ୍କ ଆଜ୍ଞାମାଳ ଅଣାଯାଇ ପୂଜାର୍ଚ୍ଚନା ହୋଇଥିଲା। ପୂଜକ ଆର୍ତ୍ତତ୍ରାଣ ପୂଜାର୍ଚ୍ଚନା କରି ଆଜ୍ଞାମାଳକୁ ରଥକାଠରେ ସ୍ଥାପନ କରିଥିଲେ। ବଢ଼େଇଙ୍କୁ ସମ୍ବର୍ଦ୍ଧନା ପରେ କାଠରେ ନିହଣ ମୁଗୁର ହାଣି ରଥନିର୍ମାଣ ଶୁଭାରମ୍ଭ ହୋଇଛି।

## ବନବିଭାଗ ଦ୍ୱାରା ମୂଲ୍ୟବାନ କାଠ ଜବତ

ଖଜୁରିଆକଟା,୨୦।୪(ସମିସ): ସୋମବାର ସକାଳେ ହିନ୍ଦୋଳ ବନାଞ୍ଚଳ କର୍ଣ୍ଣପୁର ବିଟ୍ ଅଧୀନ ହାତୁରା ପଞ୍ଚାୟତ ବଳସର ଅଞ୍ଚଳରୁ ବନ ବିଭାଗ ମୂଲ୍ୟବାନ କାଠ ଜବତ କରିଛି। ଏକ ପିକଅପ ଭ୍ୟାନରେ ଶାଳ, ଶାଗୁଆନ କାଠ ଗଣ୍ଡି ଚୋରାଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀ ସଦଳେବଳ



ଚଢ଼ଉ କରିଥିଲେ। ଚଢ଼ଉ ବେଳେ ପ୍ରାୟ ୩୦ ସିଏଫ୍‌ଟି ଶାଗୁଆନ ଓ ଶାଳଗଣ୍ଡି ସହ ପିକଅପ ଭ୍ୟାନ ଜବତ କରାଯାଇଛି। ପିକ୍‌ଅପ୍ ଚାଳକଙ୍କୁ ଅଟକ ରଖାଯାଇଛି। ଜବତ କାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବନବିଭାଗ ପକ୍ଷରୁ ଜଣାପଡ଼ିଛି।

### ଜିଲ୍ଲାପାଳଙ୍କ ଆଦେଶକୁ ତହସିଲଦାରଙ୍କ ବେଖାତିର

# ୪୦କିମି ଦୂରରେ ଶୁଣାଣିକୁ ନେଇ ଅସନ୍ତୋଷ

ଢେଙ୍କାନାଳ,୨୦।୪(ସମିସ):

ଢେଙ୍କାନାଳ ଜିଲ୍ଲା ରୁଙ୍ଗଟା ମାଇନ୍ସର କ୍ଷତିଗ୍ରସ୍ତ ପ୍ରଜାଙ୍କ ନିମନ୍ତେ ଜିଲ୍ଲାପାଳ ଅଭିଯୋଗ ଶୁଣାଣି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ତହସିଲଦାର ଜିଲ୍ଲାପାଳଙ୍କ ଆଦେଶକୁ ଅବମାନନା କରି ତହସିଲ କାର୍ଯ୍ୟାଳୟରେ କରିବାକୁ ନେଇ ଜମିହରା ପ୍ରଜା ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ରୁଙ୍ଗଟା ମାଇନ୍ସ କ୍ଷତିଗ୍ରସ୍ତ ପ୍ରଜାସଙ୍ଘ ତଥା ଗାଲପଡ଼ା ଗ୍ରାମର କ୍ଷତିଗ୍ରସ୍ତ ପ୍ରଜାଙ୍କ ସହ ଭୂଅର୍ଜନ ଅଧିକାରୀ ତଥା ତହସିଲଦାରଙ୍କ ଅଧୀନରେ ଥିବା ୮ଟି ରାଜସ୍ୱ ମୌଜାର ଜମିହରାମାନଙ୍କ ଅଭିଯୋଗ ଶୁଣାଣି ପାଇଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ କରିବାକୁ ଅଧିସୂଚନା ସଂଖ୍ୟା ୧୮୧୯୬/୦୧.୧୨.୨୦୨୫ରେ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଗାଲପଡ଼ା ପ୍ରଜାମାନଙ୍କୁ ତହସିଲ କାର୍ଯ୍ୟାଳୟକୁ ଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରବଳ ଖରା ସହ ଗୁଳୁଗୁଳି ହେଉଥିବା ବେଳେ ଗ୍ରାମଠାରୁ ୪୦ କିଲୋମିଟର ଦୂରରେ ଏହି ଶୁଣାଣି କରିବାକୁ ନେଇ ପ୍ରଜାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ପୁର୍ନବିଚାର କରି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆଉଥରେ ଜନଶୁଣାଣି କରିବାକୁ ପ୍ରଜାସଙ୍ଘ ତଥା ଆରପିଡିଏସି ସଭ୍ୟ ବିଜୟ କୁମାର ପାଣିଗ୍ରାହୀ, ଲଛମନ ସାହୁ, ବଟକୃଷ୍ଣ ସାହୁଙ୍କ ସହ ଅନ୍ୟମାନେ ନିବେଦନ କରିଛନ୍ତି।

ସକାଳ
THE SAKALA



ସମ୍ବଲପୁର ଶୀତଳଷଷ୍ଠୀ

# ଉଠିଲା ଥାଳ, ଜୁନ୍ ୧୮ରେ ଦେବବିବାହ

ସମ୍ବଲପୁର, ୨୦।୪ (ସମିସ)


ବଡ଼ବଜାର


ଠାକୁରପଡ଼ା


ବାଲିବନ୍ଧା

ଅକ୍ଷୟ ତୃତୀୟା ଅବସରରେ ସନ୍ଧ୍ୟାରେ ସମସ୍ତ ଶିବାଳୟ ମାନଙ୍କରେ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାର ଆଦ୍ୟପର୍ବ 'ଥାଳ ଉଠା' ରୀତିନୀତିରେ ସମ୍ପନ୍ନ ହୋଇଛି। ଏହି ତିଥିରେ ଦେବଦମ୍ପତିଙ୍କ ପିତାମାତା ଚୟନ କରାଯିବା ସହ ଦେବବିବାହ ପାଇଁ ବଦାନ୍ୟ ବ୍ୟକ୍ତିବିଶେଷଙ୍କ ସହଯୋଗ କାମନା କରାଯାଇଥାଏ। ଆସନ୍ତା ଜୁନ୍ ୧୮ ତାରିଖ ବିଳମ୍ବିତ ରାତି ତଥା ଭୋର୍‌ରେ ଶୁଭଲଗ୍ନରେ ଦେବ ବିବାହ ଅନୁଷ୍ଠିତ ହେବ। ଜୁନ୍ ୧୯ ତାରିଖ ରାତିରେ ଦେବଦମ୍ପତିଙ୍କ ଯୁଗଳ ଦର୍ଶନ ଶୋଭାଯାତ୍ରା ବାହାରି ପରଦିନ ଦିନତମାମ ପରିକ୍ରମା କରି ସନ୍ଧ୍ୟାରେ ମନ୍ଦିର ପ୍ରବେଶ ନୀତି ରହିଛି।

## ନନ୍ଦପଡ଼ା

ସମ୍ବଲପୁର ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ 'ଥାଳ ଉଠା' କାର୍ଯ୍ୟକ୍ରମ ସନ୍ଧ୍ୟାରେ ସମ୍ପନ୍ନ ହୋଇଛି। ଚଳିତବର୍ଷ ବର ପିତାମାତା ରାମ ପ୍ରସାଦ ମିଶ୍ର ଓ ବବିତା ମିଶ୍ର ଥିବାବେଳେ କନ୍ୟା ପିତାମାତା ଭାବେ ଶାସନର ପ୍ରଦୀପ ମିଶ୍ର ଓ ବୀଣାପାଣି ମିଶ୍ର ରହିଛନ୍ତି। ମନ୍ଦିର ପୂଜକ ଲକ୍ଷପତି ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ନାରୀସେବା ସଦନଠାରେ ବିବାହୋତ୍ସବ ଅନୁଷ୍ଠିତ ହେବ। ଥାଳଉଠା କାର୍ଯ୍ୟକ୍ରମରେ ବିଧାୟକ ଜୟନାରାୟଣ ମିଶ୍ର, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସିଦ୍ଧେଶ୍ୱର ନନ୍ଦ, ଚକ୍ରଧର ମିଶ୍ର, ସୁନୀଲ ନନ୍ଦ, ନିଗମାନନ୍ଦ ମିଶ୍ର, ଗୋଲକ ବିହାରୀ ମିଶ୍ର, ଭୁବନ ମୋହନ ମିଶ୍ର, ବିରାଜ କୁମାର ମିଶ୍ର, ଅରୁଣକାନ୍ତି ମିଶ୍ର, ବିବେକାନନ୍ଦ ମିଶ୍ର, ରାଜେଶ ମିଶ୍ର, ସମୀର ରଞ୍ଜନ ବାବୁ, ସୁଶ୍ରୀତ ମିଶ୍ର, ଫଣିଭୂଷଣ ମିଶ୍ର, ବିଚିତ୍ରାନନ୍ଦ ମିଶ୍ର, ଦୁର୍ଗାମାଧବ ମିଶ୍ର, ରାଜକୁମାର ନନ୍ଦ, ଭବାନୀ ମିଶ୍ର, ଆଶିଷ ବାବୁ, ମନୋଜ ମହାପାତ୍ର, ସୁବଳ ବାଗଙ୍କ ସମେତ ଯାତ୍ରା କମିଟିର ସମସ୍ତ ସଦସ୍ୟ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଚଳିତବର୍ଷ ନନ୍ଦପଡ଼ା ଶୀତଳଷଷ୍ଠୀର ଆସନ୍ତା ଜୁନ ୧୪ ତାରିଖରେ ପତରପେଁଡ଼ି, ୧୫ ତାରିଖରେ ନୃସିଂହ ନିଉତା, ୧୮ ତାରିଖରେ ବରାତି ଓ ଶିବବିବାହ, ୧୯ ତାରିଖରେ ନବ ଦେବଦମ୍ପତିଙ୍କ ଯୁଗଳ ଦର୍ଶନ ନଗର ପରିକ୍ରମା ଏବଂ ୨୦ ତାରିଖରେ ମନ୍ଦିର ପ୍ରବେଶ ଅନୁଷ୍ଠିତ ହେବ।

## ଝାଡୁଆପଡ଼ା

ସମ୍ବଲପୁର ଝାଡୁଆପଡ଼ାର ଶ୍ରୀ ଲୋକନାଥ ବାବାଙ୍କ ଶୀତଳଷଷ୍ଠୀ ଯାତ୍ରାର ଆଦ୍ୟପର୍ବ ଥାଳଉଠା ଅନୁଷ୍ଠିତ ହୋଇଯାଇଛି। ସକାଳେ ମନ୍ଦିରରେ ପୂଜାର୍ଚ୍ଚନା ପରେ ବାବା ଲୋକନାଥଙ୍କ ଜଳସେଇ ହୋଇଥିଲା। ସନ୍ଧ୍ୟା ୫ଟାରେ ପରମ୍ପରା ଅନୁଯାୟୀ ଚଳିତବର୍ଷର କନ୍ୟାପିତା ମାତା ଚୟନ ହୋଇଥିଲେ। ମନ୍ଦିରରେ ପୂଜାର୍ଚ୍ଚନା ପରେ ମନ୍ଦିର ପୂଜକ ଓ ଯାତ୍ରା କମିଟି ସଦସ୍ୟ ଥାଳ ଧରି ପଡ଼ାର ସମସ୍ତ ଘରକୁ ଘର ବୁଲି ଯାତ୍ରା ପାଇଁ ସହଯୋଗ ରାଶି ଗ୍ରହଣ କରିଥିଲେ। ଚଳିତବର୍ଷର କନ୍ୟା ପିତାମାତା ବୁଢ଼ାରଜା ନିବାସୀ ଜୟବିଜୟ ବେଦୀ ଓ ପୁନମ ବେଦୀ ଥିବାବେଳେ ବର ପିତାମାତା ଅମରନାଥ ସୂପକାର ଓ ଅମୟ ସୂପକାର ରହିଛନ୍ତି। ଶୀତଳଷଷ୍ଠୀ ଯାତ୍ରା ପୂଜକ ମହେନ୍ଦ୍ର ପୂଜାରୀ ଓ ମନ୍ଦିର ପୂଜକ ରାମନାଥ ମହାପାତ୍ର ପୂଜାର୍ଚ୍ଚନା ଦାୟିତ୍ୱ ତୁଲାଇଥିଲେ। ଶୀତଳଷଷ୍ଠୀ ଯାତ୍ରା କମିଟି ସଦସ୍ୟ ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ପାର୍ଥ ସାରଥୀ ମିଶ୍ର, ମନୋଜ ମିଶ୍ର, ଶ୍ରୀମନ୍ତ ମିଶ୍ର, ସଞ୍ଜୟ ମିଶ୍ର, ସୁଭେନ୍ଦ୍ର ପଣ୍ଡା, ଶେଖର ପାଢ଼ୀ, ପ୍ରାଣରଞ୍ଜନ ପଣ୍ଡା, ସୀତାରାମ ସୂପକାର, ସଞ୍ଜୀବ ପାଢ଼ୀ, ସରୋଜ ସାହୁ, ମିଲୁ ପାଣିଗ୍ରାହୀ, ଶୁଭେନ୍ଦୁ ମିଶ୍ର, ଅଭିଷେକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମୁଦିପଡ଼ା

ମୁଦିପଡ଼ାର ଶ୍ରୀ ଜାଗେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ପାଇଁ ଆଦ୍ୟପର୍ବ ଥାଳଉଠା ସମ୍ପନ୍ନ ହୋଇଛି। ଚଳିତବର୍ଷ ବର ପିତାମାତା ମଧୁସୂଦନ ନେଗୀ ଓ ସନ୍ତୋଷିନୀ ନେଗୀ ଥିବାବେଳେ କନ୍ୟା ପିତାମାତା ଭାବେ ବ୍ରିଜେଶ ସୋନି ଓ ସୁସ୍ମିତା ସୋନି ରହିଛନ୍ତି। ମନ୍ଦିର ପୂଜକ ତାରକେଶ୍ୱର ନନ୍ଦ ଓ ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ସୁନୀଲ ଦାଶ, ସମ୍ପାଦକ ଗଙ୍ଗାଧର ଭୋଇ, ମୁଖ୍ୟ ପରାମର୍ଶଦାତା ଈଶ୍ୱର ପ୍ରସାଦ ନନ୍ଦ, ବିଶ୍ୱରଞ୍ଜନ ପୂଜାରୀ, ସୁରେଶ ଦାଶ, ଖଡ଼ିରତ୍ନ ବେହେରା, ସୁଧୀର ପଣ୍ଡା, ଅମୂଲ୍ୟ ପଟେଲ, ବିନୋଦ ପଣ୍ଡା, କୃଷ୍ଣଚନ୍ଦ୍ର ପରିଡ଼ା, ଅରବିନ୍ଦ ମହାପାତ୍ର, ରାଜକୁମାର ବଡ଼ପଣ୍ଡା, ରାମେଶ୍ୱର ପୁରୋହିତ, ପୃଥ୍ୱୀରାଜ ବେହେରା, ଅଭିରାମ ପଟେଲ, ସୂର୍ଯ୍ୟ ପ୍ରସାଦ ପ୍ରଧାନ, ସତ୍ୟକାନ୍ତ ମହାପାତ୍ର, ମାନସ ସାହୁ, ରାଜା ମୁନସି, ସିଦ୍ଧାର୍ଥ କର୍ଣ୍ଣ, ଅଭିଷେକ ପ୍ରଧାନ, ଜିତୁ କର୍ଣ୍ଣ, ଗତିକୃଷ୍ଣ ଷଡ଼ଙ୍ଗୀ ହିତେଶ ଟଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

## ବଡ଼ବଜାର

ବଡ଼ବଜାରର ଶ୍ରୀ ଶୀତଳେଶ୍ୱର ବାବାଙ୍କ ପବିତ୍ର ଶୀତଳଷଷ୍ଠୀ ଯାତ୍ରାର ଆଦ୍ୟ ପର୍ବ 'ଥାଳଉଠା' କାର୍ଯ୍ୟକ୍ରମ ଆଜି ସନ୍ଧ୍ୟାରେ ରିଂରୋଡ଼ରେ ଥିବା ଶିବାଳୟରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ବର ପିତାମାତା ଭାବେ ଜଗଦୀଶ ପ୍ରସାଦ ନାଲୋନୋରିଆ ଓ ଜୈଦେଇ କାଲନୋରିଆ ଚୟନ ହୋଇଥିବାବେଳେ ମାତା ପାର୍ବତୀଙ୍କ ପିତାମାତା ଭାବେ ମୁଦିପଡ଼ା ନିବାସୀ କୁଞ୍ଜବନ ପଟେଲ ଓ ଧରିତ୍ରୀ ପଟେଲଙ୍କୁ ସ୍ଥିର କରାଯାଇଛି। ସେମାନେ ଆଜି ମନ୍ଦିରକୁ ଆସି ସଂକଳ୍ପ କରିଛନ୍ତି। ଶୀତଳେଶ୍ୱର ବାବା ଯାତ୍ରା କମିଟି ସଭାପତି ସରୋଜ ସାହୁ, କାର୍ଯ୍ୟକାରୀ ସଭାପତି କିଶୋର ପ୍ରଧାନ, ସମ୍ପାଦକ ରାମଦାସ ପଣ୍ଡା, କୋଷାଧ୍ୟକ୍ଷ ଭାବେଶ ଚାନ୍ଦଙ୍କ ସହ ପଞ୍ଚାନନ ତ୍ରିପାଠୀ, ନୀଳାମ୍ବର ପଣ୍ଡା, ସରୋଜ ସାହୁ, କିଶୋର ପ୍ରଧାନ, ରାମଦାସ ପଣ୍ଡା, ଭବେଶ ଚାନ୍ଦ, କାହ୍ନା ଦ୍ୱିବେଦୀ, ବୁଦ୍ଧଦେବ ପ୍ରଧାନ, ବବଲୁ ଷଣ୍ଢ, ନରେଶ ମାଝୀ, ବିନୟ ମହାନନ୍ଦିଆ, ଶୁଭମ ମେହେର, ଶ୍ରବଣ ରାୟ, ସଞ୍ଜୟ ବଡ଼ମାଳୀ, ଶେଷଦେବ ବଡ଼ମାଳୀ, ତ୍ରିଲୋଚନ ସରାଫ, ସଞ୍ଜୟ ଠାକୁର, କୁନୁ ମେହେର, ବିନାୟକ ବିଶ୍ୱକର୍ମା, ଶଙ୍କର ଶର୍ମା, ବୁଲୁ ପଣ୍ଡିତ, ସନ୍ତୋଷ ବେହେରା, ଦେବାଶିଷ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଠାକୁରପଡ଼ା

ଠାକୁରପଡ଼ାର ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ଆଜି 'ଥାଳ ଉଠା' କାର୍ଯ୍ୟ ସମ୍ପନ୍ନ ହୋଇଛି। ଚଳିତବର୍ଷ ବର ପିତାମାତା ଭାବେ ଦାନୀପାଲି, ସମ୍ବଲପୁରର ଚିତ୍ରସେନ ଦେହୁରୀ ଓ ଗିରିଜା ସୋହେଲା ଚୟନ ହୋଇଥିବାବେଳେ କନ୍ୟା ପିତାମାତା ଭାବେ ସୌରଭ ବିହାର, ପାଞ୍ଚଗଛିଆର ସୁଜିତ କୁମାର ଓ ଅପରାଜିତା ସିଂହଙ୍କୁ ଆଜି ଚୟନ କରାଯାଇଛି। ମୁଖ୍ୟ ପୂଜକ ଆଶୁତୋଷ ପୁରୋହିତ ଓ ମନ୍ଦିର ପୂଜକ କିଶୋର ଚନ୍ଦ୍ର ଦେହୁରୀ ପୂଜାର୍ଚ୍ଚନା କରିଥିଲେ। ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ଶିବ ପ୍ରଧାନ, ଚେୟାରମ୍ୟାନ ଲିଙ୍ଗରାଜ ପରିଡ଼ା, ଉପସଭାପତି ଭବାନୀ ଶଙ୍କର ଓ ଗୋଲକ ବିହାରୀ ମିଶ୍ର, କୋଷାଧ୍ୟକ୍ଷ କାଳିଆ ଦୋରା, କାର୍ଯ୍ୟକାରୀ ସଭାପତି ଅରବିନ୍ଦ ମେହେର, ସମ୍ପାଦକ ସନ୍ତୋଷ ବାଗ, ସନ୍ଦୀପ ନାଏକ ଏବଂ ନାରାୟଣ ସାହୁ, ସଞ୍ଜୟ ବାଗ, ସୁଶାନ୍ତ ବାଗ, ଗୋପାଳ ବରଗର୍ତ୍ତୀ, ଶୁଭମ କାମ୍ପା, ଶ୍ରୀବନ୍ତ କୁମ୍ଭାର, ବାବୁ ଖେତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିବନ୍ଧା

ବାଲିବନ୍ଧାସ୍ଥିତ ସୋମନାଥ ବାବାଙ୍କ 'ଥାଳ ଉଠା' ନୀତି ଆଜି ସନ୍ଧ୍ୟାରେ ସମ୍ପନ୍ନ ହୋଇଛି। ଶିବପାର୍ବତୀ ବିବାହ ପାଇଁ କନ୍ୟା ପିତାମାତା ଚୟନ ହୋଇଛନ୍ତି। କନ୍ୟା ପିତାମାତା ଭାବେ ହାଟପଡ଼ା ସମ୍ବଲପୁରର ମଣ୍ଟୁରାମ ଝାଝରିଆ ଓ ସରିତା ଅଗ୍ରୱାଲ ରହିଛନ୍ତି। ପୂଜକ ମନବୋଧ ପାଢ଼ୀ, ରୋନକ ପୂଜାରୀ, ବାବୁ ପୂଜାରୀ, ବୁଲୁ ପୂଜାରୀ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ଟ୍ରଷ୍ଟବୋର୍ଡ ସଭାପତି ଡ. ବିଜୟ କୁମାର ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ସଭ୍ୟ ଲୋକନାଥ ପାଣ୍ଡେ, ଡା. ରମେନ୍ଦ୍ର କିଶୋର ସାହୁ, କୈଳାସ ମିସ୍ତ୍ରୀ, ଶିବ ନାରାୟଣ ପାଣିଗ୍ରାହୀ, ଗୋପୀନାଥ ନାଏକ, ନିହାର ରଞ୍ଜନ ବହିଦାର, ଉମାପତି ତ୍ରିପାଠୀ, ପ୍ରଦୀପ ସାହୁ, ସୁଦାମ ବାଗ, ଅରକ୍ଷିତ ନାଏକ, ଗୋପାଳ ଗୁପ୍ତା, ଚକୁଳି ପଣ୍ଡା, ଲକ୍ଷ୍ମଣ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ମା'ବାଟମଙ୍ଗଳା ଗୁଡ଼ିରେ ଜଳାଭିଷେକ



**ସମ୍ବଲପୁର, ୨୦।୪ (ସମିସ):** ଅକ୍ଷୟ ତୃତୀୟା ଅବସରରେ ଦଲେଇପଡ଼ା ସ୍ଥିତ ମା' ବାଟମଙ୍ଗଳା ଗୁଡ଼ିରେ ଜଳସେଇ (ଜଳାଭିଷେକ) ହୋଇଛି। ମନ୍ଦିର ମୁଖ୍ୟପୂଜକ ସୁରେଶ ଚନ୍ଦ୍ର ପଟ୍ଟନାୟକ ପୂଜାର୍ଚ୍ଚନା କରି ବିଶ୍ୱାମିତ୍ର ବେରିହାଙ୍କ ପୁତ୍ର ନିଖିଲ ବେରିହା ପ୍ରଥମେ ଜଳ ଅର୍ପଣ କରିଥିଲେ ଓ ତାପରେ ଭକ୍ତମାନେ ଜଳ ଅର୍ପଣ କରିଥିଲେ। ଆସନ୍ତାକାଲି ସକାଳ ୧୦ଟା ପର୍ଯ୍ୟନ୍ତ ଭକ୍ତ ମା'ଙ୍କର ଜଳସେଇ ଦର୍ଶନ କରିପାରିବେ।

# ସଞ୍ଚାର ଗୁରୁ ଦୁଃଖନାଶନ ବେହେରାଙ୍କ ପରଲୋକ

**ସମ୍ବଲପୁର,୨୦।୪(ସମିସ):** ବିଶିଷ୍ଟ ସଞ୍ଚାର ଗୁରୁ ଦୁଃଖନାଶନ ବେହେରାଙ୍କ ଆଜି ସକାଳେ ୮୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ପଶ୍ଚିମ ଓଡ଼ିଶାର କଳା ଜଗତରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ରାଜଘାଟରେ ଆଜି ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

ଦୁଃଖନାଶନ ୧୯୪୦ ମସିହା ମାର୍ଚ୍ଚ ୨୫ ତାରିଖରେ ସମ୍ବଲପୁର ଜିଲ୍ଲା ସାପଲହରାରେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରୁ ପାଠପଢ଼ା ସମୟରୁ ସେ ଗୀତ, ବାଦ୍ୟ ଓ ନୃତ୍ୟ କରିବାସହ ଗୀତିନାଟ୍ୟରେ ମଧ୍ୟ ଅଭିନୟ କରୁଥିଲେ। ନିଜ ଗାଁର ସଂକୀର୍ତ୍ତନ୍ୟ, ଭାଗବତମେଳା, କରମା, ନାଟକ, ଦଣ୍ଡ ଓ ପାଲା ମଧ୍ୟ ଗାଉଥିଲେ। ବାୟକ ଦୁଃଖନାଶନଙ୍କ ବାପା ନିରଞ୍ଜନ ବେହେରା ଜଣେ ପ୍ରତିଷ୍ଠିତ ସଞ୍ଚାର ମୃଦଙ୍ଗ ବାହାକ (ବାଦକ) ଥିଲେ। ସେ ୧୯୬୬ ମସିହାରେ ନିଜ ବାପାଙ୍କଠାରୁ, ସଞ୍ଚାର କଳାର ଗୀତ, ବାଦ୍ୟ, ନୃତ୍ୟ, ବିଷୟବସ୍ତୁ, ବେଦ, ଉପନିଷଦ, ସଂହିତା, ସ୍ମୃତି, ଗୀତା, ଭାଗବତ, ସଂସ୍କୃତ ସାହିତ୍ୟ, ଅଳଙ୍କାର, ବ୍ୟଙ୍ଗାତ୍ମକ ଆଧୁନିକ ସମାଜିକ ଦେଶାତ୍ମକ କାଳ୍ପନିକ ଓ ଗୀତ - ଭଜନ, ଜଣାଣ, ଚମ୍ପୁ ଆଦି ୮ ମାସ ଶିକ୍ଷା କଲେ। ଏହାପରେ ସେ ପ୍ରଥମେ ପଲ୍ଲୀଗ୍ରାମ ବରେଇପାଲି ଛକରେ ଗଣେଶ ପୂଜାରେ ସଞ୍ଚାର କଳା ପରିବେଷଣ କରି ଉଚ୍ଚ ପ୍ରଶଂସିତ ହେଲେ। ଏହାପରେ ସେ ବିଦେଶରେ ଜାପାନ, ବାଙ୍ଗାଲାଦେଶ, କୁଏତ, ବର୍ଲିନ ଆଦି ସହିତ ଭାରତର ଦିଲ୍ଲୀ, କଲିକତା, ତ୍ରିପୁରା, ଗ୍ୱାଲିଅର, ହିମାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶ, ଗୁଜରାଟ, ରାୟପୁର, ଭୋପାଳ ଆଦି ଅନେକ ସ୍ଥାନରେ ତାଙ୍କ ଉତ୍କୃଷ୍ଟ ସଞ୍ଚାର କଳା ପ୍ରଦର୍ଶନ କରିଥିଲେ। ସେ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଥିଲେ। ଦୁଃଖନାଶନ ଆକାଶବାଣୀ ଓ ଦୂରଦର୍ଶନର ସଞ୍ଚାର ବାୟକ ରହିଥିଲେ। ଗୁରୁ ଦୁଃଖନାଶନ ବେହେରା ସଞ୍ଚାର କଳାକୁ ବଞ୍ଚେଇବା ପାଇଁ ଏକ ଦୁଃଖନାଶନ ସଞ୍ଚାର ଶିକ୍ଷା କେନ୍ଦ୍ର ନାମରେ ନାମିତ କରି ବିଭିନ୍ନ ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ସଞ୍ଚାର ଶିକ୍ଷା ଦେଉଥିଲେ। ତେବେ, ଏଥିପାଇଁ ତାଙ୍କୁ ସରକାରୀ ସାହାର୍ଯ୍ୟ ମିଳିପାରି ନ ଥିଲା। ଦୁଃଖନାଶନଙ୍କ ବିୟୋଗ କଳା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି 'ନାଟ୍ ନାଟୁଆ' ସମେତ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ଶୋକପ୍ରକାଶ କରାଯାଇଛି।

# ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଜଳକୁଣ୍ଡ ସ୍ଥାପନ




**ସମ୍ବଲପୁର, ୨୦।୪ (ସମିସ) :** ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ତଥା ବର୍ଦ୍ଧିତ ତାପମାତ୍ରାକୁ ଦୃଷ୍ଟିରେ ରଖି ଗୋରୁଗାଈ ଏବଂ ପକ୍ଷୀମାନଙ୍କ ସକାଶେ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ତରଫରୁ ଜଳକୁଣ୍ଡ ସମଲେଇ ପ୍ରକଳ୍ପ ଅଞ୍ଚଳରେ ରଖାଯାଇଛି। ଏହାଦ୍ୱାରା ଗୋରୁଗାଈ, ପକ୍ଷୀ ଆଦି ଜୀବଜନ୍ତୁ ଗ୍ରୀଷ୍ମଋତୁରେ ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେବେନାହିଁ। ମନ୍ଦିର ପରିସର ପୂଜାର୍ଚ୍ଚନା ପରେ କୁଣ୍ଡଗୁଡ଼ିକ ସମଗ୍ର ପ୍ରକଳ୍ପ ଅଞ୍ଚଳରେ ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ ଶୁଭାରମ୍ଭ କରିଥିଲେ। ଟ୍ରଷ୍ଟବୋର୍ଡ ସଦସ୍ୟ ହେମନ୍ତ ଚନ୍ଦ୍ର ମିଶ୍ର, ସନ୍ତୋଷ ପୃଷ୍ଟେଠ, ଦେବ କୁମାର ଅଜମେରିଆ, ନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଭିମସାର ଇଣ୍ଟର୍ଣ୍ଣ ଛାତ୍ରଛାତ୍ରୀ ଆନ୍ଦୋଳନମୁହାଁ

**ସମ୍ବଲପୁର, ୨୦।୪ (ସମିସ) :** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର) ଇଣ୍ଟର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଷ୍ଟାଇପେଣ୍ଡ ମିଳି ନ ଥିବାରୁ ସେମାନେ ଆନ୍ଦୋଳନମୁହାଁ ହୋଇଛନ୍ତି। ଅସନ୍ତୁଷ୍ଟ ଛାତ୍ରଛାତ୍ରୀମାନେ ଆସନ୍ତାକାଲିଠାରୁ 'ନୋ ଡ୍ୟୁଟି ଷ୍ଟ୍ରାଇକ୍' କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଛାତ୍ରଛାତ୍ରୀମାନେ କହିଛନ୍ତି ଯେ, ଗତ ମାର୍ଚ୍ଚ ମାସରୁ ସେମାନଙ୍କ ଷ୍ଟାଇପେଣ୍ଡ ମିଳିନାହିଁ। ଏନେଇ ସେମାନେ ଅନେକଥର ଭିମସାର ଅଧୀକ୍ଷକ, ଡିନ୍, ଅଧ୍ୟକ୍ଷ ଓ ନିର୍ଦ୍ଦେଶକଙ୍କୁ ଜଣାଇଛନ୍ତି, କିନ୍ତୁ କୌଣସି ସମାଧାନ ହୋଇନାହିଁ। ଡିଡିଓ (ଡ୍ରଇଂ ଆଣ୍ଡ ଡିସ୍‌ବର୍ସିଙ୍ଗ ଅଫିସର) କ୍ଷମତା ଏପର୍ଯ୍ୟନ୍ତ ଭିମସାର ନିର୍ଦ୍ଦେଶକଙ୍କୁ ମିଳି ନ ଥିବାରୁ ଷ୍ଟାଇପେଣ୍ଡ ଦେବାରେ ବିଳମ୍ବ ହେଉଥିବା କୁହାଯାଉଛି। ଏନେଇ ଇଣ୍ଟର୍ଣ୍ଣ ଛାତ୍ରଛାତ୍ରୀମାନେ ଆସନ୍ତାକାଲିଠାରୁ 'ନୋ ଡ୍ୟୁଟି ଷ୍ଟ୍ରାଇକ୍' କରିବାକୁ ପ୍ରସ୍ତୁତ ହେଉଛନ୍ତି। କେବଳ ଜରୁରୀକାଳୀନ ସେବାକୁ ଛାଡ଼ିଦେଲେ ଅନ୍ୟ ଡ୍ୟୁଟି ସେମାନେ କରିବେ ନାହିଁ। ଭିମସାର ପ୍ରଶାସନ ଏହି ସମସ୍ୟାର ଶୀଘ୍ର ସମାଧାନ କରିବାକୁ ଛାତ୍ରଛାତ୍ରୀମାନେ ଦାବି ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭିମସାରରେ ୧୯୭ ଜଣ ଇଣ୍ଟର୍ଣ୍ଣ ଛାତ୍ରଛାତ୍ରୀ ଥିବାବେଳେ ସେମାନଙ୍କୁ ମାସିକ ଷ୍ଟାଇପେଣ୍ଡ ପ୍ରଦାନ କରାଯାଇଥାଏ।

# କର୍କଟ ରୋଗୀଙ୍କୁ ଆର୍ଥିକ ସହାୟତା

**ସମ୍ବଲପୁର, ୨୦।୪ (ସମିସ) :** ମୋତିଝରଣ ସ୍ଥିତ ଜଣେ କର୍କଟ ରୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା। ଗୁରୁତର ବ୍ୟାଧୀର ଉନ୍ନତ ଚିକିତ୍ସାର ସମସ୍ତ ବ୍ୟବସ୍ଥା ସହ ରୋଗୀଙ୍କ ଯିବାଆସିବା ପାଇଁ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଶ୍ରୀ ସାହା ବ୍ୟକ୍ତିଗତ ଭାବେ ପୀଡ଼ିତଙ୍କ ଘରକୁ ଯିବାସହ ସମସ୍ତ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଚିକିତ୍ସା ପାଇଁ ବାରମ୍ବାର ରାଜ୍ୟ ବାହାରକୁ ଯିବାକୁ ପଡୁଥିବାରୁ ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲେ କର୍କଟ ପୀଡ଼ିତ। ଚିକିତ୍ସା ପାଇଁ ସେ ନିଜର ଅଟୋରିକ୍ସାକୁ ବିକ୍ରି କରିଦେଇଥିଲେ। ଘରଭଡ଼ା, ପିଲାଙ୍କ ପାଠପଢ଼ା ଖର୍ଚ୍ଚ, ଖାଇବା ପିଇବା ଖର୍ଚ୍ଚ ସହ କର୍କଟ ରୋଗର ସଠିକ ଚିକିତ୍ସା କରିବା ତାଙ୍କ ପରିବାର ପକ୍ଷେ ସମ୍ଭବ ହୋଇପାରୁ ନ ଥିଲା, ତେଣୁ ଚିକିତ୍ସା ବାଧାପ୍ରାପ୍ତ ହେଉଥିଲା। ଶ୍ରୀ ସାହାଙ୍କ ଆର୍ଥିକ ସହାୟତା ଫଳରେ ରୋଗୀ ଖୁବ୍‌ଶୀଘ୍ର ଉଚ୍ଚତର ଚିକିତ୍ସା ପାଇଁ ଯିବେ ବୋଲି ପରିବାରବର୍ଗ କହିଛନ୍ତି।

# ଗାଡ଼ି ଭିତରୁ ମୃତଦେହ ଉଦ୍ଧାର

**କୁଚିଣ୍ଡା, ୨୦।୪ (ସମିସ) :** ପିଏମ କୁସୁମ ଯୋଜନାରେ ସୋଲାର ପ୍ୟାନେଲ ଲଗାଇବା ପାଇଁ ମହୁଲପାଲି ଥାନା ଗୋପାଳପାଲି ଗ୍ରାମର କ୍ୟାମ୍ପକରି ୧୦ ଜଣରହି ଥିଲେ। ରବିବାର ଅପରାହ୍ନରେ ଖାଇ ସାରିବା ପରେ ଅନ୍ୟ ସମସ୍ତେ ପୁଣି କାମକୁ ଗଲା ପରେ ବେଲପଡ଼ା -କଦଳୀ ଗ୍ରାମର ଘାସିରାମ ଧୁରୁଆଙ୍କ ପୁଅ ଜିତ ଧୁରୁଆ (୨୨) ଗାଡି ଭିତରେ ବସି ରହିଥିଲେ ଏବଂ ରାତିରେ ବି ସେ ରାତ୍ରି ଭୋଜନ କରିନଥିଲେ। ସୋମବାର ସକାଳୁ ଗାଡ଼ି ଭିତରେ ତାଙ୍କ ମୃତଦେହ ପଡ଼ିଥିବା ଅନ୍ୟ ୯ ଜଣ ସାଥୀ ଦେଖିଥିଲେ। ସେମାନେ ମୃତଦେହକୁ ବେଲପଡ଼ାକୁ ନେଇ ଯାଉଥିବା ବେଳେ ପୁଲିସ ଜାଣିପାରି ତୁରନ୍ତ କୁଚିଣ୍ଡା ଡାକ୍ତରଖାନା ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ। ପୁଲିସର ହସ୍ତକ୍ଷେପ ପରେ କୁଚିଣ୍ଡା ଡାକ୍ତରଖାନାକୁ ଶବ ଆଣି ଶବବ୍ୟବଚ୍ଛେଦ କରିଥିଲେ।

# ବୁର୍ଲା ବ୍ରାହ୍ମଣ ସମାଜର ବାର୍ଷିକ ଉତ୍ସବ




**ସମ୍ବଲପୁର, ୨୦।୪(ସମିସ):** ବୁର୍ଲା ବ୍ରାହ୍ମଣ ସମାଜର ବାର୍ଷିକ ଉତ୍ସବ ପାଳିତ ହୋଇଛି। ବୁର୍ଲା ନୃସିଂହ ମନ୍ଦିରରେ ଭଗବାନ ପର୍ଶୁରାମଦେବଙ୍କ ପୂଜାର୍ଚ୍ଚନା ପରେ ଏକ ଭବ୍ୟ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଏହାପରେ ମନ୍ଦିର ପରିସରରେ ସମାଜର ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବୁର୍ଲା ମୁଖ୍ୟବନ୍ଧ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ଶୁଭ୍ରାଂଶୁ ଦ୍ୱିବେଦୀ, ଭୀମସାରର ଅଧୀକ୍ଷକ ତଥା ହୃଦ୍‌ରୋଗ ବିଶେଷଜ୍ଞ ଡା. ସୁନିଲ୍ କୁମାର ଶର୍ମା, ଭିସୁଟ୍ ପ୍ରଫେସର ଡା. ସିଦ୍ଧାର୍ଥ ଶଙ୍କର ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରାହ୍ମଣ ସମାଜ ବୁର୍ଲାର ସଭାପତି ଯୁଧିଷ୍ଠିର ପତିଙ୍କ ସଭାପତିତ୍ୱ ଏବଂ ପ୍ରମୋଦ କୁମାର ଦାଶଙ୍କ ସଂଯୋଜନା, ଉପସଭାପତି ସୁରେଶ ଚନ୍ଦ୍ର ପଣ୍ଡାଙ୍କ ପରିଚାଳନାରେ ଆୟୋଜିତ ସଭାରେ ନମିତା ଆଚାର୍ଯ୍ୟ ମନ୍ତ୍ରପାଠ କରିଥିଲେ। ସୁନିଲ୍ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତବର୍ଷ ସିବିଏସଇ ମାଟ୍ରିକ୍ ପରୀକ୍ଷାରେ ୯୫ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା କୃତୀ ବ୍ରାହ୍ମଣ ଛାତ୍ରଛାତ୍ରୀ ନୀଲମ୍ ପାତ୍ର, ଶ୍ରୁତି ଲେଖା ଆଚାର୍ଯ୍ୟ, ସ୍ୱର୍ଣ୍ଣଆଭା ପଣ୍ଡା, ଆକାଂକ୍ଷା ପାଣିଗ୍ରାହୀ, ବିସ୍ମିତ ମିଶ୍ର ଓ ଆୟୁଷ୍ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ଇଂ ଦିନଦୟାଳ ଶର୍ମା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଛକାପାଟ୍‌ରେ ମୁଠି ଅନୁକୂଳ ଓ ଅଘରିଆ ଦିବସ

**ସମ୍ବଲପୁର, ୨୦।୪ (ସମିସ) :** ଅଖିଳ ଭାରତୀୟ ୮୪ ଘର ଅଘରିଆ ସମାଜ, ବାମଣ୍ଡା ଆଞ୍ଚଳିକ ଗୁଡ଼ି ଆନୁକୂଲ୍ୟରେ ଆଜି ବାମରା ବ୍ଲକ ଉଛକାପାଟ ଗ୍ରାମରେ ଅକ୍ଷୟ ତୃତୀୟାର ଅବସରରେ ମୁଠି ଅନୁକୂଳ ସହିତ ଅଘରିଆ ଦିବସ ପାଳିତ ହୋଇଯାଇଛି। ଗୋବିନ୍ଦପୁର ମଣ୍ଡଳ କମିଟି ସଭାପତି ଭିଖାରୀ ଚରଣ ପଟେଲଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ କମିଟି ଉପସଭାପତି ନରେଶ ପଟେଲ, କୁସୁମୀ ମଣ୍ଡଳ ସଭାପତି ରବିନାରାୟଣ ପଟେଲ, ବାମଣ୍ଡା ଆଞ୍ଚଳିକ କମିଟି ସଚିବ ଅଶୋକ କୁମାର ପଟେଲ, ଓଡ଼ିଶା ପ୍ରାନ୍ତୀୟ ଯୁବ ସଭାପତି ପୀତବାସ ପଟେଲ, ଟାଙ୍ଗରମୁଣ୍ଡା ଗୁଡ଼ି ସଭାପତି କିରଣ କୁମାର ନାୟକ, ଗଗନ ବିହାରୀ ଚୌଧୁରୀ, ସୁକାନ୍ତ କୁମାର ନାଏକ, ପ୍ରସନ୍ନ ଚୌଧୁରୀ, ଲିଙ୍ଗରାଜ ପଟେଲ ପ୍ରମୁଖ ଯୋଗଦେଇ ଥିଲେ।



# ରାତ୍ରିକାଳୀନ କ୍ରିକେଟ: ନକ୍ସାପାଲି ବିଜୟୀ




**ସମ୍ବଲପୁର, ୨୦।୪ (ସମିସ):** ମାନେଶ୍ୱର ବ୍ଲକ ଅଧୀନ ସାହାସପୁର ଖେଳପଡ଼ିଆରେ ଆୟୋଜିତ ଗିରି ଗୋବର୍ଦ୍ଧନ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଜୟଘଣ୍ଟ ଓ ନକ୍ସାପାଲି ମଧ୍ୟରେ ଖେଳାଯାଇଥିଲା। ନକ୍ସାପାଲି ଦଳ ୧୪ ରନ୍‌ରେ ଜୟଘଣ୍ଟକୁ ପରାସ୍ତ କରି ବିଜୟୀ ହୋଇଛି। ଏହି ମ୍ୟାଚ୍‌କୁ ସୋନୁ ବାରିକ ଓ ସରୋଜ ସାହୁ ପରିଚାଳନା କରିଥିବାବେଳେ ସ୍କୋରର ଭାବେ ଅମିତ ପଧାନ ଓ ଶମ୍ଭୁ ନାଏକ ଦାୟିତ୍ୱ ନିଭାଇଥିଲେ। ଧାରାବିବରଣୀ ଶକ୍ତିମାନ ପାଣିଗ୍ରାହୀ ପ୍ରଦାନ କରିଥିଲେ। ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରି ନାୟକ, ବରିଷ୍ଠ ବିଜେପି ନେତା ଦେବେନ୍ଦ୍ର ମହାପାତ୍ର, ସାଂସଦ ପ୍ରତିନିଧି ରମେଶ ପ୍ରଧାନ ଓ ସରପଞ୍ଚ ଦିବାକର ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

# ଆମ୍ବେଦକର ବିଚାରଧାରାରେ ମାନବୀୟ ସମ୍ବେଦନା

ସମ୍ବଲପୁର, ୨୦।୪ (ସମିସ)




ଡ. ଭୀମରାଓ ଆମ୍ବେଦକର ବାସ୍ତବରେ ମାନବୀୟ ସମ୍ବେଦନା, ସମାନତା ଏବଂ ସାମାଜିକ ନ୍ୟାୟର ପ୍ରତୀକ ଥିଲେ। ତାଙ୍କ ଜୀବନ ଏବଂ ବିଚାର ବିଶେଷ ଭାବରେ ମହିଳା, ଦଳିତ ଏବଂ ଶୋଷିତ ବର୍ଗର ଲୋକଙ୍କ ପାଇଁ ସମର୍ପିତ ଥିଲା। ତେଣୁ ତାଙ୍କ ବିଚାରଧାରାରେ ଉଦ୍‌ବୁଦ୍ଧ ହୋଇ ଆମେ ପ୍ରତ୍ୟେକ ନାଗରିକଙ୍କ ପ୍ରତି ମାନବୀୟ ସମ୍ବେଦନା ପ୍ରଦର୍ଶନ କରିବା ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଡ. ବି.ଆର୍ ଆମ୍ବେଦକର ସୋସିଆଲ ୱେଲଫେଆର ଫେଡେରେସନ, ମାତା ସାବିତ୍ରୀ ବାଇ ଫୁଲେ ମହିଳା ସଂଘ, ଅଲ୍ ଓଡ଼ିଶା ଆଦିବାସୀ ସାଂସ୍କୃତିକ ସଂଘ ଏବଂ ୱେସ୍କୋ ୟୁଟିଲିଟି ଏସ୍‌ସି ଏସ୍‌ଟି ଏମ୍ପ୍ଲଇଜ୍ ୱେଲଫେଆର ଏସୋସିଏସନର ମିଳିତ ଆନୁକୂଲ୍ୟରେ ଓଡ଼ିଶା ସାଂସ୍କୃତିକ ସମାଜଠାରେ ଆୟୋଜିତ ଭାରତର ସମ୍ବିଧାନର ମୁଖ୍ୟ ସ୍ଥପତି ଡ. ଆମ୍ବେଦକରଙ୍କର ୧୩୫ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଫେଡରେସନର ସଭାପତି ଇଂ ଦ୍ୱିତୀୟା ଗର୍ଡ଼ିଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ବରିଷ୍ଠ ଓଏଏସ ଅଧିକାରୀ ଡ. ଗୁଣମଣି ସୁନାନୀ ମୁଖ୍ୟ ଅତିଥି, ଅଧୀକ୍ଷଣ ଯନ୍ତ୍ରୀ ଇଂ ବୀରେନ୍ଦ୍ର କୁମାର ଜଗତ, ମୁଖ୍ୟବକ୍ତା, ୱେସ୍କୋ ୟୁଟିଲିଟି ସଂଘର ସଭାପତି ଜୟଦେବ ମିଞ୍ଜ, ମହିଳା ସଂଘର ସଭାପତି ଅନୁପମା ନାଗ ଏବଂ ଭୀମ ଆର୍ମୀର ସଭାପତି ଲଂକେଶ ରାବଣ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କ୍ଷେତ୍ରମଣି ବିଭାର ସ୍ୱାଗତଭାଷଣ ସହ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ମହିଳା ସଂଘର ସହ ସମ୍ପାଦକ ରଞ୍ଜୁ ଭୋସାଗର ଅତିଥି ପରିଚୟ ପ୍ରଦାନ କରିଥିଲେ। ସିବିଏସଇ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ମଦନାବତୀ ପବ୍ଲିକ ସ୍କୁଲର ଟପ୍ପର ତଥା ରାଜ୍ୟ ଏବଂ ଦେଶରେ ତୃତୀୟ ସ୍ଥାନ ଲାଭ କରିଥିବା ପ୍ରତିଭାବାନ ଛାତ୍ର ଦିବ୍ୟରଞ୍ଜନ ମନ୍ଦୋଦରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍‌ସହିତ ଆମ୍ବେଦକରଙ୍କ ଜୀବନୀ ଏବଂ ଅବଦାନ ଆଧାରୀତ ତର୍କ, ସାଧାରଣ ଜ୍ଞାନ ଏବଂ ପ୍ରବନ୍ଧ ଲେଖନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୯ ଜଣ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମହିଳା ସଂଘର ସହସମ୍ପାଦକ ବନୀତା ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଅକ୍ଷିମୁଠିରୁ ଆରମ୍ଭ ହେଲା ଚାଷକାମ






**ବରଗଡ଼, ୨୦।୪(ସମିସ)**

ରାଜବୋରାସମ୍ବର କୃଷକ ସଂଗଠନ ତରଫରୁ ନୂଆପାଲି ଗ୍ରାମରେ ଅକ୍ଷୟ ତୃତୀୟା ତଥା ଉପଖଣ୍ଡସ୍ତରୀୟ କୃଷକ ଦିବସ ପାଳନ କରାଯାଇଛି। ପ୍ରଥମେ ପାରମ୍ପରିକ ଭାବେ ହଳ, ଲଙ୍ଗଳ ଓ ଧାନ ନେଇ ଏକ ଶୋଭାଯାତ୍ରାରେ ଗ୍ରାମବାସୀ ଓ ସଂଗଠନର କର୍ମକର୍ତ୍ତା ଗାଁର ଜମିକୁ ଯାଇଥିଲେ। ସେଠାରେ ରୀତିନୀତି ଅନୁଯାଇ ଜମି, ହଳ ଓ ଲଙ୍ଗଳକୁ ପୂଜା କରିବା ପରେ ଅକ୍ଷିମୁଠି ଅନୁକୂଳ କରାଯାଇଥିଲା। ପରେ ଗାଁରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉପଜିଲ୍ଲାପାଳ ହେମସାଗର ଭୋଇ, ରାଜବୋରାସମ୍ବର ବିଡିଓ ମନୋଜ ଦେବତା, ଅଜିତ ଶତପଥୀ, ବ୍ଲକ କୃଷି ଅଧିକାରୀ ପୁଷ୍ପକ ନାଏକ, ଗ୍ରାମ କୃଷି ସେବକ ଉକେଶ ଛୁରିଆ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ସଭାରେ ରାଜବୋରାସମ୍ବର କୃଷକ ସଂଗଠନର ସଭାପତି ବାଞ୍ଛାନିଧି ନାୟକ ସଭାପତିତ୍ୱ କରିଥିଲେ। ଆବାହକ ଅଶୋକ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

**ସୋହେଲା:** ବରଗଡ଼ ଜିଲ୍ଲା କିଶାନ କଂଗ୍ରେସ ତରଫରୁ ଆଜି ସୋହେଲାସ୍ଥିତ ମହିମା ନଗରଠାରେ ଅକ୍ଷିମୁଠି ଅନୁକୂଳ ହୋଇଛି। ଏହାସହ ଅକ୍ଷୟ ତୃତୀୟା ପର୍ବ ପାଳନ କରାଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ବିଧାୟକ ସାଧୁ ନେପାକ, ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂ, କିଶାନ ସେଲ୍‌ର ସଭାପତି ଗୁଣମଣି ସାହୁ, ବ୍ରହ୍ମା ମହାକୁଡ, ଅଭିଷେକ ସେଠ, ପାଣ୍ଡବ କର୍ଣ୍ଣ, ଅନୀଲ ପଧାନ, ମୋହନ ବେହେରା, ଜୟକୃଷ୍ଣ ସାହୁ, ଯୁଧିଷ୍ଠିର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ହାଜି ମହମ୍ମଦ ଇକବାଲ ଖେରାନୀ ସଭାରେ ସଂଯୋଜନା କରିଥିଲେ। ଏହି ଅବସରରେ ବିରିପାଲି ଗ୍ରାମର ମଧୁମଙ୍ଗଳ ପଧାନ, ସୋହେଲାର ଶ୍ରୀକାନ୍ତ ନାୟକ, ବୁଡାମାଲ ଗ୍ରାମର ଶଶୀଭୂଷଣ ସା, ମଙ୍ଗଳପାଲି ଗ୍ରାମର ସତ୍ୟ ସାହୁ, ପାଣିମୋରା ଗ୍ରାମର ସୁରୁବୁରୁ ପଧାନ, ପିପିଲିପାଲି ଗ୍ରାମର ହଳଧର ବିଶ୍ୱାଳ, ପଦ୍ମପୁରର ଆନନ୍ଦ ପାତ୍ର, ଡାଣ୍ଡୋଲ ଗ୍ରାମର ଭବାନୀ ଶଙ୍କର ଦୀପ, ଗ୍ୟାଜେଲ ଗ୍ରାମର ଗୁରୁଦେବ ସାହୁ, କଟଲା ଗ୍ରାମର ପାକିସ୍ତାନ ଭୋଇ ପ୍ରମୁଖ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମୁନ୍ନା ମାହୁ, ଗୋପାଳ ନାୟକ, ମୁକେଶ ଅଗ୍ରୱାଲ, ଶରତ ବାଗ, ମୁନା ଅଗ୍ରୱାଲ, ଶେଖର ଦାଶ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅନୀଲ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ପାଇକମାଲ:** ପାଇକମାଲ ବ୍ଲକ ଟେମରୀ ପଞ୍ଚାୟତସ୍ତରୀୟ କିଷାନ ଭାଇ ଭଉଣୀଙ୍କୁ ନେଇ ଜୟକିଷାନ ଆନ୍ଦୋଳନ ତତ୍ତ୍ୱାବଧାନରେ ଅକ୍ଷିମୁଠି ଅନୁକୂଳ ହୋଇଛି। ପାଇକମାଲ କୃଷି କାର୍ଯ୍ୟାଳୟରୁ ସନତ ଥାଟି, ସୁରେଶ ପୁରୋହିତ, ଜୟକିଷାନ ଆନ୍ଦୋଳନ ସଭାପତି ବିଶ୍ୱନାଥ ରଣା, ଟେମରୀ ସରପଞ୍ଚ ଦିଲୀପ ବେହେରା, ଦୀପା ବାରିକ, ରାଜେନ୍ଦ୍ର ରାଉତ, ରାସ ବିହାରୀ ସାହୁ, କ୍ଷେତ୍ରୀ ଲୁହାର, ମୋହନ ତନସନା ପ୍ରମୁକ ଉପସ୍ଥିତ ଥିଲେ। ଜୟକିଷାନ ଆନ୍ଦୋଳନ କର୍ମୀ ବାଳକୃଷ୍ଣ ବନଛୋର ସଭା ପରିଚାଳନା କରିଥିଲେ।

**ମେଲଛାମୁଣ୍ଡା:** ସହିଦ ମାଧୋ ସିଂ ଆଞ୍ଚଳିକ କୃଷକ ସଙ୍ଗଠନ ଘେଁସ ଏବଂ ଝଗଡ଼ଝାଳ ଗ୍ରାମବାସୀଙ୍କ ଉଦ୍ୟମରେ ଅକ୍ଷୟ ତୃତୀୟା ପାଳନ ହୋଇଯାଇଛି। ଡା. ଶଙ୍କର ରାମଚନ୍ଦାନୀ, ଚାଷୀନେତା ରମେଶ ମହାପାତ୍ର, ସୁରେଶ ନିକେଣ୍ଟି, ଲିଙ୍ଗରାଜ ପଧାନ, ସରପଞ୍ଚ ଅଶୋକ ବାରିକ, ବଳଦେବ ମାଲିକ, କ୍ଷୀରୋଦ୍ର ପଟେଲ, ଆରକ୍ଷିତ ମହାକୁଡ଼, ଗୋବିନ୍ଦ ବରିହା ପ୍ରେମ ସାହୁ, ମୀନକେତନ ବାରିକ, ପ୍ରଭାତ ସାହୁ ପ୍ରମୁକ ଯୋଗ ଦେଇଥିଲେ। ଏହି ଅବସରରେ ଗାଁରେ ଅନୁଷ୍ଠିତ ସଭାରେ କୁଞ୍ଜବିହାରୀ ପଧାନ ସଭାପତିତ୍ୱ କରିଥିଲେ। ଉତ୍ତମ ଭୁଏ, ନୀଳମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଅତାବିରା:** ଅତାବିରା ବ୍ଲକ ଚକୁଳି ଫାର୍ମ କୃଷିଫାର୍ମରେ ଜିଲ୍ଲାସ୍ତରୀୟ ଅକ୍ଷିମୁଠି କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଅକ୍ଷି ମୁଠି ଅନୁକୂଳ କରିଥିଲେ। ପବିତ୍ର ଅକ୍ଷୟ ଦିବସ ଅବସରେ ଆଗାମୀ ଖରିଫ ଫସଲ ପାଇଁ ଧାନ ବୁଣି ଅନୁକୂଳ କରିଥିଲେ। ସାଥୀରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଅତାବିରା ବିଧାୟକ ନିହାର ମହାନନ୍ଦ, ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନାତନ ଗଡ଼ତିଆ, ଗୋବର୍ଦ୍ଧନ ଭୁଏ, ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଯୋଗଦେଇ ଅକ୍ଷି ମୁଠି ଦେଇଥିଲେ। ଏହା ପୂର୍ବରୁ ପୂଜାକାର୍ଯ୍ୟ କରି ଟାଙ୍ଗରପାଲି ପୂରଣ ଲଗୋନ, ଦୁଲମପୁର ଭୁଜରାଜ ସେଠ ହଳ ବଳଦ ନଙ୍ଗଳ ପଛ ପଛରେ ଧାନ ବୁଣିଥିଲେ। ପଣ୍ଡିତ ଭୀଷ୍ମଦେବ ପାଣିଗ୍ରାହୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଅକ୍ଷିମୁଠି ପରେ ଏକ ସଭା ହୋଇଥିଲା। ଏଥିରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଉଦ୍ଦେଶ୍ୟଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନା ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲାର ୬ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଞ୍ଜିପାଲିରେ ପାଣି ପାଇଁ ଲମ୍ବା ଧାଡ଼ି



**ଅମ୍ବାଭୋନା, ୨୦। ୪(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ବାଞ୍ଜିପାଲିରେ ଗୁରୁତର ଜଳ ସଙ୍କଟ ଦେଖାଦେଇଛି। ପ୍ରାୟ ୯୦୦ ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମରେ ପାନୀୟ ଜଳର ଅଭାବ ଦୈନିକ ଜୀବନକୁ କଷ୍ଟକର କରିଦେଇଛି। ପାଣି ଅଭାବ ଯୋଗୁଁ ଗ୍ରାମବାସୀ ୩ କିଲୋମିଟର ଦୂରରୁ ପାଣି ଆଣି ତାଙ୍କ ଆବଶ୍ୟକତା ପୂରଣ କରୁଛନ୍ତି। ଗ୍ରାମର ଅଧିକାଂଶ ଜଳ ସ୍ରୋତ ଶୁଷ୍କ ହୋଇଯାଇଛି। ଏଣୁ ଲୋକମାନେ ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡ଼ିରେ ପାଣି ପାଇଁ ଅପେକ୍ଷା କରୁଛନ୍ତି। ବିଶେଷକରି ମହିଳା ଓ ଶିଶୁମାନେ ଏହି ସମସ୍ୟାରେ ଅଧିକ ପ୍ରଭାବିତ ହେଉଛନ୍ତି। ନଳକୂପରେ ଜଳସ୍ତର କମିଯାଇଥିବାରୁ ପରିସ୍ଥିତି ଆହୁରି ଗମ୍ଭୀର ହୋଇପଡ଼ିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଗତ କିଛି ବର୍ଷ ଧରି ଏହି ସମସ୍ୟା ଚାଲିଆସୁଛି। ଏପର୍ଯ୍ୟନ୍ତ ଏହାର କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ସରକାରୀ ଯୋଜନା ଓ ପାଣି ଯୋଗାଣ ବ୍ୟବସ୍ଥା କେବଳ କାଗଜପତ୍ରରେ ସୀମିତ ରହିଛି। ଗ୍ରାମବାସୀ ଜିଲ୍ଲା ପ୍ରଶାସନ ଓ ସମ୍ପର୍କିତ ବିଭାଗଙ୍କୁ ଶୀଘ୍ର ସ୍ଥାୟୀ ପାଣି ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ବାଞ୍ଜିପାଲି ଗ୍ରାମରେ ଏହି ଦୀର୍ଘକାଳୀନ ଜଳ ସମସ୍ୟା ବର୍ତ୍ତମାନ ପ୍ରଶାସନ ପାଇଁ ଏକ ବଡ଼ ପ୍ରଶ୍ନ ବାଚୀ ସୃଷ୍ଟି କରିଛି। ତେବେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୋରୱେଲ ଥିଲେ ମଧ୍ୟ ଜଳସ୍ରୋତ କମିଯିବାରୁ ଜଳ ଶଙ୍କଟ ଦେଖିବାକୁ ମିଳିଛି। ଏହା ଫଳରେ ଛାତ୍ରଛାତ୍ରୀ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସ୍କୁଲରେ ୨୫୨ ଜଣ ଛାତ୍ରଛାତ୍ରୀ ଅଛନ୍ତି। ପାଣି ପାଇଁ ଏମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଅକ୍ଷୟ ତୃତୀୟାରେ ଚାଷ ଅନୁକୂଳ

**ରେଢ଼ାଖୋଲ, ୨୦।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ବଡ଼ବାହାଲ ପଞ୍ଚାୟତରେ ସୋମବାର ଉପଖଣ୍ଡ ଚଷା ସମାଜ ପକ୍ଷରୁ ଅକ୍ଷୟ ତୃତୀୟାରେ ପାଳିତ ହେଲା କୃଷକ ଦିବସ। ଏହି ଦିନକୁ ଔପଚାରିକ ଭାବେ ସରକାରୀସ୍ତରରେ କୃଷକ ଦିବସ ରୂପେ ପାଳନ କରାଯାଇଥାଏ। କୃଷକ ମାନେ ଏହାକୁ ବଡ଼ ଶୁଦ୍ଧି ଏବଂ ସିଦ୍ଧିର ଦିବସ ଭାବେ ପାଳନ କରିଥାନ୍ତି। କୃଷକ ଏହିଦିନ ଅମୃତ ବେଳାରେ ଅକ୍ଷିମୁଠି ଅନୁକୂଳ କରି ଚାଷ ଜମିରେ କୃଷି କାର୍ଯ୍ୟର ଶୁଭାରମ୍ଭ କରିଥାଏ। ଏହି ଅବସରରେ ବଡବାହାଲ ଗ୍ରାମର ଗଉଁତିଆଁ କ୍ଷୀରୋଦ କୁମାର ପ୍ରଧାନ ଚାଷଜମିରେ ପୂଜାର୍ଚ୍ଚନା କାର୍ଯ୍ୟ କରିଥିଲେ। ଏଥିରେ ଅତିଥି ଭାବରେ ରେଢ଼ାଖୋଲ ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ, ସମିତି ସଭ୍ୟ ଦିବାକର ପ୍ରଧାନ ପ୍ରମୁଖଙ୍କ ସହିତ ଚଷା ସମାଜ ପକ୍ଷରୁ ଛବିଳ ପ୍ରଧାନ, ତୁଷାର କାନ୍ତ ପ୍ରଧାନ, ଦେବାନନ୍ଦ ପ୍ରଧାନ, ନରେନ୍ଦ୍ର କୁମାର ଦେହୁରୀ, ଅନାଦି ସାହୁ, ସୁରେନ୍ଦ୍ର ବିଶ୍ୱାଳ, ଦିଲୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ।



## ଶଶୀଭୂଷଣ ଦାଶଙ୍କ ଦେହାନ୍ତ

**ବରଗଡ଼, ୨୦।୪ (ସମିସ):** ବରଗଡ଼ ଦାଶ ପଡ଼ା ୱାର୍ଡନମ୍ବର-୪ ଶଶୀଭୂଷଣ ଦାଶଙ୍କ (୯୧) ବର୍ଷ ବୟସରେ ଦାଶପଡ଼ା ସ୍ଥିତ ତାଙ୍କ ନିଜ ବାସଭବନରେ



ସ୍ୱର୍ଗବାସ ହୋଇଯାଇଛି। ସେ ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗରେ ଫରେଷ୍ଟ ରେଞ୍ଜର ଭାବେ କାର୍ଯ୍ୟରୁ ଅବସର ନେଇଥିଲେ। ସେ ଜଣେ ଧର୍ମପରାୟଣ, ପରୋପକାରୀ ଓ ମେଳାପୀ ବ୍ୟକ୍ତିତ୍ୱ ଥିଲେ। ଜିରାନଦୀ କୁଳ ସ୍ୱର୍ଗଦ୍ୱାରରେ ତାଙ୍କ ଆନ୍ତ୍ୟେଷ୍ଟି କ୍ରିୟା କରାଯାଇଥିଲା। ବଡ଼ପୁଅ ରବୀନ୍ଦ୍ର ଦାଶ ମୁଖାଗ୍ନି ଦେଇଥିଲେ।

## ଭୀମଭୋଇ କଲେଜରେ ଅଗ୍ନିଶମ ସେବା ସପ୍ତାହ ପାଳିତ



**ରେଢ଼ାଖୋଲ, ୨୦।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟ ପରିସରରେ ସୋମବାର ଅଗ୍ନିଶମ ସେବା ସପ୍ତାହ ପାଳନ ଅବସରରେ ଏକ ଅଗ୍ନି ନିରାପତ୍ତା ଓ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଅମୂଲ୍ୟକୃଷ୍ଣ ପାଢ଼ୀ ଅଧକ୍ଷତା କରିଥିଲେ। ଅଗ୍ନିଶମ ବିଭାଗର ଅଧିକାରୀ ନାରାୟଣ ଚନ୍ଦ୍ର ସେଠୀ ଏବଂ ତାଙ୍କ ସହକର୍ମୀମାନେ ଉପସ୍ଥିତ ରହି ଅଗ୍ନି ନିରାପତ୍ତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଏଥିରେ ପ୍ରାଧାପିକା ମମତା ମହାପାତ୍ର ଓ ଅଧାପକ ଅଞ୍ଜନ କୁମାର ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଅଧାପକ, ଅଧାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଶ୍ରୀ ଅରବିନ୍ଦ ପାଠଚକ୍ରର କର୍ମୀ ସମ୍ମିଳନୀ

**ଝାରବନ୍ଧ, ୨୦।୪(ସମିସ):** ବରଗଡ଼ ଜିଲ୍ଲା ଶ୍ରୀ ଅରବିନ୍ଦ ପାଠଚକ୍ର ସଂଗଠନ ଆନୁକୂଲ୍ୟରେ ପାଇକମାଲ ଓ ଝାରବନ୍ଧ ବ୍ଲକର ଦ୍ୱିତୀୟ ପର୍ଯ୍ୟାୟ କର୍ମୀ ସମ୍ମିଳନୀ ଝାରବନ୍ଧସ୍ଥିତ ଶ୍ରୀ ଅରବିନ୍ଦ ପାଠଚକ୍ର କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ପାଇକମାଲ, ଝାରବନ୍ଧ, ମାଣ୍ଡୋସିଲ, ବୁକୁରାମୁଣ୍ଡା ଓ ମହୁଲପାଲି ଅଞ୍ଚଳରୁ ଆସିଥିବା ଅନେକ ଅପା ଓ ଭାଇମାନେ ସମ୍ମିଳନୀରେ ସକ୍ରିୟ ଭାଗଗ୍ରହଣ କରିଥିଲେ। ଏହି ସମୟରେ ଅଇଁଠା ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପାଇକମାଲ ଅଧକ୍ଷା ମମତା ଦାସ ସମ୍ମିଳନୀକୁ ସୁଚାରୁ ଭାବରେ ପରିଚାଳନା କରିଥିଲେ। ଝାରବନ୍ଧ ପରିଚାଳନା କମିଟୀ ପକ୍ଷରୁ ବିଶିକେଶନ ଧରୁଆ କୃତଜ୍ଞତା ଜଣାଇଥିଲେ।



## ୬୫ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର

**ପଦମପୁର, ୨୦। ୪(ସମିସ):** ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାରମ୍ବାର ଅଭିଯୋଗ, ଦାବି ପୁରଣ କରିବାର ପ୍ରତିଶ୍ରୁତି ସତ୍ତ୍ୱେ ଜିଲ୍ଲା ଶିକ୍ଷାଅଧିକାରୀଙ୍କ ନୀରବତା ଫଳରେ ପଞ୍ଚାୟତ ଉଚ୍ଚବିଦ୍ୟାଳୟ, ପୁରେନାରେ ନାମ ଲେଖାଇଥିବା ୬୫ ଜଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରମୟ। ଗତ ଜାନୁଆରୀ ମାସରେ ପଦମପୁରଠାରେ ହୋଇଥିବା ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ୭ଦିନ ମଧ୍ୟରେ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ; ହେଲେ କୌଣସି ଫଳ ନ ମିଳିବାରୁ ଆଜି ସ୍କୁଲ ପରିଚାଳନା କମିଟି, ପଞ୍ଚ ସଖା ଶିକ୍ଷା ସେତୁ ଚେୟାରମେନ ଓ ସ୍କୁଲ ଉନ୍ନୟନ କମିଟିର ସଦସ୍ୟ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ଓ ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇଙ୍କ ସହ ଆଲୋଚନା କରିଛନ୍ତି। ଶିକ୍ଷକ ନିଯୁକ୍ତି ନ ହେଲେ ସ୍କୁଲକୁ ବନ୍ଦ କରାଯାଇ ଆନ୍ଦୋଳନ କରାଯିବା ପାଇଁ ଚେତାବନୀ ଦେଇଛନ୍ତି। ୬୧୦ ସ୍କୁଲରେ ହୋଇଥିବା ନିଯୁକ୍ତିରେ ବ୍ୟାପକ ଅନିୟମିତତା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ କିରାଣିଙ୍କୁ ପ୍ରଶ୍ନ କରିବାରୁ ସେ ଉଚିତ ଭାବରେ କାଉନସେଲିଂ କରି ନିଯୁକ୍ତି ଦିଆଯାଇଥିବା କହିଥିଲେ। କାଉନସେଲିଂ ହୋଇଥିବା ସତ; କିନ୍ତୁ ଯୋଗ୍ୟ ପ୍ରାର୍ଥୀଙ୍କୁ ପ୍ରଦର୍ଶିତ କରାଯାଇ ଥିବା ତାଲିକାରେ ପଞ୍ଚାୟତ ଉଚ୍ଚବିଦ୍ୟାଳୟକୁ ଦର୍ଶାଯାଇ ନ ଥିଲା। ଏହାର ଫଳ ସ୍ୱରୂପ ପୁରେନା ପାଖାପାଖି ଅଞ୍ଚଳର ଯୋଗ୍ୟ ପ୍ରାର୍ଥୀ ବାଧ ହୋଇ ଦୂର ସ୍ଥାନକୁ ବାଛି ସେଠାରେ ଯୋଗ ଦେଇଥିଲେ। ଏହା ପଛରେ ଏକ ଅସାଧୁ ଗୋଷ୍ଠୀ କିଛି କିରାଣିଙ୍କୁ ଧରି ନିଯୁକ୍ତି ପ୍ରକ୍ରିୟାରେ ସକ୍ରିୟ ରହିଥିବା ଆଲୋଚନା ହେଉଛି। ଏହା ଉପରେ ଉଚିତ ପଦକ୍ଷେପ ଗ୍ରହଣ ନ କଲେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବା ପାଇଁ ବାଧ ହେବେ ବୋଲି ପରିଚାଳନା କମିଟିର ସଦସ୍ୟ ଚେତାବନୀ ଦେଇଛନ୍ତି।

## ଜିଲ୍ଲା କଂଗ୍ରେସ ପକ୍ଷରୁ ଅକ୍ଷିମୁଠି ଅନୁକୂଳ

**ସମ୍ବଲପୁର, ୨୦।୪(ସମିସ):** ହୀରାକୁଦର ସାପଲହରା ଗ୍ରାମରେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଉନ୍ ସଭାପତି ରବି ରାଉତଙ୍କ ତତ୍ତ୍ୱାବଧାନରେ ଜିଲ୍ଲା କଂଗ୍ରେସ ସଭାପତି ଅମିତ୍ ଗୁରୁଙ୍କ ହାତମୁଠାରେ ବର୍ଷର ଅତି ଉନ୍ନତମାନର ଶସ୍ୟ ହେବାକୁ ପୂଜାର୍ଚ୍ଚନା ସହ ପ୍ରାର୍ଥନା



କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ଜିତେନ ମହାନନ୍ଦ, ମାନେଶ୍ୱର ବ୍ଲକ ସଭାପତି ସଞ୍ଜୟ କୁମାର ଛୁରିଆ, ପୀତବାସ ବେହେରା, ପିଙ୍କୁ ସିଂ, କୁନାଲ ରାୟ ଭବାନୀ ବେହେରା, ଦଶରଥ ବାଗ, ଆଦେଶ୍ ରାଓ, ରଶ୍ମି ସ୍ୱାଇଁ, ସଦାନନ୍ଦ ବାରାଲ, ମହକାଲ, ତହସିଲ ଭୋଷଗର, ସମୀର ବୁଡ଼, ଜନ୍ମଜୟ ମହାନନ୍ଦ, ସୁନୀଲ ସିଂ, ଜୟଶଙ୍କର ହଲ୍ଦି, ପିଣ୍ଟୁ କର୍ଣ୍ଣାଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

**ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଖଗେଶ୍ୱର ସେଠ ଓ ହେମଚନ୍ଦ୍ର ଆଚାର୍ଯ୍ୟଙ୍କ ଜୟନ୍ତୀ**

# ଖଗେଶ୍ୱର ସାହିତ୍ୟରେ ଅଳଙ୍କାର ଖୁନ୍ଦି ହୋଇ ରହିଛି

**ବରଗଡ଼, ୨୦।୪(ସମିସ)**

ଖଗେଶ୍ୱର ସେଠ କେବଳ ଓଡ଼ିଆ ଭାଷାରେ ଲେଖି ପାରିଥାନ୍ତେ; କିନ୍ତୁ ସେ ନିଜସ୍ୱ ସମ୍ବଲପୁରୀ ଭାଷାକୁ ହିଁ ବେଶୀ ପ୍ରାଧାନ୍ୟ ଦେଇ ବ୍ୟବହାର କରିଥିଲେ। ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଖଗେଶ୍ୱର ଶେଠ ଓ ହେମଚନ୍ଦ୍ର ଆଚାର୍ଯ୍ୟଙ୍କ ମିଳିତ ଜୟନ୍ତୀ ସଭାରେ ଅଧାପକ ମୋହନ ସାହୁ ଏହା କହିଛନ୍ତି। ପାଠାଗାରର ସଭାପତି ଅରୁଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ଶ୍ରୀ ସାହୁ କହିଥିଲେ ଯେ ଖଗେଶ୍ୱର ଶେଠଙ୍କ ସାହିତ୍ୟ ଉପରେ ଆଜି ଯାଏ ବିଶେଷ ଆଲୋଚନା ବା ଗବେଷଣା ହୋଇ ପାରିନାହିଁ। ତାହା କ୍ଷୋଭର ବିଷୟ। ନିଜସ୍ୱ ଭାଷାକୁ କେତେ ବୋଧଗମ୍ୟ କରାଯାଇପାରେ ତାହା ଖଗେଶ୍ୱରଙ୍କ ସାହିତ୍ୟ ସୃଷ୍ଟିରେ ପରିଲକ୍ଷିତ। ଅଳଙ୍କାର ଦେଇ ଲେଖିବା ତାଙ୍କର ଏକ ଉତ୍କୃଷ୍ଟ ଦକ୍ଷତା ଥିଲା। ପଏରଛାସତୀ କାବ୍ୟରେ ତାହା ପରିଲକ୍ଷିତ। ଅତଏବ ଖଗେଶ୍ୱର ସାହିତ୍ୟରେ ଅଳଙ୍କାର ଖୁନ୍ଦି ହୋଇ ରହିଛି। ଅନ୍ୟପକ୍ଷେ ତାଙ୍କ ଲେଖାରେ ମହିଳାଙ୍କ ପ୍ରତି ଯଥେଷ୍ଟ ସମ୍ମାନ ଓ ଗୁରୁତ୍ୱ ପ୍ରଦାନ କରାଯାଇଛି। ସେ ଆହୁରି କହିଥିଲେ ଯେ ଖଗେଶ୍ୱର ଶେଠ ଜଣେ ବିଚକ୍ଷଣ ନାଟ୍ୟ ପ୍ରତିଭା ମଧ୍ୟ ଥିଲେ। ଓଡ଼ିଶାର ନାଟକ ରଚନା କରିଥିବା ଲେଖକଙ୍କ ନାଟକକୁ ସାହିତ୍ୟ ସୃଷ୍ଟି ଭାବେ ପରିଗଣିତ କରିବା ଦରକାର। ଏହାଫଳରେ ସେହି ସଫଳ ନାଟ୍ୟକାରମାନେ ଜଣେ ଜଣେ ସଫଳ ସାହିତ୍ୟିକ ଭାବେ ସମାଜରେ ପରିଗଣିତ ହୋଇ ପ୍ରକୃତ ସମ୍ମାନ ପାଇପାରିବେ ବୋଲି ଅଧାପକ ଶ୍ରୀ ସାହୁ କହିଥିଲେ। ସେହିଭଳି ଅଧାପକ ଡ. ଶ୍ୟାମ ଭୋଇ କୋଶଳ ବାଲ୍ମିକୀ ହେମ ଚନ୍ଦ୍ର ଆଚାର୍ଯ୍ୟଙ୍କ ସୃଷ୍ଟି ବୈଶିଷ୍ଟ ଉପରେ ଆଲୋଚନା କରି କହିଥିଲେ ଯେ ହେମଚନ୍ଦ୍ର ଆଚାର୍ଯ୍ୟଙ୍କ ସାହିତ୍ୟକୁ ଆକଳନ କରିବା କଷ୍ଟକର। ତାଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ଯେଭଳି



ଗବେଷଣା ହେବା କଥା ଆଜିଯାଏ ହୋଇନାହିଁ; ଯାହା କି ଅତ୍ୟନ୍ତ ପରିତାପର ବିଷୟ। ରାମରାହା ତାଙ୍କ ଶ୍ରେଷ୍ଠ ସାହିତ୍ୟ କୃତୀ। ତାଙ୍କ କବିତା ସାଧାରଣ ଜନତାଙ୍କ ପାଇଁ ଶ୍ରୁତି ମଧୁର ତଥା ବୋଧଗମ୍ୟ ଥିଲା; ଯାହାକୁ ସେ ନିଜେ ଲେଖି ତାକୁ ପରୀକ୍ଷା କରିବା ପାଇଁ ଜନ ସାଧାରଣଙ୍କ ଆଗରେ ଗାଇ ଶୁଣାଉ ଥିଲେ। ନିଜର ବ୍ୟକ୍ତିଗତ ଅନୁଭୂତିକୁ କଲମ ମୁନରେ ସ୍ଥାନିତ କରିଥିଲେ କବି ହେମଚନ୍ଦ୍ର। ନିଜ ଗ୍ରାମ୍ୟ ପ୍ରୀତି, ନିଜ ମାଟି ପ୍ରତି ମମତ୍ୱ ବୋଧ ଥିଲା ବୋଲି ସେ କହିଥିଲେ।

**ହେମଚନ୍ଦ୍ର ଆଚାର୍ଯ୍ୟଙ୍କ ସାହିତ୍ୟକୁ ଆକଳନ କରିବା କଷ୍ଟକର**

ପାଠାଗାରର ଉପ-ସଭାପତି ମନୋରଞ୍ଜନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ବୈଠକ ଅବସରରେ ଲେଖିକା ତଥା ଅଧାପିକା ସୁଷମା ଦାଶଙ୍କ ଦ୍ୱାରାରା କବି ଖଗେଶ୍ୱର ଶେଠଙ୍କ ପଏରଛାସତୀ କାବ୍ୟର ଇଂରାଜୀ ଅନୁବାଦ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

## ବ୍ଲକ୍‌ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**ନାକଟିଦେଉଳ, ୨୦।୪ (ସମିସ):** ନାକଟିଦେଉଳ ବ୍ଲକସ୍ଥିତ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମୀରଞ୍ଜନ ମହନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣିରେ ମୋଟ ୩୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ଉପଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଶୁଣାଣି ମଧ୍ୟରେ ଉପ ଜିଲ୍ଲାପାଳ ଦୁଇଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ରେଢ଼ାଖୋଲ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମେହେରଙ୍କ ସମେତ ନାକଟିଦେଉଳ ବିଡିଓ ଆକାଶ ରଞ୍ଜନ ସାହୁ, ତହସିଲଦାର ଅମର ଜେ ଡୁଙ୍ଗଡୁଙ୍ଗ ଏବଂ ବ୍ଲକ ଅଧକ୍ଷା ସ୍ୱରୂପାରାଣୀ ସାହୁଙ୍କ ସମେତ ଉପଖଣ୍ଡ ଏବଂ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



# ଆଜି ରାଷ୍ଟ୍ରପତିଙ୍କ ଝାରସୁଗୁଡ଼ା ଗସ୍ତ

## ସମଗ୍ର ଜିଲ୍ଲାକୁ 'ନୋ ଡ୍ରୋନ୍ ଜୋନ୍' ଘୋଷଣା

**ଝାରସୁଗୁଡ଼ା, ୨୦।୪(ସମିସ):** ଭାରତର ରାଷ୍ଟ୍ରପତି ମଙ୍ଗଳବାର ଝାରସୁଗୁଡ଼ା ଗସ୍ତରେ ଅସିବେ। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି। ସୁରକ୍ଷା ଦୃଷ୍ଟିକୋଣରୁ ମଙ୍ଗଳବାର ସମଗ୍ର ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ଅଞ୍ଚଳକୁ 'ନୋ ଡ୍ରୋନ୍ ଜୋନ୍ ଓ ନୋ ଫ୍ଲାଇଙ୍ଗ୍ ଜୋନ୍' ଭାବେ ଘୋଷଣା କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଜିଲ୍ଲାର କୌଣସି ସ୍ଥାନରେ ଡ୍ରୋନ୍ ବା କୌଣସି ପ୍ରକାରର ଆକାଶମାର୍ଗୀୟ ଯାନ ଉଡ଼ାଣକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ସୁରକ୍ଷା ବଳୟକୁ ଅଭେଦ୍ୟ କରିବା ପାଇଁ ଝାରସୁଗୁଡ଼ା ଆରକ୍ଷୀ ଅଧିକ୍ଷକ ଜି. ଆର. ରାଘବେନ୍ଦ୍ରଙ୍କ ତତ୍ତ୍ୱାବଧାନରେ ପୁଲିସ ବିଭାଗ ସଜାଗ ରହିବା ସହ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ନିୟମର ଉଲ୍ଲଂଘନ କଲେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ଜିଲ୍ଲାର ସୁରକ୍ଷା ଓ ଶାନ୍ତି ବଜାୟ ରଖିବା ପାଇଁ ଏସ୍‌ପି ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

# ଶିଶୁ ମନ୍ଦିରରେ 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ

**ଇବଥର୍ମାଲ, ୨୦।୪ (ସମିସ):** ବନ୍ଧବାହାଲ ସରସ୍ୱତୀ ଶିଶୁ ମନ୍ଦିରର ଶିଶୁ ବାଟିକା ବିଭାଗ ଜଗନ୍ନାଥନଗରଠାରେ ପ୍ରଧାନ ଆଚାର୍ଯ୍ୟ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ 'ଘର ହିଁ ବିଦ୍ୟାଳୟ ପ୍ରକଳ୍ପ'ର ସମସ୍ତ ୪ଟି ସୋପାନ ଶନିବାର ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟଅତିଥି ଭାବରେ ପଶ୍ଚିମ ସମ୍ଭାଗ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ଲୋକନାଥ ମିଶ୍ର ଯୋଗଦେଇ ଶିଶୁ ଶିକ୍ଷାରେ ଭାରତୀୟ ଓ ପାଶ୍ଚାତ୍ୟ ସଂକଳ୍ପନା ବିଷୟରେ କହିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଡ. ପ୍ରଶାନ୍ତ କୁମାର ପ୍ରଧାନ ଯୋଗଦେଇ ଶିଶୁଙ୍କର ରୋଗ ଏବଂ ତା'ର ଚିକିତ୍ସା ବିଷୟରେ କହିଥିଲେ। ତୃତୀୟ ପର୍ଯ୍ୟାୟରେ ସ୍ଥାନୀୟ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ଆଲୋକମୟୀ ଦାଶ ଗୁରୁମା ଯୋଗଦେଇ ଔପଚାରିକ ଓ ଅନପୌଚାରିକ ଶିକ୍ଷା କ୍ରିୟାକଳାପ ମାଧ୍ୟମରେ ବିଷୟ ଶିକ୍ଷା ବିଷୟରେ କହିଥିଲେ। ଚତୁର୍ଥ ତଥା ଶେଷ ପର୍ଯ୍ୟାୟରେ ପୂର୍ବତନ ଆଚାର୍ଯ୍ୟା ମୀନତି ପ୍ରଧାନ ଶିଶୁଙ୍କର ଶାରୀରିକ, ମାନସିକ ଆବଶ୍ୟକତା ଓ ଆହାର ଏବଂ ବିହାରର ବିଷୟରେ ମା' ମାନଙ୍କ ସହ ଆଲେଚନା କରିଥିଲେ। ଏଥିରେ ବିଭିନ୍ନ ପ୍ରକାରର ପନିପରିବା, ଫଳ, ଶସ୍ୟଗୁଡ଼ିକର ପ୍ରଦର୍ଶନୀ ଓ ପରିଚୟ ମଧ୍ୟ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ବାଟିକା ପ୍ରମୁଖ ରୋଜାଲି ହୋତା ସ୍ୱାଗତ ଭାଷଣ ଓ ସୋପାନ ଗୀତ ଗାଇଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥି ଭାବେ ସଂକୁଳ ପ୍ରମୁଖ ଯୋଗେଶ ପ୍ରଧାନ ଓ ସ୍ଥାନୀୟ ସମ୍ପାଦକ ଅଶୋକ କୁମାର ପାଢ଼ୀ, ଉପସଭାପତି ଦେବେନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ବେହେରା, ସଦସ୍ୟା ପୁଷ୍ପାଞ୍ଜଳି ବାରିକ, ସବିତା ସେଠ, ଗୀତାରାଣି ମେହେର, ଆଚାର୍ଯ୍ୟ ରାକେଶ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କାଳାଂଶରେ ଶିଶୁ ବାଟିକା ବିଭାଗର ସିମାଞ୍ଚଳ ଜେନା ଗୁରୁଜୀ, ପ୍ରଜ୍ଞାପରମିତା ଦାସ ଗୁରୁମା, ରୁପମା ଗୁପ୍ତା ଗୁରୁମା ଏବଂ ସେବିକ ସେବିକା ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ୪୨ଜଣ ମା' ଓ ୧୬ ଜଣ ଅଭିଭାବକ ଯୋଗଦେଇଥିଲେ। ଶେଷରେ ସ୍ଥାନୀୟ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

### ସରକାରୀ ଆଇଟିଆଇରେ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଘଟଣା

# ୩ ଦିନ ପରେ ବି ଅଭିଯୁକ୍ତ ଅଧ୍ୟକ୍ଷଙ୍କୁ ଠାବ କରିପାରୁନି ପୁଲିସ

**ଦେବଗଡ଼, ୨୦।୪(ସମିସ):** ଦେବଗଡ଼ ଜିଲା ବାରକୋଟ ଥାନାଞ୍ଚଳର ଏକ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ(ଆଇଟିଆଇ)ରେ ପାଠ ପଢୁଥିବା ଜଣେ ୧୭ ବର୍ଷୀୟା ଛାତ୍ରୀଙ୍କୁ ସମ୍ପୃକ୍ତ ଅନୁଷ୍ଠାନର ଅଧ୍ୟକ୍ଷ ଯୌନ ନିର୍ଯାତନା ଦେଇଥିବା ବାରକୋଟ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୀଡିତା ଛାତ୍ରୀଙ୍କ ଏତଲା ଆଧାରରେ ଗତ ୧୭ ତାରିଖ ଦିନ ବାରକୋଟ ଥାନା ପୁଲିସ ଅଭିଯୁକ୍ତ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତା-୨୦୨୩ର ଦଫା-୬୪(୨) ଏଫ୍, ୬୪(୨)ଏମ୍ ଓ ୬ ପକ୍ସୋ ଆକ୍ଟରେ ଏକ ମାମଲା ରଜୁକରି ଘଟଣାର ତଦନ୍ତ ଚଳାଇଛି। ମାତ୍ର ମାମଲା ରଜୁ ହେବାର ତିନିଦିନ ବିତି ଯାଇଥିଲେ ମଧ୍ୟ ଅଭିଯୁକ୍ତ ଅଧ୍ୟକ୍ଷକୁ ଗିରଫ ତ ଦୂର କଥା ତାଙ୍କୁ ଠାବ କରି ପାରୁନି ପୁଲିସ। ଏହି ସମ୍ବେଦନଶୀଳ ମାମଲାରେ ଅଭିଯୁକ୍ତ ପ୍ରତି ପୁଲିସର କୋହଳ ମନୋଭାବ ପୁଲିସର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ରିଆମାଳରେ ଅଷ୍ଟ ପ୍ରହର ନାମଯଜ୍ଞ

**ଦେବଗଡ଼, ୨୦।୪(ସମିସ):** ରିଆମାଳ ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଗତକାଲି ଶତାଧିକ ମହିଳା କଳସ ମୁଣ୍ଡାଇ ରଜା ବନ୍ଧ ନିକଟକୁ ଆସିଥିଲେ। ପୂଜକ ଧୋବେଇଧର ନନ୍ଦ ପୂଜାର୍ଚ୍ଚନା କଲା ପରେ ଜଳ ଭର୍ତ୍ତି କରି ଯଜ୍ଞ ମଣ୍ଡପକୁ ଆସିଥିଲେ। ପ୍ରଥମେ ଅଙ୍କୁରାରୋପଣ କରି ଅଧିବାସ ପୂଜା କରାଯାଇଥିଲା। ଆଜି ପ୍ରଥମେ ସୂର୍ଯ୍ୟ ପୂଜା, ଗୋ ପୂଜା, ଗୁରୁ ପୂଜା, ସ୍ତମ୍ଭ ପୂଜା, ଜୁପ ପୂଜା, ଘଟ ସ୍ଥାପନ କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଯଜ୍ଞ ରେ ପ୍ରମୋଦ ନନ୍ଦ ସପତ୍ନିକ କର୍ତ୍ତା କର୍ତ୍ତ୍ରୀ ଦାୟିତ୍ୱ ତୁଲାଉଥିବା ବେଳେ ପୂଜକ ଭାବେ ଧୋବେଇଧର ନନ୍ଦ, ତ୍ରିନାଥ ନନ୍ଦ, ସଞ୍ଜୀବ ନନ୍ଦ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି। ସତ୍ୟାନନ୍ଦ ଦାସ ଓ ଅକ୍ଷୟ ଦାସ ପୂଜା କାର୍ଯ୍ୟରେ ସହଯୋଗ କରିଛନ୍ତି। ୧୪ ଦଳ ସଙ୍କୀର୍ତ୍ତନ ମଣ୍ଡଳୀ ନାମଯଜ୍ଞରେ ସାମିଲ ହୋଇଥିଲେ। ମଙ୍ଗଳବାର ଏହା ପୂର୍ଣ୍ଣାହୁତି ହେବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି। ଯଜ୍ଞ କମିଟିର ସଭାପତି ପଣ୍ଡିତ ଜଳନ୍ଧର ଦାସ, ସମ୍ପାଦକ ବୀରେନ୍ ପ୍ରଧାନଙ୍କ ତତ୍ତ୍ୱାବଧାନରେ ତଥା ରିଆମାଳ ଗ୍ରାମବାସୀଙ୍କ ସହାୟତାରେ ଯଜ୍ଞ କାର୍ଯ୍ୟ ପରିଚାଳିତ ହେଉଛି।

### ଭେଡେନ ଓ ଇବ୍ ନଦୀରୁ ଏସ୍ଏମ୍ସି କମ୍ପାନୀର ଜଳ ଉଠାଣକୁ ବିରୋଧ

# କମ୍ପାନୀ ପମ୍ପ ହାଉସ ସମ୍ମୁଖରେ ଶତାଧିକ ମହିଳାଙ୍କ ଧାରଣା

ଝାରସୁଗୁଡ଼ା, ୨୦।୪(ସମିସ)



ଝାରସୁଗୁଡା ଜିଲ୍ଲାର ଜୀବନରେଖା ଭାବେ ପରିଗଣିତ ଦୁଇ ପ୍ରମୁଖ ନଦୀ ଭେଡେନ ଓ ଇବ୍ ନଦୀରୁ ହିର୍ମା ଓ ବଡ଼ମାଳ ସ୍ଥିତ ଏସଏମସି କମ୍ପାନୀ ବେଆଇନ ଭାବେ ଜଳ ଉଠାଇବାକୁ ବିରୋଧ କରିଛନ୍ତି ଅଞ୍ଚଳବାସୀ। ଏହାର ପ୍ରତିବାଦରେ ବଡ଼ମାଳ, ହିର୍ମା, ଜମେରା, ମରାକୁଟା ଗ୍ରାମ ପଞ୍ଚାୟତର ଶତାଧିକ ମହିଳା ଓ ଗ୍ରାମବାସୀ ଦୁଇ ୟୁନିଟର ପମ୍ପ ହାଉସ ସମ୍ମୁଖରେ ସୋମବାର ଧାରଣା ଦେଇଛନ୍ତି। ଗ୍ରୀଷ୍ମ ଋତୁରେ ଭେଡେନ ଓ ଇବ ନଦୀରେ ଜଳସ୍ତର ସମ୍ପୂର୍ଣ୍ଣ ଭାବରେ ହ୍ରାସ ପାଇଯାଇଥାଏ। ଯେଉଁ ଅଳ୍ପ ଜଳ ନଦୀରେ ପ୍ରବାହିତ ହୋଇଥାଏ, ସେଥିରେ ଦୁଇ ନଦୀକୂଳରେ ଥିବା ଗ୍ରାମ ଗୁଡିକ ନିଜର ସ୍ନାନଶୌଚ, ଗୃହ ପାଳିତ ପଶୁଙ୍କୁ ଧୋଇବା ତଥା ଅନ୍ୟାନ୍ୟ କାର୍ଯ୍ୟ ଗୁଡିକ ସମ୍ପାଦନ କରିଥାନ୍ତି। କିନ୍ତୁ ବେଆଇନ ଭାବେ ହିର୍ମା ସ୍ଥିତ ଏସଏମସି ୟୁନିଟ ୧ ଏବଂ ବଡ଼ମାଳ ସ୍ଥିତ ଏସଏମସି ୟୁନିଟ ୨ କମ୍ପାନୀ ନିଜ ଇଚ୍ଛା ମୁତାବକ ଅଣମୌସୁମୀ ସମୟରେ ନଦୀରୁ ପାଣି ଉଠାଉଛି। ଦୁଇ ନଦୀରୁ ଜଳ ଉଠାଇବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଉଛି। ମଣିଷ, ଗୃହପାଳିତ ପଶୁ ଓ ପକ୍ଷୀମାନେ ମଧ୍ୟ ଜଳ ପାଇଁ ଡହଳବିକଳ ହେଉଛନ୍ତି। ନଦୀ ଉପରେ ନିର୍ଭର କରୁଥିବା ସାଧାରଣ ଲୋକଙ୍କ ଜୀବନଯାପନ ଦୁର୍ବିସହ ହୋଇପଡ଼ିଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ଗତ ୨୦୨୦ ମସିହା ଜୁଲାଇ ୭ ତାରିଖ, ଚିଠି ସଂଖ୍ୟା ୧୩୪୪୦ ମାଧ୍ୟମରେ ଏସଏମସି କମ୍ପାନୀକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଥିଲା କି, ଅଣମୌସୁମୀ ସମୟରେ ନଦୀରୁ ପାଣି ଉଠାଯାଇପାରିବ ନାହିଁ। କମ୍ପାନୀ ନିଜ ପରିସର ମଧ୍ୟରେ ଜଳ ସଂରକ୍ଷଣ କରି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲେ ସୁଦ୍ଧା, କମ୍ପାନୀ କର୍ତ୍ତୃପକ୍ଷ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ଏହି ବିଷୟରେ ଗତ ଦୁଇ ମାସ ହେବ ଝାରସୁଗୁଡା ଜିଲ୍ଲାପାଳଙ୍କୁ ଅଞ୍ଚଳବାସୀଙ୍କ ତରଫରୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ କମ୍ପାନୀ ବେଖାତିର କରି ନଦୀରୁ ଉଠାଇବା ଯୋଗୁଁ ସ୍ଥାନୀୟ ଶତାଧିକ ମହିଳା ଓ ଗ୍ରାମବାସୀମାନେ ଧାରଣା ଦେଇଥିଲେ। ଧାରଣା ସ୍ଥାନକୁ ପ୍ରଶାସନ ନ ଯାଇ ପୁଲିସ ବୁଝାସୁଝା କରୁଥିବାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପରେ ପ୍ରଶାସନ ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଘଟଣା ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ପ୍ରତିଶ୍ରୁତି ଦେବାରୁ ମହିଳା ଓ ଗ୍ରାମବାସୀମାନେ ଧାରଣାରୁ ଉଠିଥିଲେ। ଏନେଇ ଝାରସୁଗୁଡା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା କହିଛନ୍ତି, ଏନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ଠାରୁ ଚିଠି ପ୍ରାପ୍ତ ହୋଇଛି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଜଳସମ୍ପଦ ବିଭାଗର ଅଧିକାରୀଙ୍କ ସହ ଘଟଣା ସ୍ଥଳକୁ ଯାଇ ତଦନ୍ତ କରାଯିବ ବୋଲି କହିଛନ୍ତି। ଅନ୍ୟପଟରେ ଯଦି ଜିଲ୍ଲା ପ୍ରଶାସନ ଘଟଣାର ଶୀଘ୍ର ତଦନ୍ତ କରି ସମାଧାନ ନ କରନ୍ତି ଏବଂ କମ୍ପାନୀ କର୍ତ୍ତୃପକ୍ଷ ନଦୀରୁ ପାଣି ପୁଣି ଉଠାନ୍ତି, ତାହାହେଲେ ଆଗାମୀ ଦିନରେ ବଡ଼ ଧରଣର ଜନ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# କୋଲାବିରାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

**ଝାରସୁଗୁଡ଼ା, ୨୦।୪ (ସମିସ):** ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆଜି କୋଲାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏକ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ପ୍ରତ୍ୟକ୍ଷ ଭାବେ ଶୁଣିବା ସହ ତାର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୋଟ ୩୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ମୁଖ୍ୟତଃ ଜମିଜମା ବିବାଦ, ପାନୀୟ ଜଳ ସମସ୍ୟା, ବିଭିନ୍ନ ଯୋଜନାରେ ଆର୍ଥିକ ସହାୟତା ଏବଂ ଭିନ୍ନକ୍ଷମମାନଙ୍କ ସମସ୍ୟା ସମ୍ପର୍କିତ ଅଭିଯୋଗ ଆସିଥିଲା। ପ୍ରଶାସନ ପକ୍ଷରୁ ସମସ୍ତ ଆବେଦନର ଯାଞ୍ଚ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଏହି ଶୁଣାଣି କାଳରେ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୪ ଜଣ ବ୍ୟକ୍ତିଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ଭିନ୍ନକ୍ଷମମାନଙ୍କୁ ସରକାରୀ ସୁବିଧା ଯୋଗାଇଦେବା ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ରହିଥିଲେ।



**୩୦ଟି ଅଭିଯୋଗର ଶୁଣାଣି**

**ରେଡକ୍ରସ ପାଣ୍ଠିରୁ ୪ ଜଣଙ୍କୁ ସହାୟତା**

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



**ଦେବଗଡ଼, ୨୦।୪(ସମିସ):** ଆଜି ତିଲେଇବଣି ବ୍ଲକ ଗଣ୍ଡମ୍ ଗ୍ରାମପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୫୦ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୨୬ ଟି ବ୍ୟକ୍ତିଗତ ଏବଂ ୨୪ଟି ସାମୁହିକ ଅଭିଯୋଗ ରହିଥିଲା। ଜଙ୍ଗଲ ଜମି ପଟ୍ଟା, ଆର୍‌ଡି ରୋଡ, ସି ସି ରୋଡ, ଶିକ୍ଷକ ବଦଳି, ଷ୍ଟ୍ରିଟ୍ ଲାଇଟ୍ ଓ ମୋବାଇଲ୍ ନେଟୱର୍କର ଉନ୍ନତିକରଣ ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ତିଳେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନି ମିର୍ଦ୍ଧା ଓ ତହସିଲଦାର ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### 'ସ୍ନେହ ସେତୁ'

# ବିହାରରୁ ଉଦ୍ଧାର ହେଲେ ଝାରସୁଗୁଡ଼ାର ନରେନ୍ଦ୍ର

**ଝାରସୁଗୁଡ଼ା, ୨୦।୪(ସମିସ):** ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ସ୍ନେହ ସେତୁ' ଅଭିଯାନର ଆଉ ଏକ ସଫଳ ପ୍ରତିଫଳନ ଆଜି ଦେଖିବାକୁ ମିଳିଛି। ସ୍ନେହର ସେତୁ ଯୋଗୁଁ ଝାରସୁଗୁଡ଼ାର ମାନସିକ ଅନଗ୍ରସର ନରେନ୍ଦ୍ର ପୋଢ଼ ବିହାରରୁ ଉଦ୍ଧାର ହୋଇଛନ୍ତି। ସୂଚନାନୁଯାୟୀ, କିର୍ମିରା ବ୍ଲକ ଭିମଯୋର ପଞ୍ଚାୟତ ଅନ୍ତର୍ଗତ ହଣ୍ଡାତୋପା ଗ୍ରାମର ଅଞ୍ଚଳର ନରେନ୍ଦ୍ର ପୋଢ଼ ନାମକ ଜଣେ ମାନସିକ ଅନଗ୍ରସର ବ୍ୟକ୍ତି ଗତ ଦେଢ଼ ବର୍ଷ ଧରି ନିଖୋଜ ଥିଲେ। ପରିବାର ଲୋକେ ସବୁ ଆଶା ଛାଡ଼ି ଦେଇଥିବା ବେଳେ ହଠାତ୍ ଦୁଇ ଦିନ ତଳେ ଜିଲ୍ଲାପାଳ ଚହ୍ୱାଣ ନିଜ ଇନଷ୍ଟାଗ୍ରାମ ଫିଡ୍‌ରେ ବ୍ଲଗର ଶୁଭମ ବାରିକଙ୍କ ଏକ ଭିଡିଓ ଦେଖିବାକୁ ପାଇଥିଲେ। ଭିଡିଓଟିରେ ବିହାରର ବଖଣ୍ଡିଆରପୁର ଅଞ୍ଚଳରେ ଜଣେ ଅସହାୟ ବ୍ୟକ୍ତି ଉଦ୍ଧାର ପାଇଁ ଆକୁଳ ନିବେଦନ କରୁଥିଲେ। ଜିଲ୍ଲାପାଳ ତୁରନ୍ତ ଏହା ଉପରେ ପଦକ୍ଷେପ ଗ୍ରହଣ କରିଥିଲେ। ସେ ତୁରନ୍ତ ଏକ ଉଦ୍ଧାରକାରୀ ଦଳ ବିହାର ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ନାଏକ ତାଙ୍କ ବଡ଼ ଭାଇ ସୁରେନ୍ଦ୍ର ପୋଢ଼ଙ୍କ ସହ ଯୋଗାଯୋଗ କରି ଏକ ସ୍ୱତନ୍ତ୍ର ଟିମ୍ ବିହାର ପଠାଇଥିଲେ। ପିପୁଲ୍ସ ଫୋରମ୍ ଏନ୍‌ଜିଓର ଜଣେ କାଉନସେଲର ଓ କର୍ମଚାରୀଙ୍କ ସହାୟତାରେ ବଖଣ୍ଡିଆରପୁର ପୋଲିସ ସହିତ ସମନ୍ୱୟ ରକ୍ଷା କରି ନରେନ୍ଦ୍ରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ନରେନ୍ଦ୍ରଙ୍କୁ ଦେଢ଼ ବର୍ଷ ପରେ ଫେରିପାଇଥିବାରୁ ତାଙ୍କ ପରିବାର ଓ ତାଙ୍କ ବଡ଼ ଭାଇ ସୁରେନ୍ଦ୍ର ପୋଢ଼ ଜିଲ୍ଲାପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି। ନରେନ୍ଦ୍ର ଝାରସୁଗୁଡ଼ା ଫେରିବା ପରେ ତାଙ୍କର ଉପଯୁକ୍ତ ଚିକିତ୍ସା ଓ କାଉନସେଲିଂ କରାଯିବ। ତାଙ୍କୁ ବର୍ତ୍ତମାନ ଆଶାଲୋକ-୧ରେ ରଖାଯାଇଛି ବୋଲି ଜିଲ୍ଲାପାଳ ସୂଚାଇଛନ୍ତି।

### ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ

# ତେଜରାଜ ସାହୁଙ୍କ ପରଲୋକ



**ଝାରସୁଗୁଡା, ୨୦।୪ (ସମିସ):** ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ ଝାରମୁଣ୍ଡା ପଞ୍ଚାୟତ ସ୍ଥିତ ବାଗଡ଼ିହି ଗ୍ରାମ ନିବାସୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବର୍ତ୍ତମାନର ରହିତ ବ୍ଲକ ଅଧ୍ୟକ୍ଷ। କ୍ରିଷ୍ଣା ପ୍ରିୟା ସାହୁଙ୍କ ସ୍ୱାମୀ ତେଜରାଜ ସାହୁଙ୍କ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସପିଟାଲରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନରୁ କ୍ୟାନ୍ସର ରୋଗରେ ପୀଡିତ ଥିଲେ। ସମାଜସେବା ମନବୃତ୍ତି ପାଇଁ ସେ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ତାଙ୍କର ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଜିଲ୍ଲାସ୍ତରୀୟ କବି ଜୟଦେବଙ୍କ ଜୟନ୍ତୀ

**ଦେବଗଡ଼, ୨୦।୪ (ସମିସ):** ଆଜି ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନଠାରେ କବି ଜୟଦେବଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ସମ୍ମାନିତ ଅତିଥିଭାବେ ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଓ ଜିଲ୍ଲା ସଂସ୍କୃତି ପରିଷଦ ସଂଯୋଜକ ଦିଲୀପ କୁମାର ଗୁରୁ ମଞ୍ଚାସୀନ ରହି କବି ଜୟଦେବଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିବୃନ୍ଦ କବି ଜୟଦେବଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ପରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଗୀତଗୋବିନ୍ଦ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ବରିଷ୍ଠ ନାଗରିକ ସୁଧିର କପରଦାର, ମାର୍କଣ୍ଡେଶ୍ୱର ଶତପଥୀ, ନିରଞ୍ଜନ ଦ୍ୱିବେଦୀ, ମିତ୍ରଭାନୁ ମହାପାତ୍ର, ରାମଚନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ କୁମାର ମହାପାତ୍ର, ସୁଶୀଲ କପରଦାର, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ସଂସ୍କୃତି ପରିଷଦ ସଦସ୍ୟ ଅବନିକାନ୍ତ ମିଶ୍ର, ବରିଷ୍ଠ ନାଗରିକ ବୁଦ୍ଧିଜୀବୀ, ସାମ୍ବାଦିକ ଓ ସ୍ଥାନୀୟ କଳାକାର ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

### ଅକ୍ଷୟ ତୃତୀୟା ଓ ଅକ୍ଷିମୁଠି ଅନୁକୂଳ

# ବଡ଼ମାଲ କୃଷି ବିଜ୍ଞାନ କେନ୍ଦ୍ରରେ ଜିଲ୍ଲାପାଳ କଲେ ଅକ୍ଷିମୁଠି ଅନୁକୂଳ

ଝାରସୁଗୁଡ଼ା, ୨୦।୪(ସମିସ)



ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଝାରସୁଗୁଡ଼ା ଜିଲ୍ଲାରେ କୃଷି କାର୍ଯ୍ୟର ଶୁଭାରମ୍ଭ ହୋଇଯାଇଛି। ବଡ଼ମାଲ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଧି ଅନୁସାରେ ପୂଜା ଅର୍ଚ୍ଚନା କରିବା ସହ ଅଖିମୁଠି ଅନୁକୂଳ ମାଧ୍ୟମରେ ଚଳିତ ବର୍ଷର କୃଷି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ 'ସିଏମ୍ କିଷାନ ସହାୟତା' ଯୋଜନା ସହାୟତା ରାଶି ପ୍ରଦାନ କରିଛନ୍ତି। ଝାରସୁଗୁଡ଼ା ଜିଲ୍ଲାର ୩୯, ୧୩୨ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଏହି ଯୋଜନାରେ ସିଧାସଳଖ ୭ କୋଟି ୮୨ ଲକ୍ଷ ୬୪ ହଜାର ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଏଥିମଧ୍ୟରୁ ୩୮, ୭୬୬ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୩୬୬ ଜଣ ଭୂମିହୀନ କୃଷି ପରିବାର ପ୍ରତ୍ୟେକଙ୍କୁ ୨୦୦୦ ଟଙ୍କା ଲେଖାଏଁ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ଜିଲ୍ଲାର ୫ଟି ବ୍ଲକ ଯଥା-ଲାଇକେରା, କୋଲାବିରା, କିର୍ମିରା, ଲଖନପୁର ଏବଂ ଝାରସୁଗୁଡ଼ାର କୃଷକମାନେ ଏଥିରେ ସାମିଲ ରହିଥିବା ଜଣାପଡ଼ିଛି। ଏହି ଅବସରରେ ଜିଲ୍ଲାପାଳ ଅକ୍ଷୟ ତୃତୀୟା ଆମ ମାଟି ଏବଂ ମାଟିର ମଣିଷଙ୍କ ସମୃଦ୍ଧିର ପର୍ବ। କୃଷକମାନଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରି ଏକ ବିକଶିତ ଓଡ଼ିଶା ଗଠନ କରିବା ଦିଗରେ ରାଜ୍ୟ ସରକାରଙ୍କ ପ୍ରତିଟି ବିକାଶମୂଳକ କାର୍ଯ୍ୟକୁ ପ୍ରତିଫଳନ କରିବା ଜିଲ୍ଲା ପ୍ରଶାସନର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏହି ସ୍ୱତନ୍ତ୍ର ସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନନ୍ଦନ ପଣ୍ଡା, ସାଂସଦଙ୍କ ପ୍ରତିନିଧି ଶ୍ଳୋକ ସର୍ନା, ବିଧାୟକଙ୍କ ପ୍ରତିନିଧି ହେମାରଞ୍ଜନ ସିଂ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା କୃଷି ମଞ୍ଚ ସଭାପତି ମୁରଲୀ ପାଣିଗ୍ରାହୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ସମୀର ରଞ୍ଜନ ଦାସ ଉପସ୍ଥିତ ରହି ଚାଷୀଙ୍କୁ ବୈଷୟିକ ଜ୍ଞାନକୌଶଳ ଓ ଉନ୍ନତ କୃଷି ପ୍ରଣାଳୀ ବିଷୟରେ ସଚେତନ କରାଇଥିଲେ।

**ଜିଲ୍ଲାର ୩୯ ହଜାରରୁ ଊର୍ଦ୍ଧ୍ୱ କୃଷକଙ୍କୁ 'ସିଏମ୍ କିଷାନ ସହାୟତା'**

# ଅକ୍ଷିମୁଠି ଅନୁକୂଳ କଲେ ବିଧାୟକ



**ଦେବଗଡ଼, ୨୦।୪(ସମିସ):** ଆଜି ପବିତ୍ର ଅକ୍ଷୟ ତୃତୀୟ ଦିବସ ଅବସରରେ ବାରକୋଟ ବ୍ଲକ ବିଜୟନଗର ସରଣି ପାଟ ମନ୍ଦିର ପଡ଼ିଆ ପରିସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ ତଥା ଅକ୍ଷୟ ତୃତୀୟା ପାଳନ ସମାରୋହ ଏବଂ ଅଖି ମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ କୁମାର ପାତ୍ର ଓ କୃଷକ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ଭରତ ଭୂଷଣ ପ୍ରଧାନ ଯୋଗଦେଇ ଅଖି ମୁଠି ଅନୁକୂଳ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସିଏମ କିଶାନ ସହାୟତା ରାଶି ପ୍ରଦାନର ସିଧା ପ୍ରସାରଣ କରାଯାଇଥିଲା। ଏହି ଅବସରରେ ଦେବଗଡ଼ ଜିଲ୍ଲାର ୪୧ ହଜାର ୮୮୩ ଜଣ ଚାଷୀଙ୍କ ଜମାଖାତାକୁ ୨୦୦୦ ଟଙ୍କା ଲେଖାଏଁ ସହାୟତା ରାଶି ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଥିଲା।

# ଅସୁରଗଡ଼ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା

**ଭବାନୀପାଟଣା, ୨୦।୪(ସମିସ):** କଳାହାଣ୍ଡିର ଐତିହ୍ୟ ସ୍ଥଳ ଅସୁରଗଡ଼ରେ ଆରମ୍ଭ ହୋଇଛି ନବଦିନ ବ୍ୟାପୀ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ। ପ୍ରତିଷ୍ଠା ଉତ୍ସବ ପରିଚାଳନା କମିଟିର ସଭାପତି ଘନଶ୍ୟାମ ପଧାନ ଓ ସମ୍ପାଦକ ତୁଷାର ସାହୁଙ୍କ ନେତୃତ୍ୱରେ ସୋମବାର ସ୍ଥାନୀୟ ସାନ୍ଦୁଲ ନଦୀରୁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଯଜ୍ଞ କର୍ତ୍ତା ଭାବରେ ହାରାମଣି ପଧାନ ଓ ଘନଶ୍ୟାମ ପଧାନ, ଜଗନ୍ନାଥ ଗଉଡ ଓ ଯଶୋବନ୍ତୀ ଗଉଡ଼, ବୈଦ୍ୟନାଥ ପାଢ଼ୀ ଓ ପୁଷ୍ପାଞ୍ଜଳି ମହାହୃତି, ମିନାକ୍ଷୀ ନାଏକ ଓ ତୁମେଶ୍ୱର ନାଏକ ଏବଂ ପୀତାମ୍ବର ଗଉଡ଼ ଓ ଧରିତ୍ରୀ ଗଉଡ଼ ଏଭଳି ୫ ଯୋଡି ଦମ୍ପତି ଦାୟିତ୍ୱ ନିର୍ବାହନ କରୁଛନ୍ତି। ସେହିଭଳି ବ୍ରହ୍ମା ପୁରୋହିତ ଭାବରେ ଗଞ୍ଜାମ ଜିଲ୍ଲା ଛତ୍ରପୁରର ସାମନ୍ତରାୟପୁର ଶାସନର ପଣ୍ଡିତ ମନୋଜ କୁମାର ପାଢ଼ୀ ଓ ତାଙ୍କ ସହଯୋଗୀ ବୃନ୍ଦ ପୂଜା ପରିଚାଳନା କରୁଛନ୍ତି। ସୀତାପତି ସାଂସ୍କୃତିକ ଅନୁଷ୍ଠାନ ଓ ଅସୁରଗଡ଼ ଗ୍ରାମବାସୀ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

# ବୋଡ଼େନ ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ନୂଆପଡ଼ା, ୨୦।୪(ସମିସ):** ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସହ ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) କେ. ମାଧବୀଲତା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୧୭ଟି ବ୍ୟକ୍ତିଗତ ଓ ୮ଟି ଗୋଷ୍ଠୀଗତ ଏଭଳି ମୋଟ ୨୫ଟି ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ। ଜଣେ ଅସହାୟ ମହିଳାଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ତତ୍କାଳୀନ ସହାୟତା ପ୍ରଦାନ କରିଥିଲେ। ଡେପୁଟି କଲେକ୍ଟର ଚିନ୍ମୟ ସାଗର ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିର ଉପଲକ୍ଷେ ବ୍ଲକ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ତଥା ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜନ କରା ଯାଇଥିଲା। ଏହି ଅବସରରେ ସୁନାପୁର ଗ୍ରାମରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛ ଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନ ଟିଏ, ପ୍ରାଣୀ ପାଇଁ ଦିନ ଟିଏ ଓ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଉପରେ କାର୍ଯ୍ୟକ୍ରମ ହୋଇଥିଲା।




# ବ୍ରାହ୍ମଣ ସମାଜ ତରଫରୁ ପର୍ଶୁରାମ ଜୟନ୍ତୀ

**ମ.ରାମପୁର, ୨୦।୪(ସମିସ):** ପର୍ଶୁରାମ ଜୟନ୍ତୀ ସମାରୋହ ଅବସରରେ ଏକ ବିଶାଳ ଶୋଭାଯାତ୍ରା ବ୍ରାହ୍ମଣ ସମାଜ ତରଫରୁ ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ଶିବପ୍ରସାଦ ଶତପଥୀ ଓ ସମ୍ପାଦକ ପ୍ରଶାନ୍ତ ସାମନ୍ତରାଙ୍କ ନେତୃତ୍ୱରେ ଶ୍ରୀ ରାମ ମନ୍ଦିରରୁ ଶୋଭାଯାତ୍ରା ବାହାରି ନଗର ପରିକ୍ରମାରେ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଆସିଥିଲା। ଏଥିରେ ସମାଜ ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ କମ୍ବୁପାଣି ମିଶ୍ର, ସଂଗଠନ ସମ୍ପାଦକ ଉଦ୍ଧବ ପଣ୍ଡା, ଚିତ୍ରସେନ ଦାଶ, ବରିଷ୍ଠ ସଦସ୍ୟ ଲିଙ୍ଗରାଜ ପାଢ଼ୀ, ସହଦେବ ପାଢ଼ୀ, ସୁବାସ ନାୟକ, ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ, ସୁବାସ ଚନ୍ଦ୍ର ଆଚାର୍ଯ୍ୟ, ମାନସ ରଞ୍ଜନ ପ୍ରହରାଜ, ନୀତେଶ ମିଶ୍ର, ଅମରେଶ ଶତପଥୀ, ରୀତେଶ ଶତପଥୀଙ୍କ ସମେତ ଶତାଧିକ ପ୍ରଜ୍ଞା ବାହିନୀର ସଦସ୍ୟା, ସମାଜର ସଦସ୍ୟ ଉପସ୍ଥିତ ଥିଲେ।



# ଭଗବାନ ପର୍ଶୁରାମ ଜୟନ୍ତୀ



**ଭବାନୀପାଟଣା, ୨୦।୪ (ସମିସ):** ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ସ୍ଥାନୀୟ ବାଲାଜୀ ମନ୍ଦିର ପରିସରରେ ରବିବାର ପର୍ଶୁରାମଙ୍କ ଜିଲ୍ଲାସ୍ତରୀୟ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି। ଆଚାର୍ଯ୍ୟ ଶରତ କୁମାର ମିଶ୍ର ଓ ନିରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଭଗବାନ ପର୍ଶୁରାମଙ୍କ ପୂଜାର୍ଚ୍ଚନା ହୋଇଥିଲା। କନ୍ଲେଶ୍ୱର ପୁରୋହିତ ସସ୍ତ୍ରିକ ଏଥିରେ କର୍ତ୍ତା ହୋଇଥିଲେ। ଅପରାହ୍ନ ୫ ଟାରୁ ସୁବୀର ଠାକୁର, ଦିଲ୍ଲୀପ ଜାନୀ ଓ ସାଥୀ ଭଜନ ପରିବେଷଣ କରିଥିଲେ। ସନ୍ଧ୍ୟା ୬ ଟାରେ ଏକ ବିଶାଳ ଶୋଭାଯାତ୍ରାରେ ଏକ ହଜାରରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ବାଲାଜୀ ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରା ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ପରେ ବ୍ରାହ୍ମଣ ସମାଜ କଳାହାଣ୍ଡିର ବରିଷ୍ଠ ଉପ ସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମାଜସେବୀ ଜନାର୍ଦ୍ଦନ ପଣ୍ଡା ମୁଖ୍ୟଅତିଥି ଓ ଗବେଷକ ତଥା ବରିଷ୍ଠ ସାମ୍ବାଦିକ ଉମା ଶଙ୍କର କର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଆଇଆଇଏମ୍ ବୋଧଗୟାର ଏମବିଏ ଟପ୍ପର ଅଭିଳାଷ ମହାପାତ୍ର, ବିକାଶ ଗ୍ରୁପ୍ ମ୍ୟାନେଜମେଣ୍ଟ ଅନୁଷ୍ଠାନର ବିବିଏ ପ୍ରଥମ ବର୍ଷ ଟପ୍ପର ଅମିଶା ମହାପାତ୍ର, ସିବିଏସଇ ଦଶମ ପରୀକ୍ଷାରେ ଜିଲ୍ଲାରେ ଦ୍ୱିତୀୟ ଶ୍ରେଷ୍ଠ ହୋଇଥିବା ଆବିର୍ଭାବ ପୁରୋହିତ ଓ ରାଜ୍ୟ ସ୍ତରୀୟ ମୁଟ କୋର୍ଟ ପ୍ରତିଯୋଗିତାର ବିଜେତା ମିଲନ୍ ମୁଣ୍ଡଙ୍କୁ ସମ୍ମାନିତ କରାଯାଇଥିଲା। ବ୍ରାହ୍ମଣ ସମାଜ ଭବାନୀପାଟଣା ନଗର କମିଟିର ସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀ ସ୍ୱାଗତ ଭାଷଣ ଓ ପର୍ଶୁରାମ ସେନାର ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଜ୍ଞା ବାହିନୀର ସମସ୍ତ ସଦସ୍ୟା, ପର୍ଶୁରାମ ସେନାର ସମସ୍ତ ସଦସ୍ୟ ପ୍ରଭାତ ବ୍ରହ୍ମା, ସନ୍ତୋଷ ଦାଶ, ସେବାନନ୍ଦ ପାଢ଼ୀ, ଦିପଜ୍ୟୋତି ମୁଣ୍ଡ, ନିହାର ମିଶ୍ର, କୁନାଲ ବେହେରା, ଆଦିତ୍ୟ ମିଶ୍ର, ପ୍ରମୋଦ ଖମାରୀ, ବିକାଶ ମୁଣ୍ଡ, କୃଷ୍ଣ ମୋହନ ଯୋଷୀ, ଜନ୍ମେଜୟ ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଅନ୍ୱେଷା ହଷ୍ଟେଲ ଛାତ୍ରଙ୍କ ମୃତ୍ୟୁ ଘଟଣା

# ଗାଁରେ ପହଞ୍ଚିଲା ଜିଲ୍ଲା ପ୍ରଶାସନ

**ନୂଆପଡ଼ା, ୨୦।୪(ସମିସ)**

ନୂଆପଡ଼ା ଜିଲ୍ଲା ଖରିଆରରୋଡ୍ ସହରସ୍ଥିତ ଅନ୍ୱେଷା ହଷ୍ଟେଲରେ ରହୁଥିବା ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ଆକସ୍ମିକ ଭାବେ ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ କରିଛି ଜିଲ୍ଲା ପ୍ରଶାସନ। ଚିକିତ୍ସାରେ ଅବହେଳାରୁ ଏହି ଛାତ୍ରଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହେବାପରେ ଜିଲ୍ଲା ପ୍ରଶାସନର ଏକ ଟିମ୍ ଗାଁରେ ପହଞ୍ଚି ତଦନ୍ତ କରିବା ସହ ପରିବାର ଲୋକଙ୍କୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଛି। ପ୍ରକାଶ ଯେ ନୂଆପଡ଼ା ବ୍ଲକ ବିଶୋରା ପଞ୍ଚାୟତ ଚିଙ୍ଗରାସରା ଗାଁର ତାରକେଶ୍ୱର ମାଝୀଙ୍କ ପୁଅ ଅମିତ ମାଝୀ ଖରିଆରରୋଡ଼ ସ୍ଥିତ ଅନ୍ୱେଷା ହଷ୍ଟେଲରେ ରହି କେଜି ସରାଫ ପବ୍ଲିକ ସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିଲେ। ହେଲେ ଗତ ୯ ତାରିଖ ଦିନ ହଠାତ୍ ଜ୍ୱର ହୋଇଥିବା ଖବର ଆସିଥିଲା। ତା' ପରଦିନ ପରିବାର ଲୋକ ଅମିତଙ୍କୁ ଆଣି ନିଜେ ଚିକିତ୍ସା ଆରମ୍ଭ କରିଥିଲେ। ପରେ ଛତିଶଗଡ଼ ସ୍ଥିତ ମହାସମୁନ୍ଦର ଏକ ବେସରକାରୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଗତ ଗୁରୁବାର ଦିନ ମୃତ୍ୟୁ ଘଟିଥିଲା। ହେଲେ ଏହା ବିଭାଗୀୟ ଅବହେଳା ଯୋଗୁଁ ହୋଇଥିବା ଜିଲ୍ଲା ଆଦିବାସୀ କଲ୍ୟାଣ ସଙ୍ଘ ତରଫରୁ ଅଭିଯୋଗ ହୋଇଥିଲା। ଏହାପରେ ପ୍ରଶାସନିକ ତତ୍ପରତା ଦେଖାଦେଇଛି। ଏହା ଉପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ନୂଆପଡ଼ା ତହସିଲଦାର ପ୍ରଣବ ରଞ୍ଜନ ସାହୁ, ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ କୌଶଲ୍ୟା ମାଝୀ, ରାଜସ୍ୱ ନିରୀକ୍ଷକ ସୁପରଭାଇଜର ଅକ୍ଷୟ ନାୟକ ଓ ପରକୋଡ ରାଜସ୍ୱ ନିରୀକ୍ଷକ ପ୍ରେମାନନ୍ଦ ସୁନାନୀଙ୍କୁ ନେଇ ଗଠିତ ପ୍ରଶାସନିକ ଟିମ ଚିଙ୍ଗରାସରା ଗାଁର ମୃତକ ଅମିତଙ୍କ ଘରେ ପହଞ୍ଚିଥିଲେ। ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ରେଡକ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ପ୍ରଦାନ କରିଛନ୍ତି। ଛାତ୍ର ଅମିତଙ୍କ କିଭଳି ସ୍ଥିତିରେ ମୃତ୍ୟୁ ହେଲା ବୋଲି ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ଅନ୍ୱେଷା ହଷ୍ଟେଲରେ ବହୁ ଅବ୍ୟବସ୍ଥା ଲାଗି ରହିଛି। ଏଠାରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ହେତୁ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖିନ ହେବାସହ ମୃତ୍ୟୁମୁଖରେ ପଡୁଛନ୍ତି। ଏଣୁ ଜିଲ୍ଲାର ସମସ୍ତ ଅନ୍ୱେଷା ହଷ୍ଟେଲରେ ପିଲାଙ୍କ ପାଇଁ ସୁବ୍ୟବସ୍ଥା କରିବାକୁ ଜିଲ୍ଲା ପ୍ରଶାସନ ନିକଟରେ ଆଦିବାସୀ କଲ୍ୟାଣସଂଘ ସଭାପତି ଭାନୁପ୍ରତାପସିଂ ମାଝୀ ଦାବି କରିଛନ୍ତି।



**ରେଡ୍‌କ୍ରସ୍‌ରୁ ୨୦ହଜାର ଟଙ୍କା ସହାୟତା**

## ସୋସିଆଲ ମିଡିଆରେ ଜାତିଆଣ ଆକ୍ଷେପ ଭିଡିଓ ଭାଇରାଲ

# ଯୁବକଙ୍କୁ ଗିରଫ ଦାବିରେ ଗୋଣ୍ଡ ସମାଜର ବିକ୍ଷୋଭ

**ସିନାପାଲି, ୨୦। ୪(ସମିସ):** ଆଦିବାସୀ ଗୋଣ୍ଡ ସମାଜକୁ ଜାତିଆଣ ଆକ୍ଷେପ କରି ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ ହେବାପରେ ବିବାଦ ଆରମ୍ଭ ହୋଇଛି। ଏନେଇ ଅନ୍ତଃରାଷ୍ଟ୍ରୀୟ ଆଦିମ ଜାତି ଆଦିବାସୀ ଗୋଣ୍ଡ ସମାଜ ତରଫରୁ ସିନାପାଲି ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିବାକୁ ଦାବି ହୋଇଛି। ଅଭିଯୋଗ ଅନୁସାରେ ଗତକିଛିଦିନ ତଳେ ସୋସିଆଲ ମିଡିଆରେ ସିନାପାଲି ଥାନା କସେଇପାଣି ଗ୍ରାମର ନିଲାଞ୍ଚଳ ହଂସ ନାମକ ବ୍ୟକ୍ତି ଏକ ଭିଡିଓରେ ଗୋଣ୍ଡ ସମାଜକୁ ଜାତିଆଣ ଆକ୍ଷେପ କରି ଭାଇରାଲ କରିଥିଲେ। ଏହା ସମାଜ ପ୍ରତି ଅପମାନ ହୋଇଥିବାରୁ ଯୁବକଙ୍କୁ ଗିରଫ କରିବାକୁ ଉକ୍ତ ସମାଜ ପକ୍ଷରୁ ସିନାପାଲି ଥାନାଧିକାରୀ ଦୁର୍ଗାମାଧବ ବାଗଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ସମାଜର ଶତାଧିକ ମହିଳା ପୁରୁଷ ଏକତ୍ର ହୋଇ ସିନାପାଲି ସଦର ଜୁଗେନପଦର ଛକଠାରୁ ପାରମ୍ପରିକ ଅସ୍ତ୍ର ଶସ୍ତ୍ର ସହ ବାଜାଗାଜା ଧରି ରେଲିରେ ବାହାରି ବିଭିନ୍ନ ନାରାବାଜି କରି ସିନାପାଲି ଥାନାରେ ପହଞ୍ଚି ଥିଲେ। ଥାନାଧିକାରୀ ଶ୍ରୀ ବାଗ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିକ୍ଷୋଭକାରୀଙ୍କୁ ପ୍ରତିଶ୍ରୁତି ଦେବାରୁ ସେମାନେ ଶାନ୍ତ ହୋଇ ପଡ଼ିଥିଲେ। ଖଡିଆଳ ଏସଡିପିଓ ଉପେନ୍ଦ୍ର ପ୍ରଧାନ ପହଞ୍ଚି ଆନ୍ଦୋଳନ କାରୀଙ୍କୁ ବୁଝାସୁଝା କରି ଘଟଣା ବାବଦରେ ବୁଝିଥିଲେ। ଏଥିରେ ନୂଆପଡ଼ା ଜିଲ୍ଲା ପ୍ରଭାରୀ ହରିଶ୍ଚନ୍ଦ୍ର ମାଝୀ, ରାଜ ଗୋଣ୍ଡୋ ସାଂସ୍କୃତିକ ସମାଜ ସମ୍ପାଦକ ଚିନ୍ତାମଣି ମାଝୀ, ଦେବେନ୍ଦ୍ର ମାଝୀ, ଯାଜ୍ଞସେନୀ ମାଝୀ, ରମାକାନ୍ତ ମାଝୀ, ପୂର୍ଣ୍ଣଚନ୍ଦ୍ର ମାଝୀ, ଦୁର୍ଜନ ମାଝୀ, ଶ୍ରୀଧର ମାଝୀଙ୍କ ସମେତ ଶତାଧିକ ମହିଳା ପୁରୁଷ ସାମିଲ ଥିଲେ।



# ନିର୍ବାଚନମଣ୍ଡଳୀ ପୁନଃଗଠନ ନିମନ୍ତେ ବୈଠକ

**କୋକସରା, ୨୦।୪ (ସମିସ):** କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନଃଗଠନ ନିମନ୍ତେ ରବିବାର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଡେଙ୍ଗାଗୁଡା ଧାନ ମଣ୍ଡିଠାରେ ମହିମା ପଞ୍ଚାୟତ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବରିଷ୍ଠ ନାଗରିକ ଗରୁଡ଼ଧ୍?ଜ ମାଝୀ ସଭାପତିତ୍ୱ କରିଥିଲେ। କ୍ରିୟାନୁଷ୍ଠାନ କମିଟିର ସଭାପତି ରାଜୀବ କୁମାର ଅଗ୍ରୱାଲ, ଉପସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ବରାଡଙ୍ଗା ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କ୍ରମରେ ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନଃଗଠନ ଦାବି ଉପରେ ଆଲୋଚନା କରାଯାଇ ଜନମତ ସଂଗ୍ରହ କରାଯାଇଥିଲା। ଏବଂ ଗ୍ରାମ ପଞ୍ଚାୟତ ସ୍ତରରୁ ଦାବିକୁ ତୀବ୍ର କରିବା ପାଇଁ ୧୧ ଜଣିଆ କମିଟି ଗଠନ କରାଯାଇଥିଲା। ମହିମା ଗ୍ରାମ ପଞ୍ଚାୟତସ୍ତରୀୟ କ୍ରିୟାନୁଷ୍ଠାନ କମିଟିର ସଭାପତି ଭାବେ ଗରୁଡ଼ଧ୍?ଜ ମାଝୀ, ଉପସଭାପତି ଘନଶ୍ୟାମ ନାଏକ, ସମ୍ପାଦକ ନିଳାମ୍ବର ନାଏକ, ସାମାଜିକ ଗଣମାଧ୍ୟମ ସଂଯୋଜକ ପ୍ରଦୀପ କୁମାର ଧଙ୍ଗଡ଼ାମାଝୀ, ରାମ ସିଂ ମାଝୀ, ସନାତନ ସୁନାନୀ, କ୍ଷୀରସିନ୍ଧୁ ଛତ୍ରିଆ, ନୀଳକଣ୍ଠ ପାତ୍ର, ମଧୁବନ ପାତ୍ର, ଟଙ୍କଧର ନାଏକ, କ୍ଷେତ୍ରରାମ ପାତ୍ର ପ୍ରମୁଖ ରହିଛନ୍ତି। ବୈଠକରେ ମହିମା ଗ୍ରାମ ପଞ୍ଚାୟତ ନାଏବ ସରପଞ୍ଚ ସୁମତି ବାଗ, ରବିନାରାୟଣ ଦାସ, ସଞ୍ଜୟ ସିଙ୍ଗଲ, ଟଙ୍କଧର ନାଏକ, ଯାଜ୍ଞଦତ୍ତ ପ୍ରଧାନୀ ସମେତ ବହୁ ସଂଖ୍ୟାରେ ଲୋକେ ଉପସ୍ଥିତ ରହିଥିଲେ।



# ଡ୍ରାଇଭର ଗିରଫ; ୬୪ ସିଲିଣ୍ଡର ଜବତ

**ଜୁନାଗଡ଼, ୨୦।୪(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ଦେଇ ଛତିଶଗଡ଼ର ରାୟପୁରକୁ ଚୋରା ଚାଲାଣ ହେଉଥିବା ଏକ ବ୍ୟବସାୟିକ ଗ୍ୟାସ୍ ବୋଝେଇ ପିକ୍‌ଅପ୍ ଉପରେ ସୋମବାର ପୁଲିସ ଓ ଯୋଗାଣ ବିଭାଗ ଚଢ଼ଉ କରିଛି। ଜୁନାଗଡ଼ ସହରର କଳମପୁର ଛକ ନିକଟରୁ ଧରା ପଡ଼ିଥିବା ଏହି ପିକ୍‌ଅପ୍ ଯାଞ୍ଚ କରାଯିବାବେଳେ ୬୪ ଟି କମର୍ସିଆଲ ଗ୍ୟାସ ଜବତ ହୋଇଥିଲା। ଯେଉଁଥିରେ ୫୨ ଟି ଭର୍ତ୍ତିଥିବା ଓ ୧୨ ଟି ଅବଶିଷ୍ଟ ଖାଲି ରହିଥିଲା। ଗାଡିଟି ଭବାନୀପାଟଣାରୁ ଗ୍ୟାସ୍ ନେଇ ଛତିଶଗଡ଼ର ରାୟପୁରକୁ ଚାଲାଣ ହେଉଥିଲା। ଗାଡ଼ି ଚାଳକ ରାୟପୁରର ମନୋଜ କୁମାରଙ୍କୁ ପୁଲିସ ଥାନାକୁ ଆଣି ପଚରାଉଚୁରା କରିଥିବା ଜଣାପଡ଼ିଛି। ଏହି ଚଢ଼ଉରେ ଜୁନାଗଡ଼ ଆଇଆଇସି ଶେଷଦେବ ବେହେରା, ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ ବେହେରା, ଜୁନାଗଡ଼ ବ୍ଲକ ଯୋଗାଣ ନିରୀକ୍ଷକ ଅଲେଖ ଭୋଇ, ଧର୍ମଗଡ଼ ଗଣପତି ତାଣ୍ଡି ପ୍ରମୁଖ ସାମିଲ ଥିଲେ।

# କୁକୁର କାମୁଡ଼ାରେ ୩ ବର୍ଷର ଶିଶୁ ଗୁରୁତର

**ଗୋଲାମୁଣ୍ଡା, ୨୦।୪(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ନକଟିକାନି ପଞ୍ଚାୟତ ଅଧୀନ ପତିଆଲପଡ଼ାରେ ଏକ ଶିଶୁ ଖେଳୁଥିବା ସମୟରେ ପାଗଳ କୁକୁର କାମୁଡ଼ି ଗୁରୁତର କରିଦେଇଛି। ପତିଆଲପଡ଼ାର ଖଗେଶ୍ୱର ମାଝୀଙ୍କ ଏକମାତ୍ର ପୁଅ। ସ୍ଥାନୀୟ ଲୋକେ ଉଦ୍ଧାରକରିପ୍ରଥମେ ଧର୍ମଗଡ଼ ଡାକ୍ତରଖନାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ଜିଲ୍ଲା ଚିକିତ୍ସାଳୟ ଭବାନୀପାଟଣାକୁ ସ୍ଥାନାନ୍ତରିତ କରାଯାଇଥିଲା।

# ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ଜନ୍ମଦିନରେ ୪୬ ୟୁନିଟ୍ ରକ୍ତ ସଂଗ୍ରହ

**ଲାଞ୍ଜିଗଡ଼, ୨୦।୪(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଜଗନ୍ନାଥପୁରସ୍ଥିତ ସୁଦାମା କ୍ରିଷ୍ଟାରେ ହୋଟେଲରେ ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ୭୩ ତମ ଜନ୍ମଦିନ ପାଳନ କରାଯାଇଛି। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଲାଞ୍ଜିଗଡ଼ ବେଦାନ୍ତର ଲୋଜେଷ୍ଟିକ ଆଲୁମିନା ମୁଖ୍ୟ ଅଭିଷେକ ତିୱାରୀ ମୁଖ୍ୟଅତିଥି ଓ ମୁଖ୍ୟବକ୍ତାଭାବେ ଲାଞ୍ଜିଗଡ଼ ବେଦାନ୍ତ ରେଲୱେ ମୁଖ୍ୟ ସନ୍ତୋଷ କୁମାର ଗଉଡ଼ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେସନିଆ, ଚନ୍ଦ୍ରଶେଖର ବେହେରା, ବଟକୃଷ୍ଣ ପୃଷ୍ଟି, ଆୟୁବ ଖାନ, ନବୀନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଧର ଦଳବେହେରା, ରାମ ସ୍ୱରୂପ ମହାପାତ୍ର, ଟେନ୍ଦୁ ମହେଶ, ଚନ୍ଦନ ମୁଦୁଲି, ପି.ପ୍ରସାଦ ରାଓ ପାତ୍ର, ସନୁ ଗଉଡ଼, ବିପିନ କୁସଲିଆ, ବିପିନ ବୁଧ, ମଙ୍ଗଳ ପଟ୍ଟନାୟକ, ଅଶୋକ ବିଶୋଇ, ଜିତେନ୍ଦ୍ର ନାୟକ, ଚୈତନ୍ୟ ବାଗ, ମକିମୁସ ମେଇନ, ସୈତେନ୍ଦ୍ର ସାହୁ, ଆଶିଷ ଦୁଆରୀ, ଲବ କିଶୋର ଗଉଡ଼, ସୁଜିତ କୁମାର ରଥ, ପିଣ୍ଟୁ ବାତ୍ରା, ରୋହନ ମହାଭୋଇ, ନିରଞ୍ଜନ ହିଆଲ, ପିନାକୀ କେଶରୀ ମିଶ୍ର, ନେପାଳ ମାଝୀ, ଗଙ୍ଗାଧର ସେଠୀ, ଚନ୍ଦନ କୁମାର, ଜିତେନ୍ଦ୍ର ନାୟକ, ସୁଶାନ୍ତ କୁମାର, ଜଗବନ୍ଧୁ ସେଠୀ, ଅଶୋକ କୁମାର ଗଉଡ଼, ରାଜୁ ଦାସ, ସୁଶାନ୍ତ ମିଣ୍ଡା, ରମେଶ ଚନ୍ଦ୍ର ସେନାପତି, ସୁବ୍ରତ କୁମାର ସାହୁ, ସୂର୍ଯ୍ୟମଣି ସ୍ୱାଇଁ, ନୀତିଶ କୁମାର ଭଟ୍ଟ, ଚନ୍ଦ୍ର କୁମାର ରାଉତ, ଦୀପକ କୁମାର ଜେନା, ମୁକ୍ତେଶ୍ୱର ସାହୁ, ସୁବାସ ଚନ୍ଦ୍ର ଭୋୟ, ପ୍ରକାଶ କୁମାର ଗଉଡ଼, ସୁଦର୍ଶନ ହରିଜନ, ସୁଶାନ୍ତ କୁମାର ବେହେରା, ସହଦେବ ଭଟ୍ଟ, ସୁଦୀପ୍ତ କୁମାର ଦେବ, ଅନ୍ତର୍ଯ୍ୟାମୀ ଖଟୁଆ, ସଚି ନନ୍ଦନ ନାୟକ, କୃଷ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ୪୬ ରକ୍ତଦାନ କରିଥିଲେ। ଭବାନୀପାଟଣା ରକ୍ତ ଭଣ୍ଡାରରୁ ଡା. ଦେବାଶିଷ ନାୟକ, ଅଜିତ କୁମାର ନାଏକ, ଡମ୍ବରୁଧର ସାହୁ, ସଞ୍ଜୀବ କୁମାର ମହାଖୁଡ଼, ଡାଟା ଏଣ୍ଟ୍ରି ଜଞ୍ଜିର ପ୍ରସାଦ ବାଗ, ଅମିତ କୁମାର ମାଝୀ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଲାଞ୍ଜିଗଡ଼ ସାମ୍ବାଦିକ କ୍ଷମାନିଧି ମହାଖୁଡ, ଶୁଭେନ୍ଦ୍ର ପଲେଇ, ସୁଦୀପ୍ତ ଦେବ, ବିଦ୍ୟାଧର ଦଳବେହେରା, ସୁଦୀପ୍ତ ରଥ, ମାନସ ରଥ, କୃଷ୍ଣ ଚନ୍ଦ୍ର ସ୍ୱାଇଁ, ରାମ ସ୍ୱରୂପ ମହାପାତ୍ର, ସଚିନନ୍ଦନ ନାୟକ, ଜୋଶବନ୍ତ ପ୍ରଧାନ, ସାମ୍ବାଦିକ ରମେଶ ଚନ୍ଦ୍ର ନାୟକ, ଦିଲ୍ଲୀପ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ଏକାମ୍ରର ନାଏକ ସ୍ମାରକୀ କ୍ରିକେଟ୍

# ପାଣିଗାଁକୁ ହରାଇ ସର୍ଗିଗୁଡ଼ା ଚାମ୍ପିଅନ

**କୋକସରା, ୨୦।୪(ସମିସ) :** କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତର ନୂଆଗୁଡା କାଦୋପଦର ଠାରେ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଏକାମ୍ରର ନାଏକ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ରବିବାର ହୋଇଛି। ଏଥିରେ ବିଜମରା ପାଣିଗାଁକୁ ହରାଇ ସର୍ଗିଗୁଡା ଟିମ୍ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ପ୍ରଦ୍ୟୁମ୍ନ କର ଓ ମୋହନ ନାଏକ ପରିଚାଳନା କରିଥିଲେ। ସ୍କୋର ବୋର୍ଡ ଦାୟିତ୍ୱରେ କ୍ଷିତୀରାମ ନାଏକ ରହିଥିବାବେଳେ ସାନୁ ମୋହାରଣା ଓ ଲିପୁନ ନାଏକ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିଟରଣ ଉତ୍ସବରେ କଳାହାଣ୍ଡି ଜିଲ୍ଲା ବଞ୍ଜରା ସମାଜର ସଭାପତି ଯଶୋବନ୍ତ ସିଂ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବେଣୁଧର ନାଏକ, ଅନ୍ତ ନାଏକ, ରାଜେନ୍ଦ୍ର ନାଏକ, ସନ୍ତ ନାଏକ, ହେମନ୍ତ ନାଏକ, ଈଶ୍ୱର ନାଏକ, ଜୈଲାଲ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ସ୍ପୋର୍ଟ୍ସ କ୍ଲବର କ୍ଷେତ୍ର ମୋହନ ନାଏକ, ପିଙ୍କୁ ନାଏକ, ମଣ୍ଟୁ ନାଏକ, ଭଗବାନ ନାଏକ, ସମୀର ନାଏକ, କମଳ ଲୋଚନ ନାଏକ, ରବୀନ୍ଦ୍ର ନାଏକ, ଭାଗୀରଥି ନାଏକ, ଦୀପକ ନାଏକ, ହରେ ନାଏକ, ରାହୁଲ ନାଏକ, ସଞ୍ଜୀବ ନାଏକ, କେତନ ମାଝୀ, କୁନ୍ଦନ ନାଏକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବନକର୍ମଚାରୀଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

**ଥୁଆମୂଳରାମପୁର, ୨୦।୪(ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ ଅଧୀନ କର୍ଲାପାଟ ଓ କିଆପଦର ଅଞ୍ଚଳରେ ଜଙ୍ଗଲ ଅଧିକାରକୁ କେନ୍ଦ୍ରକରି ଟଣାଟଣି ପରିସ୍ଥିତି ସୃଷ୍ଟି ହୋଇଛି। ତେନ୍ତୁଲିପଦର ଗ୍ରାମର କିଛି ଅନୁସୂଚିତ ଜନଜାତି ପରିବାର ବନବିଭାଗର କର୍ମଚାରୀଙ୍କ ବିରୋଧରେ ଆକ୍ରମଣ, ଜାତିଗତ ଅପମାନ ଓ ମିଥ୍ୟା ମାମଲାରେ ଫସାଇବା ଭଳି ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଅନୁଯାୟୀ, ବୁଦ୍ଧୁ ମାଝୀ, ବଡ଼ି ମାଝୀ ଓ ସୁଶାନ୍ତ ମାଝୀ ସହ ଅନ୍ୟାନ୍ୟ ପରିବାର ସଦସ୍ୟମାନେ କର୍ଲାପାଟ ଜଙ୍ଗଲର ଖାତା ଆର୍‌ଏଫ୍ ନଂ. -୭, ୪୧, ୫୧, ୧୬ ଅଞ୍ଚଳରେ ପ୍ରାୟ ୪.୭୩ ଡିସେମ୍ବର ଜମିରେ ଦୀର୍ଘଦିନ ଧରି ଚାଷ କରୁଥିଲେ। ଏହିଜମି ସୁକା ମାଝୀଙ୍କ ନାମରେ ରେକର୍ଡ ଥିବା ସହ ସେମାନେ ଜଙ୍ଗଲ ଅଧିକାର ଆଇନ, ୨୦୦୬ ଅନୁଯାୟୀ ସିଆରଏଫ୍ ଅଧିକାର ପାଇଥିବା କହିଛନ୍ତି। ଗତ ୧୦ ତାରିଖରେ ପରିବାରଲୋକେ ଚାଷ ପାଇଁ ଜମିସଫା କରୁଥିବାବେଳେ, କିଛି ଅଜଣା ଲୋକ ଜଙ୍ଗଲରେ ନିଆଁ ଲଗାଇଥିବା ସୂଚନା ମିଳିଥିଲା। ଏହାପରେ ସେମାନେ ନିଆଁ ନିବାରଣ ପାଇଁ ଘଟଣାସ୍ଥଳକୁ ଯାଇଥିଲେ। କିନ୍ତୁ ସେଠାରେ ବନବିଭାଗର ଅଧିକାରୀ ଡିଏଫଓ ଓ ରେଞ୍ଜର ସହ କର୍ମଚାରୀମାନେ ସେମାନଙ୍କୁ ପିଟିଥିବା ଅଭିଯୋଗ କରିଛନ୍ତି। ପୀଡ଼ିତମାନେ କହିଛନ୍ତି ଯେ ବିରୋଧ କରିବା ପରେ ବନ କର୍ମଚାରୀମାନେ ସେମାନଙ୍କୁ ଗାଳି ଦେଇ ଅପମାନ କରିଥିଲେ ଏବଂ ମିଥ୍ୟା ମାମଲାରେ ଫସାଇ ଦେବାକୁ ଧମକ ଦେଇଥିଲେ। ଏହି ଘଟଣା ପରେ ବନବିଭାଗ ପକ୍ଷରୁ ଓଡ଼ିଶା ବନଆଇନ, ୧୯୭୨ ଅନୁଯାୟୀ ମାମଲା ନଂ. ୭/୨୬ ରୁଜୁ କରାଯାଇଛି। ପୀଡ଼ିତମାନଙ୍କୁ ୧୨ ତାରିଖରେ ଜେଲ ହାଜତକୁ ପଠାଯାଇଥିବା କହିଛନ୍ତି। ଏହାପୂର୍ବରୁ ଦୁଇ ଦିନ ଧରି ସେମାନଙ୍କୁ ଅବୈଧ ଭାବରେ ଅଟକ ରଖି ନିର୍ଯାତନା ଦେବା ସହ ଚିକିତ୍ସା ସୁବିଧାରୁ ବଞ୍ଚିତ କରାଯାଇଥିବା ମଧ ଅଭିଯୋଗ ହୋଇଛି। ପୀଡ଼ିତ ପରିବାରମାନେ କହିଛନ୍ତି ଯେ ଉକ୍ତ ଜମି ଛଡ଼ା ସେମାନଙ୍କର କୌଣସି ଅନ୍ୟ ଜୀବିକା ନାହିଁ। ଏବେ ସେମାନେ ଦାରିଦ୍ର୍ୟ ଓ ଅନିଶ୍ଚିତତାରେ ଜୀବନଯାପନ କରୁଛନ୍ତି। ସେମାନଙ୍କର ମୌଳିକ ଅଧିକାର ଓ ମାନବିକ ଅଧିକାର ଉଲ୍ଲଂଘନ ହୋଇଥିବା ଦାବି କରିଛନ୍ତି। ଏନେଇ ରେଞ୍ଜରଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସମ୍ପର୍କ ହୋଇପାରିନାହିଁ।



# ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ

**ନୂଆପଡ଼ା, ୨୦।୪(ସମିସ)**

ନୂଆପଡ଼ା ଜିଲ୍ଲାର ବୋଡେନ ବ୍ଲକ ସଦର ମହକୁମା ଅଧୀନ କର୍ଲାପଡ଼ାରେ ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ପର୍ବ ତଥା କୃଷକ ଦିବସ ଉତ୍ସବ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୂମି ପୂଜା କରିଥିଲେ। ଜିଲ୍ଲାପାଳ ଅକ୍ଷିମୁଠି ଅନୁକୂଳ କରି ବିହନ ବୁଣି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ପବିତ୍ର ଅକ୍ଷୟ ତୃତୀୟା ଓଡ଼ିଆ ଅସ୍ମିତାର ପ୍ରତୀକ। ସରକାରଙ୍କ ବିଭିନ୍ନ କୃଷିମୂଳକ ଯୋଜନାଗୁଡ଼ିକୁ ପୁଞ୍ଜିକରି ଚାଷୀଭାଇମାନେ ସ୍ୱାବଲମ୍ବୀ ହେବା ସହିତ ଆର୍ଥିକ ଭାବେ ସଶକ୍ତ ହେବା ଆବଶ୍ୟକ। ଜିଲ୍ଲାରେ କୃଷି କ୍ଷେତ୍ରରେ ଦୃଶ୍ୟମାନ ଉନ୍ନତି ଘଟୁଛି ଏବଂ ଚାଷୀମାନେ କେବଳ ଧାନ ଚାଷରେ ସୀମିତ ନ ରହି ବିଭିନ୍ନ ପନିପରିବା ଚାଷ ଦ୍ୱାରା ମଧ୍ୟ ଲାଭାନ୍ୱିତ ହେଉଛନ୍ତି। କୃଷିର ସମଗ୍ର ବିକାଶ ଦ୍ୱାରା ଏକ ବିକଶିତ ନୂଆପଡ଼ା ଗଠନ ସମ୍ଭବ ବୋଲି ସେ ଉଲ୍ଲେଖ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ କୃଷି ରଥ ଓ 'ଆମ ବିହନ ରଥ'କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଜିଲ୍ଲା ମୁଖ୍ୟ କୃଷିଅଧିକାରୀ ପ୍ରଦୀପ କୁମାର ନାଏକ ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦଳି ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ଖାରିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ସଭ୍ୟ ଭାନୁ ପ୍ରତାପ ସିଂ ମାଝୀ, ମୁରଲୀ ଭୋଇ, ବିଧାୟକ ପ୍ରତିନିଧି ଯୋଗେନ୍ଦ୍ରନାଥ ମାଝୀ, ବୋଡ଼େନ ବ୍ଲକ ଉପାଧ୍ୟକ୍ଷା ସଙ୍ଗୀତା ମାଝୀ, ବ୍ଲକ କୃଷି ଅଧିକାରୀ ଦୁଃଖୀଶ୍ୟାମ ଟୁଡୁ, ଜିଲ୍ଲା ଅନୁସୂଚିତ ମୋର୍ଚ୍ଚା ତରଫରୁ ମୁରଲୀ ସୁନା, କାର୍ତ୍ତିକ ଦୀପ, ଯୋଗୀନ୍ଦ୍ର ମାଝୀ, ଅକ୍ଷୟ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।



● ମିଳିତ ଜନଶୁଣାଣି ଶିବିର

## ୬୩ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ

ରାଜକନିକା,୨୦।୪(ସମିସ): ରାଜକନିକା ବ୍ଲକ୍ ସମ୍ମିଳନୀ କକ୍ଷରେ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୬୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଆଜିର ଏହି ଜନଶୁଣାଣିରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଉପଜିଲ୍ଲାପାଳ ଅରୁଣ ନାୟକ, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଡେପୁଟି କଲେକ୍ଟର ସରୋଜ ବେହେରା, ରାଜକନିକା ଥାନାଧିକାରୀ, ବିଡିଓ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଆଜିର ଶୁଣାଣିରେ ମୁଖ୍ୟତଃ ଗ୍ରୀଷ୍ମ ଆରମ୍ଭରୁ ପାନୀୟଜଳ ସଙ୍କଟ, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ରାସନ ବ୍ୟବସ୍ଥା, ଜମିବାଡ଼ି ବିବାଦ, ପୁଲିସ ବ୍ୟବସ୍ଥା ଉପରେ ଅଧିକ ଅଭିଯୋଗ କରାଯାଇଥିବାବେଳେ ଓକାଭର ଆଇଟିଆଇକୁ ରାସ୍ତା ତିଆରି ପାଇଁ ଛାତ୍ରମାନେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ହାଟସାହି ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟକୁ ସରପଞ୍ଚ ଓ କିଛି ମହିଳା ଅଧାରୁ ବନ୍ଦ କରି ପଞ୍ଚାୟତ ଗେଟରେ ତାଲା ପକାଇ ଆଜିକୁ ପ୍ରାୟ ୭ଦିନ ହେବ ବନ୍ଦ ଥିବାରୁ କୌଣସି କାର୍ଯ୍ୟ ହେଇପାରୁ ନ ଥିବାରୁ ପଞ୍ଚାୟତବାସୀ ଲିଖିତ ଅଭିଯୋଗ କରିଥିଲେ।

## ମହିଳା ନିଖୋଜ ଅଭିଯୋଗ

ପଞ୍ଚୁପାଣ୍ଡବ,୨୦।୪(ସମିସ): ଛୋଟି ପଞ୍ଚାୟତ ଅନ୍ତର୍ଗତ ନେତୁଆ ଗ୍ରାମର ଭାଗୀରଥି ମହାନ୍ତିଙ୍କ ସ୍ତ୍ରୀ ସବିତା ମହାନ୍ତି ନିଖୋଜ ଥିବା ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ରାତି ପ୍ରାୟ ୩ଟା ସମୟରେ କେଉଁଆଡେ ଯାଇ ଘରକୁ ଫେରି ନ ଥିବାରୁ ୧୯ ତାରିଖରେ ସ୍ତ୍ରୀ ନିଖୋଜ ଥିବା ସ୍ୱାମୀ ଭାଗୀରଥି ନିକିରାଇ ଥାନାରେ ଅଭିଯୋଗ କରିଛନ୍ତି। ଆଗରୁ ୨୦୨୦ରେ ନିଖୋଜ ହୋଇଥିବାବେଳେ ୧୦ ଦିନ ପରେ ଟାଙ୍ଗୀରେ ଥିବା ଖବର ପାଇ ଏକ ମଠରୁ ସବିତାଙ୍କୁ ଉଦ୍ଧାର କରିଥିଲେ।

## ୫ ବର୍ଷର ପୁଅକୁ ଛାଡ଼ି ମାଆ ଫେରାର

ରାଜକନିକା, ୨୦।୪(ସମିସ): ୫ ବର୍ଷର ପୁଅକୁ ଛାଡ଼ି ମାଆ ପ୍ରେମିକ ସହ ଫେରାର ହୋଇଯାଇଛି। ପ୍ରେମ ବିବାହ କରି ସ୍ୱାମୀ ସହ ସଂସାର କରି ୫ ବର୍ଷର ପୁଅ ଥିଲେ ଆଉଜଣକୁ ପ୍ରେମ କରି ଫେରାର ହୋଇଯାଇଛନ୍ତି ଜଣେ ମହିଳା। ଏବେ ପୁଅ ମାଆ ମାଆ ହୋଇ ବାହୁନି ଖୋଜୁଥିବାବେଳେ ସ୍ୱାମୀ ବିଚରା ପ୍ରେମ ବିବାହ କରି ଘରକୁ ଆଣିଥିବା ସ୍ତ୍ରୀ ବିରୋଧରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ପୂର୍ବ ଶତ୍ରୁତାରୁ ବୃଦ୍ଧାଙ୍କୁ ମାଡ଼

ରାଜକନିକା,୨୦।୪(ସମିସ): ଶୁକଦେବପୁର ଗାଁରେ ପୂର୍ବ ଶତ୍ରୁତାରୁ ଜଣେ ବୃଦ୍ଧାଙ୍କୁ ନିସ୍ତୁକ ମାଡ଼ ମରାଯାଇଥିବା ନେଇ ରାଜକନିକା ଥାନାରେ ଅଭିଯୋଗ ହୋଇଛି। ଶୁକଦେବପୁର ଗାଁରେ ପୂର୍ବରୁ ସୁନା ଅଳଙ୍କାର ଚୋରି ଘଟଣାରେ ଅଭିଯୁକ୍ତଙ୍କ ନାମରେ ଥାନାରେ ଅଭିଯୋଗ ହୋଇଥିଲା। ଗତକାଲି ସନ୍ଧ୍ୟାରେ ଅଭିଯୁକ୍ତ କାହିଁକି ଆମ ନାମରେ ଥାନାରେ ଅଭିଯୋଗ କରିଛ କହି ବୃଦ୍ଧା କାଞ୍ଚନ ମଲିକ (୬୫)ଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ପରିବାର ଲୋକେ ପ୍ରଥମେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏ ନେଇ ରାଜକନିକା ଥାନାରେ ତାଙ୍କ ପୁଅ ପ୍ରାଣନାଥ ମଲ୍ଲିକ ଅଭିଯୋଗ କରିଛନ୍ତି।

## ସ୍ୱୟଂସିଦ୍ଧ ପକ୍ଷରୁ ପ୍ରସ୍ତୁତି ବୈଠକ



ରାଜକନିକା,୨୦।୪(ସମିସ): ତେନ୍ତୁଳିକୋଳିର ଅଗ୍ରଣୀ ସାମାଜିକ ସଂଗଠନ ରାମନାରାୟଣ ନାୟକ ଚାରିଟେବୁଲ ଟ୍ରଷ୍ଟ ସ୍ୱୟଂସିଦ୍ଧର ଚଳିତ ବର୍ଷର ସମାରୋହ ପାଇଁ ଆଜି ଅପରାହ୍ନରେ ତେନ୍ତୁଳିକୋଳିର ବୀଣାପାଣି ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଟ୍ରଷ୍ଟର ଉପଦେଷ୍ଟା ଦାମୋଦର ଧଳ, ସଦସ୍ୟ ନବକିଶୋର ସୂତାର, ସୁକାନ୍ତ ଦାଶ, ରଜତ ନାୟକ, ଗୋଲେଖ ଧଳ, ଦାମୋଦର ଧଳ, ହେମନ୍ତ ନାୟକ, ବିକ୍ରମ ବେହେରା, ବିବେକାନନ୍ଦ ବେହେରା, ଲଳିତ ରାୟ, ଗୟାଚାନ୍ଦ ରାଉତ, ବନ୍ଦନା ବେହେରା, ତିଲୋତ୍ତମା ସ୍ୱାଇଁ ପ୍ରମୁଖ ଆଗାମୀ ମେ ମାସ ୧୦ ତାରିଖରେ ବରାଡ଼ିଆଠାରେ ବାର୍ଷିକ ସମାରୋହ ପାଇଁ ନିଷ୍ପତ୍ତି ନେଇଥିଲେ।

## ସ୍ୱାମୀ ଛୁରାମାଡ଼ରେ ସ୍ତ୍ରୀ ଗୁରୁତର

ରାଜକନିକା,୨୦।୪(ସମିସ):ପାରିବାରିକ କଳହରୁ ସ୍ୱାମୀ ଓ ସ୍ତ୍ରୀ ଉଭୟ ପରସ୍ପର ମଧ୍ୟରେ ମାରପିଟ ହୋଇ ଗୁରୁତର ହୋଇଛନ୍ତି। ସ୍ୱାମୀର ଛୁରା ମାଡ଼ରେ ସ୍ତ୍ରୀ ଗୁରୁତ୍ୱର ହୋଇଛନ୍ତି। ରାଜକନିକା ଥାନା ଅନ୍ତର୍ଗତ କଣ୍ଡିଆ ଗାଁର ବିଶ୍ୱଜୀବନ ବେହେରା ଓ ସ୍ତ୍ରୀ ସବିତା ପ୍ରିୟଦର୍ଶନୀ ବେହେରାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସ୍ୱାମୀ ଉତକ୍ଷିପ୍ତ ହୋଇ ସ୍ତ୍ରୀ ପେଟକୁ ଧାରୁଆ ଛୁରୀରେ ଭୁସି ଦେଇଥିଲା। ପରେ ନିଜକୁ ଶେଷ କରିବା ପାଇଁ ସ୍ୱାମୀ ୟୁରିନାଲ ଏସିଡ୍ ପିଇ ଆତ୍ମହତ୍ୟା ଉଦ୍ୟମ କରୁଥିବା ଖବର ପାଇ କଣ୍ଡିଆ ଫାଣ୍ଡି ଅଧିକାରୀ ପହଞ୍ଚି ଉଭୟ ସ୍ୱାମୀସ୍ତ୍ରୀଙ୍କୁ ରାଜକନିକା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତ୍ୱର ହେବାରୁ ଉଭୟଙ୍କୁ କେନ୍ଦ୍ରାପଡ଼ା ମେଡିକାଲ ପଠାଯାଇଥିବା ସୂଚନା ମିଳିଛି। ବର୍ତ୍ତମାନ ସ୍ୱାମୀସ୍ତ୍ରୀଙ୍କ ଅବସ୍ଥା ସଂକଟାପନ୍ନ ଥିବା ଜଣାପଡ଼ିଛି।

## ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ, ଯୁବକ ଗିରଫ

ରାଜନଗର, ୨୦।୪(ସମିସ): ବିଦ୍ୟାଳୟରୁ ଫେରୁଥିବା ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଟାଣି ନେଇ ଦୁଷ୍କର୍ମ କରାଯାଇଛି। ପୁଲିସ ଅଭିଯୋଗ ପାଇବା ପରେ ଦୁଷ୍କର୍ମକାରୀକୁ ଗିରଫ କରିଛି। ପୀଡ଼ିତା ଓ ଦୁଷ୍କର୍ମକାରୀଙ୍କ ଡାକ୍ତରୀମାଇନା କରାଯାଇଛି। ଆସନ୍ତାକାଲି ଦୁଷ୍କର୍ମକାରୀକୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ନରେଶ ସାହୁ ସୂଚନା ଦେଇଛନ୍ତି। ପୁଲିସ ସୂଚନା ମୁତାବକ, ୧୭ ତାରିଖ ଦିନ ରାଜନଗର ଥାନା ଅଞ୍ଚଳର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ବିଦ୍ୟାଳୟରୁ ଘରକୁ ଫେରୁଥିଲେ। ଦିନ ପ୍ରାୟ ୧୧ଟା ବେଳେ ଜଣେ ୨୬ ବର୍ଷୀୟ ଯୁବକ ଭଙ୍ଗା ଘରକୁ ନାବାଳିକାଙ୍କୁ ଟାଣି ନେଇଥିଲା। ସେଠାରେ ନାବାଳିକାଙ୍କୁ ଦୁଷ୍କର୍ମ କରି ଫେରାର ହୋଇଥିଲା। ୧୯ ତାରିଖରେ ଏ ନେଇ ଅଭିଯୋଗ ହେବା ପରେ ପୁଲିସ ଦୁଷ୍କର୍ମକାରୀକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିବାବେଳେ ଗତକାଲି ଧରିବାରେ ସଫଳ ହୋଇଥିଲା।

ତୁଳସୀ କ୍ଷେତ୍ରରେ ଅକ୍ଷୟ ତୃତୀୟା ନୀତି

# ଆରମ୍ଭ ହେଲା ୨୧ଦିନିଆ ଚନ୍ଦନ ଯାତ୍ରା

କେନ୍ଦ୍ରାପଡ଼ା,୨୦।୪(ସମିସ)





ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉ ମନ୍ଦିରରେ ଅକ୍ଷୟତୃତୀୟା ଅବସରରେ ବିଭିନ୍ନ ନୀତିକାନ୍ତି ପାଳନ କରାଯାଇଛି। ଏହି ପବିତ୍ର ଦିନଠାରୁ ଆରମ୍ଭ ହୋଇଛି ୨୧ ଦିନ ବ୍ୟାପୀ ଚନ୍ଦନ ଯାତ୍ରା। ଯେଉଁଥିରେ ବିଜେ ପ୍ରତୀମା ସାମିଲ ହେବେ। ସକାଳ ଧୂପ ନୀତି ସମ୍ପନ୍ନ ପରେ ଶ୍ରୀଜୀଉଙ୍କ ମଉଳି ବସ୍ତ୍ର ଲାଗି କରାଯାଇ ଶୁକ୍ଳ ବସ୍ତ୍ର ପରିଧାନ କରାଯାଇଥିଲା। ପରେ ମଙ୍ଗଳାର୍ପଣ ସହ ପଣା ଓ ପଖାଳ ଭୋଗ ଲାଗି କରାଯାଇଥିଲା। ଦ୍ୱିପ୍ରହର ଧୂପ ପରେ ବିଜେ ପ୍ରତୀମା ବିମାନରେ ବସି ଚନ୍ଦନ ଯାତ୍ରାରେ ସାମିଲ ହେବା ପୂର୍ବରୁ ମନ୍ଦିର ସମ୍ମୁଖରେ ବିଧିଅନୁସାରେ ରଥ ଅନୁକୂଳ ନୀତି କରାଯାଇଥିଲା। ନୀତି ସମ୍ପନ୍ନ ପରେ ମୁଖ୍ୟ ମହାରଣା ଓ ମୁଖ୍ୟ କମାରଙ୍କ ମସ୍ତକରେ ସିରିପା ବନ୍ଧା ହୋଇଥିଲା। ଯାହା ଏହି ପରମ୍ପରାଗତ ଉତ୍ସବର ଏକ ଅବିଭାଜ୍ୟ ଅଂଶ। ପରେ ପବିତ୍ର ଚନ୍ଦନ ପୁଷ୍କରିଣୀରେ ଶ୍ରୀଜୀଉଙ୍କ ଚାପ ଖେଳ ଅନୁଷ୍ଠିତ ହୋଇଥିଲା। ଯାହାକୁ ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଲାଗିଥିଲା। ଚାପ ଖେଳ ସମ୍ପନ୍ନ ପରେ ବିଜେ ପ୍ରତୀମା ଚନ୍ଦନ ତାଲାରେ ବିଶ୍ରାମ ନେଇଥିଲେ। ରାତିରେ ବିଜେ ପ୍ରତୀମା ବିମାନରେ ଶ୍ରୀମନ୍ଦିରକୁ ଫେରିଥିଲେ। ପରବର୍ତ୍ତୀ ନୀତିକାନ୍ତି ସମ୍ପନ୍ନ ପରେ ରାତ୍ରି ପ୍ରାୟ ୧୧ଟା ବେଳେ ପହୁଡ଼ ପଡ଼ିଥିବା କାର୍ଯ୍ୟନିର୍ବାହୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି।

## ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଲୁଟ୍ ଅଭିଯୋଗ

ଡେରାବିଶ, ୨୦।୪(ସମିସ): ବାଲିଆ ପଞ୍ଚାୟତ ଅନ୍ତର୍ଗତ ବାଲିଆ (ଡାହାଳପୁର) ଗ୍ରାମର ଚାଷୀ ବ୍ରହ୍ମାନନ୍ଦ ମଲିକଙ୍କ ଏଟିଏମ୍‌କୁ ବଦଳାଇ ୪୦ ହଜାର ଟଙ୍କା ଲୁଟ ହୋଇଥିବା ନେଇ ଡେରାବିଶ ଥାନାରେ ଅଭିଯୋଗ ହୋଇଛି। ବ୍ରହ୍ମାନନ୍ଦଙ୍କ ଧାନବିକ୍ରି ଟଙ୍କା ଦୁମୁକାହାଟସ୍ଥ ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ଥିବା ଜମାଖାତାକୁ ୪୦ ହଜାର ଟଙ୍କା ଆସିଥିଲା। ସେହି ଜମାଖାତାରୁ ଗତ ଫେବୃୟାରୀ ୧୫ ତାରିଖରେ ଗୋଲରାହାଟ ବଜାରରେ ଥିବା ଏସ୍‌ବିଆଇ ଏଟିଏମ୍‌ରୁ ଟଙ୍କା ଉଠାଇବା ପାଇଁ ତାଙ୍କ କାର୍ଡକୁ ବ୍ୟବହାର କରିଥିଲେ ମଧ୍ୟ କୌଣସି କାରଣରୁ ଟଙ୍କା ବାହାରି ନ ଥିଲା। ବ୍ରହ୍ମାନନ୍ଦ ଟଙ୍କା ଉଠାଇବାକୁ ଏଟିଏମ୍ ବାହାରେ ଉପସ୍ଥିତ ଥିବା ଦୁଇଜଣ ଯୁବକଙ୍କ ସହାୟତା ମାଗିଥିଲେ। ବ୍ରହ୍ମାନନ୍ଦ ଜଣେ ବୟସ୍କ ବ୍ୟକ୍ତି ହୋଇଥିବାରୁ ତାଙ୍କ ଏଟିଏମ୍ କାଡର୍ ଯୁବକଙ୍କୁ ଦେଇଥିଲେ। ଯୁବକ ଜଣକ ବ୍ରହ୍ମାନନ୍ଦଙ୍କୁ ତାଙ୍କ ଏଟିଏମ୍‌ର ପାସ୍‌ୱାର୍ଡ ମାଗିଥିଲେ। ପରେ ବ୍ରହ୍ମାନନ୍ଦଙ୍କ ଏଟିଏମ୍ କାର୍ଡ ନେଇ ଯୁବକ ଜଣକ ଟଙ୍କା ଉଠାଣ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଟଙ୍କା ବାହାରିନଥିଲା। ତେବେ ଦୁଇ ଯୁବକ ଚକ୍ରାନ୍ତ କରି ଅନ୍ୟ ଏକ ଏଟିଏମ୍ କାର୍ଡ ବ୍ରହ୍ମାନନ୍ଦଙ୍କୁ ଧରାଇଦେଇ ତାଙ୍କ ଏଟିଏମ୍ କାର୍ଡ ନେଇ ପଳାଇଥିଲେ। ସେହିଦିନ ସନ୍ଧ୍ୟାରେ ତିଲଙ୍ଗ ଛକସ୍ଥ ଏକ ଏଟିଏମ୍‌ରୁ ବାହ୍ମାନନ୍ଦଙ୍କ କାର୍ଡ ବ୍ୟବହାର ହୋଇ ୧୫ ହଜାର ଟଙ୍କା ଉଠାଣ କରାଯାଇଥିବା ନେଇ ବ୍ରହ୍ମାନନ୍ଦଙ୍କ ମୋବାଇଲକୁ ମେସେଜ୍ ଆସିଥିଲା। ଏହି ମେସେଜ୍ ପାଇବା ପରେ ବ୍ରହ୍ମାନନ୍ଦ ବ୍ୟତିବ୍ୟସ୍ତ ହୋଇ ତାଙ୍କ ପାଖରେ ଥିବା କାର୍ଡ ଯାଞ୍ଚ କରିବାରୁ ତାଙ୍କ ପାଖରେ ଥିବା ଏଟିଏମ୍ କାର୍ଡ ତାଙ୍କର ନୁହେଁ। କେହି ହରିଶ୍ଚନ୍ଦ୍ର ନାୟକଙ୍କ ନାମରେ ଥିବା ଜାଣିବାକୁ ପାଇଥିଲେ। ଫେବୃୟାରୀ ୧୬ ତାରିଖରେ ସେ ଗ୍ରାମ୍ୟ ବ୍ୟାଙ୍କକୁ ଯାଇ ଶାଖା ପରିଚାଳକଙ୍କୁ ଲିଖିତ ଅଭିଯୋଗ କରିବା ସହ କାର୍ଡକୁ ବ୍ଲକ କରିବାକୁ ପରିଚାଳକଙ୍କୁ ନିବେଦନ କରିଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ଏଟିଏମ୍‌କୁ ବ୍ଲକ ନ କରିବା ଯୋଗୁଁ ଚଳିତ ମେ ୭ ତାରିଖରେ ଉକ୍ତ ଏଟିଏମ୍ କାଡର୍ ଜରିଆରେ ଯାଜପୁର ଜିଲ୍ଲା ଦାନଗଦି ଅଞ୍ଚଳରେ ଥିବା ଏକ ଏଟିଏମ୍‌ରୁ ତିନିଥରରେ ୨୫ ହଜାର ଟଙ୍କା ଉଠାଯାଇଥିବା ତାଙ୍କ ମୋବାଇଲ୍‌କୁ ମେସେଜ୍ ଆସିଥିଲା। ଏ ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ପୁନର୍ବାର ଗୁହାରି କରି ନିରାଶ ହେବା ପରେ ୯ ତାରିଖରେ ଡେରାବିଶ ଥାନାରେ ଅଭିଯୋଗ କରିଥିଲେ। ଇତିମଧ୍ୟରେ ଏକମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ବ୍ରହ୍ମାନନ୍ଦ ଜିଲ୍ଲାପାଳଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଥିଲେ। ଏ ବିଷୟରେ ଥାନା ଅଧିକାରୀ ଅମ୍ବିକା ପ୍ରସାଦ ଦାସଙ୍କୁ ଯୋଗାଯୋଗ କରାଯିବାରୁ ବ୍ରହ୍ମାନନ୍ଦଙ୍କ ଅଭିଯୋଗ ପାଇବା ପରେ ୭୮/୨୬ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ଅନୁସନ୍ଧାନ ଜାରି ରହିଛି ବୋଲି କହିଥିଲେ। ବ୍ରହ୍ମାନନ୍ଦ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ପୁଲିସ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଭେଟି ଗୁହାରି କରିବେ ବୋଲି ଆଜି ପ୍ରକାଶ କରିଛନ୍ତି।

● ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

## ସକାଳ ୬.୩୦ରୁ ୯ଟା ପର୍ଯ୍ୟନ୍ତ ପାଠପଢ଼ା

କେନ୍ଦ୍ରାପଡ଼ା,୨୦।୪(ସମିସ): ରାଜ୍ୟରେ ବଢୁଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ାର ସମସ୍ତ ବିଦ୍ୟାଳୟର ପାଠପଢା ସମୟରେ ପରିବର୍ତ୍ତନ କରାଯାଇଛି। ଆସନ୍ତା ମଙ୍ଗଳବାର (୨୧ ଏପ୍ରିଲ)ଠାରୁ ସକାଳ ସାଢେ ୬ଟାରୁ ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ ଶିକ୍ଷାଦାନ ଚାଲିବ ବୋଲି ଜିଲ୍ଲାପାଳ ରଘୁରାମ ଆର. ଆୟର ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲ୍ଲାପାଳଙ୍କ ଏହି ନିଷ୍ପତ୍ତି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଗ୍ରହଣ କରାଯାଇଛି। ତାପମାତ୍ରା ଦିନକୁ ଦିନ ବଢୁଥିବାରୁ ଦିନ ୯ଟା ପରେ ଶ୍ରେଣୀ କକ୍ଷରେ ପାଠପଢା ଶିକ୍ଷାର୍ଥୀଙ୍କ ପାଇଁ କଷ୍ଟସାଧ ହେଉଛି। ଏହାକୁ ଲକ୍ଷ୍ୟ ରଖି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରାଥମିକତା ଦେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

## ଶିରିଡ଼ି ସାଇବାବାଙ୍କ ମନ୍ଦିର ପାଇଁ ଶିଳାନ୍ୟାସ

ରାଜନଗର,୨୦।୪(ସମିସ): ରାଜନଗର ବ୍ଲକ ସାନବଡଗୋପାଳପୁରଠାରେ ଶ୍ରୀଶ୍ରୀ ଶିରିଡି ସାଇ ବାବଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ



ଆଜି ପବିତ୍ର ଅକ୍ଷୟ ତୃତୀୟାରେ ଶିଳାନ୍ୟାସ କରାଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି। ଆଜିଠାରୁ ଅସ୍ଥାୟୀ ମନ୍ଦିରରେ ଶିରିଡି ସାଇ ବାବଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଟ୍ରଷ୍ଟର ସଭାପତି ସଞ୍ଜୟ ପ୍ରଧାନ, କୋଷାଧ୍ୟକ୍ଷ କୈଳାସ ମହାନ୍ତି, ଟ୍ରଷ୍ଟର ବିଜୟ ରାଉତ, ରଞ୍ଜନ ପାଢୀ, ଭଗବତୀ ନାୟକ, ଫକୀରମୋହନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

● ପଟ୍ଟାମୁଣ୍ଡାଇ ଜଳସମ୍ପଦ କାର୍ଯ୍ୟାଳୟ ଆଗରେ ଅନଶନ

## ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଲିଖିତ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ପଟ୍ଟାମୁଣ୍ଡାଇ,୨୦।୪(ସମିସ): ଏକ ରାସ୍ତା କାର୍ଯ୍ୟରେ ହୋଇଥିବା ଦୁର୍ନୀତିରେ ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଓ ଉକ୍ତ କାର୍ଯ୍ୟର ତଥ୍ୟ ପ୍ରଦାନ ଦାବିରେ ପଟ୍ଟାମୁଣ୍ଡାଇ ଜଳସମ୍ପଦ କାର୍ଯ୍ୟାଳୟ ଆଗରେ ଆଜି ଆରମ୍ଭ ହୋଇଥିବା ଅନଶନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଲିଖିତ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ ହୋଇଛି। ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗର ୧୬ନଂ ଡିସଟ୍ରିବ୍ୟୁଟରୀ କେନାଲ ବାମ ପାଶ୍ୱର୍ ସେବା ବନ୍ଧରେ ଶାସନ ପଞ୍ଚାୟତର ବାତ୍ୟା କଲୋନୀ ନିକଟରେ ଏକ ରାସ୍ତା କାମରେ ଠିକାଦାର ଅତ୍ୟନ୍ତ ନିମ୍ନମାନର କାମ କରିଥିବା ଅଭିଯୋଗ କରି ଗ୍ରାମବାସୀ ବାରମ୍ବାର ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। କୌଣସି ସୁଫଳ ମିଳି ନ ଥିଲା। ଗ୍ରାମବାସୀ ସୂଚନା ଅଧିକାର ଆଇନ ବଳରେ ରାସ୍ତା ସମ୍ପର୍କିତ ତଥ୍ୟ ପଟ୍ଟାମୁଣ୍ଡାଇ ବିଭାଗୀୟ କାର୍ଯ୍ୟାଳୟକୁ ମାଗିଥିଲେ। ତଥ୍ୟ ପ୍ରଦାନ କରାଯାଇନଥିଲା। ତେଣୁ ସୂଚନା ଅଧିକାର କର୍ମୀ ପ୍ରଥମ ଅପିଲ ଅଧିକାରୀଙ୍କ ନିକଟରେ ତଥ୍ୟ ପ୍ରଦାନ ନିମନ୍ତେ ଅପିଲ କରିଥିଲେ। ଧାର୍ଯ୍ୟ ତାରିଖ ପରେ ଦୀର୍ଘଦିନ ବିତି ଯାଇଥିଲେ ବି ପ୍ରଥମ ଅପିଲ ଅଧିକାରୀଙ୍କ ତରଫରୁ ସୂଚନା ଅଧିକାର କର୍ମୀଙ୍କୁ କୌଣସି ତଥ୍ୟ ବିଭାଗୀୟ ଜନ ସୂଚନା ଅଧିକାରୀ ପ୍ରଦାନ କରି ନ ଥିଲେ। ଦୁର୍ନୀତିକୁ ଘଣ୍ଟ ଘୋଡାଇବା ପାଇଁ ଜାଣିଶୁଣି ତଥ୍ୟ ପ୍ରଦାନ କରାଯାଉ ନ ଥିବା ସନ୍ଦେହ ହେବାରୁ ଗ୍ରାମବାସୀଙ୍କ ପକ୍ଷରୁ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବିଭାଗୀୟ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିବାକୁ ସ୍ଥିର କରାଯାଇଥିଲା। ଆଜି ସକାଳ ୧୦ଟାରୁ ଗ୍ରାମବାସୀ ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଆରମ୍ଭ କରିଥିଲେ। ମଧ୍ୟାହ୍ନରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ପହଞ୍ଚି ଲିଖିତ ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।

## କଂଗ୍ରେସ ପକ୍ଷରୁ ଅକ୍ଷିମୁଠି ଅନୁକୂଳ

ରାଜନଗର,୨୦।୪(ସମିସ): କୃଷିଭିତ୍ତିକ ମହାନ୍ ପର୍ବ ଅକ୍ଷୟ ତୃତୀୟା ଅବସରରେ ରାଜନଗର ବ୍ଲକ କଂଗ୍ରେସ କମିଟି ପକ୍ଷରୁ କୁରୁଣ୍ଟି ପଞ୍ଚାୟତର ଚନ୍ଦ୍ରଶେଖରଠାରେ ଅକ୍ଷିମୁଠି ଅନୁକୂଳ କରାଯାଇଛି।



ଗ୍ରାମଦେବତୀ ନିକଟରେ ପୂଜା କରି ରାଜନଗର ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ରାଉତ ଶୁଭ ଅନୁକୂଳ ଅକ୍ଷିମୁଠି ନେଇ ବିଲରେ ପୂଜାର୍ଚ୍ଚନା କରିଥିଲେ। ବିଲରେ ବିହନ ବୁଣିବା ସହିତ ହଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଦାମୋଦର ବିଶ୍ୱାଳ, ଯୁବ କଂଗ୍ରେସ ନେତା ସୁଶୀଲ ପ୍ରଧାନ, ଅଜୟ ନାୟକ, ଅନୁସୂଚିତ ଜାତି ବ୍ଲକ ସଭାପତି ରମାକାନ୍ତ ଜେନା, ଅନୁସୂଚିତ ଜାତି ଜିଲ୍ଲା ସମ୍ପାଦକ ଲଛମନ ସେଠୀ, ଛାତ୍ର କଂଗ୍ରେସ ନେତା ଅଭିକ ଦାସ, ବିଶ୍ୱରଞ୍ଜନ ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ଜିଲ୍ଲାସ୍ତରୀୟ କୃଷକ ଦିବସ ସମାରୋହ



ଡେରାବିଶ,୨୦।୪(ସମିସ): ଆଜି ଅକ୍ଷୟ ତୃତୀୟା ଅବସରରେ ଡେରାବିଶ ବ୍ଲକ୍ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାସ୍ଥ କୃଷକ ଭବନରେ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଆଜି କୃଷକ ଦିବସ ପାଳିତ ହୋଇଛି। ପୂର୍ବାହ୍ନରେ ସଂଘ କାର୍ଯ୍ୟାଳୟ ପରିସରରୁ ଅକ୍ଷିମୁଠିକୁ ସଂକୀର୍ତ୍ତନ ଶୋଭାଯାତ୍ରାରେ ଛତାବଟ ମହାପୁରୁଷଙ୍କ ନିକଟକୁ ନିଆଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଏହି ପବିତ୍ର ଅକ୍ଷିମୁଠିକୁ କ୍ଷେତକୁ ନିଆଯାଇ ଅକ୍ଷୟ ବୀଜକୁ ବପନ କରାଯାଇଥିଲା। ଏହି ଅବସରରେ ସଂଘର ସଭାପତି ପଣ୍ଡିତ ଶରତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସଂଘର ମୁଖ୍ୟ ଉପଦେଷ୍ଟା ଇଂ କୁଳମଣି ପରିଡ଼ା, ମୁଖ୍ୟବକ୍ତା ଭାବେ ଡେରାବିଶ ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ସରୋଜ ସାହୁ, ସମ୍ମାନିତ ଅତିଥି ଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତୀ ମଲିକ, ଚାଟରାଚକଡ଼ା ସରପଞ୍ଚ ମମତା ରାଉତ, ଡେରାବିଶ ତହସିଲଦାର ସରୋଜ ନାୟକ ଯୋଗଦେଇ ଅକ୍ଷୟ ତୃତୀୟା ପର୍ବ ଉପରେ ଆଲୋକପାତ କରିବା ସହ କୃଷି ଓ କୃଷକଙ୍କ ପାଇଁ ଆଜିର ଦିନଟି ଏକ ମହତ୍ତ୍ୱପୂର୍ଣ୍ଣ ଥିବା ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋନାଶିଷ ଜେନା, ଅଞ୍ଜନ ପଲେଇ, ବସନ୍ତ ପଲେଇ, ସମବାୟବିତ୍ ଗୌରାଙ୍ଗ ପ୍ରଧାନ, କମଳଲୋଚନ ମହାନ୍ତି, ମଦନମୋହନ ମହାନ୍ତି, ବିପିନ ସାହୁ, ମଦନମୋହନ ମହାନ୍ତି, ମରୁତ ସାହୁ, ଅଭିମନ୍ୟୁ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଲକ୍ଷ୍ମୀକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଅକ୍ଷିମୁଠି ଅନୁକୂଳ କଲେ ବିଧାୟକ



ରାଜନଗର,୨୦।୪(ସମିସ): ଅକ୍ଷୟ ତୃତୀୟା ଅବସରରେ ରାଜନଗର ବିଧାୟକ ଧ୍ରୁବ ସାହୁ ଅକ୍ଷିମୁଠି ଅନୁକୂଳ କରିଛନ୍ତି। ରାଜନଗର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବିଧାୟକ ଧ୍ରୁବ ସାହୁ ରାଜପୁର ପଞ୍ଚାୟତର ବାଲିଚନ୍ଦ୍ରପୁରରେ ଅକ୍ଷିମୁଠି ଅନୁକୂଳ କରିଥିଲେ। ବିଧାୟକ ଶ୍ରୀ ସାହୁଙ୍କ ସହ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବ୍ଲକ୍ ବିଜେଡି ସଭାପତି ନିରଞ୍ଜନ ରାଉତ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ ସାହୁ, ମନୋଜ ସ୍ୱାଇଁ, ପୃଥୀରାଜ ପାତ୍ର, ସର୍ବେଶ୍ୱର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ସାନଜରିଆରେ କୃଷକ ମନ୍ଦିରର ଭୂମିପୂଜନ



ପଟ୍ଟାମୁଣ୍ଡାଇ,୨୦।୪(ସମିସ): କୃଷକଙ୍କ ସମ୍ମାନାର୍ଥେ ଆଜି ପବିତ୍ର ଅକ୍ଷୟ ତୃତୀୟାରେ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନସ୍ଥ ସାନଜରିଆ ଗ୍ରାମରେ ପ୍ରଥମ କରି ଏକ କୃଷକ ମନ୍ଦିରର ଭୂମିପୂଜନ ହୋଇଛି। ଆଜି ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କୃଷକଙ୍କ ଉଦ୍ଦେଶ୍ୟରେ କୃଷକ ମନ୍ଦିରର ଶୁଭାରମ୍ଭ କରାଯାଇଛି। ଏହି ମନ୍ଦିରକୁ ସଫଳ ରୂପାୟନ ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସାନଜରିଆ, ବୋଧଗାଁ, ବଡ଼ଜରିଆ, ଗଙ୍ଗାରାମପୁର, ଅରଡ଼ପଲ୍ଲୀ ଓ ଅନ୍ୟ ପାଖ ପଞ୍ଚାୟତର ବହୁ ଚାଷୀ ଉପସ୍ଥିତ ରହି ଶ୍ରୀଫଳ ଭୋଗ କରିଥିଲେ। ଟ୍ରଷ୍ଟର ପୂଜକ ପବିତ୍ରମୋହନ ଷଡଙ୍ଗୀଙ୍କ ଦ୍ୱାରା ହୋମ କାର୍ଯ୍ୟ ସମ୍ପାଦନ ହୋଇଥିଲା। ଏହି ସୁଦୀର୍ଘ କୃଷକ ମନ୍ଦିରର ପରିକଳ୍ପନା ଓଡିଶାରେ ପ୍ରଥମ ବୋଲି ଟ୍ରଷ୍ଟର ସଂସ୍କୃତି ବିଭାଗୀୟ ଅଧିକାରୀ ସଂଜୀବ ତରାଇ ସୂଚନା ଦେଇଛନ୍ତି। ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସଭାପତି ଦମନ ମହାନ୍ତି, ମୁଖପାତ୍ର ପ୍ରମୋଦ ନାୟକ, ଶିକ୍ଷାବିତ ବିଜୟ ଜେନା, ସ୍ତମ୍ଭକାର କ୍ଷୀରୋଦ କର, କୃଷକ ମନ୍ଦିରର ପରିଚାଳନା ଅଧିକାରୀ ସୁରେନ୍ଦ୍ର ପରିଡା, ଶାନ୍ତନୁ ମଲ୍ଲିକ, ଅଜୟ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

ଡ୍ରେନେଜକଟ୍‌ର ପୁନରୁଦ୍ଧାର କାମରେ ଦୁର୍ନୀତି ଅଭିଯୋଗ

# କେନ୍ଦ୍ରୀୟ ଭିଜିଲାନ୍ସ ଟିମ୍‌ର କ୍ଷେତ୍ର ପରିଦର୍ଶନ

ଡେରାବିଶ, ୨୦।୪(ସମିସ)



ଡେରାବିଶ ବ୍ଲକ୍ ଅଞ୍ଚଳରେ କେନ୍ଦ୍ରାପଡ଼ା ଡ୍ରେନେଜ୍ ବିଭାଗ ପକ୍ଷରୁ ଡ୍ରେନେଜକଟ୍‌ର ପୁନରୁଦ୍ଧାର ପାଇଁ ବ୍ୟୟ କରାଯାଇଥିବା ରାଶିରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ନେଇ ବ୍ଲକ୍ ଅଞ୍ଚଳର ଚାଷୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଇଥିଲା। ଏହି ଅଭିଯୋଗକୁ ଭିତ୍ତି କରି ଆଜି ଭୁବନେଶ୍ୱରରୁ ଏକ କେନ୍ଦ୍ରୀୟ ଭିଜିଲାନ୍ସ ଟିମ୍ ବ୍ଲକ ଅଞ୍ଚଳରେ ପହଞ୍ଚି ୧୬ନଂ ଓ ୧୯ନଂ ଡ୍ରେନେଜକଟ୍‌ର କାମ ବୁଲି ଦେଖିଛନ୍ତି।

ସୂଚନା ମୁତାବକ, ବ୍ଲକ ଅଞ୍ଚଳରେ ଥିବା ଅଧିକାଂଶ ଚାଷଜମି ଡ୍ରେନେଜକଟ୍ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ପ୍ରତ୍ୟେକ ବର୍ଷ ବିଭାଗ ପକ୍ଷରୁ ଡ୍ରେନେଜକଟ୍‌ର ମରାମତି ନାମରେ କୋଟି କୋଟି ଟଙ୍କା ହରିଲୁଟ କରାଯାଉଥିବା ନେଇ ଚାଷୀମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଆସୁଛନ୍ତି। ମାତ୍ର କର୍ତ୍ତୃପକ୍ଷ ଚାଷୀଙ୍କ ସମସ୍ୟା ପ୍ରତି କେବେବି ଦୃଷ୍ଟି ଦେଉନଥିବା ଅଗ୍ରଣୀ ଚାଷୀ ବିଦୁଭୂଷଣ ମହାପାତ୍ର କହିଛନ୍ତି। ତାଙ୍କ କହିବା ଅନୁଯାୟୀ ବର୍ଷା ସମୟରେ ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସିତ ହୋଇ ନ ପାରି ଚାଷ ହୋଇଥିବା ଜମିରେ ଦୀର୍ଘଦିନ ଧରି ପାଣି ଜମି ରହିବା ଫଳରେ ଫସଲ ନଷ୍ଟ ହୋଇଯାଏ। ଚଳିତ ବର୍ଷ ଡ୍ରେନେଜକଟ୍ ପୁନରୁଦ୍ଧାର କରିବା ପାଇଁ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ଠିକାସଂସ୍ଥାକୁ ଦିଆଯାଇଥିଲା। ବିଭାଗୀୟ ଯନ୍ତ୍ରୀ ଓ ଠିକା ସଂସ୍ଥାଙ୍କ ମଧୁଚନ୍ଦ୍ରିକା ଯୋଗୁ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଚଳିତ ବର୍ଷ ଚାଷ ସମୟରେ ପୂର୍ବବର୍ଷ ଭଳି ଜଳନିଷ୍କାସନ ହେବା ନେଇ ସମସ୍ୟା ଦେଖାଯିବ ବୋଲି ଚାଷୀ ବିଧୁଭୂଷଣ କହିଛନ୍ତି। ଡ୍ରେନେଜକଟ୍ ସଫେଇ କରାଯାଉଥିବା ସମୟରେ ଏହାର ପାଶ୍ୱର୍ରେ ଥିବା ଶତାଧିକ ତାଳଗଛକୁ ଠିକାଦାର କାଟି ଏହି ଡ୍ରେନେଜ କଟ୍‌ରେ ପକାଯିବା ନେଇ ସମ୍ପୃକ୍ତ ଅଞ୍ଚଳର ଚାଷୀ ପ୍ରତିବାଦ କରିଥିଲେ। ଏହାକୁ ବିଭାଗୀୟ କର୍ତ୍ତୃପକ୍ଷ ଆଦୌ ଶୁଣି ନ ଥିବା ନେଇ ଆଜି ଭିଜିଲାନ୍ସ ଟିମ୍ ଆଗରେ ବହୁ ଚାଷୀ ଅଭିଯୋଗ କରିଛନ୍ତି। ଭିଜିଲାନ୍ସ ଟିମ୍ ଏହି କାର୍ଯ୍ୟକୁ ବୁଲି ଦେଖିବା ସହ ଚାଷୀଙ୍କ ଅଭିଯୋଗ ଗ୍ରହଣ କରିଛନ୍ତି। ଆଜିର ଏହି ପରିଦର୍ଶନ ସମୟରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ବିପ୍ଳବ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ବରିହା ଓ କନିଷ୍ଠ ଯନ୍ତ୍ରୀ ଦୀପ୍ତିମୟୀ ସାହୁ ଉପସ୍ଥିତ ଥିଲେ।

୨୦/୪/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧୧,୧୬,୪୮୩/- ସୁନା:୦୧.୫୦୦ ଗ୍ରାମ୍ ରୁପା: ୬୫.୦୦୦ ଗ୍ରାମ୍



# ବାହାର ଚନ୍ଦନ ଯାତ୍ରା ଆରମ୍ଭ

- ପଞ୍ଚ ମହାଦେବଙ୍କ ସହ ନରେନ୍ଦ୍ରରେ ଜଳକ୍ରୀଡ଼ା କଲେ ମହାପ୍ରଭୁ
- ଆଜ୍ଞାମାଳ ବିଜେ ବିଳମ୍ବ; ଦିନ ଚାପ ସନ୍ଧ୍ୟାରେ ହେଲା







ପୁରୀ,୨୦।୪(ସମିସ): ଆରମ୍ଭ ହୋଇଛି ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା। ସୋମବାର ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିଛନ୍ତି ମହାପ୍ରଭୁ। ଏଥିସହ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ (ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀକପାଳମୋଚନ, ଶ୍ରୀମାର୍କଣ୍ଡେଶ୍ୱର ଓ ଶ୍ରୀନୀଳକଣ୍ଠେଶ୍ୱର) ମଧ୍ୟ ଚାପରେ ଖେଳିଛନ୍ତି। ତେବେ ଆଜ୍ଞାମାଳ ରଥଖଳାରେ ଅପରାହ୍ଣ ୪ଟାରେ ବିଜେ ହେବାକୁ ନିର୍ଘଣ୍ଟ ହୋଇଥିଲା। ପ୍ରାୟ ୧ ଘଣ୍ଟା ୪୦ ମିନିଟ୍ ବିଳମ୍ବ ଯୋଗୁଁ ଦିନ ଚାପ ସନ୍ଧ୍ୟାରେ ହୋଇଥିଲା। ଠାକୁରଙ୍କ ଜଳକ୍ରୀଡ଼ା ଦେଖିବା ଲାଗି ନରେନ୍ଦ୍ର ପୁଷ୍କରିଣୀ ଚତୁଃପାଶ୍ୱର୍ରେ ଭକ୍ତମାନେ ବେଶ୍ ଭିଡ଼ ଜମାଇଥିଲେ।

ସୋମବାର ଥିଲା ପବିତ୍ର ଅକ୍ଷୟ ତୃତୀୟା। ଏହି ତିଥିରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଓ ରଥ ଅନୁକୂଳ ନୀତି ରହିଥିଲା। ଏଥିପାଇଁ ସକାଳୁ ନୀତିକାନ୍ତିକୁ ସଅଳ କରାଯାଇଥିଲା। ଅପରାହ୍ଣ ୩ଟା ୨୦ରେ ମଧ୍ୟାହ୍ନ ଧୂପ ସରିବା ପରେ ମହାଜନ ସେବକ ରାମକୃଷ୍ଣଙ୍କୁ ହାତରେ ବିଜେ କରାଇ ଆଣି ଝୁଲଣ ମଣ୍ଡପ ତଳେ ପାଲିଙ୍କିରେ ବିଜେ କରାଇଥିଲେ। ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ମଣି ବିମାନରେ ବିଜେ କରାଇଥିଲେ। ଏହାପରେ ମାଳଫୁଲ ଲାଗି ହୋଇ ବିଜେ କାହାଳି ବାଜିଥିଲା। ବିମାନ ବଡୁମାନେ ଘଣ୍ଟ, ଛତା, କାହାଳୀ ସହ ଠାକୁରଙ୍କୁ ସିଂହଦ୍ୱାର ଦେଇ ବଡ଼ଦାଣ୍ଡକୁ ଓହ୍ଲାଇଥିଲେ। ସନ୍ଧ୍ୟା ୫ଟା ୪୦ରେ ଶ୍ରୀନଅର ସମ୍ମୁଖରେ ପହଞ୍ଚି ରଥ ନିର୍ମାଣ ଅନୁକୂଳ ପାଇଁ ପ୍ରାୟ ୧୦ ମିନିଟ୍ ଅଟକିଥିଲେ। ରଥ ନିର୍ମାଣ ଅନୁକୂଳ ବିଧି ସମ୍ପନ୍ନ ହେବା ପରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ରାମକୃଷ୍ଣ ଏବଂ ପଞ୍ଚ ମହାଦେବ ଆଗପଛ ହୋଇ ଚନ୍ଦନ ଯାତ୍ରା ଲାଗି ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ବାହାରିଥିଲେ। ବଡ଼ଦାଣ୍ଡରେ ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ଖାଇ ଆଗରେ ଚାଲିଥିଲେ ରାମକୃଷ୍ଣ। ରାମକୃଷ୍ଣଙ୍କ ପାଲିଙ୍କି ପଥରେ ହଲିଦୋହଲି ମଣି ବିମାନରେ ଯାଉଥିଲେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ। ତାଙ୍କ ପଛରେ ଥିଲେ ପଞ୍ଚ ମହାଦେବ।

ଘଣ୍ଟ, ସଂକୀର୍ତ୍ତନ, ବିବିଧ ନୃତ୍ୟ ସାଙ୍ଗକୁ ଢୋଲ ବାଜାର ତାଳେ ତାଳେ ବଡ଼ଦାଣ୍ଡରେ ମଜି ଯାଇଥିଲେ ଶ୍ରଦ୍ଧାଳୁ। କିଏ ଝୁମୁକା ବଜାଇ ଏକା ଏକା ପ୍ରଭୁଙ୍କ ନାମ ଜପ କରୁଥିଲେ ତ ଆଉ କେହି ମହାପ୍ରଭୁଙ୍କ ଆଗରେ ନୃତ୍ୟ ପ୍ରଦର୍ଶନ କରୁଥିଲେ। ହଳଦିଆ ଓ ନାଲି ରଙ୍ଗର ଧ୍ୱଜା ସହିତ ବିଶାଳ ଶୋଭାଯାତ୍ରାରେ ଠାକୁର ନରେନ୍ଦ୍ର ପୁଷ୍କରିଣୀ ଚନ୍ଦନ ଚକଡ଼ାରେ ସନ୍ଧ୍ୟା ପ୍ରାୟ ୬ଟା ୧୦ରେ ପହଞ୍ଚିଥିଲେ। ଭିତରଚ୍ଛ ମହାପାତ୍ର ଠାକୁରଙ୍କୁ ଜଳଲାଗି କରିବା ପରେ ଦେବଦେବୀଙ୍କୁ ଚାପରେ ବିଜେ କରାଯାଇଥିଲା। ନନ୍ଦା ଚାପରେ ରାମକୃଷ୍ଣ ଏବଂ ପଞ୍ଚପାଣ୍ଡବ (ପଞ୍ଚମହାଦେବ) ବିଜେ ହୋଇଥିଲେ। ବିଧି ଅନୁଯାୟୀ, ପ୍ରଥମେ ନନ୍ଦା ଚାପକୁ ରାମକୃଷ୍ଣ ଏବଂ ଭଦ୍ରା ଚାପକୁ ଶ୍ରୀଦେବୀ, ଭୂଦେବୀ, ମଦନମୋହନ ବିଜେ ହୋଇଥିଲେ। ଏହାପରେ ନନ୍ଦା ଚାପକୁ ପଞ୍ଚ ମହାଦେବ ବିଜେ କରିଥିଲେ। ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ। ହଡ଼ପ ନାଏକ ଦଶାବତାର ପଟି କାନ୍ଧରେ ପକାଇ ବିଡ଼ିଆ ମଣୋହି କରିଥିଲେ। ସନ୍ଧ୍ୟା ପ୍ରାୟ ୬ଟା ୩୫ରେ ବିଜେ କାହାଳୀ ବାଜି ଠାକୁରଙ୍କ ଦିନଚାପ ହୋଇଥିଲା। ନରେନ୍ଦ୍ରରେ ଏକଘେରା ବୁଲିବା ପରେ ଚନ୍ଦନ ଘର ନିକଟରେ ଚାପ ଲାଗିଥିଲା। ଏହାପରେ ରାମକୃଷ୍ଣ ଦୁଇଦେବ ମଦନମୋହନଙ୍କ ଚାପକୁ ବିଜେ ହୋଇଥିଲେ। ଠାକୁରଙ୍କୁ ବନ୍ଦାପନା ଓ ଚାମର ଆଲଟ ପରେ ଜଗତି ଉପରକୁ ବିଜେ କରାଯାଇ ଜଳଲାଗି କରାଯାଇଥିଲା। ଜଳଲାଗି ବଢ଼ିବା ପରେ ଜଳରୁ ଠାକୁର ବାହାରି ଫୁଲରେ ବେଶ ହୋଇଥିଲେ। ଶୀତଳ ମଣୋହୀ ପଞ୍ଚୋପଚାରରେ ପୂଜା ପରେ ଜଗତି ଉପରେ ଠାକୁରଙ୍କ ବେଶ ହୋଇଥିଲା। ଠାକୁର ଭିତରକୁ ବିଜେ ହୋଇ ନରେନ୍ଦ୍ର ଚକଡ଼ା ରୋଷରେ ହୋଇଥିବା ମାଣ୍ଡୁଅ ଭୋଗ ସାରି ବିଡ଼ିଆ ମଣୋହୀ ହୋଇଥିଲେ।

ସୂଚନାଯୋଗ୍ୟ, ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହେଉଥିବା ଚନ୍ଦନ ଯାତ୍ରାରେ ମହାପ୍ରଭୁଙ୍କ ପ୍ରତିନିଧି ଭାବେ ରାମକୃଷ୍ଣ, ମଦନମୋହନ, ଶ୍ରୀଦେବୀ, ଭୂଦେବୀ ବିଜେ କରିଥା'ନ୍ତି। ତାଙ୍କ ସହିତ ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ ବିଜେ କରିଥା'ନ୍ତି। ନରେନ୍ଦ୍ର ପୁଷ୍କରିଣୀରେ ୨୧ ଦିନ ବ୍ୟାପୀ ଏହି ଯାତ୍ରା ହୁଏ। ଏହାକୁ ବାହାର ଚନ୍ଦନ ଯାତ୍ରା କୁହାଯାଏ। ବାହାର ଚନ୍ଦନ ଯାତ୍ରା ପରେ ପୁଣି ଶ୍ରୀମନ୍ଦିରରେ ୨୧ ଦିନ ବ୍ୟାପୀ ଭିତର ଚନ୍ଦନ ଯାତ୍ରା ହୁଏ। ମହାପ୍ରଭୁ ଦାରୁବ୍ରହ୍ମ ବିଗ୍ରହ ଧାରଣ କରିଥିଲେ ମଧ୍ୟ ମାନବୀୟ ଲୀଳା କରୁଛନ୍ତି। ମଣିଷ ଗ୍ରୀଷ୍ମ ଉତ୍ତାପରୁ ମୁକ୍ତି ଲାଗି ଶୀତଳ ଉପଚାର କରିଥା'ନ୍ତି। ସେହିଭଳି ମହାପ୍ରଭୁ ବୈଶାଖର ଗ୍ରୀଷ୍ମ ଉତ୍ତାପରୁ ମୁକ୍ତି ଏବଂ ଶୀତଳ ଉପଚାର ନିମନ୍ତେ ଚନ୍ଦନ ଯାତ୍ରାରେ ସାମିଲ ହୋଇଥା'ନ୍ତି ବୋଲି କୁହାଯାଏ।

## ଭାଙ୍ଗିଲା ପରମ୍ପରା; ଅତିଷ୍ଠ ପୁରୀବାସୀ

ପୁରୀ,୨୦।୪(ସମିସ): ସୋମବାର ପବିତ୍ର ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା। ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବଙ୍କ ସହିତ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଜଳକ୍ରୀଡ଼ା କରିଛନ୍ତି। ଏମିତି ୨୧ ଦିନ ନରେନ୍ଦ୍ରରେ ଚାପ ଖେଳିବେ ଠାକୁର। ତେବେ ପ୍ରଥମ ଦିନରେ ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମନ୍ଦିରରୁ ନରେନ୍ଦ୍ର ପୁଷ୍କରିଣୀକୁ ଆସିବା ସମୟରେ ପୂର୍ବରୁ ବିଭିନ୍ନ ଜାଗାରେ ପନ୍ତି ଭୋଗ ହେଉଥିଲା। ସେହିଠାରେ ଠାକୁର ରହିବା ପରେ ପନ୍ତି ଭୋଗ ଲାଗି ହେଉଥିଲା। ଏଥିପାଇଁ ଠାଏ ଠାଏ ଛାମୁଣ୍ଡିଆ ମରାଯାଉଥିଲା। ଏଥର ଜଗନ୍ନାଥ ବଲ୍ଲଭ ମଠରେ ପନ୍ତି ଭୋଗ ପାଇଁ ନିକଟରେ ଛାମୁଣ୍ଡିଆ ମରାଯାଇଛି। ପୂର୍ବରୁ ଏହି ଛାମୁଣ୍ଡିଆରେ ବିଭିନ୍ନ ପ୍ରକାର ଫଳ ଯେପରିକି ଆମ୍ବ, ଖଜୁରୀ ଆଦି ପେଣ୍ଡାରେ ଝୁଲୁଥିଲା। କିନ୍ତୁ ଏ ବର୍ଷ ଛାମୁଣ୍ଡିଆରେ ଏହା ଦେଖିବାକୁ ମିଳିନାହିଁ। କୌଣସି ଫଳ ନ ଥିବାବେଳେ କଦଳୀ ଗଛ ବାନ୍ଧି ଦେଇ କାମ ସାରିଦେଇଛି ପ୍ରଶାସନ। ଏଭଳି ପରମ୍ପରା ଭଙ୍ଗାକୁ ନେଇ ଅତିଷ୍ଠ ହୋଇଛନ୍ତି ପୁରୀବାସୀ। ସୂଚନାଥାଉ କି, ଫଳ ଗୋଟିଏ ଶୁଭ ସୂଚନା। ଗ୍ରୀଷ୍ମ ଦିନରେ ଠାକୁର ଯେତେବେଳେ ବାହାରକୁ ଆସିଥା'ନ୍ତି ତାଙ୍କ ପନ୍ତି ଭୋଗ ପାଇଁ ଛାମୁଣ୍ଡିଆ ମରାଯାଇଥାଏ। ଏହାକୁ ଶୋଭନୀୟ କରିବା ପାଇଁ ଗ୍ରୀଷ୍ମଦିନରେ ଉପଲବ୍ଧ ହେଉଥିବା ବିଭିନ୍ନ ନାଶି ଲଗା ଫଳ ଝୁଲାଯାଇଥାଏ। ଏବର୍ଷ ଏଥିରେ ବ୍ୟତିକ୍ରମକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି।

## ଚନ୍ଦନ ଯାତ୍ରା: ପ୍ରଥମ ଦିନରେ ନଟବର ବେଶ

ପୁରୀ,୨୦।୪(ସମିସ): ସୋମବାର ଥିଲା ଚନ୍ଦନ ଯାତ୍ରାର ପ୍ରଥମ ଦିବସ। ମଦନମୋହନ ସୁବାସିତ ଚନ୍ଦନ ଜଳରେ ସ୍ନାନ କରିବା ପରେ ନଟବର ବେଶ ହୋଇଥିଲା। ଏହି ବେଶରେ ଠାକୁର ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସୂଚନାଯୋଗ୍ୟ, ଚନ୍ଦନ ଯାତ୍ରାର ୨୧ଦିନ ମଦନମୋହନଙ୍କ ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହୋଇଥାଏ। ଏହି ବେଶଗୁଡ଼ିକ ହେଲା ନଟବର ବେଶ, ହରିଜନ୍ମ, ରାଜାଧିରାଜ, ଖଟ ଦୋଳି, ବସ୍ତ୍ରାଚାରଣ, ଗୋମତି କୃଷ୍ଣ, ନାବକେଳୀ, ରାସମଣ୍ଡଳୀ, ଚକ୍ରନାରାୟଣ, ନୃସିଂହ ରଘୁନାଥ, ଅର୍ଘାସୁର ବଧ, ଷଡ଼ଭୂଜ ଗୌରାଙ୍ଗ, କନ୍ଦର୍ପ ରଥ, ଗିରି ପୂଜା, ଗିରିଧାରଣ, ଚିନ୍ତାମଣି କୃଷ୍ଣ, ଗଜଉଦ୍ଧାରଣ, କୁଞ୍ଜବିହାରୀ ଏବଂ ବସ୍ତ୍ରହରଣ ବେଶ।

# ପରିବାରର ମଙ୍ଗଳ ପାଇଁ ଘଡ଼ି-ପଥୁଲି ପୂଜା

ପୁରୀ,୨୦।୪(ସମିସ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସୋମବାର ପୁରୀ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଗ୍ରାମମାନଙ୍କରେ ନିଆରା ପରମ୍ପରା ଘଡ଼ି-ପଥୁଲି ପୂଜା ଅନୁଷ୍ଠିତ ହୋଇଛି। ଏହି ପୂଜା ଷଷ୍ଠୀ ଦେବୀଙ୍କ ଉଦ୍ଦେଶ୍ୟରେ କରାଯାଇଛି। ପ୍ରତ୍ୟେକ ଘରର ସଧବା ମହିଳାମାନେ ପ୍ରାତଃ ସ୍ନାନ କରି ଶୁଦ୍ଧ ବସ୍ତ୍ର ପରିଧାନପୂର୍ବକ ଘଡ଼ି-ପଥୁଲି ପୂଜା କରିଛନ୍ତି। ବିଶ୍ୱାସ ରହିଛି ଅକ୍ଷୟ ତୃତୀୟା ଅବସରରେ ଏହି ଘଡ଼ି-ପଥୁଲି ଭୋଗକୁ ଷଷ୍ଠୀ ଦେବୀଙ୍କୁ ଅର୍ପଣ କରି ପିଲାମାନଙ୍କୁ ବାଣ୍ଟିଲେ ପରିବାରର ମଙ୍ଗଳ ହେବା ସହିତ ସନ୍ତାନ ସନ୍ତତିମାନେ ଭଲରେ ରହିଥା'ନ୍ତି। ଏହି ପୂଜାବିଧି ସଂକ୍ରାନ୍ତରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ମାଟିରେ ତିଆରି ହୋଇଥିବା ଛୋଟ ଛୋଟ ଘଡ଼ି ଓ ପଥୁଲି (ମାଟିସରା) କୁ ଆଣି ଏହାକୁ ଚୁନ ପାଣିରେ ବୁଡ଼ାଯାଇ ଏଥିରେ ବିଭିନ୍ନ ପ୍ରକାର ରଙ୍ଗ ଦିଆଯାଇଥାଏ। କେହି କେହି ୫ ହଳ, ୭ ହଳ ଅବା ୨୧ ହଳ ଆଣିଥା'ନ୍ତି। ଏଥିରେ ବିଭିନ୍ନ ପ୍ରକାର ଫଳମୂଳ, ମୁଢ଼ି ବା ଚୁଡ଼ା ଭଜା ଏବଂ ଖେଳଣା ପୂର୍ଣ୍ଣ କରି ଷଷ୍ଠୀ ଦେବୀଙ୍କୁ ପାଣି ଛଡ଼ାଇଥା'ନ୍ତି। ଏହାପରେ ଏହି ଘଡ଼ି-ପଥୁଲିକୁ ଛୋଟ ଛୋଟ ପିଲାଙ୍କୁ ବାଣ୍ଟି ଦିଆଯାଏ। ଅକ୍ଷୟ ତୃତୀୟାର ପ୍ରାୟ ୭ ଦିନ ପୂର୍ବରୁ ଏହି ଘଡ଼ି-ପଥୁଲି କିଣାଯାଇ ପ୍ରସ୍ତୁତ କରି ରଖାଯାଇଥାଏ।



ରଥକାଠ ଅନୁକୂଳ ପାଇଁ ଶ୍ରୀମନ୍ଦିରରୁ ଆଜ୍ଞାମାଳ ବିଜେ (ଫଟୋ: ଅନିଲ୍)

# ଶ୍ରୀହନୁମାନଙ୍କ ନୂତନ ସିଂହାସନ ପ୍ରତିଷ୍ଠା ଉତ୍ସବ

ପୁରୀ,୨୦।୪(ସମିସ): ସୋମବାର ପବିତ୍ର ଅକ୍ଷୟ ତୃତୀୟା ତିଥିରେ ବଡ଼ଶଙ୍ଖସ୍ଥିତ ନିର୍ବାଣୀ ଆଖଡ଼ା ମଠ ଆନୁକୂଲ୍ୟରେ ପ୍ରଭୁ ଶ୍ରୀହନୁମାନଙ୍କ ନୂତନ ସିଂହାସନ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମଠ ଶ୍ରୀପଞ୍ଚ ମହାନିର୍ବାଣୀ ଅନୀ ଆଖଡ଼ା ଅନ୍ତର୍ଗତ ଏକ ଆଖଡ଼ା ମଠ, ଯାହା ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ସଂସ୍କୃତି ଓ ନୀତିକାନ୍ତି ସହିତ ଜଡ଼ିତ। ଏଠାରେ ଶ୍ରୀଗଣେଶ, ଶ୍ରୀରାଧା କୃଷ୍ଣ ଓ ଶ୍ରୀହନୁମାନଙ୍କ ବିଗ୍ରହ ସମେତ ଶତାଧିକ ଶାଳଗ୍ରାମ ପୂଜା ପାଇଥା'ନ୍ତି। ଏହା ପୁରୀର ଐତିହାସିକ ସମ୍ପନ୍ନ ମଠ ଭିତରୁ ଅନ୍ୟତମ। ତେବେ ସୋମବାର ୬ଟାରୁ ପୁରୋହିତ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ହୋମ ଓ ଅନ୍ୟାନ୍ୟ ନୀତିକାନ୍ତି ସକାଳ ୯ଟା ସୁଦ୍ଧା ସମ୍ପୂର୍ଣ୍ଣ ହୋଇଥିଲା। ପୁରୋହିତ ସୁଧାକର ମିଶ୍ର, ସତ୍ୟନାରାୟଣ ପଣ୍ଡା ଓ ବାବାଜୀ ଶ୍ରୀବୈଷ୍ଣବ ଦାସ ଶ୍ରୀହନୁମାନଙ୍କ ବିଗ୍ରହକୁ ନୂତନ ପ୍ରତିଷ୍ଠିତ ସିଂହାସନ ଉପରେ ବିରାଜମାନ କରିଥିଲେ। ମଠର ସମସ୍ତ ଉନ୍ନତିମୂଳକ କାର୍ଯ୍ୟକ୍ରମ ମହନ୍ତ ରାମଚରଣ ଦାସଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ମହନ୍ତଙ୍କ ମୁଖ୍ୟ ଶିଷ୍ୟ ଦେବାଶିଷ ଦାଶ ପରିଚାଳନା କରିଥିଲେ। ଉତ୍ସବ ଶେଷରେ ଶ୍ରୀ ଦାଶ ଧନ୍ୟବାଦ ଅର୍ପଣ ସହିତ ପ୍ରଭୁ ଶ୍ରୀହନୁମାନଙ୍କ ପାଖରେ ସମସ୍ତଙ୍କ ମଙ୍ଗଳକାମନା କରିଥିଲେ।

# ଅଂଶୁଘାତ ସଚେତନତା ଓ ଜଳଦାନ ଶିବିର



ପୁରୀ,୨୦।୪(ସମିସ): ବଢ଼ିଲାଣି ତାତି। ଆଗକୁ ଖରା ଆହୁରି ବଢ଼ିବ। ଏହାକୁ ନଜରରେ ରଖି ଦ ବେଲ୍ ଓମେନ୍ସ କ୍ଲବ୍ ଓ ଶ୍ରୀକ୍ଷେତ୍ର ଓପନ ୟୁନିଟ୍ ମିଳିତ ଆନୁକୂଲ୍ୟରେ ସୋମବାର ଜେଲ୍‌ରୋଡ୍‌ସ୍ଥିତ ପୁରୁଷୋତ୍ତମ ଭକ୍ତ ନିବାସ ନିକଟରେ ଅଂଶୁଘାତ ସଚେତନତା ଓ ଜଳଦାନ ଶିବିର ଶୁଭାରମ୍ଭ ହୋଇଛି। ଏହାକୁ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପଥଚାରୀଙ୍କୁ ଅଂଶୁଘାତ ସଚେତନତା ଲିଫ୍‌ଲେଟ୍ ବଣ୍ଟନ କରଯିବା ସହ ତୃଷାର୍ତ୍ତଙ୍କୁ ଦହି ସରବତ, ମହାପ୍ରସାଦ ତୋରାଣୀ ବଣ୍ଟନ କରାଯାଇଥିଲା। ଏହି ଶିବିର ଶୁଭାରମ୍ଭ ସମୟରେ ଦ ବେଲ୍ ଓମେନ୍ସ କ୍ଲବ୍ ସଂଯୋଜିକା ସବିତା ହରିଚନ୍ଦନ, ସହ ସଂଯୋଜିକା ସିଲି ସେଠୀ, ସଦସ୍ୟା ବନିତା ଦୀକ୍ଷିତ, ରାଜଲକ୍ଷ୍ମୀ ଦାସ, ଅଞ୍ଜଳି କାନୁନ୍‌ଗୋ, ମିନତୀ ନାୟକ, ଶ୍ରୀକ୍ଷେତ୍ର ଓପନ ୟୁନିଟ୍‌ର ରୋଭର ଲିଡର ରାଜେନ୍ଦ୍ର କୁମାର ହରିଚନ୍ଦନ, ଦ ବେଲ୍‌ର ସୁକାନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଦ ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ କହିଛନ୍ତି, ସହରର ବିଭିନ୍ନ ସ୍ଥାନରେ ଏଭଳି ଶିବିର ଆୟୋଜନ ସହ ପଥଚାରୀଙ୍କୁ ଅଂଶୁଘାତ ସଚେତନତା ଲିଫ୍‌ଲେଟ ବଣ୍ଟନ କରାଯିବ।

# ବ୍ୟକ୍ତିଗତ ଉଦ୍ୟମରେ ତୃଷାର୍ତ୍ତ ବୃକ୍ଷକୁ ଜଳଦାନ

ପୁରୀ,୨୦।୪(ସମିସ): ବର୍ଷ ଅଧେ ନୁହେଁ, ଶ୍ରୀଜଗନ୍ନାଥଙ୍କ ନବକଳେବର ବର୍ଷ ୨୦୧୫ରୁ ଅର୍ଥାତ୍ ଦୀର୍ଘ ୧୨ବର୍ଷ ଧରି ତୃଷାର୍ତ୍ତ ବୃକ୍ଷକୁ ବ୍ୟକ୍ତିଗତ ଉଦ୍ୟମରେ ଜଳଦାନ କରି ଚାଲିଛନ୍ତି ପ୍ରକୃତିବନ୍ଧୁ ବଦ୍ରି ମିଶ୍ର। ଜାତୀୟ ରାଜପଥରୁ ତାଳବଣିଆ, ଆଇଟିଆଇରୁ ଆୟୁର୍ବେଦ ମହାବିଦ୍ୟାଳୟ ଏହି ଜାଗାରେ ସେ ଖରା ୩ ମାସ ଜଳଦାନ କରନ୍ତି। ବଡ଼ ବଡ଼ ଜଳଭର୍ତ୍ତି ଟ୍ୟାଙ୍କରରେ ପାଇପ୍ ଲଗାଇ, ମୁଣ୍ଡ ଟେକୁଥିବା ଗଛ, ପ୍ରଚଣ୍ଡ ରୌଦ୍ରତାପରେ ହାଲିଆ ହେଉଥିବା ଗଛ ବିଶେଷକରି ମଣିଷକୁ ଛାଇ ଦେଉଥିବା ଗଛ ମୂଳରେ ପାଣି ଦିଅନ୍ତି। ତାଙ୍କ ସହିତ ଏହି ସେବା କାର୍ଯ୍ୟରେ ଜିଲ୍ଲା କ୍ରୀଡ଼ା ଅଧିକାରୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସଂସ୍କୃତି ଅଧିକାରୀ, ସାମ୍ବାଦିକ ଓ ସମାଜସେବୀ କେଦାର ମହାପାତ୍ର, ସୌମ୍ୟରଞ୍ଜନ ପାତ୍ର, ଗୋବିନ୍ଦ ଚନ୍ଦ୍ର ପାତ୍ର, ପରିବେଶବିତ୍ ସରୋଜ ଜେନା ପ୍ରମୁଖ ସାମିଲ୍ ହୁଅନ୍ତି। ସବୁଠାରୁ ବଡ଼କଥା ଏହି କାର୍ଯ୍ୟ ପାଇଁ ସେ ସରକାରୀ କିମ୍ବା ବେସରକାରୀ ସଂସ୍ଥାଠାରୁ ଟଙ୍କାଟିଏ ନିଅନ୍ତି ନାହିଁ। ପରିବାର ପୋଷଣ ସହ ନିଜ ପରିଶ୍ରମ ଅର୍ଜିତ ଅର୍ଥର ବିନିଯୋଗରେ ଶ୍ରୀ ମିଶ୍ର ଏହି ପୁଣ୍ୟ କାର୍ଯ୍ୟ କରନ୍ତି। ବୟସ ୬୮ ଧରିଲାଣି। ହେଲେ ବୃକ୍ଷରୋପଣ, ଶବଦାହ, ଭାଗବତ ପାଠ ପରି କୌଣସି କାମରେ ବୟସ ତାଙ୍କୁ ଅଟକାଇ ପାରିନାହିଁ।

# ପୁରୀ ଜିଲ୍ଲାରେ ୩ ଦିନ ସ୍କୁଲ ବନ୍ଦ

ପୁରୀ,୨୦।୪(ସମିସ): ପୁରୀ ଜିଲ୍ଲାରେ ୩ ଦିନ ସମସ୍ତ ସ୍କୁଲ ବନ୍ଦ ରହିବ। ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଏହାକୁ ନଜରରେ ରଖି ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ଶିକ୍ଷାଧିକାରୀ ଜାରି କରିଥିବା ଏହି ନିର୍ଦ୍ଦେଶନାମାରେ ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟରେ ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଏପ୍ରିଲ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଶିକ୍ଷାଦାନ ବନ୍ଦ ରହିବ। କିନ୍ତୁ ପଞ୍ଚମ ଶ୍ରେଣୀ ଓ ଅଷ୍ଟମ ଶ୍ରେଣୀର ସପ୍ଲିମେଣ୍ଟାରୀ ପରୀକ୍ଷା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ। ପରୀକ୍ଷା ସମୟରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ପ୍ରଚୁର ପାଣି, ଓଆର୍‌ଏସ୍, ପ୍ରାଥମିକ ଚିକିତ୍ସା ଆଦି ବ୍ୟବସ୍ଥା ସୁନିଶ୍ଚିତ କରିବା ଲାଗି ସବୁ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୟରେ ଆଡ୍‌ମିଶନ, ପ୍ରଶାସନିକ କାର୍ଯ୍ୟ, ଜନଗଣନା/ ଏସ୍‌ଆଇଆର୍ କାର୍ଯ୍ୟ ସହ ଅନ୍ୟାନ୍ୟ ଆବଶ୍ୟକ କାର୍ଯ୍ୟ ସାଧାରଣ ଭାବେ ଚାଲିବ। ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ପୂର୍ବବତ୍ ନିର୍ଦ୍ଦେଶ ଅନୁଯାୟୀ ସ୍କୁଲରେ ଉପସ୍ଥିତ ରହିବେ।

# ଭାରତ ବିକାଶ ପରିଷଦର ବାର୍ଷିକ ଉତ୍ସବ

ପୁରୀ,୨୦।୪(ସମିସ): ସ୍ଥାନୀୟ ଏକ ହୋଟେଲରେ ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ବିଶିଷ୍ଟ ଚିକିତ୍ସକ ପଦ୍ମଶ୍ରୀ ଡା. ଅଶୋକ ମହାପାତ୍ର ପରିଷଦର କାର୍ଯ୍ୟଶୈଳୀ ଓ ସମର୍ପିତ ସେବା କାର୍ଯ୍ୟକୁ ପ୍ରଶଂସା କରି କହିଥିଲେ ଯେ, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ପରିଷଦ ଆହୁରି ଅଧିକ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। କ୍ଷେତ୍ରୀୟ ସଂଗଠନ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ସଂଗଠନର ବିଚାର, ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ରାଷ୍ଟ୍ରୀୟ ମହିଳା ସହଭାଗିତା ସଦସ୍ୟା ସୁପ୍ରୀତି ରଥ ଯୋଗଦେଇଥିଲେ। ପ୍ରାନ୍ତୀୟ ଅଧ୍ୟକ୍ଷ ସତ୍ୟବାଦୀ ଦାଶ, ପ୍ରାନ୍ତୀୟ ମହାସଚିବ ସୌମେନ୍ଦ୍ର ଦାସ ନୂତନ ଦାୟିତ୍ୱଧାରୀ ଏବଂ ସଦସ୍ୟମାନଙ୍କୁ ଶପଥପାଠ କରାଇଥିଲେ। ଶାଖା ସଚିବ ସନ୍ତୋଷ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ୨୦୨୫-୨୬ ବର୍ଷ ପାଇଁ ଶ୍ରୀଜଗନ୍ନାଥଧାମ ଶାଖାର ନୂତନ ଅଧ୍ୟକ୍ଷ ଭାବରେ ଡ. ହରିହର ହୋତା, ସମ୍ପାଦକ ଭାବେ ହରିହର ମହାପାତ୍ର ଓ କୋଷାଧ୍ୟକ୍ଷ ଭାବେ ଲକ୍ଷ୍ମୀପ୍ରିୟା ପୂଜାପଣ୍ଡା, ପରିଷଦ ଶ୍ରୀକ୍ଷେତ୍ର ଶାଖାର ଅଧ୍ୟକ୍ଷ ଭାବେ ଡ. କମଳେଶ ପ୍ରଧାନ, ସଚିବ ବିଶ୍ୱଶାନ୍ତି ତ୍ରିପାଠୀ ଏବଂ କୋଷାଧ୍ୟକ୍ଷ ଭାବେ ଦେବୀପ୍ରସନ୍ନ ପଣ୍ଡା ଦାୟିତ୍ୱ ଗ୍ରହଣ କରିଥିଲେ। ଗତିବିଧି ସମ୍ପର୍କର ଆବାହକ ଅଧ୍ୟାପକ ଧନୁର୍ଦ୍ଧର ମୁଦୁଲି, ସଂସ୍କାର ସଂଯୋଜକ ସନ୍ତୋଷ କୁମାର ମହାନ୍ତି, ସେବା ରାଜେଶ୍ୱର ମହାରଣା, ପର୍ଯ୍ୟାବରଣ ପତିତପାବନ ସାମନ୍ତରାୟ, ମହିଳା ସହଭାଗିତା ସଂଯୋଜିକା ସ୍ନେହଲତା ଦାଶ ଶପଥ ନେଇଥିଲେ।

ନୂତନ ସଦସ୍ୟ ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଓଡ଼ିଆ ବିଶ୍ୱବିଦ୍ୟାଳୟ ଶତ୍ରୁଘ୍ନ ପାଣିଗ୍ରାହୀ, ପ୍ରାକ୍ତନ ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ମହାନ୍ତି, ପ୍ରଶାନ୍ତ ଦାସ, ପ୍ରଣତି ରଥଶର୍ମା, ବିଭୁଦତ୍ତ ମହାନ୍ତି ପ୍ରମୁଖ ଶପଥ ନେଇଥିଲେ। ଏଥିରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗଦେଇଥିଲେ। ସେବା କାର୍ଯ୍ୟରେ ସଫଳତା ଅର୍ଜନ କରିଥିବା ବିଭିନ୍ନ ଅନୁଷ୍ଠାନ ତଥା ବ୍ୟକ୍ତିବିଶେଷଙ୍କୁ ପ୍ରଶଂସିତ କରାଯାଇଥିଲା। ସନ୍ତୋଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଏକଲବ୍ୟ ପାଠଶାଳାର ବାର୍ଷିକ ଉତ୍ସବ 'ଉମଙ୍ଗ'

## ସାଦ୍ୟାନ୍ତ୍ ଶତପଥୀଙ୍କୁ ଏକ ଲବ୍ୟ ସମ୍ମାନ




ପୁରୀ,୨୦।୪(ସମିସ): ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ସାମ୍ମୁଖ୍ୟ ଦ ବେଲ୍ ଦ୍ୱାରା ପରିଚାଳିତ ସହରତଳି ଅଞ୍ଚଳ ଶିଶୁମାନଙ୍କ ସାମଗ୍ରିକ ବିକାଶ ପାଇଁ ସ୍ଥାପିତ ଏକଲବ୍ୟ ପାଠଶାଳାର ପଞ୍ଚମ ବାର୍ଷିକ ଉତ୍ସବ 'ଉମଙ୍ଗ' ଅନୁଷ୍ଠିତ ହୋଇଯାଇଛି। ବଳିଆପଣ୍ଡାସ୍ଥିତ ଭାରତ ଯୋଗ କେନ୍ଦ୍ର ପରିସରରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଦ ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅନ୍ୟତମ ଅତିଥି ଭାବେ ଭାରତ ଯୋଗ କେନ୍ଦ୍ର ସମ୍ପାଦକ ରମାବଲ୍ଲଭ ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. କଲ୍ୟାଣୀ ନନ୍ଦୀ, ସାମାଜିକ କର୍ମୀ ସରସ୍ୱତୀ ପାତ୍ର, ସବିତା ମିଶ୍ର, ବରିଷ୍ଠ ସେବକ ପ୍ରଭୁଜୀ ଗୌରୀଶଙ୍କର ସିଂହାରୀ, ଅଧିବକ୍ତା ପ୍ରଶନ୍ନ ଦାସ, ଯୁବ ସାମ୍ବାଦିକ ଚନ୍ଦ୍ରଶେଖର ପାତ୍ର ପ୍ରମୁଖ ଯୋଗଦେଇ ଅନୁଷ୍ଠାନ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ କୁନି ସାହିତ୍ୟିକ ସାଦ୍ୟାନ୍ତା ଶତପଥୀଙ୍କୁ ଏକଲବ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିଲି ସେଠୀ ଓ ପ୍ରତ୍ୟାଶା କାନୁନ୍‌ଗୋ ସଂଯୋଜନା କରିଥିଲେ। ଏକଲବ୍ୟ ପାଠଶାଳାର ମୁଖ୍ୟ ପରିଚାଳକ ଉମେଶ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପାଠଶାଳାର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦ ବେଲ୍ ଓମେନ୍ସ କ୍ଲବ, ୟୁଥ୍ କ୍ଲବ ସଦସ୍ୟ ସଦସ୍ୟା ପରିଚାଳନା କରିଥିଲେ।

# ଫ୍ୟାନରେ ଝୁଲିପଡ଼ିଲେ ଯୁକ୍ତଦୁଇ ଛାତ୍ର

## ହତ୍ୟା ଅଭିଯୋଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଫିରିଙ୍ଗିଆ,୨୦।୪(ସମିସ)

ଫୁଲବାଣୀ ବ୍ଲକ୍ ତୁଡ଼ିପାଜୁ ନବୋଦୟ ବିଦ୍ୟାଳୟରେ +୨ରେ ପଢୁଥିବା ଛାତ୍ର ବିଦ୍ୟାଳୟ ହଷ୍ଟେଲର ନିଜ କକ୍ଷରେ ଲାଗିଥିବା ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବାବେଳେ ମୃତ ଛାତ୍ରଙ୍କ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। ଆଜି ମଧ୍ୟାହ୍ନରେ ଛାତ୍ର ଜଣକ ନିଜ କକ୍ଷରେ ଫ୍ୟାନରେ ଝୁଲୁଥିବା ବିଦ୍ୟାଳୟର ଶିକ୍ଷକ ଦେଖିବାକୁ ପାଇଥିଲେ। ଛାତ୍ରଙ୍କ ପରିବାର ଲୋକଙ୍କୁ ଖବର ଦେବା ପରେ ଝୁଲନ୍ତା ଅବସ୍ଥାରେ ଥିବା ଛାତ୍ରଙ୍କୁ ଫ୍ୟାନରୁ ଓହ୍ଲାଇ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଛାତ୍ରଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଛାତ୍ର



ଜଣକ ଗୋଛାପଡ଼ା ଥାନା କୋଏରମାଣ୍ଡୁ ପଞ୍ଚାୟତର ବୋଲି ଜଣାପଡ଼ିଛି। ଖବର ପାଇ ଫୁଲବାଣୀ ସଦର ଥାନା ଏସ୍ଆଇ ସମ୍ବିତ ବେହେରା ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ମୃତ ଛାତ୍ରଙ୍କ ପରିବାର ତରଫରୁ ଶିକ୍ଷକଙ୍କ ବିରୋଧରେ ଗୁରୁତର ଅଭିଯୋଗ କରାଯାଇଛି। ମୃତ ଛାତ୍ର ଜଣକ ଦିନ ୧୨ ବେଳେ ପରିବାର ଲୋକଙ୍କୁ ଫୋନ କରି ଶିକ୍ଷକ ନିର୍ଯାତନା ଦେଉଛନ୍ତି, ତୁରନ୍ତ ବିଦ୍ୟାଳୟରୁ ଘରକୁ ନେଇଯାଅ ବୋଲି କହିଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଲିଖିତ ଭାବରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ସେମାନେ ବିଦ୍ୟାଳୟରେ ପହଞ୍ଚିବାବେଳେ ଛାତ୍ରର କକ୍ଷ ବାହାରେ ତାଲା ପଡ଼ିଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ପୁଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବା ପାଇଁ ଏଭଳି କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିବାବେଳେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କ ସମେତ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରାୟ ୧ ଘଣ୍ଟା ଶବ ରଖି ନ୍ୟାୟ ଦାବି କରିଛନ୍ତି। ଛାତ୍ର ହତ୍ୟା ଅଭିଯୋଗ କରିବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଘଟଣାସ୍ଥଳରେ ସଦର ଏସ୍‌ଡିପିଓ ପି ଶୁଭ୍ରଜିତ ବିଶ୍ୱାଳ, ଉପଜିଲ୍ଲାପାଳ ଭିକାରୀ ଚରଣ ସାହୁ, ସଦର ଓଆଇସି ସମ୍ବିତ ବେହେରା ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ଜିଲ୍ଲାପାଳ ବେଦଭୂଷଣ ପରିବାର ଓ ଜନସାଧାରଣଙ୍କୁ ଯଦି କେହି ଛାତ୍ର ମୃତ୍ୟୁ ପାଇଁ ଦାୟୀ ଥାଆନ୍ତି ତେବେ ଉପଯୁକ୍ତ ତଦନ୍ତ ପରେ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପରିବାରକୁ ନ୍ୟାୟ ପ୍ରଦାନ କରାଯିବ ବୋଲି କହିବା ପରେ ଲୋକେ ମୃତଦେହ ଧରି ଗାଁକୁ ଫେରିଥିଲେ। ଅନ୍ୟପଟେ ଏହି ଘଟଣାକୁ ନେଇଁ ସଦର ଥାନାରେ ଏକ ଅପମୃତ୍ୟ ମାମଲା ରୁଜୁ ହୋଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଚାଲୁ ରହିଥିବା ସଦର ଓଆଇସି ସମ୍ବିତ ବେହେରା ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ବାଇକ୍‌ଚାଳକ ଗୁରୁତର

ପୋଲସରା,୨୦।୪(ସମିସ): ପୋଲସରା ଥାନା ଅନ୍ତର୍ଗତ ଚିରିକିପଡା ଶାସନ ପଞ୍ଚାୟତ ନରସିଂହପଲ୍ଲୀ ଠାରେ ସୋମବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ବାଇକ ଓ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ବାଇକ ଚାଳକ ନାରାୟଣ ଗୌଡ଼ ଗୁରୁତର ହୋଇଥିବା ବେଳେ ପ୍ରଥମେ ପୋଲସରା ମେଡିକାଲ ଓ ପରେ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଛି। ପୁଲିସ ଘଟଣାର ତଦନ୍ତ କରୁଛି।

# ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟିଲେ ଛାତ୍ରଛାତ୍ରୀ

ଛତ୍ରପୁର,୨୦।୪(ସମିସ): ସ୍ୱଚ୍ଛତା ହିଁ ସେବା ତଥା ସମାଜ ପ୍ରତି ସବୁ ନାଗରିକଙ୍କ ରହିଥିବା କର୍ତ୍ତବ୍ୟକୁ ମନେ ପକାଇବାକୁ ଯାଇ ଅକ୍ଷୟ ତୃତୀୟା ପୂର୍ବରୁ କୁନି କୁନି ଛାତ୍ରଛାତ୍ରୀ ଛତ୍ରପୁରର ସାଇ ନଗର ପାର୍କରେ ସ୍ୱଚ୍ଛତା ଅଭିଯାନ କରି ଏକ ନିଆରା ବାର୍ତ୍ତା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ତାରାତାରିଣୀ ଯାତ୍ରାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସେବା ପ୍ରତିନିଧି ସଙ୍ଗଠନର ସମାଜସେବୀ ମନୋଜ କୁମାର ମିଶ୍ର ଓ ଆଇଆରଇରେ କାର୍ଯ୍ୟରତ ଟୁଟୁ ନାୟକ ସମାଜକୁ ଏକ ନିଆରା ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଅକ୍ଷୟ ତୃତୀୟା ପୂର୍ବରୁ କୁନି କୁନି ଛାତ୍ରଛାତ୍ରୀଙ୍କୁ ନେଇ ସକାଳ ୭ଘଟିକାରୁ ୧୦ଘଟିକା ଯାଏଁ ସାଇ ନଗର ପାର୍କରେ ଏକ ସଫେଇ ଅଭିଯାନ କରି ସେହି ପାର୍କରେ ପଡିଥିବା ପ୍ଲାଷ୍ଟିକ



ବୋତଲ, ଖାଇବା ପ୍ୟାକେଟ ତଥା ଅନ୍ୟ ଅଳିଆ ଆବର୍ଜନାକୁ ପିଲାଙ୍କ ସହ ମିଶି ସଫା କରିଥିଲେ। କାର୍ଯ୍ୟକ୍ରମରେ ପ୍ରିୟଙ୍କା, ଶୁଭଶ୍ରୀ, ସମୀର, ଶ୍ରାବଣୀ ପ୍ରମୁଖ ସାହାର୍ଯ୍ୟ ସହଯୋଗର ହାତ ବଢାଇଥିଲେ। ଭବିଷ୍ୟତରେ ବିଏ ଭଳି କାର୍ଯ୍ୟକ୍ରମ ସମସ୍ତ ସ୍ଥାନରେ ଜାରି ରହିବା ସହ ସମସ୍ତଙ୍କୁ ସ୍ୱଚ୍ଛତା ଉପରେ ସଚେତନ କରାଯିବା ନେଇ ଶ୍ରୀ ମିଶ୍ର ସୂଚନା ଦେବା ସହ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ତମ ନାଗରିକ ହେବା ନିମନ୍ତେ ପ୍ରୋତ୍ସାହିତ କରିଥିଲେ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



ଆସିକା,୨୦।୪(ସମିସ): ଆସିକା ବ୍ଲକର ବରଗାଁ ପଞ୍ଚାୟତରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ତହସିଲଦାର ସଂଗୀତା ସେନ, ଏବିଡ଼ିଓ ସୁଶାନ୍ତ କୁମାର ବେହେରା, ସରପଞ୍ଚ ମମତା ବେହେରା, ନାଏବ ସରପଞ୍ଚ ରବୀନ୍ଦ୍ର କୁମାର ପ୍ରଧାନ, ସିଡିପିଓ ଶାନ୍ତି କର ସୁଦ୍ଧା ପଟନାୟକ, ଜିପିଡିଓ ରାଜଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୧୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଅଭିଯୋଗ ଶୁଣାଣି ବେଳେ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ, ଉଠା ଜଳ ସେଚନ, କୃଷି ବିଭାଗର ସମେତ ଅନେକ ଅଧିକାରୀ ମାନଙ୍କ ଦେଖା ମିଳି ନଥିଲା। ତେବେ ଶୁଣାଣି ସମୟରେ ଅନୁପସ୍ଥିତ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ଅନ୍ୟ ପଟେ ପ୍ରତି ସୋମବାର ଅନୁଷ୍ଠିତ ହେଉଥିବା ଏହି ଅଭିଯୋଗ ଶୁଣାଣି କେବଳ କାଗଜ କଲମରେ ସୀମିତ ବୋଲି ଲୋକେ ଅଭିଯୋଗ କରୁଛନ୍ତି।

# 'ଲକ୍ଷ୍ୟ ନିକେତନ' ଭଞ୍ଜନଗର ଶାଖା ଉଦ୍‌ଘାଟିତ




ଭଞ୍ଜନଗର,୨୦।୪(ସମିସ): ଭଞ୍ଜନଗର ଠାରେ 'ଲକ୍ଷ୍ୟ ନିକେତନ'ର ଏକ ଶାଖା ଉଦ୍‌ଘାଟିତ ହୋଇଯାଇଛି। ବାଣିଜ୍ୟ ଓ ପରିବହନ, ଇସ୍ପାତ ଏବଂ ଖଣିଜ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଯାହା ପ୍ରଶାସନ ସେବାରେ ନୂତନ ସୁବିଧା ଓ ସୁଯୋଗ ପ୍ରଦାନ କରିବ। ଏହି ନୂତନ କେନ୍ଦ୍ର ଶିକ୍ଷା, କୌଶଳ ବିକାଶ ଓ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। କାର୍ଯ୍ୟକ୍ରମରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଗଞ୍ଜାମ ଜିଲ୍ଲାପାଳ କୀର୍ତ୍ତି ଭାସନ ଭି, ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ନୀଳମାଧବ ପାତ୍ର, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଉଦ୍ୟମକୁ ପ୍ରଶଂସା କରାଯାଇଛି। ଜିଲ୍ଲାପାଳ କୀର୍ତ୍ତି ଭାସନ କହିଛନ୍ତି ଯେ ଦିଲ୍ଲୀର ସାରଥି ଆଇଏଏସ୍ ଏକାଡେମୀ ଦ୍ୱାରା ଅଭିଜ୍ଞ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମାନଙ୍କ ଦ୍ୱାରା ଅନଲାଇନ କ୍ଲାସ ପ୍ରଦାନ କରାଯିବ। ଏଥି ସହ ସ୍ଥାନୀୟ ଅଭିଜ୍ଞ ପ୍ରଶାସନ ଅଧିକାରୀମାନେ ମଧ୍ୟ ଶିକ୍ଷା ପ୍ରଦାନ କରିବେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାରତୀ ଦେବୀ ସଭା ପରିଚାଳନା କରିଥିଲେ ଏବଂ ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ୮୦ ୟୁନିଟ୍ ରକ୍ତ ସଂଗୃହୀତ



କୁକୁଡାଖଣ୍ଡି,୨୦।୪(ସମିସ): କୁକୁଡାଖଣ୍ଡି ବ୍ଲକ୍ ଅନ୍ତର୍ଗତ ଲୋଚାପଡା ଅଞ୍ଚଳରେ ସମାଜସେବୀ ଏସ୍. ଅଜିତ୍ ପାତ୍ର ଜନ୍ମ ଦିନ ଅବସରରେ ରକ୍ତଦାନ ଶିବିର କରି ଏକ ମହତ କାର୍ଯ୍ୟକ୍ରମ କରିଛନ୍ତି।। ରବିବାର ଦିନ ସନ୍ଧ୍ୟାରେ ନିଜ ୩୯ତମ ଜନ୍ମଦିବସ ଅବସରରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ଆୟୋଜିତ ଏହି ଶିବିରରେ ମୋଟ ୮୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଯୁବଗୋଷ୍ଠୀ ସହ ବିଭିନ୍ନ ସଂଗଠନର ସଦସ୍ୟମାନେ ଉପସ୍ଥିତ ରହି ରକ୍ତଦାନ କରିଥିଲେ। ରକ୍ତଦାନ ଶିବିରକୁ ବ୍ରହ୍ମପୁର ଏମ୍.କେ.ସି.ଜି. ମେଡିକାଲ୍ ରକ୍ତଭଣ୍ଡାରର ରକ୍ତ ସଂଚାଳନ ବିଭାଗର ମୁଖ୍ୟ ଟୁଟୁ ପାଣିଗ୍ରାହୀଙ୍କ ନେତୃତ୍ୱରେ ଡାକ୍ତରୀ ଦଳ ସହଯୋଗ କରିଥିଲେ।

● ରାଜଦୀପ ଅପହରଣ ଓ ହତ୍ୟା ଘଟଣା

# ଅଭିଯୁକ୍ତକୁ ରିମାଣ୍ଡରେ ଆଣିବ ପୁଲିସ

ପୋଲସରା,୨୦।୪(ସମିସ): ପୋଲସରା ଥାନା ମାଳ ତେନ୍ତୁଳିଆ ଗ୍ରାମରେ ଘଟିଥିବା ରାଜଦୀପ ହତ୍ୟା ଘଟଣାକୁ ପୁଲିସ ଗୁରୁତର ସହ ନେଇ ଅଭିଯୁକ୍ତକୁ ଗିରଫ କରିଛି। ଏନେଇ ପୁଲିସ ୨୧୪/୨୬ରେ ମାମଲା ରୁଜୁ କରିଛି। ପୁଲିସ ହତ୍ୟାକାଣ୍ଡରେ ବ୍ୟବହାର କରିଥିବା ସ୍କୁଟି, ଗାମୁଛା, ପ୍ୟାଣ୍ଟର ଲେସ ଆଦି ଜବତ କରିଛି। ଉକ୍ତ ହତ୍ୟାକାଣ୍ଡ ଘଟଣାରେ ବର୍ତ୍ତମାନ ଦୁଇ ଜଣ ସମ୍ପୃକ୍ତ ଥିବାନେଇ ପୁଲିସ ସୂଚନା ଦେଇଥିବା ବେଳେ ପ୍ରମୁଖ ତଥ୍ୟକୁ ନେଇ ମୃତ ରାଜଦୀପଙ୍କ ବାପା ପ୍ରକାଶ ସମେତ ପରିବାର ସମସ୍ତ ସଦସ୍ୟ ସହଜରେ ଗ୍ରହଣ କରି ପାରୁନାହାଁନ୍ତି। ଏହି ହତ୍ୟାକାଣ୍ଡରେ ଆହୁରି ୩ରୁ ୪ଜଣ ସମ୍ପୃକ୍ତ ଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଘଟଣାକୁ ନେଇ ପୋଲସରା ଥାନାଧିକାରୀ କୌଶିକ ମାଝୀଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି, ଏହି ହତ୍ୟାକାଣ୍ଡରେ ମୁଖ୍ୟ ଅଭିଯୁକ୍ତ ଥିବା ସୁବ୍ରତ ସାହୁ ଓରଫ କାଳିଆକୁ କୋର୍ଟଚାଲାଣ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟଜଣେ ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତ ଜାରୀ ରଖିଛି। ତେବେ ଏହି ହତ୍ୟାକାଣ୍ଡରେ ଆଉ କିଏ କିଏ ସାମିଲ ଅଛି ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ମାଝୀ କହିଛନ୍ତି। ଏଥିସହିତ ଆବଶ୍ୟକ ପଡିଲେ ଅଭିଯୁକ୍ତ ସୁବ୍ରତକୁ ପୁଲିସ ରିମାଣ୍ଡରେ ଆଣିପାରେ ବୋଲି ସେ ସୂଚନା ଦେଇଛନ୍ତି।

# ମଦନମୋହନ ଗୋପାଳ ସ୍ୱାମୀଙ୍କ ଚନ୍ଦନ ଯାତ୍ରା

ଗଞ୍ଜାମ,୨୦।୪(ସମିସ): ଗଞ୍ଜାମ ସହରରେ ମଦନ ମୋହନ ଗୋପାଳ ସ୍ୱାମୀଙ୍କ ଐତିହାସିକ ଚନ୍ଦନ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଜୀଉଙ୍କୁ ଅପରାହ୍ନରେ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇ ସମନ୍ତରା ପୁଷ୍କରିଣୀରେ ସୁସଜ୍ଜିତ ନୌକାରେ ଉପବେଶନ କରାଯାଇ ତିନି ବେଢା ନୌକା ବିହାର କରାଯାଇଥିଲା। ଏହି ଅବସରରେ ମହିଳା ଶ୍ରଦ୍ଧାଳୁ ମାନେ ବେଢା ପରିକ୍ରମା କରିବା ସହ ହୁଳହୁଳି ଦେଉଥିଲେ। ପରେ ଠାକୁରଙ୍କୁ ମନ୍ଦିର ବେଢାରେ ଥିବା ଚନ୍ଦନ କୁଣ୍ଡରେ ସ୍ନାନ କରାଯାଇ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ବିଳମ୍ବିତ ରାତ୍ରରେ ପୁଣି ଥରେ ଜୀଉଙ୍କୁ ନୌକାରେ ଉପବେଶନ କରାଯାଇ ନୌକା ବିହାର କରାଯାଇଥିଲା। ପାରମ୍ପରିକ ବାଦ୍ୟ ବାଜଣାରେ ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।



# ଶାଳକାଠ ସହ ସାଇକଲ ଜବତ; ୫ ଗିରଫ



ବୈପାରିଗୁଡା,୨୦।୪(ସମିସ): ଗୁପ୍ତେଶ୍ୱର ବନବିଭାଗର ଚଢ଼ଉରେ ଶାଳ କାଠ ସହ ସାଇକେଲ ଜବତ ହୋଇଥିବା ବେଳେ ପାଞ୍ଚ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାଇ, ଗୁପ୍ତେଶ୍ୱର ବନାଞ୍ଚଳ ଅଧିକାରୀ ଛବି ରନ୍ଧାରୀଙ୍କ ନିର୍ଦ୍ଦେଶକ୍ରମେ ତାଲୁର ବନପାଳ ବ୍ରଜରାଜ ରନ୍ଧାରୀଙ୍କ ନେତୃତ୍ୱରେ ବନରକ୍ଷୀ ସିପ୍ରା ଦାସ, ସ୍ୱାଗତ ବେହେରା ଏବଂ ରତନ ଅମାନତ୍ୟ ଗତକାଲି ସନ୍ଧ୍ୟାରେ ତାଲୁର ସଂରକ୍ଷଣ ଜଙ୍ଗଲରେ ପେଟ୍ରୋଲିଂ ପାଇଁ ବାହାରିଥିଲେ। ପେଟ୍ରୋଲିଂ ବେଳେ କିଛି କାଠ ମାଫିଆ କାଠ ସାଇଜ ଚୋରା ଚାଲାଣ କରୁଥିବା ଦେଖିବାକୁ ପାଇଥିଲେ। କାଠ ମାଫିଆଙ୍କୁ ଚଢ଼ଉ କରି ପାଞ୍ଚଖଣ୍ଡ ଶାଳ କାଠର ସାଇଜ ସହ ପାଞ୍ଚଟି ସାଇକେଲ ଜବତ କରାଯାଇଥିବା ବେଳେ ପାଞ୍ଚ ଜଣ କାଠ ମାଫିଆଙ୍କୁ ଗିରଫ କରାଯାଇଛି। ଆଜି ପାଞ୍ଚ କାଠ ମାଫିଆଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ଗୁପ୍ତେଶ୍ୱର ବନାଞ୍ଚଳ ଅଧିକାରୀ ଛବି ରନ୍ଧାରୀ ପ୍ରକାଶ କରିଛନ୍ତି।

# ସିହଳାରେ ଜନଅଭିଯୋଗ ଶୁଣାଣି



କୁକୁଡ଼ାଖଣ୍ଡି,୨୦।୪(ସମିସ): କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ସିହଳା ପଞ୍ଚାୟତରେ ଅଭିଯୋଗ ଶୁଣାଣି ହୋଇଯାଇଛି। ସରପଞ୍ଚ ଗୌରୀ ଗୌଡ଼ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀ ସ୍ୱାଇଁ, ଅତିରିକ୍ତ ତହସିଲଦାର ସ୍ୱାଗତିକା ରଥ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବସନ୍ତ କୁମାର ସେଠୀ ସହ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ପଞ୍ଚାୟତବାସୀଙ୍କ ଅଭିଯୋଗ ଶୁଣାଣୀ କରିଥିଲେ। ଏଥିରେ ୩୦ରୁ ଊର୍ଦ୍ଧ୍ୱ ଅଭିଯୋଗ ଶୁଣାଣି ହୋଇଥିବାବେଳେ ମୁଖ୍ୟ ସମସ୍ୟା ରାସନ୍ କାର୍ଡ, ଭତ୍ତା, ଆବାସ ଯୋଜନା, ସୁଭଦ୍ରା ଯୋଜନା ଇତ୍ୟାଦି ଅଭିଯୋଗ ରହିଥିବା ଦେଖିବାକୁ ମିଳିଛି। ଖୁବ୍‌ଶୀଘ୍ର ଅଭିଯୋଗଗୁଡ଼ିକ ଯାଞ୍ଚ କରାଯାଇ ସମାଧାନ କରାଯିବ ବୋଲି ପ୍ରଶାସନିକ ଅଧିକାରୀ ଜନସାଧାରଣଙ୍କୁ ଆଶ୍ୱାସନା ଦେଇଛନ୍ତି।

# ୧୦୮ ରେ ଅକ୍ସିଜେନ୍ ମିଳିଲାନି; ଚାଲିଗଲା ରୋଗୀଙ୍କ ଜୀବନ

ଲକ୍ଷ୍ମୀପୁର,୨୦।୪(ସମିସ): କୋରାପୁଟ ମେଡ଼ିକାଲରୁ ବ୍ରହ୍ମପୁର ସ୍ଥାନାନ୍ତରବେଳେ ଜଣେ ଆହତ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଦୀନବନ୍ଧୁ କୁମ୍ଭାର ନିଜ ଘର ବୋରିଗୁମା ଥାନା ଅନ୍ତର୍ଗତ କୁମ୍ଭାରପୁଟରୁ ୧୯ ତାରିଖରେ ନିଜ ବାଇକରେ ଯାଉଥିବାବେଳେ ମାଲକାନଗିରି ଜିଲ୍ଲା ସିନ୍ଦିରିମାଲ ନିକଟରେ ଏକ ଗାଇ ସହ ଧକ୍କା ହୋଇଥିଲା। ପ୍ରଥମେ ତାଙ୍କୁ ମାଲକାନାଗିରି ମେଡ଼ିକାଲ ଓ ପରେ କୋରାପୁଟ ଓ ତାପରେ ବ୍ରହ୍ମପୁର ମେଡିକାଲରୁ ସ୍ଥାନାନ୍ତରବେଳେ ମୃତ୍ୟୁ ଘଟିଛି। ଲକ୍ଷ୍ମୀପୁର ଅତିକ୍ରମ କଲାପରେ ରପକଣା ନିକଟରେ ତାଙ୍କୁ ନେଉଥିବା ୧୦୮ ଆମ୍ବୁଲାନ୍ସରେ ତ୍ରୁଟି ଦେଖାଦେବାରୁ ଅନ୍ୟ ଏକ ୧୦୮ କୁ ଯୋଗାଯୋଗ କରି ଡାକିଥିଲେ। ସେଥିରେ ଭର୍ତ୍ତି କରି ଅକ୍ସିଜେନ ଦେବାକୁ ଚେଷ୍ଟା କରାଯାଇଥିଲା କିନ୍ତୁ ଅକ୍ସିଜେନ ପାଇପ ଖରାପ ଥିବାରୁ ସମ୍ଭବ ହୋଇ ନ ଥିଲା। ପରେ ଆଉ ଏକ ୧୦୮ ଗାଡ଼ିକୁ ଯୋଗାଯୋଗ କରାଯାଇଥିଲା। ତାହା ଆସିବା ପ୍ରାୟ ଦୁଇ ଘଣ୍ଟା ବିଳମ୍ବ ହେବାରୁ ଲକ୍ଷ୍ମୀପୁର ମେଡ଼ିକାଲକୁ ଆଣି ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ତାର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ଅକ୍ସିଜେନ ଅଭାବରୁ ମୋ ପୁଅର ମୃତ୍ୟୁ ହେଲା ବୋଲି ବାପା ଅଭିଯୋଗ କରିଛନ୍ତି।

# ବିଞ୍ଝଣାରେ ଅକ୍ଷିମୁଠି ଅନୁକୂଳ

ବେଲଗୁଣ୍ଠା,୨୦।୪(ସମିସ): ଅକ୍ଷୟ ତୃତୀୟା ଅବସରରେ ବେଲଗୁଣ୍ଠା ବ୍ଲକ୍ ବିଞ୍ଝଣା ଠାରେ କରାଗାଡ଼ିଆ କୃଷକ ବାହିନୀ ଆନୁକୂଲ୍ୟରେ ଅକ୍ଷିମୁଠି ଅନୁକୂଳ କରାଯାଇଛି। ପାରମ୍ପରିକ ବାଦ୍ୟ ବାଜଣା ପଟୁଆର ମଧ୍ୟରେ ଅକ୍ଷିମୁଠି ଅନୁକୂଳ କରାଯାଇଥିବା ବେଳେ ହୁଳହୁଳି ଏବଂ ହଳିଆ ଗୀତରେ ଅଞ୍ଚଳରେ ଏକ ନିଆରା ବାତାବରଣ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମରେ କୃଷକ ବାହିନୀ ସଭାପତି ଶିଶିର କାନ୍ତ ନାୟକ, ଶିକ୍ଷାବିତ୍ ଶିବରାମ ପାଢ଼ୀ, କ୍ଷେତ୍ରୀୟବରପୁର ସେବା ସମବାୟ ସମିତି ସଭାପତି ଲକ୍ଷ୍ମଣ ପଣ୍ଡା ଏବଂ ପୂର୍ବତନ ବେଣୀପଲ୍ଲୀ ସମିତି ସଭ୍ୟ ରାମଚନ୍ଦ୍ର ବିଶ୍ୱାଳଙ୍କ ସମେତ ଗ୍ରାମ ଭଦ୍ରବ୍ୟକ୍ତି ସୁରେନ୍ଦ୍ର ପ୍ରଧାନ, ତ୍ରିନାଥ ନାୟକ, କୃଷ୍ଣ ପ୍ରଧାନ, ଭଗବାନ ପ୍ରଧାନ, ସନ୍ନ୍ୟାସୀ ନାୟକ, କାଳୁଚରଣ ନାୟକ, ପ୍ରଫୁଲ୍ଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବସ୍‌କୁ ଧକ୍କା ଦେଲା ଟ୍ରକ୍; ୧୦ ଆହତ

ପାତ୍ରପୁର,୨୦।୪(ସମିସ): ଆନ୍ଧ୍ର ଓଡ଼ିଶା ସୀମାନ୍ତ ଆଞ୍ଜୁ ରୋଡ୍‌ଠାରେ ବସକୁ ଟ୍ରକ୍ ଧକ୍କା ଦେବା ଫଳରେ ୧୦ ଜଣ ବସ ଯାତ୍ରୀ ଆହତ ହୋଇଥିବା ଜଣାଯାଇଛି। ଦୁର୍ଘଟଣାରେ ଗୁରୁତର ଆହତ ମାନେ ହେଲେ ଜୟନ୍ତୀପୁର ଗ୍ରାମର ଦୁର୍ଗା ମାଧବ ପାଢ଼ୀ, ଝିଆମା ପାଢ଼ୀ, ଆଶୁତୋଷ ପଣ୍ଡା ପ୍ରମୁଖ ଗୁରୁତର ଆହତ ହୋଇଥିବା ବେଳେ ପ୍ରଥମେ ଇଚ୍ଛାପୁର ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଅନ୍ୟ ଆହତମାନେ ସାମାନ୍ୟ ଆହତ ହୋଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ବସକୁ ଏକ ଟ୍ରକ୍ ଧକ୍କା ଦେଇଥିଲା ଯାଫଳରେ ବସ ଯାତ୍ରା କରୁଥିବା ଯାତ୍ରୀ ମାନେ ଆହତ ହୋଇଥିଲେ।

# ଦୁର୍ଘଟଣାରେ ଅଜା ମୃତ, ନାତି ଗୁରୁତର

ଭଞ୍ଜନଗର,୨୦।୪(ସମିସ)

ଗଞ୍ଜାମ ଜିଲ୍ଲା ତାରସିଂ ଥାନା ଅନ୍ତର୍ଗତ ଗାଲେରୀ ଗ୍ରାମ ପୂର୍ବରୁ ଏକ ଅଟୋ ଓ ବାଇକ ମଧ୍ୟରେ ସୋମବାର ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଗାଲେରୀର ଚିତ୍ରସେନ ନାଇକ ମୃତ୍ୟୁବରଣ କରିଥିବାବେଳେ ତାଙ୍କ ନାତି ରାଜା ନାଇକ ଗୁରୁତର ଆହତ ହୋଇଛନ୍ତି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇ ଦେଇଛି। ଏଥିସହ ଗୁରୁତର ଆହତ ରାଜାଙ୍କୁ ବ୍ରହ୍ମପୁର ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଚିତ୍ରସେନ ଓ ତାଙ୍କ ନାତି ରାଜା ଏକ ବାଇକରେ ଆଜି ମଧ୍ୟାହ୍ନରେ ଭଞ୍ଜନଗର ଅଭିମୁଖେ ଆସୁଥିଲେ। ଏହି ସମୟରେ ଗାଲେରି ମଦ ଦୋକାନ ନିକଟରେ ଏକ ଖାଲ ଥିବା ଯୋଗୁ ରାଜା ଗାଡିଟିକୁ ରୋଡ ମଝି ଦେଇ ଯିବାପାଇଁ ଉଦ୍ୟମ କରିଥିଲେ ମଧ୍ୟ ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଅଟୋ ସହ ସେମାନଙ୍କ ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା। ଏହାପରେ ଅଜା ନାତିଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲ ଅଣାଯାଇଥିଲା। ମେଡ଼ିକାଲରେ ଡାକ୍ତର ଚିତ୍ରସେନକୁ ମୃତ ଘୋଷଣା କରିଥିଲେ। ରାସ୍ତା ଖରାପ ଯୋଗୁ ଏତେବଡ ବିପଦ ଘଟିଲା ବୋଲି ସାଧାରଣରେ ଆଲୋଚନା ହେଉଛି।

# ଟ୍ରକ୍ ଧକ୍କାରେ ଯୁବକ ଗୁରତର

ପୁରୁଷୋତ୍ତମପୁର,୨୦।୪(ସମିସ): ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭାଟକୁମରଡା ବାଇଧର ମନ୍ଦିର ନିକଟରେ ଟ୍ରକ ସହ ସ୍କୁଟି ଧକ୍କା ଫଳରେ ସ୍କୁଟି ଚାଳକ ଗୁରତର ଆହତ ହୋଇଛନ୍ତି। ଆହତ ଜଣକ ହେଲେ ବାଇଧର ଛକର ଉତ୍ତମ ପଣ୍ଡା (୩୭)। ଖବରରୁ ଜଣାଯାଇଛି ଯେ (ଓଆର ୦୯-୭୪୫୧) ଟ୍ରକଟି ଚକା ପମ୍ପଚରି ଥିବାରୁ ଗାଡ଼ିଟି ଚକା ଖୋଲି ରାସ୍ତା କଡରେ ରହିଥିଲା। ବାଇଧର ପଟୁ ସେଠାକାର ଉତ୍ତମ ପଣ୍ଡା ନିଜର ସ୍କୁଟି (ଓଡି ୦୭ବିଡି୯୧୩୬)ରେ ଆସି ମୋବାଇଲରେ କଥା ହୋଇ ଟ୍ରକର ପଛ ପଟକୁ ଧକ୍କା ଦେଇ ଟ୍ରକ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ପୁଲିସ ସ୍କୁଟି ଜବତ କରିବା ସହ ଘଟଣାର ତଦନ୍ତ କରୁଛି।

# ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ବୁଗୁଡ଼ା,୨୦।୪(ସମିସ): ବୁଗୁଡ଼ା ଥାନା ଅନ୍ତର୍ଗତ ବି.ବ୍ରହ୍ମପୁର କଦମ୍ବ ମଠ ନିକଟରେ ଅଜଣା ଗାଡି ଧକ୍କାରେ ଜଣଙ୍କ ଜୀବନ ଯାଇଛି। ମୃତକ ହେଲେ କୋଦଳା ଥାନା ଅନ୍ତର୍ଗତ ଦେଓଗାଁର ସନ୍ୟାସୀ ମୁଳି (୪୯)। ସନ୍ୟାସୀ ବୁଗୁଡ଼ା ନିକଟସ୍ଥ ବି.ବ୍ରହ୍ମପୁର ଗ୍ରାମର ଭଣଜା ଡ଼ମ୍ବ ମୁଳିଙ୍କ ବାହାଘରେ ଯୋଗ ଦେବାକୁ ଆସିଥିଲେ । ସନ୍ୟାସୀ ସୋମବାର ସକାଳ ପ୍ରାୟ ସାଢେ ୫ଟାରେ ବି .ବ୍ରହ୍ମପୁର ନିକଟ କଦମ୍ବ ମଠ ପୋଖରୀରେ ଶୌଚ ହୋଇ ଫେରିବା ସମୟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ପଳାଇ ଥିଲା। ଦୁର୍ଘଟଣାରେ ତାଙ୍କର ଦୁଇ ଗୋଡ଼ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇ ଯାଇଥିଲା। ଖବର ପାଇ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବୁଗୁଡ଼ା ମେଡିକାଲ ଆଣିଥିଲେ ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଏନେଇ ବୁଗୁଡ଼ା ଥାନାରେ କେସନଂ ୧୯୮/୨୬ରେ ଏକ ମାମଲା ରୁଜୁ ହୋଇଥିବା ନେଇ ଆଇଆଇସି ସିତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ। ଏସ୍ ଆଇ ଅଜୟ ମଲ୍ଲିକ ଶବ ଜବତ କରିବା ସହ ବ୍ୟବଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଥିବା ଜଣାଯାଇଛି।

# ସକାଳ ୬.୩୦ରୁ ୯ଟା ବିଦ୍ୟାଳୟରେ ପାଠପଢ଼ା

ଜଗତସିଂହପୁର,୨୦।୪(ସମିସ): ଜଗତସିଂହପୁର ଜିଲ୍ଲାରେ ବିଦ୍ୟାଳୟ ପାଠପଢ଼ା ପାଇଁ ନୂତନ ସମୟ ନିର୍ଘଣ୍ଟ କରାଯାଇଛି। ଜିଲ୍ଲାପାଳଙ୍କ ଦସ୍ତଖତରେ ଜାରି ହୋଇଥିବା ଏ ସମ୍ପର୍କୀତ ପତ୍ରରେ ସକାଳ ୬.୩୦ମିନିଟରୁ ସକାଳ ୯ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟାଳୟରେ ପାଠପଢ଼ା ଯିବ ବୋଲି ଉଲ୍ଲେଖ କରାଯାଇଛି। ଜିଲ୍ଲାର ସମସ୍ତ ସରକାରୀ ବିଦ୍ୟାଳୟ, ଅନୁଦାନପ୍ରାପ୍ତ ବିଦ୍ୟାଳୟ ଏବଂ ସମସ୍ତ ଘରୋଇ ବିଦ୍ୟାଳୟରେ ଉପରୋକ୍ତ ସମୟ ଆଧାରରେ ଶିକ୍ଷାଦାନ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗ୍ରୀଷ୍ମପ୍ରବାହ ଦୃଷ୍ଟିରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପାନୀୟ ଜଳ, ଓଆର୍‌ଏସ ମହଜୁଦ କରି ରଖିବା ସହିତ ସମସ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ପରାମର୍ଶ ଦିଆଯାଇଛି।

# ସିବିଏସ୍‌ଇ ପରୀକ୍ଷାରେ ଆଶୁତୋଷଙ୍କ ସଫଳତା



କୁଜଙ୍ଗ,୨୦।୪(ସମିସ): କୁଜଙ୍ଗ ଥାନା ଜାଲପଦା ଗ୍ରାମ ନିବାସୀ ନିବାସ ପଲାଇଙ୍କ ନାତି ଆଶୁତୋଷ ପଲାଇ ଚଳିତ ସିବିଏସଇ ଦଶମ ପରୀକ୍ଷାରେ ୯୯ ପ୍ରତିଶତ ମାର୍କ ରଖି ଅଞ୍ଚଳ ପାଇଁ ଗୌରବ ଅର୍ଜନ କରିଛନ୍ତି। ସେ ପାଠ ପଢୁଥିବା ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୩ ତଥା ସମଗ୍ର ଜଗତସିଂହପୁର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସେ ଜଣେ ପ୍ରତିଭାବାନ ଛାତ୍ର ସହ ଭଲ କଣ୍ଠଶିଳ୍ପୀ। ସେ କ୍ରୀଡ଼ା ବକ୍ତୃତା, ସଙ୍ଗୀତରେ ନିଜର ପାରଦର୍ଶିତ ବଜାଇ ରଖିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଅଜା ତରଜଙ୍ଗ ହାଇସ୍କୁଲ ତିର୍ତ୍ତୋଲ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମୋହନ ଚରଣ ଦାସଙ୍କ ପ୍ରେରଣା ସହ ବାପା ସିଜିଏସଟି ଓ ସୀମା ଶୁଳ୍କ ସୁପେରିଟେଣ୍ଡେଣ୍ଟ ଦୋଳଗୋବିନ୍ଦ ପଲାଇ, ମା' ବିଜୟାଲକ୍ଷ୍ମୀ ପଲାଇ, ଭଉଣୀ ଡା. ଦିବ୍ୟଜ୍ୟୋତି ପଲାଇ, ଇଂ. ଶିକ୍ଷାଜ୍ୟୋତି ପଲାଇ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ପ୍ରେରଣା ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି ଆଶୁତୋଷ।

# 'ସମାଜର ଅବିଭାବକ ପରି କାର୍ଯ୍ୟକରେ ସାହିତ୍ୟ'




ପାରାଦୀପ,୨୦।୪(ସମିସ): ସମାଜର ଅଧପତନ ଘଟିଲେ ସାହିତ୍ୟ ଅଭିଭାବକ ପରି ଅନୁଶାସନ କରିଥାଏ ବୋଲି ମୋନାଲିସା ସାହିତ୍ୟ ସଂସଦର ମାସିକ ସାରସ୍ୱତ ଆସରରେ ମତପ୍ରକାଶ ପାଇଛି। ବନ୍ଦରର ସାକ୍ଷରତା ସଭାଗୃହରେ ପାରାଦୀପର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ମୋନାଲିସା ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର ବିଶିଷ୍ଟ ଶ୍ରମିକ ନେତା କବି ଅନନ୍ତ କୁମାର ଦାସଙ୍କ ପୌରୋହିତରେ ଅନୁଷ୍ଠିତ ହୋଇ ଯାଇଛି। କାନମାସ ସଂପାଦକ ତଥା ନାଟ୍ୟ ନିର୍ଦ୍ଦେଶକ ଶ୍ରୀମନ ନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସାହିତ୍ୟ ସବୁ ଯୁଗରେ ସମାଜର ଅବିଭାବକ ଭାବରେ ଭଲ ମନ୍ଦ ବିଚାର କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ସାମ୍ବାଦିକ ପ୍ରଶାନ୍ତ କୁମାର ରାଉତ, ସମ୍ମାନିତ ଅତିଥି ଅଶୋକ କୁମାର ମହାପାତ୍ର, କବି ପ୍ରକାଶ ଦାସ ଯୋଗଦେଇଥିଲେ। ତୁଳସୀ ବରାଳଙ୍କ ସଂଯୋଜନାରେ ବାବାଜୀ ନାୟକ, ନିମାଁଇ ମହାପାତ୍ର, ବିଜୟ ନାୟକ, ଚିତ୍ରସେନ ମହାନ୍ତି, ସନ୍ଧ୍ୟାରାଣୀ ମହାରଣା, ନଳିନୀ ପ୍ରଭା ସାହୁ, ସୁଜାତା ନାୟକ, ପୁଷ୍ପାଞ୍ଜଳି ମିଶ୍ର, କଳ୍ପନା ବେହେରା, ସଂଜୀବ କୁମାର ଦାଶ, ଉର୍ମିଳା ମହାନ୍ତି, ନମିତା ରାଉତ, ସୁଚରିତା ପଣ୍ଡା, ଟୁନି ଖୋଜି, ପ୍ରମୁଖ ସ୍ୱରଚିତ କବିତା ପଠନ କରିଥିଲେ। ସମ୍ପାଦିକା ସଂଘମିତ୍ରା ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଜୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଆମ ପୋଲିସ' ସମିତି ବୈଠକ




ପାରାଦୀପ,୨୦।୪(ସମିସ): ଅଭୟଚାନ୍ଦପୁର ଥାନା ଅଧୀନରେ ଆଜି ଅପରାହ୍ନରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାଦୀପର ନୂଆ ଉପଆରକ୍ଷୀ ଅଧିକ୍ଷକ ଆଜିଙ୍କ୍ୟ ବାବୁରାଓ ମାଣେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜନସାଧାରଣ ଏବଂ ପୁଲିସ ଭିତରେ ଦୂରତ୍ୱ କମାଇବା ସହ ଅବାଧ ନିଶା କାରବାର, କଳାବଜାରୀଙ୍କୁ ଦମନ କରି ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଜନସାଧାରଣଙ୍କ ସହଯୋଗ ଲୋଡ଼ିଥିଲେ। ଏଥିରେ ଢିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ ୩ଟି ପଞ୍ଚାୟତ, ବାଗଦିଆ ଏବଂ ରଙ୍ଗିଆଗଡ ଗ୍ରାମର ମୁରବୀ, ସମାଜସେବୀ, ରାଜନେତା, ଜନ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏଥିରେ ଅଭୟଚାନ୍ଦପୁର ଥାନା ଅଧିକାରୀ ସମୀର କୁମାର ରାଉତ ଅଧକ୍ଷତା କରିଥିଲେ। ଉକ୍ତ ବୈଠକ ଥାନା ଅଞ୍ଚଳର ତମିଲ ପ୍ରଧାନ, ଅଦୈତ୍ୟ ଭୂୟାଁ, ରଞ୍ଜନ ବର୍ଦ୍ଧନ, ସ୍ମୃତି ମନ୍ତ୍ରୀ, ରଞ୍ଜନ ସ୍ୱାଇଁ, ରଜତ ରାଉତ, ଅର୍ଜୁନ ବେହେରା, ଯଦୁମଣି ଖଟୁଆ, ଅକ୍ଷୟ ବେହେରା, ତିର୍ଥରାଜ ମନ୍ତ୍ରୀ, ମାନସ ଦଳାଇ, ବିକ୍ରମଜିତ ସାମନ୍ତରାୟ, ନୃସିଂହ ରାଉତ, ହେମନ୍ତ ସ୍ୱାଇଁ, ନୃସିଂହ ବେହେରା, ପ୍ରଶାନ୍ତ ଦାସ, ସନ୍ତୋଷ ମହାନ୍ତି, ନିତ୍ୟାନନ୍ଦ ସ୍ୱାଇଁ, ଅମିୟ ତରାଇ, ସରୋଜ ଦାସ, ଭ୍ରମର ବର ସେଠୀ, ଅମିୟ ରାଉତ ପ୍ରମୁଖ ଯୋଗଦେଇଥିଲେ।

# ପୁରଣରେ ବୃଦ୍ଧାଶ୍ରମ ପାଇଁ ଭୂମିପୂଜନ



ରଘୁନାଥପୁର,୨୦।୪(ସମିସ): ରଘୁନାଥପୁର ବ୍ଲକ ପୁରଣ ଗ୍ରାମରେ ସେଭଲାଇଫ୍ ଫାଉଣ୍ଡେସନର ବୃଦ୍ଧାଶ୍ରମ ନିର୍ମାଣ ପାଇଁ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବିଧାୟକ ପ୍ର. ରମାକାନ୍ତ ଭୋଇ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ କିଶୋର କୁମାର ମୁଦୁଲି, ସୁଦାମ ଚରଣ ଜେନା, ସୀତାଂଶୁ କୁମାର ବରାଳ, ପ୍ରଶାନ୍ତ କୁମାର ନାୟକ, ସଞ୍ଜୀବ ଦାସ ଓ ସଂଗଠନର ମୁଖ୍ୟ ଜ୍ୟୋତିରଞ୍ଜନ ନାୟକ, ବିଶ୍ୱଜିତ ନାୟକ, ଜ୍ଞାନରଞ୍ଜନ ଜେନା ଓ ସଂଗଠନର ସମସ୍ତ ସଦସ୍ୟମାନେ ମଞ୍ଚାସିନ ହୋଇଥିଲେ।

## ଜିଲ୍ଲାସ୍ତରୀୟ କୃଷକ ଦିବସ ଓ ଅକ୍ଷିମୁଠି ଅନୁକୂଳ

# ୧,୩୯,୩୧୪ ଚାଷୀଙ୍କୁ ମିଳିଲା ସହାୟତା ରାଶି

ଜଗତସିଂହପୁର/ତିର୍ତ୍ତୋଲ,୨୦।୪(ସମିସ)



ଜିଲ୍ଲା କୃଷି ବିଭାଗ ତରଫରୁ ଆଜି ତିର୍ତ୍ତୋଲ ବ୍ଲକ୍‌ର ମଣିଜଙ୍ଗା ପଞ୍ଚାୟତ ଅଧୀନସ୍ଥ ଇନ୍ଦରପା କଲ୍ୟାଣ ମଣ୍ଡପ ଠାରେ ଓଡ଼ିଶାର ଚାଷୀଭାଇଙ୍କର ପର୍ବ ଅକ୍ଷୟ ତୃତୀୟା ଓ ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳନ କରାଯାଇଛି। ଏଥିସହିତ ସିଏମ୍ କିଷାନ୍ ସହାୟତା ଯୋଜନାରେ ଜିଲ୍ଲାର ୧,୩୯,୩୧୪ ଜଣ ଚାଷୀଙ୍କୁ କିସ୍ତି ପ୍ରଦାନ କରାଯାଇଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଭୁଦତ୍ତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ତିର୍ତ୍ତୋଲ ପଞ୍ଚାୟତ ସମିତି ଅଧକ୍ଷ ମନୋଜ କୁମାର ବେହେରା, ମଣିଜଙ୍ଗା ସରପଞ୍ଚ ଶଶଧର ମଲ୍ଲିକ ଓ ମୁଖ୍ୟବକ୍ତା ଭାବେ ବୈଜ୍ଞାନିକ ପ୍ରଦୀପ୍ତ ମାଝୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ କୃଷି ଅଧିକାରୀ, ଜିଲ୍ଲାସ୍ତରୀୟ କୃଷି ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଓ ସମସ୍ତ କ୍ଷେତ୍ର କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସମସ୍ତ ଅତିଥି ପାରମ୍ପରିକ ହଳ ଲଙ୍ଗଳରେ ଅକ୍ଷିମୁଠି ଅନୁକୂଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୃତ୍ତିକା ପରୀକ୍ଷା ଓ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ବ୍ୟବହାର, ସମନ୍ୱିତ ଖାଦ୍ୟସାର ପରିଚାଳନା, ସବୁଜ ଖତ ଚାଷ, ପ୍ରାକୃତିକ କୃଷି, ଜୈବିକ ସାର ପରିଚାଳନା, ଏହି ବର୍ଷର ଖରିଫ ଋତୁର ଫସଲ ଏବଂ ଧରିତ୍ରୀ ମାତା ବଚାଓ ନିଗରାଣୀ ସମିତି ଅଭିଯାନ ଉପରେ ଆଲୋକପାତ କରାଯାଇ ଥିଲା। ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀ ସିଏମ୍ କିଷାନ ସହାୟତା କିସ୍ତି ପ୍ରଦାନ କାର୍ଯ୍ୟକ୍ରମକୁ ପ୍ରଦର୍ଶିତ କରାଯିବା ସହିତ କୃଷକ ସଚେତନତା ରଥକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ।

## ବିଧାୟକଙ୍କ ଦ୍ୱାରା ଅକ୍ଷିମୁଠି ଅନୁକୂଳ



ଜଗତସିଂହପୁର,୨୦।୪(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଆଲିପିଙ୍ଗଳ ପଞ୍ଚାୟତର ଜୋରକୂଳ ଠାରେ ପବିତ୍ର ଅକ୍ଷୟ ତୃତୀୟା ଉତ୍ସବ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଧି ଅନୁଯାୟୀ ପୂଜା କାର୍ଯ୍ୟ ପରେ ବିଧାୟକ ଅକ୍ଷିମୁଠି ଅନୁକୂଳ କରିବା ସହିତ ବଳଦ ସାହାଯ୍ୟରେ ହଳ କାର୍ଯ୍ୟ ସମାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ସାରଙ୍ଗ ପାଇଟାଳ, ବରଦା ପ୍ରସାଦ ରାୟ, ସଞ୍ଜୟ ପୋଲାଇ, ଅମର ସ୍ୱାଇଁ, ପ୍ରେମାନନ୍ଦ ପ୍ରଧାନ, ଲିଙ୍ଗରାଜ ନାୟକ, ସୁରେଶ ପ୍ରଧାନ,ଗିରିଜା ପ୍ରସାଦ, ଦେବୀ ପ୍ରସାଦ ପାଢ଼ୀ, ଦେବାଶିଷ ରାଉତ ଓ ରସାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଗୋରେଖନାଥ କୃଷକ ମହାସଂଘର ପ୍ରତିଷ୍ଠା ଦିବସ

ଜଗତସିଂହପୁର,୨୦।୪(ସମିସ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜଗତସିଂହପୁର ଜିଲ୍ଲାର ରେଢୁଆରେ ଥିବା ଗୋରେଖନାଥ କୃଷକ ମହାସଂଘର ୨୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସଂଗଠନ ତରଫରୁ ଏକ ନିଆରା ଢଙ୍ଗରେ ସଂଗଠନର ସଦସ୍ୟ ମାନଙ୍କ ଦ୍ୱାରା ଅକ୍ଷିମୁଠି ଅନୁକୂଳ କରାଯାଇଥିଲା। ରଘୁନାଥପୁର ଓ ଜଗତସିଂହପୁର ବ୍ଲକ୍‌ର ଅନ୍ୟୁନ ୨୦ଟି ଗ୍ରାମରୁ ସଂଗଠନ ସହିତ ଜଡ଼ିତ ଥିବା ୨୦ ଜଣ ଚାଷୀ ପ୍ରତିନିଧି ମାନଙ୍କ ଦ୍ୱାରା ୨୦ ପ୍ରକାରର ଧାନ କିସମ ବିହନକୁ ଅଲଗା ଅଲଗା ମାଟି କୁଣ୍ଡିଆରେ ଗଜା ପରୀକ୍ଷଣ ପାଇଁ ପକାଯାଇଥିଲା। ଏହି ଅକ୍ଷିମୁଠି ଚଳନ ସଭାରେ ବାବା ମଙ୍ଗଳଦାସ ମହାରାଜ ପୌରୋହିତ୍ୟ କରିଥିଲେ। ମହାସଂଘର ସାଧାରଣ ସମ୍ପାଦକ ସୁଧିରଞ୍ଜନ ବାରିକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ ସଂଗଠନର ପ୍ରମୁଖ ସଦସ୍ୟ କ୍ଷେତ୍ରମୋହନ ବେହେରା, ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ସୁରେଶ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ସଭାରେ ବିଭିନ୍ନ ଗ୍ରାମରୁ ଆସିଥିବା କୃଷ୍ଣପ୍ରିୟା ବିଶ୍ୱାଳ, ଶରତ ଚନ୍ଦ୍ର ଲେଙ୍କା, ନାରାୟଣ ଶାସମଲ୍, ଘନଶ୍ୟାମ ନାୟକ, ଜଗବନ୍ଧୁ ନାୟକ, ବିଜନ କୁମାର ନାୟକ, ଶୁକଦେବ ଜେନା, କୃଷ୍ଣ ଚନ୍ଦ୍ର ସ୍ୱାଇଁ, ଅଶୋକ କୁମାର ବାରିକ, କଳ୍ପତରୁ ରାଉତ, ପ୍ରଭାତ କୁମାର ଖଟୁଆ ଓ ଅଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବିନୋଦ କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ଗଞ୍ଜେଇ ଜବତ; ଦୁଇ ଗିରଫ

କୁଜଙ୍ଗ,୨୦।୪(ସମିସ): କୁଜଙ୍ଗ ପୁଲିସ ଏକ ଦୋକାନ ଉପରେ ଚଢ଼ଉ କରି ୧ କିଗ୍ରା ୧୪୦ ଗ୍ରାମର ଗଞ୍ଜେଇ ପୁଡିଆ ୭୯୦ ଟଙ୍କା ଜବତ କରିବା ସହ ସେଲସ ମ୍ୟାନ ଭାବେ କାର୍ଯ୍ୟ କରୁଥିବା ଏରସମା ଥାନା ପଲିକଣ୍ଡା ଗ୍ରାମର ସୁଶାନ୍ତ କୁମାର ଜେନା(୩୯)କୁ ଗିରଫ କରିଛି। କୁଜଙ୍ଗ ଥାନା ଅନ୍ତର୍ଗତ ଘୋଡ଼ାମରା ଗ୍ରାମର ନିଲୁ ଓରଫ ପୀତାମ୍ବର ଜେନା(୩୯)କୁ ଘୋଡ଼ାମରା ସ୍ଥିତ ଘରେ ଚଢ଼ଉ କରିବାରେ ସେଠାରୁ ୨ କିଗ୍ରା ୪୪୫ ଗ୍ରାମ ଗଞ୍ଜେଇ ସମେତ ନଗଦ ୧୦ ହଜାର ଟଙ୍କା ଜବତ କରିଛି। ଏହି ଅବସରରେ କୁଜଙ୍ଗ ଏକ ଭାଙ୍ଗ ଦୋକାନ ଉପରେ ଚଢ଼ଉ କରିବା ସହ ସିଲ୍ କରାଯାଇଛି।

## ଜଙ୍ଗଲ ଜମିରେ ବୃକ୍ଷରୋପଣ

ପାରାଦୀପ,୨୦।୪(ସମିସ): ଉଦୟବିହାର-୨ ଅଞ୍ଚଳରୁ ୩୦ ଡେସିମିଲ ଜଙ୍ଗଲଜମିରୁ ପ୍ରଶାସନ ଜବରଦଖଲ ଉଚ୍ଛେଦ ପରେ ସେଠାରେ ଆଜି ବୃକ୍ଷରୋପଣ କରାଯାଇଛି। ଜବର ଦଖଲକାରୀ ସେଠାରେ କବାଡ଼ିଆ ବ୍ୟବସାୟ ଚଳାଇ ଆସୁଥିଲା। ବାରମ୍ବାର ନୋଟିସ୍ ଦେବା ପରେ ବି ସେ କାହାରି କଥା ଶୁଣୁନଥିଲେ। କୁଜଙ୍ଗ ତହସିଲଦାର ଏବଂ ପୁଲିସ ପ୍ରଶାସନ ସେହି ଜଙ୍ଗଲ ଜମିରୁ ତାଙ୍କୁ ହଟେଇବା ପରେ, ପରିବେଶ ପାଇଁ କାର୍ଯ୍ୟ କରି ଆସୁଥିବା ପାରାଦୀପ ଅଞ୍ଚଳର ଅମ୍ବିକା ପ୍ରସାଦ ମହାପାତ୍ର ଏବଂ ଉଦୟ ବିହାର-୨ର ବାସିନ୍ଦାମାନେ, ବିଷ୍ଣୁ ସାହୁ, ରବୀନ୍ଦ୍ର ନାୟକ, ପ୍ରଭୁ ପ୍ରସାଦ ନାୟକ, ଜିତେନ୍ଦ୍ର ଦାସ, ଭରତ ସାହୁ, ମନୋରଞ୍ଜନ ସାହୁ, ଦୀପକ ତ୍ରିପାଠୀ ସମସ୍ତେ ଉପସ୍ଥିତ ରହି ନିମ୍ବ ଗଛ ରୋପଣ କରିଥିଲେ।

# ବିଦ୍ୟାମନ୍ଦିରରେ ନୂତନ ସଭାଗୃହ ଭୂମିପୂଜନ




ରଘୁନାଥପୁର,୨୦।୪(ସମିସ): ରଘୁନାଥପୁର ଠାରେ ଥିବା ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିରର ନୂତନ ସଭାଗୃହର ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିକୁଞ୍ଜ କିଶୋର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପଞ୍ଚସଖା ଶିକ୍ଷାସେତୁର ସଭାପତି ସାମ୍ବାଦିକ ବିଜୟ କୁମାର ସ୍ୱାଇଁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ପଣତି ଦାସ, ଗ୍ରାମଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଖଗେଶ୍ୱର ବେହେରା, ସିଆର୍‌ସିସି ଦିଲିପ କୁମାର ସ୍ୱାଇଁ, ସମାସସେବୀ ସଞ୍ଜୟ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ।

ଏହି ଅତ୍ୟାଧୁନିକ ସଭାଗୃହର ନିର୍ମାଣ ପାଇଁ ୧୯୮୦ ମସିହା ବ୍ୟାଚର ଛାତ୍ର ଡ. ଅଦ୍ଭୁତ ସାମନ୍ତ ଅର୍ଥ ଯୋଗାଇ ଦେଇଛନ୍ତି। ଏଥିରେ ଅଧାପକ ଆଶିଷ ଚକ୍ରବର୍ତ୍ତୀ ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ଶିବାନୀ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଧନ୍ୟବାଦ ପ୍ରଦାନ କରିଥିଲେ ଶିକ୍ଷୟିତ୍ରୀ ପ୍ରଭାତ କୁମାରୀ ବିଶ୍ୱାଳ। ଏଥିରେ ଶିକ୍ଷୟିତ୍ରୀ ମଧୁଛନ୍ଦା ଜେନା, ସୁମିତ୍ରା ଲେଙ୍କା, ସମ୍ପୂର୍ଣ୍ଣା ରାଉତ, ସସ୍ମିତା ଦାସ, ମୌସୁମୀ ସାହୁ, ଅର୍ପିତା ନାୟକ, ଶିକ୍ଷକ ନିଳାମ୍ବର ସେନାପତି, ଅନନ୍ତ କୁମାର ବେହେରା, ସୌମ୍ୟକାନ୍ତ ଦାସ, କିଟ୍‌ର ବୈଷୟିକ ପରିଚାଳକ ଧର୍ମପଦ ମହାପାତ୍ର, ମୁକ୍ତାରଅଲ୍ଲି ଖାନ, ଅଶୋକ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଜଳଦାନ



ଜଗତସିଂହପୁର,୨୦।୪(ସମିସ): ଓଡିଆ ସଂସ୍କୃତି ଓ ପରମ୍ପରାରେ 'ଜଳଦାନ ମହାପୂଣ୍ୟ ' ପରି ପବିତ୍ର ବିଶ୍ୱାସକୁ ପାଳନ କରିବା ନିମନ୍ତେ ପବିତ୍ର ଅକ୍ଷୟ ତୃତୀୟା ଦିବସରେ ଓଡିଶା ଆଦର୍ଶ ବିଦ୍ୟାଳୟ, ମୂଳିସିଂହ ତରଫରୁ ଜଳଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବିଦ୍ୟାଳୟର ଅଧକ୍ଷା ନିବେଦିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସ୍କାଉଟ୍ ଶିକ୍ଷକ ସ୍ମୃତିରଞ୍ଜନ ସ୍ୱାଇଁଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସ୍କାଉଟ ପିଲାମାନଙ୍କର ଅପୂର୍ବ ସହଯୋଗରେ ଝଙ୍କଡର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କ ମନ୍ଦିର ସମ୍ମୁଖରେ ଜଳଛତ୍ର ଆୟୋଜନ କରାଯାଇଥିଲା।

# ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର,୨୦।୪(ସମିସ):

ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୫୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୩ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ / ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୫ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୩ଟି, ଆବାସ ଯୋଜନା ସମ୍ପର୍କୀୟ ୭ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୮ଟି, ଭତ୍ତା ପାଇବା ପାଇଁ ୪ଟି, ପୁଲିସ ସହାୟତା ପାଇବା ପାଇଁ ୪ଟି ଏବଂ ଅନ୍ୟାନ୍ୟ ୨୩ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୪ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ପିଲ୍ଲେ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ,ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ସଦର ବ୍ଲକ୍ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର, ତହସିଲଦାର ଅଜୟ କୁମାର ମହାନ୍ତି, ଜିଲ୍ଲାସ୍ତରୀୟ ଅଧିକାରୀ, ନିର୍ବାହୀ ଅଧିକାରୀ ପୌର ପରିଷଦ ସନ୍ଦିପ ସିଂ, କ୍ଷେତ୍ରୀୟ ଅଧିକାରୀ ଏବଂ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଦୋଛକିରେ ଜିଲ୍ଲା ସାମ୍ବାଦିକ ସଂଘର ଜଳଛତ୍ର




ପାରାଦୀପ,୨୦।୪(ସମିସ): ପାରାଦୀପରେ ବହୁ ମାତ୍ରାରେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇ ଯାଇଛି। ଏହା ସହିତ ଦୋଛକିରେ ରାସ୍ତା ସମ୍ପ୍ରସାରଣ ପାଇଁ କାମ ଚାଲିଥିବା ବେଳେ ଲୋକେ ଟୋପେ ପିଇବା ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ବନ୍ଦର ସହରର ପ୍ରବେଶ ପଥ କୁହାଯାଉଥିବା ଦୋଛକିରେ ମଧ୍ୟାହ୍ନ ସମୟରେ ଏହି ପିଇବା ପାଣି ପାଇଁ ପଥଚାରୀମାନେ ପ୍ରବଳ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ୟୁନିୟନ ପକ୍ଷରୁ ଆଜି ପବିତ୍ର ଅକ୍ଷୟ ତୃତୀୟା ଠାରୁ ସେ ସ୍ଥାନରେ ଏକ ଜଳଛତ୍ର ଆରମ୍ଭ କରାଯାଇଛି। ମୁଖ୍ୟ ଅତିଥି ଭାବେ ଏନ୍‌ସି ମେରାଇନ କର୍ପୋରେସନର ପ୍ରତିଷ୍ଠାତା ନକୁଳ ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇ ଜଳଛତ୍ରକୁ ଉଦଘାଟନ କରିଥିଲେ। ୟୁନିୟନର ସାଧାରଣ ସମ୍ପାଦକ ସୁବ୍ରତ କୁମାର ନାୟକ, ବରିଷ୍ଠ ସଦସ୍ୟ ରାମଚନ୍ଦ୍ର ସ୍ୱାଇଁ, ବିଶ୍ୱରଞ୍ଜନ ବିଶ୍ୱାଳ ଓ ଗୋବିନ୍ଦ ଚନ୍ଦ୍ର ନାଥ ପ୍ରମୁଖ ଏହାର ପରିଚାଳନା ଦାୟିତ୍ୱରେ ରହିଛନ୍ତି।

## ବୈଶାଖ ମାସର ପ୍ରଥମ ସୋମବାର

# ବାବାମଣିଙ୍କୁ ଜଳାଭିଷେକ କଲେ ହଜାର ହଜାର ଶ୍ରଦ୍ଧାଳୁ

ଭଦ୍ରକ/ଆରଡ଼ି,୨୦।୪(ସମିସ): ବୈଶାଖ ମାସର ପ୍ରଥମ ସୋମବାରରେ ଆରଡ଼ି ପୀଠର ବାବା ଆଖଣ୍ଡଳମଣିଙ୍କୁ ଜଳାଭିଷେକ କରିବା

### ବିଭିନ୍ନ ନଦୀରୁ ଜଳଭାର ଧରି ପୀଠକୁ ଆସିଲେ ଗୋପାଳ ଭକ୍ତ

ପାଇଁ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥିଲା ପୀଠରେ। ଗ୍ରୀଷ୍ମଋତୁର ରୁଦ୍ରତାପରୁ ଉପଶମ ନିମନ୍ତେ ଆଖଣ୍ଡଳମଣିଙ୍କ ମନ୍ଦିରରେ ଏକମାସ ଧରି ଶୀତଳ ଉପଚାର ବା ଜଳଛାୟା ନୀତି ଅନୁଷ୍ଠିତ ହେଉଛି। ଏଥିପାଇଁ ପରମ୍ପରା ଅନୁସାରେ ଗୋପାଳ ଭକ୍ତମାନେ ବିଭିନ୍ନ ନଦୀରୁ ଜଳଭାର ଧରି ବାବାଙ୍କ ପାଖକୁ ଆସି ସେବାୟତଙ୍କ ଦ୍ୱାରା ଜଳଲାଗି କରିଥା'ନ୍ତି। ଅନ୍ୟପଟେ ବାବାମଣିଙ୍କ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ଲାଗିଥିଲା ପୀଠରେ। ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ଓ ମନ୍ଦିର ପ୍ରଶାସନ ପକ୍ଷରୁ ପୀଠରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେହିପରି ଶୃଙ୍ଖଳିତ ଦର୍ଶନ ଓ ଜଳଲାଗି ପାଇଁ ମନ୍ଦିର ଭିତରେ ଓ ବାହାରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ଦୈନନ୍ଦିନ ନୀତିନିର୍ଘଣ୍ଟର ସାମାନ୍ୟ ପରିବର୍ତ୍ତନ କରାଯାଇ ଭୋର୍ ୪ଟାରେ ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି ସହ ଘର୍ଷଣଲାଗି ହେବା ପରେ ବାବାମଣିଙ୍କୁ ଦିଗମ୍ବର ବେଶରେ ପହିଲି ବାଲ୍ୟଭୋଗ ସମ୍ପନ୍ନ ହେବା ପରେ ସକାଳ ୫ଟାରୁ ଗୋପାଳଭକ୍ତମାନେ ଧାଡ଼ିରେ ଯାଇ ଜଳଲାଗି କରିଥିଲେ। ସମସ୍ତ ସକାଳ ଧୂପ ଅପରାହ୍ଣ ୨ଟା ସୁଦ୍ଧା ସରିବା ପରେ ଅବକାଶ ନୀତି କରାଯାଇ ଅକ୍ଷୟ ତୃତୀୟା ନୀତି ପ୍ରସ୍ତୁତ ହୋଇଥିଲା। ପରେ ବାବାଙ୍କୁ ବଡ଼ସିଂହାର ବେଶରେ ସଜ୍ଜିତ କରାଯାଇ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଛି।




## ତିହିଡ଼ି ତହସିଲ ପକ୍ଷରୁ ଗୃହଗଣନା କାର୍ଯ୍ୟକ୍ରମ

ଦୋଳସାହି,୨୦।୪(ସମିସ): ସରକାରଙ୍କ ପକ୍ଷରୁ ଏପ୍ରିଲ ୧୫ରୁ ମେ' ୧୬ ତାରିଖ ପର୍ଯ୍ୟନ୍ତ ଗୃହଗଣନା କାର୍ଯ୍ୟକ୍ରମର ପ୍ରାଥମିକ କାର୍ଯ୍ୟ ଗୃହଗଣନା ଚାଲୁଛି। ଏହି ପରିପ୍ରେକ୍ଷୀରେ ତିହିଡ଼ି ତହସିଲ୍‌ଦାର ଜୟଦ୍ରଥ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଗ୍ରାମାଞ୍ଚଳରେ ପ୍ରାୟ ୪୫୦ରୁ ଊର୍ଦ୍ଧ୍ୱ ଶିକ୍ଷକଶିକ୍ଷୟିତ୍ରୀ ଉକ୍ତ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଗୁଆମାଳ ପଞ୍ଚାୟତରେ ଗଣନା ପାଇଁ ୩ ଜଣ ସୁପରଭାଇଜରଙ୍କ ସମେତ ୧୮ ଜଣ ଗୃହ ଗଣନାକାରୀଙ୍କୁ ଦେଖିବାକୁ ମିଳୁଛି। ଏମାନଙ୍କ ମଧ୍ୟରେ ପ୍ରଦୀପ ବାରିକ, ସୂର୍ଯ୍ୟକାନ୍ତ ମଲ୍ଲିକ, ରୋଜାଲିନ୍ ବ୍ରହ୍ମ, ସସ୍ମିତା ଦେହୁରୀ, ସନାତନ ବେହେରା, ଅନିତା ବେହେରା, ଅଞ୍ଜଳି ପୁହାଣ, ଅସୀମା ସାହୁ, ସୁକାନ୍ତି ପାଣିଗ୍ରାହୀ, ଇତିସ୍ମିତା ପଣ୍ଡା, ସବିତା ରାଉତ ପ୍ରମୁଖ ଅଛନ୍ତି। ଏମାନଙ୍କୁ କ୍ଷେତ୍ର ପ୍ରଶିକ୍ଷକ ପ୍ରଭାସ କୁମାର ପଣ୍ଡା ତତ୍ତ୍ୱାବଧାନ କରୁଥିବା ଜଣାଯାଇଛି।

## ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି




ବାସୁଦେବପୁର,୨୦।୪(ସମିସ): ବାସୁଦେବପୁର ବ୍ଲକ୍ କନ୍‌ଫରେନ୍ସ ହଲ୍‌ରେ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ଅଶୋକ କୁମାର ଦାସ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ସିଡିଓ ଶୁଭେନ୍ଦୁ ସାମଲ, ଏସ୍‌ପି ମନୋଜ କୁମାର ରାଉତ, ଉପଜିଲ୍ଲାପାଳ ସୌରଭ କୁମାର ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜ, ତହସିଲ୍‌ଦାର ପ୍ରିୟବ୍ରତ ଦାସ, ବିଡିଓ ତନ୍ମିତା କର, ଭଦ୍ରକ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଯୋଗଦେଇଥିଲେ। ଏଥିରେ ୧୫୫ଟି ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ଶୁଣିଥିଲେ। ଧାନ ମଣ୍ଡିରେ ଧାନ ଉଠୁ ନ ଥିବାର ଏକାଧିକ ଅଭିଯୋଗ ହୋଇଥିଲା।

## ଆଦର୍ଶ ପରୀକ୍ଷାରେ ଶିଶୁମନ୍ଦିରର ସଫଳତା

ବାରିକପୁର,୨୦।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀରୋଡ୍ ନିକଟ ରାଜେନ୍ଦ୍ରପୁର ସରସ୍ୱତୀ ଶିଶୁମନ୍ଦିରର ଛାତ୍ରଛାତ୍ରୀମାନେ ଆଦର୍ଶ ପରୀକ୍ଷାରେ ସଫଳତା ଅର୍ଜନ କରିଛନ୍ତି। ହାଟଡିହି ବ୍ଲକ୍ ରାଘବପୁର ଗାଁର ସଂଗ୍ରାମ କେଶରୀ ଜେନାଙ୍କ ପୁଅ ଶ୍ରୀମାନ ସାଇପ୍ରସାଦ ଜେନା ଆଦର୍ଶ ପରୀକ୍ଷାରେ କୃତକାର୍ଯ୍ୟ ପାଇବା ପରେ ଶିଶୁମନ୍ଦିର ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜଣାଯାଇଛି। ସାଇପ୍ରସାଦଙ୍କ ସଫଳତାକୁ ନେଇ ବିଦ୍ୟାଳୟ ଓ ଗାଁରେ ଖୁସିର ଲହରୀ ଖେଳିଯାଇଛି।

## ପାର୍ବତୀ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

ବାସୁଦେବପୁର,୨୦।୪(ସମିସ): ବାସୁଦେବପୁର ପାର୍ବତୀ ପବ୍ଲିକ୍ ସ୍କୁଲର ୫ମ ବାର୍ଷିକ ଉତ୍ସବ ନିକଟସ୍ଥ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପାର୍ବତୀ ପବ୍ଲିକ୍ ସ୍କୁଲ୍‌ର ଆଡ୍‌ଭାଇଜର ରମେଶ ଚନ୍ଦ୍ର ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବେଦିକ୍ ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍ସେଲର ଡ. ହରିହର କାନୁନ୍, ମୁଖ୍ୟବକ୍ତା



ଭାବେ ସସ୍ମିତା ହୋତା, ବରେଣ୍ୟ ଅତିଥି ଭାବେ ଗୁରୁପ୍ରସାଦ ସମରେନ୍ଦ୍ର ତ୍ରିପାଠୀ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସ୍କୁଲ୍ ସମ୍ପାଦକ ସୌମ୍ୟରଞ୍ଜନ ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଅମୀୟ ପାଣିଗ୍ରାହୀ ଆୟୋଜିତ ସଭାର ସଂଯୋଜନା କରିଥିଲେ। ସ୍କୁଲର ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା କୁନିକୁନି ଶିଶୁମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ କୁନିକୁନି ଶିଶୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବୈଦିକ ଅନୁଷ୍ଠାନ ପକ୍ଷରୁ ଜଳଛତ୍ର

ବାରିକପୁର,୨୦।୪(ସମିସ): ଏବେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାବେଳେ ସରକାରୀ ଓ ବେସରକାରୀ ଭାବେ ବିଭିନ୍ନ ସ୍ଥାନରେ ଜଳଦାନ କେନ୍ଦ୍ର ଖୋଲାଯାଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ମହାବିଷୁବ ସଂକ୍ରାନ୍ତିଠାରୁ ଏକ ଜଳଦାନ କେନ୍ଦ୍ର ଶୁଭାରମ୍ଭ ହୋଇଛି। ପାଳଦା ମଣିନାଥପୁର ପୂର୍ତ୍ତ ରାସ୍ତାର ଆଶ୍ରମ ସମ୍ମୁଖରେ ଏହି ଜଳଛତ୍ର ଉଦ୍‌ଘାଟିତ ହୋଇଛି। ଆଶ୍ରମ ସଞ୍ଚାଳିକା ବିକେ ସରସ୍ୱତୀଙ୍କ ସଞ୍ଚାଳନାରେ ଏହି ଜଳଛତ୍ର ଶିବିରକୁ ବିକେ ଅଶୋକ ଭାଇ, କିଶୋର ଭାଇ, ଉମାକାନ୍ତ ଭାଇ ପ୍ରମୁଖ ପରିଚାଳନା କରୁଛନ୍ତି। ଦୈନିକ ପଥଚାରୀମାନଙ୍କୁ ଦହି ଓ ଲେମ୍ବୁ ସରବତ ବଣ୍ଟନ କରାଯାଉଛି।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ




ଧାମନଗର,୨୦।୪(ସମିସ): ଧାମନଗରର ପ୍ରତିଷ୍ଠିତ ଘରୋଇ ଶିକ୍ଷାନୁଷ୍ଠାନ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ ବିଦ୍ୟାଳୟ ସମ୍ମୁଖରେ ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଜନ୍ମେଜୟ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି ପରିଚାଳନା କରିଥିଲେ। ମୁଖ୍ୟଅତିଥି ଧାମନଗର ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଆଧ୍ୟାତ୍ମିକ ପ୍ରବଚକ ଓ ଅମୃତ ଦର୍ଶନ ସମ୍ପାଦକ, ବରେଣ୍ୟ ଅତିଥି ଭାବରେ ମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ସରୋଜ ମହାପାତ୍ର, ଶିକ୍ଷାବିତ୍ ରାମଚନ୍ଦ୍ର ପଣ୍ଡା, ସଞ୍ଜୟ ସ୍ୱାଇଁ ପ୍ରମୁଖ ଛାତ୍ରଛାତ୍ରୀମାନଙ୍କ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଶ୍ରୀଜଗନ୍ନାଥଙ୍କୁ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ତରଫରୁ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ବିଦ୍ୟାଧର ସାହୁ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକଶିକ୍ଷୟିତ୍ରୀ ଗୋପାଳ ବେହେରା, ଧୀରେନ୍ଦ୍ର ତ୍ରିପାଠୀ, ସେବତୀ ବାରିକ, ପରେଶ ଦାସ, ପ୍ରିୟଙ୍କା ପତି, ମିସ୍ ରିଜୱାନା, ମିସ୍ ଖୁଶବୁ, ମିସ୍ ଆଫ୍ରିନ ପରବିନ, ମୋନାଲିସା ସାହୁ, ଜୟନ୍ତୀ ଖଣ୍ଡେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାବାମଣିଙ୍କ ମନ୍ଦିରରେ ୨୧ଦିନ ବ୍ୟାପୀ ଚନ୍ଦନଯାତ୍ରା ଆରମ୍ଭ

# ଶିବଗଙ୍ଗା ପୁଷ୍କରିଣୀରେ ଚାପ ଖେଳିଲେ ହର-ଗୌରୀ



ଆରଡ଼ି, ୨୦।୪ (ସମିସ): ସୋମବାର ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ୨୧ଦିନ ବ୍ୟାପୀ ଚନ୍ଦନଯାତ୍ରା ଆରମ୍ଭ ହୋଇଛି। ଏଥିପାଇଁ ବାବାଙ୍କ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଭୋର୍ ୪ଟାରେ ବାବାଙ୍କ ପହଡ଼ ଖୋଲିବା ପରେ ରୀତିନୀତି ଅନୁଯାୟୀ ଦୈନନ୍ଦିନ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଅପରାହ୍ଣ ୪ଟାରେ ବାବାଙ୍କ ବଡ଼ସିଂହାର ବେଶ ସମ୍ପନ୍ନ ହେବା ପରେ ଆଜ୍ଞାମାଳ ବିଜେ କରାଯାଇ ଶିବଗଙ୍ଗା ପୁଷ୍କରିଣୀରେ ପ୍ରସ୍ତୁତ ନନ୍ଦି-ଭୃଙ୍ଗୀ ନାମକ ଚାପ ଡଙ୍ଗାରେ ଲାଗି କରାଯାଇଥିଲା। ପରେ ଘଣ୍ଟକୀର୍ତ୍ତନ ସହ ବାବାଙ୍କ ଚଳନ୍ତି ପ୍ରତିମା ହର-ଗୌରୀଙ୍କୁ ଏକ ସୁସଜ୍ଜିତ ବିମାନରେ ବିଜେ କରାଯାଇ ବେଢ଼ା ପରିକ୍ରମା କରାଯିବା ସହ ଚନ୍ଦନ ମଣ୍ଡପକୁ ବିଜେ କରାଯାଇଥିଲା। ଚନ୍ଦନ ମଣ୍ଡପରେ ରୀତିନୀତି ଅନୁଯାୟୀ, ଚନ୍ଦନ ନୀତିରେ ମହାସ୍ନାନ, ଚନ୍ଦନଲାଗି, ପଞ୍ଚ ଉପଚାର ପୂଜା, ଯଜ୍ଞ ସରିବା ପରେ ଚାପ ଡଙ୍ଗାକୁ ମାର୍ଜନା କରାଯାଇ ବାବାଙ୍କ ଚଳନ୍ତି ପ୍ରତିମା ହର-ଗୌରୀଙ୍କୁ ବିଜେ କରାଯାଇ ଚାପଖେଳ କରାଯାଇଥିଲା। ପରେ ଶୀତଳ ଉପଚାର ଭୋଗ ସହ ଅନ୍ନ ଭୋଗଲାଗି କରାଯାଇ ମନ୍ଦିରକୁ ବିଜେ କରାଯାଇଥିଲା। ଶୃଙ୍ଖଳିତ ନୀତି ଓ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।

# ପାଣି ପାଇଁ ହାହାକାର; ଜୀବଜନ୍ତୁ ଓ ବାଟୋଇ ନାକେଦମ୍

ଅସୁରାଳି,୨୦।୪(ସମିସ): ଧାମନଗର ବ୍ଲକ୍ ଅଞ୍ଚଳରେ ଚଳିତ ଗ୍ରୀଷ୍ମ ଋତୁରେ ପ୍ରଖର ପ୍ରକୋପ ସାଙ୍ଗକୁ ଜଳାଭାବ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଗୋଟିଏ ପଟେ ପ୍ରଚଣ୍ଡ ରୌଦ୍ରତାପ ଓ ଅନ୍ୟପଟେ ପ୍ରଶାସନିକ ଅବହେଳା ଯୋଗୁଁ ଧାମନଗର ଅଞ୍ଚଳରେ ପାଣି ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ସରକାରୀସ୍ତରରେ ଜଳଛତ୍ର ଖୋଲିବା ପାଇଁ ଡିଣ୍ଡିମ ପିଟାଯାଉଥିଲେ ମଧ୍ୟ ବାସ୍ତବରେ ଏହା କେବଳ ଏକ ପ୍ରହସନ ପାଲଟିଥିବା ଅଭିଯୋଗ ହେଉଛି। ଧାମନଗର ଦେଇ ପ୍ରବାହିତ ରେବ, କପାଳି ଓ ଗେଙ୍ଗୁଟି ଭଳି ନଦୀଗୁଡ଼ିକ ଏବେ ସମ୍ପୂର୍ଣ୍ଣ ଶୁଖିଲା। ଭଦ୍ରକ-ଆରଡ଼ି ମୁଖ୍ୟରାସ୍ତା ନିର୍ମାଣ ପାଇଁ ହଜାର ହଜାର ସଂଖ୍ୟାରେ ପୁରାତନ ଗଛ କଟାଯାଇଥିବାରୁ ବାଟୋଇ ଟିକେ ଛାଇ ପାଇବା କଷ୍ଟକର ହୋଇପଡ଼ିଛି। ଜଳାଶୟ ଶୁଖିଯିବା ଓ ଗଛ କଟିଯିବା ଫଳରେ ଗୃହପାଳିତ ପଶୁ ଏବଂ ବନ୍ୟ ପକ୍ଷୀମାନେ ପାଣି ଟୋପାଏ ପାଇଁ ଏଣେତେଣେ ଦୌଡ଼ୁଥିବା ଦେଖିବାକୁ ମିଳୁଛି। ସାଧାରଣ ପଥିକଙ୍କ ଶୋଷ ମେଣ୍ଟାଇବା ପାଇଁ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇଥିବା ପ୍ରଶାସନ ଦାବି କରୁଛି। କିନ୍ତୁ ଅଧିକାଂଶ ସ୍ଥାନରେ କେବଳ ଚାଳିଆଟିଏ ଛିଡ଼ା କରି ଦାୟିତ୍ୱ ସରିଛି। ଅନେକ ଜଳଛତ୍ରରେ ମାଠିଆ ଅଛି କିନ୍ତୁ ପାଣି ନାହିଁ। ବାଟୋଇମାନେ ପାଣି ଆଶାରେ ସେଠାକୁ ଯାଇ ନିରାଶ ହୋଇ ଫେରୁଛନ୍ତି।



ପଞ୍ଚାୟତଗୁଡ଼ିକୁ ଜଳଛତ୍ର ପାଇଁ ସ୍ୱତନ୍ତ୍ର ଅର୍ଥ ମଞ୍ଜୁର ହୋଇ ନ ଥିବାବେଳେ ସରପଞ୍ଚମାନେ ନିଜସ୍ୱ ଖର୍ଚ୍ଚରେ ଏହା କରିବାକୁ ଅସମର୍ଥତା ପ୍ରକାଶ କରୁଛନ୍ତି। ଏହି ସେବା କେବଳ ଫଟୋ ଉଠାଇବା ଓ କାଗଜପତ୍ରରେ ସୀମିତ ରହିଛି। ତାତିରୁ ରକ୍ଷା ପାଇବାକୁ ଲୋକେ ଘରେ ରହିବାକୁ ଚାହୁଁଥିବାବେଳେ ବାରମ୍ବାର ବିଦ୍ୟୁତ୍ କାଟ୍ ସେମାନଙ୍କ ଧୈର୍ଯ୍ୟଚ୍ୟୁତି ଘଟାଉଛି। ଦୈନିକ କିଛି ସମୟ ଅନ୍ତରରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବା ଫଳରେ ରୋଗୀ ଓ ବୃଦ୍ଧବୃଦ୍ଧାମାନେ ଅଶେଷ ଯନ୍ତ୍ରଣା ଭୋଗୁଛନ୍ତି। ତୁରନ୍ତ ଏହାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଦାବି ହୋଇଛି। ପ୍ରତିଟି ଜଳଛତ୍ରରେ ସ୍ୱଚ୍ଛ ପାନୀୟ ଜଳର ସୁବ୍ୟବସ୍ଥା ହେଉ। ଜଳସେଚନ ବିଭାଗ କେନାଲରେ ପାଣି ଛାଡ଼ିଲେ ପଶୁପକ୍ଷୀଙ୍କ ଜୀବନ ବଞ୍ଚିପାରିବ। ପରିବେଶ ସୁରକ୍ଷା ପାଇଁ ବ୍ୟାପକ ଚାରାରୋପଣ କରାଯାଉ। ପ୍ରଶାସନ ଯଦି ଶୀଘ୍ର ଏଥିପ୍ରତି ଦୃଷ୍ଟି ନ ଦିଏ, ତେବେ ଆଗାମୀ ଦିନରେ ସ୍ଥିତି ଆହୁରି ଭୟଙ୍କର ହେବାର ଆଶଙ୍କା ରହିଛି।

## ଦୋଳସାହି ଓ ଗୁଆମାଳ ପଞ୍ଚାୟତରେ ଖୋଲୁନି ଜଳଛତ୍ର

ଦୋଳସାହି,୨୦।୪(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୧୪ ତାରିଖରୁ ପ୍ରତି ପଞ୍ଚାୟତରେ ଜଳଛତ୍ର ଖୋଲିଛନ୍ତି। ତିହିଡ଼ି ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ଗତ ୧୪ ତାରିଖରୁ ଜଳଛତ୍ର ଖୋଲିଥିବାବେଳେ ବିଭିନ୍ନ ପଞ୍ଚାୟତରେ ଏହି ଜଳଛତ୍ର ଖୋଲାଯାଇ ନ ଥିବା ଜଣାଯାଇଛି। ଏହି ବ୍ଲକ୍ ଅନ୍ତର୍ଗତ କୁବେରା ପଞ୍ଚାୟତର ଦେଉଳା ଗାଁ, ବାରିକପୁର ଗାଁ ଓ ମନ୍ଦାରମାଳ ଗାଁରେ ସରପଞ୍ଚ କୀର୍ତ୍ତି ଚନ୍ଦ୍ର ସେଠୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୀନବନ୍ଧୁ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଜଳଛତ୍ର କାର୍ଯ୍ୟକ୍ରମ କରାଯାଇଥିବା ଜଣାଯାଇଛି। ସେହିପରି ଏହି ବ୍ଲକ୍ ଅଧୀନ ନୟାନନ୍ଦ ପଞ୍ଚାୟତର ହାଟୁଆରୀ ଗାଁ ଓ କଟିଂମଙ୍ଗଳା ମନ୍ଦିରଠାରେ ସରପଞ୍ଚ ନିହାରିକା ବିଶ୍ୱାଳ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୀନବନ୍ଧୁ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଜଳଛତ୍ର ଖୋଲାଯାଇଛି। ତେବେ ଦୋଳସାହି ଓ ଗୁଆମାଳ ପଞ୍ଚାୟତରେ ଏହି ଜଳଛତ୍ର ଖୋଲାଯାଇ ନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ତିହିଡ଼ି ବ୍ଲକ୍ ବିଡିଓ ନିରଞ୍ଜନ ବାରିକଙ୍କୁ ଯୋଗାଯୋଗ କରିବାରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଗ୍ରାମସଭାରେ ପାରିତ ପ୍ରକଳ୍ପ କାର୍ଯ୍ୟକାରୀ ଦାବି

# ଆମରଣ ଅନଶନର ଚେତାବନୀ ଦେଲେ ସରପଞ୍ଚ

ବାସୁଦେବପୁର,୨୦।୪(ସମିସ): ଗ୍ରାମସଭାରେ ପାରିତ ହୋଇଥିବା ପ୍ରକଳ୍ପ କାର୍ଯ୍ୟକାରୀ ନ କରି ଶାସକ ଦଳର ନେତାଙ୍କ ଇସାରାରେ ପ୍ରକଳ୍ପ ପ୍ରସ୍ତୁତ ହୋଇଥିବାରୁ ବାସୁଦେବପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ରଣହୁଙ୍କାର ଦେଇଛନ୍ତି। ଆଗାମୀ ୭ ଦିନ ମଧ୍ୟରେ କଥା ନ ଶୁଣିଲେ ବ୍ଲକ୍ ଆଗରେ ସରପଞ୍ଚ ସଂଘ ଆମରଣ ଅନଶନ କରିବ ବୋଲି ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦେଇ ଚେତାବନୀ ଦେଇଛନ୍ତି।

ବଦଳିଲା ଚବିଶ ବର୍ଷର ସରକାର। ବଦଳିଗଲା ପ୍ରକଳ୍ପ ନାମ। ରଙ୍ଗ ବଦଳାଇ ବାହାବା ନେବାକୁ ବସିଛି ବିଜେପି ସରକାର। ପୂର୍ବ ସରକାରଙ୍କ 'ଆମ ଗାଁ ଆମ ବିକାଶ' ନାମକୁ ପରିବର୍ତ୍ତନ କରି 'ବିକଶିତ ଗାଁ ବିକଶିତ ଓଡ଼ିଶା' ନାମିତ କରିଛନ୍ତି। ପ୍ରକଳ୍ପ ପାଇଁ ଆସିଲା ଗାଇଡ୍‌ଲାଇନ୍। ଗାଇଡ୍‌ଲାଇନ୍‌ରେ ଗ୍ରାମସଭାରେ ପ୍ରକଳ୍ପ ଅନୁମୋଦନକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ବ୍ଲକ୍‌ରେ ନୀତିନିୟମକୁ ଚଳୁ କରି ମନଇଚ୍ଛା ପ୍ରକଳ୍ପ ପରିବର୍ତ୍ତନ ହୋଇଥିବାର ଅଭିଯୋଗ ହୋଇଛି। ଗ୍ରାମସଭାର ପ୍ରକଳ୍ପକୁ ଗୁରୁତ୍ୱ ଦିଆଯାଉନାହିଁ। ଗ୍ରାମସଭାରୁ ଆସିଥିବା ପ୍ରକଳ୍ପ ତାଲିକା ବ୍ଲକ୍‌ରେ ଆପ୍ରୁଭାଲ୍ ହେଉନାହିଁ। ଗୋଟିଏ ବି ପ୍ରକଳ୍ପ ପାଇଁ ସ୍ଥାନ ନାହିଁ। ଶାସକ ଦଳର କର୍ମୀମାନଙ୍କୁ ତୁଷ୍ଟ କରିବାକୁ ବଦଳିଛି ସମସ୍ତ ପ୍ରକଳ୍ପ। ଏପରି ଅଭିଯୋଗ ଆଣିଛନ୍ତି ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ। ଦଳଗତ ନିର୍ବିଶେଷରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିରେ ଭେଟିଥିଲେ ଅତିରିକ୍ତ ଜିଲ୍ଲାପାଳଙ୍କୁ। ଗ୍ରାମସଭାରେ ପାରିତ ପ୍ରକଳ୍ପକୁ କାର୍ଯ୍ୟକାରୀ ନ କଲେ ଚରମ ବାଣୀ ଶୁଣାଇଛନ୍ତି ସରପଞ୍ଚ ସଂଘ। ଦଳଗତ ନିର୍ବିଶେଷରେ ସମସ୍ତ ସରପଞ୍ଚ ବ୍ଲକ୍ ଆଗରେ ଆମରଣ ଅନଶନ କରିବେ ବୋଲି ଧମକ ଦେଇଛନ୍ତି। ସରପଞ୍ଚ ସଂଘ ସଭାପତି ଆଦିତ୍ୟ ଗିରି, ସମ୍ପାଦକ ଚନ୍ଦ୍ରକାନ୍ତ ମଳିକ, ଆରୁହା ସରପଞ୍ଚ ରାଜେନ୍ଦ୍ର ସାହୁ, ସୁଗୋ ସରପଞ୍ଚ ଚିନ୍ତାମଣି ନାୟକ, ନରସିଂହପୁର ସରପଞ୍ଚ ଗୌରାଙ୍ଗଚନ୍ଦ୍ର ପଣ୍ଡା, ଆର୍ତ୍ତୁ ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧିବିଗ୍ରହ, ଅରଣ୍ଡୁଆ ସରପଞ୍ଚ ମୁକ୍ତିକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ।

## ଓଲଙ୍ଗ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଭଦ୍ରକ,୨୦।୪(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓଲଙ୍ଗ, ଭଦ୍ରକର ଛାତ୍ରଛାତ୍ରୀ ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ଛାତ୍ରଛାତ୍ରୀ ଏବଂ ସେମାନଙ୍କ ସଫଳତାକୁ ସମ୍ମାନ ଜଣାଇବା ପାଇଁ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପୁଣ୍ୟତୋୟା ବାରିକ୍ (୯୭.୪%), ଶୁଭାଙ୍ଗୀ ସାମନ୍ତ (୯୭%), ପ୍ରୀତି ପ୍ରିୟଦର୍ଶିନୀ ସାହୁ (୯୫.୬%), ପାର୍ଥସାରଥି ସାହୁ (୯୪.୬%), ଚିରଞ୍ଜିବୀ ସେଠୀ (୯୪%), ସୁଭଦ୍ରା ବେହେରା (୯୨.୨%), ଶୁଭମ୍ ସାହୁ (୯୧.୮%), ଶୁଭଲକ୍ଷ୍ମୀ ଗାହାଣ(୯୧.୮%), ନିତ୍ୟାଶା ମଲ୍ଲିକ (୯୧.୮%), ମନ୍‌ଜ୍ୟୋତି ପଣ୍ଡା (୯୧.୮%), ଗରିମା ନାୟକ (୯୧.୬%), ଚର୍ଚ୍ଚିତା ମହରଣା (୯୧.୬%), କୁମାର ଗୌରବ ବିଶ୍ୱାଳ (୯୧.୨%), ଭାଗ୍ୟଶ୍ରୀ ଶର୍ମା (୯୧%), ସ୍ୱପ୍ନଜିତ୍ ପତି (୯୦.୬%), ଶ୍ୟାମ ସୁନ୍ଦର ଜେନା (୯୦.୬%) ଓ ସୁଶ୍ରୀ ସାଗରିକା ଦାସ (୯୦.୬%) କୃତିତ୍ୱ ହାସଲ କରିଛନ୍ତି। ବିଦ୍ୟାଳୟ ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ମାନସ ମାଝୀ ଶିକ୍ଷକଶିକ୍ଷୟିତ୍ରୀ ଓ ଉପସ୍ଥିତ ଅଭିଭାବକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସେ ଛାତ୍ରଛାତ୍ରୀଙ୍କ ସଫଳତାକୁ ପ୍ରଶଂସା କରି ସେମାନଙ୍କୁ ଆଗାମୀ ଦିନରେ ଆହୁରି ଉଚ୍ଚ ଲକ୍ଷ୍ୟ ସାଧନ କରିବାକୁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମକୁ ନାରାୟଣ ପ୍ରଧାନ ପରିଚାଳନା ଏବଂ ସିଦ୍ଧାର୍ଥ ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହଯୋଗରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭା ଛାତ୍ରଛାତ୍ରୀଙ୍କ ମନରେ ଆଗକୁ ବଢ଼ିବାର ଉତ୍ସାହ ସୃଷ୍ଟି କରିବା ସହିତ ବିଦ୍ୟାଳୟରେ ଏକ ପ୍ରେରଣାତ୍ମକ ପରିବେଶ ସୃଷ୍ଟି କରିଥିଲା।

# ରାଣୀତାଲସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ମନ୍ତ୍ରୀଙ୍କ ଦ୍ୱାରା ଅକ୍ଷିମୁଠି ଅନୁକୂଳ

ଭଦ୍ରକ,୨୦।୪(ସମିସ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଭଦ୍ରକ ଜିଲ୍ଲାରେ କୃଷି କାର୍ଯ୍ୟର ଶୁଭାରମ୍ଭ ହୋଇଛି। ରାଣୀତାଲସ୍ଥିତ

## ଚାଷୀଙ୍କୁ ମିଳିଲା 'ସିଏମ୍ କିଷାନ' ସହାୟତା

କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପାରମ୍ପରିକ ଓଡ଼ିଆ ପୋଷାକ ପରିଧାନ କରି ମନ୍ତ୍ରୀ, ଜିଲ୍ଲାପାଳ ଓ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ବିଧିବଦ୍ଧ ପୂଜାର୍ଚ୍ଚନା କରି ଅକ୍ଷିମୁଠି ଅନୁକୂଳ ମାଧ୍ୟମରେ ଚଳିତ ବର୍ଷର କୃଷି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଆଭାସୀ ମାଧ୍ୟମରେ 'ସିଏମ୍ କିଷାନ ସହାୟତା' ଯୋଜନା ଅନ୍ତର୍ଗତ ଖରିଫ-୨୦୨୬ ପାଇଁ ସହାୟତା ରାଶି ପ୍ରଦାନ କରିଥିଲେ। ଭଦ୍ରକ ଜିଲ୍ଲାର ୨ ଲକ୍ଷ ୧୩ ହଜାର ୭୭୫ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୪୨ କୋଟି ୭୫ ଲକ୍ଷ ୫୦ ହଜାର ଟଙ୍କା ପଠାଯାଇଥିଲା। ଭୂମିହୀନ କୃଷି ପରିବାର ପ୍ରତ୍ୟେକଙ୍କୁ ୨ହଜାର ଟଙ୍କା ଲେଖାଏଁ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଥିଲା।



ଏହି ଅବସରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ କହିଥିଲେ, 'ଅକ୍ଷୟ ତୃତୀୟା ଆମ ମାଟି ଏବଂ ମାଟିର ମଣିଷଙ୍କ ସମୃଦ୍ଧିର ପର୍ବ। କୃଷକମାନଙ୍କ ଆର୍ôଥିକ ମେରୁଦଣ୍ଡକୁ ସୁଦୃଢ଼ କରି ଏକ ବିକଶିତ ଓଡ଼ିଶା ଗଠନ କରିବା ଦିଗରେ ରାଜ୍ୟ ସରକାରଙ୍କ ପ୍ରତିଟି ବିକାଶମୂଳକ କାର୍ଯ୍ୟକୁ କ୍ଷେତ୍ର ସ୍ତରରେ ସଠିକ୍ ପ୍ରତିଫଳନ କରିବା ହେଉଛି ଜିଲ୍ଲା ପ୍ରଶାସନର ମୂଳ ଲକ୍ଷ୍ୟ।' ସେ ମହାପ୍ରଭୁଙ୍କ ନିକଟରେ ସମସ୍ତଙ୍କ ସୁଖ, ସମୃଦ୍ଧି ଓ ଭଲ ଫସଲ ପାଇଁ ପ୍ରାର୍ଥନା କରିଥିଲେ। ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଥିଲେ ଯେ, ଚାଷୀମାନେ ଦେଶ ଓ ଅର୍ଥନୀତିର ମେରୁଦଣ୍ଡ। ସେମାନଙ୍କ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। 'ସିଏମ୍ କିଷାନ' ଯୋଜନା ମାଧ୍ୟମରେ ଦିଆଯାଉଥିବା ଆର୍ôଥିକ ସହାୟତା ଚାଷୀମାନଙ୍କ ଆର୍ôଥିକ ସ୍ଥିତିକୁ ସୁଦୃଢ଼ କରିବା ସହ ସେମାନଙ୍କୁ ଋଣଗ୍ରସ୍ତ ହେବାରୁ ସୁରକ୍ଷା ଦେଉଛି। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ କହିଥିଲେ ଯେ କୃଷି ହେଉଛି ରାଜ୍ୟବାସୀଙ୍କ ମୁଖ୍ୟ ଜୀବିକା ଏବଂ ରାଜ୍ୟର ପ୍ରାୟ ୭୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ। ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ସହ ଚାଷୀମାନେ ସମୃଦ୍ଧ ହେଲେ ଦେଶର ପ୍ରକୃତ ପ୍ରଗତି ସମ୍ଭବ ବୋଲି ସେ କହିଥିଲେ। ଭଦ୍ରକ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରୀତିରେଖା ମହାଲିକ, ଜିଲ୍ଲା କୃଷି ଅଧିକାରୀ ଶଶିଭୂଷଣ ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୟ ମହାନ୍ତି, ଆର୍‌ଆର୍‌ଟିଟିଏସ୍‌ର ସହନିର୍ଦ୍ଦେଶକ ଡ. ବିଶ୍ୱରଞ୍ଜନ ନାୟକ, କାର୍ଯ୍ୟକ୍ରମରେ ଉପସ୍ଥିତ କୃଷକମାନଙ୍କୁ ବୈଷୟିକ ଜ୍ଞାନକୌଶଳ ଓ ଉନ୍ନତ କୃଷି ପ୍ରଣାଳୀ ସମ୍ପର୍କରେ ସଚେତନ କରାଇଥିଲେ।

ଧାମନଗର ବ୍ଲକ୍ କୃଷି ଅଧିକାରୀ ଅନୁରାଧା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଉଲ୍ଲେଖନୀୟ ଯେ, ଏହା ସହ ସିଏମ୍ କିଷାନ ଯୋଜନା ଅନ୍ତର୍ଭୁକ୍ତ କୃଷି ବିଦ୍ୟାନିଧି ଯୋଜନାରେ ୨୦୨୫-୨୬ ଶିକ୍ଷାବର୍ଷରେ ସମୁଦାୟ ୬୦୮୭ ଜଣ ଛାତ୍ରଛାତ୍ରୀଙ୍କୁ ସର୍ବମୋଟ ୨୫.୭୮ କୋଟି ଟଙ୍କାର ଶିକ୍ଷାବୃତ୍ତି ପ୍ରଦାନ କରାଯାଇଛି, ଯାହାକି ଗତବର୍ଷ ତୁଳନାରେ ସାଢ଼େ ଚାରିଗୁଣ ଅଧିକ।